# ଧରିତ୍ରୀ DHARITRI

୪୭

ବାଲେଶ୍ୱର, ଶନିବାର, ଡିସେମ୍ବର ୫/୨୦୨୦ (୧୬ ପୃଷ୍ଠା) | Balasore, Saturday, December 5/2020 | ★★★★

୪୭ଶ ଭାଗ ୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଚହଲଙ୍କ ଚମକ**

ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ଚମତ୍କାର ବୋଲିଂ କରି ଭାରତକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଯୁଜବେନ୍ଦ୍ର ଚହଲ।

୧୬

୧୪

**ଡାକ୍ତର ହେବାକୁ ଚାହୁଁଥିଲେ କଙ୍ଗନା**

ପେସାରେ ଡାକ୍ତର ହେବାକୁ ଇଚ୍ଛା ରଖିଥିଲେ କଙ୍ଗନା। ରସାୟନ ବିଜ୍ଞାନରେ ଫେଲ୍ ହେବା ପରେ ତାଙ୍କର ଏହି ଇଚ୍ଛା ପୂରଣ ହୋଇ ନ ଥିଲା।



# ସବ୍‌ପ୍ଲଟ୍ ମାଲିକଙ୍କୁ ବିଜ୍ଞପ୍ତି କଣ୍ଟା

- ନଗର ଉନ୍ନୟନ- ରାଜସ୍ୱ ବିଭାଗରେ ତାଳମେଳ ନାହିଁ
- ବଢୁଛି ବେଆଇନ ନିର୍ମାଣ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ଅନୁଯାୟୀ ଲେ' ଆଉଟ ପ୍ଲାନ ଅନୁମୋଦନ ହୋଇ ନ ଥିବା ପ୍ଲଟ୍‌ର ସବ୍‌ପ୍ଲଟ୍(ଛୋଟ ଜମି)ଗୁଡ଼ିକରେ ଘର ନିର୍ମାଣକୁ ବେଆଇନ ଘୋଷଣା କରାଯାଇଛି। ତଦନୁଯାୟୀ ୨୦୧୭ ମେ' ପରଠାରୁ ସବ୍‌ପ୍ଲଟ୍‌କୁ ପ୍ଲାନ ଅନୁମୋଦନ ଦିଆଯାଉନାହିଁ। ପର୍ଯ୍ୟାପ୍ତ ରାସ୍ତା ଅଭାବରୁ ସମସ୍ତ ଘରକୁ ପାନୀୟ ଜଳ, ସ୍ୱେରେଜ, ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ସମସ୍ୟା ଦେଖାଦେଉଥିବାରୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏଭଳି କଟକଣା ଲଗାଯାଇଛି। ଏହି କଟକଣା ସହରାଞ୍ଚଳରେ ସବ୍‌ପ୍ଲଟ୍‌ରେ ଘର କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ କଣ୍ଟା ହୋଇଛି। ଭୁବନେଶ୍ୱର, କଟକ ଭଳି ସହରରେ ଛୋଟ ପ୍ଲଟ୍ ଖଣ୍ଡେ କିଣିଥିବା ଲୋକେ ପ୍ଲାନ ନ ପାଇ ହତାଶ ହେଉଛନ୍ତି। ଫଳରେ ଅନେକ ସବ୍‌ପ୍ଲଟ୍‌ରେ ବେଆଇନ ଘର ନିର୍ମାଣ ବଢ଼ିଚାଲିଛି। ସହରରେ ଯୋଜନାବଦ୍ଧ ଘର ନିର୍ମାଣ ହେବା ପରିବର୍ତ୍ତେ ଅବ୍ୟବସ୍ଥିତ ବେଆଇନ ଗୃହରେ ଭରିଯାଉଛି। ଆଗାମୀ ଦିନରେ ଏହା ସରକାରଙ୍କ ପାଇଁ ବଡ଼ ସମସ୍ୟାର କାରଣ ହେବ ବୋଲି ଆର୍କିଟେକ୍ଟମାନେ ଆଶଙ୍କା ପ୍ରକାଶ କରୁଛନ୍ତି।

ଚିନ୍ତାର ବିଷୟ ଯେ, ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲେ ମଧ୍ୟ ଜମି ମାଲିକମାନେ ବିନା ଦ୍ୱିଧାରେ ଲେ' ଆଉଟ ପ୍ଲାନ ଅନୁମୋଦନ ନ କରି ଜମି ବିକ୍ରି କରି ଚାଲିଛନ୍ତି। ନିର୍ଦ୍ଦେଶନାମା ସମ୍ପର୍କରେ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରା ନ ଯିବାରୁ ଲୋକମାନେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ଛୋଟ ପ୍ଲଟ କିଣି ଚାଲିଛନ୍ତି। ଏଭଳି ବିଜ୍ଞପ୍ତି ପ୍ରକାଶ କରିବା ପୂର୍ବରୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗ ସହ କୌଣସି ଆଲୋଚନା କରାଯାଇ ନାହିଁ। କାରଣ ରାଜସ୍ୱ ପାଇବା ଆଶାରେ ରାଜସ୍ୱ ବିଭାଗ ଜମି କିଣାବିକା ଜାରି ରଖିଥିବା ବେଳେ ଖରିଦ କରୁଥିବା ଲୋକମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡୁଛି। ଜମି ପଞ୍ଜୀକରଣ ବେଳେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ ସବ୍‌ରେଜିଷ୍ଟ୍ରାରମାନେ ଗୁରୁତ୍ୱ ନ ଦେଇ ରାଜସ୍ୱ ପାଇବା ଲାଗି ଜମି କିଣାବିକାକୁ ଅନୁମତି ଦେଉଛନ୍ତି। ରାଜସ୍ୱ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ କେବଳ ଭୁବନେଶ୍ୱରରେ ନଭେମ୍ବରରେ ୧୪୦୨ ଜମି କିଣାବିକା ହୋଇଛି। ସେଥିରୁ ପ୍ରାୟ ୬୦ ପ୍ରତିଶତ ସବ୍‌ପ୍ଲଟ୍ ପଞ୍ଜୀକରଣ ହୋଇଛି। ଭୁବନେଶ୍ୱର ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ମୃତ୍ୟୁଞ୍ଜୟ ତ୍ରିପାଠୀ କହିଛନ୍ତି, ଦିନକୁ ପ୍ରାୟ ୧୦/୧୨ ପ୍ଲଟ୍ ରେଜିଷ୍ଟ୍ରି ହେଉଛି। ସେଥିରୁ ପ୍ରାୟ ଅଧାଭାଗ ସବ୍‌ପ୍ଲଟ୍ ରହୁଛି। ନିୟମ ଅନୁଯାୟୀ ଜମି ରେଜିଷ୍ଟ୍ରି କରାଯାଉଛି।

ଗୋଟିଏ ପଟେ ସବ୍‌ପ୍ଲଟ୍ କିଣାବିକାରେ କୌଣସି ପ୍ରତିବନ୍ଧକ ନ ଥିବାବେଳେ ଅନ୍ୟ ପଟେ ନଗର ଉନ୍ନୟନ କର୍ତ୍ତୃପକ୍ଷମାନେ ସରକାରୀ ନିର୍ଦ୍ଦେଶନାମାକୁ ଆଳ କରି ପ୍ଲାନ ଅନୁମୋଦନ ଦେଉ ନ ଥିବାରୁ ବେଳକୁ ବେଳ ସମସ୍ୟା ଜଟିଳ ହେବାରେ ଲାଗିଛି। ଭୁବନେଶ୍ୱରରେ ଘର ନିର୍ମାଣ କରିବାକୁ ବିଡିଏରେ ଅନୁମୋଦନ ପାଇଁ ଆସିଥିବା ସର୍ବେଶ୍ୱର ସାହୁଙ୍କ କହିବା ଅନୁଯାୟୀ, ସବ୍‌ପ୍ଲଟ୍ ପ୍ଲାନ ଅନୁମୋଦନ ଉପରେ ସରକାର କଟକଣା ଲଗାଇଥିବା ସେ ପୂର୍ବରୁ ଜାଣି ନ ଥିଲେ। ଏବେ ତାଙ୍କ ସବ୍‌ପ୍ଲଟ୍‌ରେ ଘର ତିଆରି ପାଇଁ ପ୍ଲାନ ମିଳିପାରୁ ନ ଥିବାରୁ ବ୍ୟାଙ୍କ ଋଣ ମଧ୍ୟ ମିଳୁ ନାହିଁ। ସବ୍‌ପ୍ଲଟ୍ କଟକଣାକୁ ହଟାଇଲେ ଲୋକମାନେ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରରେ ☞ପୃଷ୍ଠା–୪

# ୮ରେ ଭାରତ ବନ୍ଦ



ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ–ମିରଟ୍ ଏକ୍ସପ୍ରେସ୍‌ୱେରେ କେନ୍ଦ୍ରର କୃଷି ଆଇନ ବିରୋଧରେ ବିକ୍ଷୋଭରତ ଚାଷୀ ସ୍ଲୋଗାନ ଦେଉଛନ୍ତି।

**ଚାଷୀଙ୍କ ଚେତାବନୀ**

- ଆଜି କୃଷକ-କେନ୍ଦ୍ର ପଞ୍ଚମ ପର୍ଯ୍ୟାୟ ଆଲୋଚନା
- ଦେଶବ୍ୟାପୀ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବେ ଚାଷୀ

ନୂଆଦିଲ୍ଲୀ,୪।୧୨(ପି.ଟି.)

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିବା କୃଷକମାନେ ଆସନ୍ତା ୮ ତାରିଖରେ ଭାରତ ବନ୍ଦ କରିବାକୁ ଡାକରା ଦେଇଛନ୍ତି। ଗୁରୁବାର କେନ୍ଦ୍ର ସରକାରଙ୍କ ସହ ଆଲୋଚନା ନିଷ୍ଫଳ ହେବା ପରେ ସେମାନେ ଏହି ଆନ୍ଦୋଳନକୁ ଆଗକୁ ନେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଶନିବାର ହେବାକୁ ଥିବା ବୈଠକରେ କେନ୍ଦ୍ର ସରକାର ସେମାନଙ୍କ ଦାବିଗୁଡ଼ିକୁ ଗ୍ରହଣ ନ କଲେ ମଙ୍ଗଳବାର ଦେଶବ୍ୟାପୀ ବନ୍ଦ ପାଳନ କରାଯିବ ବୋଲି ଚାଷୀ ନେତାମାନେ ଚେତାବନୀ ଦେଇଛନ୍ତି।

ବିବାଦୀୟ କୃଷି ଆଇନକୁ ନେଇ କୃଷକ ପ୍ରତିନିଧି ଓ କେନ୍ଦ୍ର ମଧ୍ୟରେ ଶନିବାର ପଞ୍ଚମ ପର୍ଯ୍ୟାୟ ଆଲୋଚନା ହେବ। ଏଗ୍ରିକଲ୍‌ଚରାଲ ପ୍ରଡ୍ୟୁସ୍ ମାର୍କେଟ କମିଟି (ଏପିଏମ୍‌ସି) ମଣ୍ଡି ଓ ଘରୋଇ ବଜାର ପାଇଁ ସମାନ ଟିକସ, ପ୍ରାଇଭେଟ ଟ୍ରେଡର୍ସଙ୍କ ☞ପୃଷ୍ଠା–୪

## ବାରାଣସୀ ବିଧାନ ପରିଷଦ ଆସନ ହରାଇଲା ଭାଜପା

ଲକ୍ଷ୍ନୌ, ୪।୧୨(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶ ବିଧାନ ପରିଷଦ ନିର୍ବାଚନର ୬ ଆସନ ଲାଗି ଫଳାଫଳ ଘୋଷଣା କରାଯାଇଛି। ଏହି ସମସ୍ତ ଟିଚର୍ସ କନ୍‌ଷ୍ଟିଚ୍ୟୁଏନ୍ସି ମଧ୍ୟରୁ ଭାଜପା ଲକ୍ଷ୍ନୌ, ମିରଟ ଏବଂ ବରେଲିରେ ଜିତିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନମଣ୍ଡଳୀ ବାରାଣସୀରେ ଦଳକୁ ବଡ଼ ଝଟ୍‌କା ଲାଗିଛି। ଏହି ଆସନରୁ ସମାଜବାଦୀ ପାର୍ଟି ପ୍ରାର୍ଥୀ ଲାଲ୍ ବିହାରୀ ଯାଦବ ବିଜୟୀ ହୋଇଛନ୍ତି। ସେହିପରି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ବାଚନ ମଣ୍ଡଳୀ ଗୋରଖପୁରରେ ସ୍ୱାଧୀନ ପ୍ରାର୍ଥୀ ଧ୍ରୁବ କୁମାର ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ଝାନ୍ସୀର ଏକ ଭୋଟଗଣନା କେନ୍ଦ୍ରରେ ଶୁକ୍ରବାର ଅପରାହ୍ନରେ ପୋଲିସ ସହ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନଙ୍କର ସଂଘର୍ଷ ହୋଇଛି। ଗଣନା କେନ୍ଦ୍ର ମଧ୍ୟକୁ ନ ଛାଡ଼ିବାରୁ ଭାଜପା କର୍ମୀମାନେ ପୋଲିସକୁ ପିଟିଥିଲେ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ବଢୁଛି କ୍ୟାଡର ଅସନ୍ତୋଷ**

# ୪%ରେ ଅପରିବର୍ତ୍ତିତ ରହିଲା ରେପୋ

- ୭.୫% ଖସିବ ଜିଡିପି
- ମୁଦ୍ରାସ୍ଫୀତି ୬.୮% ସ୍ତରରେ ରହିବ
- ୨୦୧୯-୨୦ ଲାଗି ଡିଭିଡେଣ୍ଡ ଦେବେନି ବ୍ୟାଙ୍କ

ମୁମ୍ବାଇ,୪।୧୨

ରିଜର୍ଭ ବ୍ୟାଙ୍କର ଦ୍ୱିମାସିକ ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଲଗାତର ତୃତୀୟ ଥର ଲାଗି ଏହାର ରେପୋ (ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଯେଉଁ ସୁଧ ହାରରେ ଋଣ ଦିଏ)କୁ ୪% ସ୍ତରରେ ଅପରିବର୍ତ୍ତିତ ରଖିଛି। ବଜାରର ସ୍ଥିତି ସୁଧୁରିଲେ ରେପୋ ହ୍ରାସ କରିବା ନେଇ ଏହା ରାସ୍ତା ଖୋଲା ରଖିଛି। ସେହିଭଳି ରିଭର୍ସ ରେପୋ (ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କକୁ ☞ପୃଷ୍ଠା–୪




## ମୟୂରଭଞ୍ଜ ଜିଲାରେ ମୃଦୁ ଭୂମିକମ୍ପ

ବାରିପଦା ଅଫିସ/ କୁଆମରା/ ବୈଶିଙ୍ଗା (ଡି.ଏନ.ଏ),୪।୧୨

ମୟୂରଭଞ୍ଜ ଜିଲାରେ ଗୁରୁବାର ରାତି ପ୍ରାୟ ୨ଟା ୧୩ ମିନିଟରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ ପତିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୯ ଥିଲା। ଏହାର ଉପକେନ୍ଦ୍ରସ୍ଥଳ ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତ ମୟୂରଭଞ୍ଜ ଜିଲାର ବାଦାମପାହାଡ଼ ଅଞ୍ଚଳରେ। ଉପକେନ୍ଦ୍ରସ୍ଥଳର ଗଭୀରତା ଭୂପୃଷ୍ଠରୁ ୬୩ କି.ମି ରହିଛି। ବିଳମ୍ବିତ ରାତିରେ ଭୂକମ୍ପ ଝଟକାରେ ଭୟଭୀତ ହୋଇ ଲୋକେ ବିଛଣା ଛାଡ଼ି ଘର ବାହାରକୁ ବାହାରି ଆସିଥିଲେ । ଏହାର କିଛି ସମୟ ପରେ ଚାରିଆଡ଼େ ଶଙ୍ଖ ଧ୍ୱନି ଶୁଭିଥିଲା। ବୁଢ଼ାବଳଙ୍ଗ ନଦୀ ଉପକୂଳରେ ଥିବା ଜିଲାର ବାରିପଦା, ଖୁଣ୍ଟା, ଗୋପବନ୍ଧୁନଗର, ବଡ଼ସାହି, ବେତନଟୀ, ବୈଶିଙ୍ଗା ମୋରଡ଼ା ଓ ଶାମାଖୁଣ୍ଟା ଅଞ୍ଚଳରେ ଏହାର ପ୍ରଭାବ ଅନୁଭୂତ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଲେଖାହେବା ସୁଦ୍ଧା ଜିଲାରେ କୌଣସି କ୍ଷୟକ୍ଷତିର ସୂଚନା ନ ଥିବା ଜରୁରିକାଳୀନ ଅଧିକାରୀ ପତି କହିଛନ୍ତି।

# ପ୍ରଦୀପଙ୍କ ଅଡୁଆ ବଢ଼ିଲା

**ଆକାଉଣ୍ଟରେ ୨.୪୮ କୋଟି: ତଦନ୍ତ କରିବ ଇଡି**



ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଅଡୁଆ ବଢିବାରେ ଲାଗିଛି। ପ୍ରଦୀପଙ୍କ ଆକାଉଣ୍ଟରେ କେତେ ବେନାମୀ ଟଙ୍କା ଜମା ରହିଛି ସେ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ କରିବ। ଏଥିସହ ଗତ ୬ମାସ ମଧ୍ୟରେ ତାଙ୍କର ଗୋଟିଏ ଆକାଉଣ୍ଟରେ ନେଣଦେଣ ହୋଇଥିବା ୨.୪୮ କୋଟି ଟଙ୍କାର ଖୋଳତାଡ଼ କରାଯିବ। ଏଥିପାଇଁ ଭିଜିଲାନ୍ସକୁ ଇଡି ପକ୍ଷରୁ କାଗଜପତ୍ର ମଗାଯାଇଛି। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ଭାବେ କେତେକ ସଂସ୍ଥା ନିୟମିତ ଭାବେ ପ୍ରଦୀପଙ୍କ ଆକାଉଣ୍ଟରେ ଟଙ୍କା ଡିପୋଜିଟ୍ କରିଛନ୍ତି। ଏସବୁ କିଭଳି ମନି ଲଣ୍ଡରିଂ ସହ ସମ୍ପୃକ୍ତ ତା'ର ପ୍ରମାଣ ମିଳିବାରେ ଲାଗିଛି।

ବ୍ୟବସାୟୀ ସୂର୍ଯ୍ୟକାନ୍ତ ସାହୁଙ୍କ ସୂର୍ଯ୍ୟ ଫିଲିଂ ଷ୍ଟେଶନର ଆକାଉଣ୍ଟ ଷ୍ଟେଟମେଣ୍ଟରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ୨୦୨୦ ଅଗଷ୍ଟ ୨୭ରେ ସୂର୍ଯ୍ୟ ଫିଲିଂ ଷ୍ଟେଶନର ଆକାଉଣ୍ଟରେ ୪୦ ଲକ୍ଷ ଟଙ୍କାର କ୍ୟାଶ୍ ଡିପୋଜିଟ୍ ହୋଇଛି। ଏହାର କେଇ ମିନିଟ୍ ମଧ୍ୟରେ ଚେକ୍ ଆକାରରେ ଏହି ଟଙ୍କା ପ୍ରଦୀପଙ୍କ ଆକାଉଣ୍ଟକୁ କ୍ରେଡିଟ୍ ହୋଇଛି। କେବଳ ସେତିକି ନୁହେଁ, ସେହି ୨୭ ତାରିଖରେ ଆକାଶ ପାଠକଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଟଙ୍କା ଯାଇଛି। ସେହିପରି ମୁମ୍ବାଇ ଫ୍ଲାଟ୍ ବାବଦରେ ୩ ଥରରେ ୧ ଲକ୍ଷ, ୧ ଲକ୍ଷ ଓ ୧୫ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଛି। ଏତେ ଟଙ୍କାର ଡିଜିଟାଲ ଟ୍ରାଞ୍ଜାକ୍ସନ ମନି ଲଣ୍ଡରିଂକୁ ମଧ୍ୟ ଇଙ୍ଗିତ କରୁଥିବାରୁ ଏ ସବୁକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଖୋଳତାଡ଼ କରିବ। ସୂଚନାଯୋଗ୍ୟ, ପ୍ରଦୀପ ନିଜ ଭାବୀ ଜ୍ୱାଇଁ ଆକାଶଙ୍କ ସହ ମିଶି ଟାଟା ମୋଟର୍ସରେ ଚାକିରି କରାଇ ଦେବା ନାଁରେ ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୂର୍ବରୁ ଆକାଶ ଗିରଫ ହୋଇଥିବା ବେଳେ ☞ପୃଷ୍ଠା–୪

# ହିଟ୍‌ଲର ଜିତିଲେ ନିର୍ବାଚନ

ୱିଣ୍ଡହୋକ୍, ୪।୧୨



ଆଡଲ୍ଫ ହିଟ୍‌ଲର

ଆଡଲ୍ଫ ହିଟ୍‌ଲର ନାମଧାରୀ ଜଣେ ବ୍ୟକ୍ତି ନାମ୍ବିଆ ଆଞ୍ଚଳିକ ନିର୍ବାଚନ ଜିତିଛନ୍ତି। ଓମ୍ପୁଣ୍ଡଜାରେ ସ୍ଥାନୀୟ କାଉନ୍‌ସିଲର ପାଇଁ ହେଉଥିବା ନିର୍ବାଚନରେ ଆଡଫ୍ ହିଟ୍‌ଲର ଉନୋନାଙ୍କୁ ୧,୧୯୬ ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୨୧୩ ଖଣ୍ଡ ଭୋଟ ପାଇଛନ୍ତି। ଉନୋନା ଦକ୍ଷିଣପଶ୍ଚିମ ଆଫ୍ରିକା ପିପୁଲ୍ସ ଅର୍ଗାନାଇଜେଶନ (ସ୍ୱାପୋ)ରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ଦଳ ନାମ୍ବିଆରେ କ୍ଷମତାରେ ରହିଛି।

ଆଡଲ୍ଫ ହିଟଲର ନାମର ତାତ୍ପର୍ଯ୍ୟ ନ ବୁଝି ଉନୋନାଙ୍କ ବାପା ତାଙ୍କୁ ଏଭଳି ନାଁ ଦେଇଥିଲେ। ସେ ବଡ଼ ହେବା ପରେ ଜାଣିଥିଲେ, ସାରା ବିଶ୍ୱକୁ ଜିତିବାକୁ ଚାହୁଁଥିବା ବ୍ୟକ୍ତି ଆଡଫ୍ ହିଟ୍‌ଲର। ତେବେ ତାଙ୍କର ବିଶ୍ୱ ବିଜୟ କ୍ଷୁଧା ନାହିଁ। କିନ୍ତୁ ନାମ ପରିବର୍ତ୍ତନ କରିବାକୁ ବହୁତ ବିଳମ୍ବ ହୋଇଯାଇଥିଲା। ଫଳରେ ସେ ଆଡଲ୍ଫ ଭାବେ ପରିଚିତ ହେଲେ ବୋଲି ଉନୋନା ଏକ ଜର୍ମାନ ପତ୍ରିକାକୁ କହିଛନ୍ତି। ସେ ସର୍ବସାଧାରଣରେ ଆଡଲ୍ଫ ଉନୋନା ଭାବେ ପରିଚିତ ହେଉଥିଲେ ହେଁ ସମସ୍ତ ସରକାରୀ କାଗଜପତ୍ରରେ ମଧ୍ୟବର୍ତ୍ତୀ ନାମ ହିଟ୍‌ଲର ରହିଛି, ଯାହାକୁ ବଦଳାଇବା କଷ୍ଟକର ବୋଲି ସେ କହିଛନ୍ତି।

ଆଞ୍ଚଳିକ ନିର୍ବାଚନ ଜିତିବା ପରେ ହିଟ୍‌ଲର ନାଁ ପାଇଁ ଉକ୍ତ ଖବର ସାରା ବିଶ୍ୱରେ ପ୍ରସାରିତ ହେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ଜାତୀୟସ୍ତରରେ ଚମକିଲେ ୩ ଓଡ଼ିଆ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ପୁଣି ଜାତୀୟ ସ୍ତରରେ ଚମକିଛନ୍ତି ଓଡ଼ିଆ ଝିଅ। ନିକଟରେ ଗୋଆରେ ଅନୁଷ୍ଠିତ 'ଇଣ୍ଡିଆଜ୍ ଚାର୍ମିଂ ଫେସ୍ ମିସ୍ ଇଣ୍ଡିଆ –୨୦୨୦'ରେ ୩ ଓଡ଼ିଆ ମଡେଲ ମୁକୁଟ ପିନ୍ଧି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଜାତୀୟ ପ୍ରତିଯୋଗିତା ପାଇଁ 'ମିସ୍ ଇଣ୍ଡିଆ–ଗ୍ଲୋବାଲ ୟୁନିଭର୍ସ' ଓ 'ମିସ୍ ଇଣ୍ଡିଆ–ଟୁରିଜମ୍' ବର୍ଗରେ ଓଡ଼ିଶାରୁ ୬ଜଣ ଝିଅ ମନୋନୀତ ହୋଇଥିବାବେଳେ ପ୍ରିୟଙ୍କା ମହାପାତ୍ର 'ମିସ୍ ଇଣ୍ଡିଆ–ଟୁରିଜମ୍' ଟାଇଟଲ ହାସଲ କରିଛନ୍ତି। ସେହିଭଳି ଏହି ବର୍ଗରେ ପ୍ରଥମ ରନର୍ସ ଅପ୍ ବବିତା ଶବର ଓ ଦ୍ୱିତୀୟ ରନର୍ସ ଅପ୍ ସସ୍ମିତା ପଣ୍ଡା ହୋଇଛନ୍ତି। ଏଥିସହିତ ପ୍ରିୟଙ୍କା ମିସ୍ ଫ୍ୟାଶନ୍ ଆଇକନ୍, ବବିତା ମିସ୍ ଇଣ୍ଟେଲେକଚୁଆଲ ଓ ସସ୍ମିତା ମିସ୍ ଗ୍ରେସ୍‌ଫୁଲ ସବ୍‌ଟାଇଟଲ ପାଇଛନ୍ତି। ଖୋର୍ଦ୍ଧା ଜଟଣୀର ପ୍ରିୟଙ୍କା ଜଣେ ଜଣାଶୁଣା ଅଭିନେତ୍ରୀ। ଅନେକ ମ୍ୟୁଜିକ୍ ଭିଡିଓ, ଟେଲିଭିଜନ୍ ସିରିଜ୍ ଏବଂ ଓଡ଼ିଆ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। କୋରାପୁଟର ଝିଅ ହେଉଛନ୍ତି ବବିତା। ସେ ଆଦିବାସୀ ସମ୍ପ୍ରଦାୟ(ସଉରା)ର ହୋଇଥିବାବେଳେ ଏହି ସମ୍ପ୍ରଦାୟରୁ ଫ୍ୟାଶନ ଇଣ୍ଡଷ୍ଟ୍ରୀରେ ପାଦ ଦେଇଥିବା ପ୍ରଥମ ଝିଅ। ଭବିଷ୍ୟତରେ ଜଣେ ସୁପର ମଡେଲ ହେବାକୁ ଇଚ୍ଛା ରଖିଛନ୍ତି ବବିତା। ଜଗତ୍‌ସିଂହପୁରର ସସ୍ମିତା ଜଣେ ସଫଳ ଅଭିନେତ୍ରୀ ହେବାକୁ ଚାହୁଁଛନ୍ତି। ସେ ମ୍ୟୁଜିକ୍ ଭିଡିଓ କରିଛନ୍ତି।




ପ୍ରଥମ ରନର୍ସ ଅପ୍ ବବିତା ଓ ଦ୍ୱିତୀୟ ରନର୍ସ ଅପ୍ ସସ୍ମିତାଙ୍କ ସହ 'ମିସ୍ ଇଣ୍ଡିଆ–ଟୁରିଜମ୍' ପ୍ରିୟଙ୍କା (ମଝି)।



ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ଓ ମନ୍ତ୍ରୀ ଅରୁଣ ସାହୁଙ୍କୁ ଗିରଫ ଦାବିରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭବେଳେ ପୋଲିସ ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଧରି ନେଉଛି।

# ଅଭୟକାନ୍ତଙ୍କ ହଜାରେ କୋଟିର ଜାଲିଆତି ଗନ୍ଧ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଓ ଠକେଇ ଅଭିଯୋଗରେ ଗିରଫ ହୋଇ ରିମାଣ୍ଡରେ ଆସିଥିବା ପାଠକ ବାପପୁଅଙ୍କୁ ଶୁକ୍ରବାର ଭିଜିଲାନ୍ସ ମାରାଥନ ଜେରା କରିଛି। ଜେରାବେଳେ ଆଇଏଫ୍ଏସ୍ ଅଫିସର ତଥା ନିଲମ୍ବିତ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କ ହଜାରେ କୋଟିର ଦୁର୍ନୀତି ଗନ୍ଧ ପାଇଛି ଭିଜିଲାନ୍ସ। ଅତିରିକ୍ତ ପିସିସିଏଫ୍ ଥିବା ସମୟରେ ବହୁ ଦୁର୍ନୀତି ଅଭିଯୋଗକୁ ଅଭୟକାନ୍ତ ଚାପି ରଖିଥିବା ଜଣାପଡିବା ପରେ ଭିଜିଲାନ୍ସ ଟିମ୍ ଭୁବନେଶ୍ୱର ଅରଣ୍ୟଭବନସ୍ଥିତ ପିସିସିଏଫ୍ ଅଫିସକୁ ଯାଇ ତାହାର କପି ସଂଗ୍ରହ କରିଛି। ଅଭୟକାନ୍ତ କାର୍ଯ୍ୟ କରିଥିବା ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁର, କଳାହାଣ୍ଡି ଆଦି ୭ ଅଞ୍ଚଳରୁ ଉକ୍ତ ଅଭିଯୋଗ ରହିଛି।

ଖୋଳତାଡ଼ବେଳେ ଭିଜିଲାନ୍ସ ଜାଣିବାକୁ ପାଇଛି ଯେ, ଅଭୟକାନ୍ତ ଅତିରିକ୍ତ ପିସିସିଏଫ୍ ଥିବାବେଳେ ତାଙ୍କ ଅଧୀନରେ ବନ ବିଭାଗର ହଜାରରୁ ଊର୍ଦ୍ଧ୍ୱ କୋଟିର କାରବାର ହୋଇଛି। ପିସି ନେଉଥିବାରୁ ପ୍ରକଳ୍ପଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହୋଇନି। ଜଙ୍ଗଲ ନ ଥାଇ ଜଙ୍ଗଲ ସୃଷ୍ଟି ହୋଇଥିବା ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଅଭୟକାନ୍ତ ବିଭାଗକୁ ଦେଇଥିବା ଜଣାପଡିଛି। ଅଭୟଙ୍କ କଳା କାରନାମାର ପୂରା ପର୍ଦ୍ଦାଫାଶ ପାଇଁ ଭିଜିଲାନ୍ସ ବିଭାଗ ଲାଗିପଡିଛି। ଆଇଜି ଅମିତେନ୍ଦ୍ରନାଥ ସିହ୍ନାଙ୍କ ନେତୃତ୍ୱରେ ଭିଜିଲାନ୍ସ ଏସ୍ଆଇଟି ଏହାର ଖୋଳତାଡ଼ କରୁଛି। ଗ୍ରୀନ୍ ମହାନଦୀ ପ୍ରକଳ୍ପରେ ମଧ୍ୟ ଦୁର୍ନୀତିର ସୂଚନା ମିଳିଛି। ୨୦୧୮-୧୯, ୧୯-୨୦ ଓ ୨୦-୨୧ ଆର୍ଥିକ ବର୍ଷରେ ଗ୍ରୀନ୍ ମହାନଦୀ ପ୍ରୋଜେକ୍ଟ ପାଇଁ ତିନି ପର୍ଯ୍ୟାୟରେ ୬୦,୪୪, ୩୧ କୋଟି

**ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

- ଗ୍ରୀନ୍ ମହାନଦୀ ପ୍ରକଳ୍ପରେ ୧୩୫ କୋଟିର ହେରଫେର
- ପିସିସିଏଫ୍ ଅଫିସ୍‌ରୁ ଅଭିଯୋଗ କପିନେଲା ଭିଜିଲାନ୍ସ
- ହାଇକୋର୍ଟରେ ଜାମିନ ଆବେଦନ କଲେ ଅଭୟକାନ୍ତ

ଟଙ୍କା ଅଭୟକାନ୍ତଙ୍କ ତତ୍ତ୍ୱାବଧାନରେ ଖର୍ଚ୍ଚ ହୋଇଛି। ୧୩୫ କୋଟି ଟଙ୍କାର ଜାଲିଆତି କରିଥିବା ଭିଜିଲାନ୍ସ ଜାଣିବାପରେ ପ୍ରମାଣ ସଂଗ୍ରହ କରୁଛି। ଏହି ପ୍ରକଳ୍ପ ବାବଦ ଟଙ୍କାରୁ ଅଭୟକାନ୍ତ ୫ରୁ ୧୦ ପ୍ରତିଶତ ସ୍ପେଶାଲ୍ ରିଟର୍ଣ୍ଣ ମାଗୁଥିଲେ ବୋଲି ପିସିସିଏଫ୍ ପାଖରେ ମଧ୍ୟ ଅଭିଯୋଗ ରହିଛି। ବଲାଙ୍ଗୀର ବନ ବିଭାଗର ଅନେକ ଅଧିକାରୀ ଅଭୟକାନ୍ତଙ୍କ ଲିଙ୍କ୍‌ରେ ଥିବାବେଳେ କେନ୍ଦୁପତ୍ର ଫଣ୍ଡି, ବନୀକରଣରେ ଲକ୍ଷଲକ୍ଷ ଟଙ୍କା ହେରଫେର ହୋଇଥିବା ଭିଜିଲାନ୍ସ ଏସ୍ଆଇଟି ହାତରେ ଲାଗିଛି। ୨୦୧୪ରୁ ୨୦୧୭ ମଧ୍ୟରେ ଏସବୁ ହେରଫେର ହୋଇଥିବା ଜଣାପଡ଼ିଛି। ସେ କାର୍ଯ୍ୟ କରୁଥିବା ୭ ଅଞ୍ଚଳରୁ ଆସିଥିବା ଅଭିଯୋଗର ତଥ୍ୟ ପ୍ରମାଣ ସଂଗ୍ରହ କରାଯାଉଛି। ଏସବୁ ଦୁର୍ନୀତିରେ ସଂପୃକ୍ତ ଅନ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ଏ ସଂକ୍ରାନ୍ତରେ ଅଭୟକାନ୍ତଙ୍କ ବୟାନ ରେକର୍ଡ କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଜାମିନ ପାଇଁ ଅଭୟକାନ୍ତ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଓକିଲଙ୍କ ଜରିଆରେ ଜାମିନ ଆବେଦନ କରିଛନ୍ତି।

# ଷ୍ଟାଟସ୍ ପାଇଁ ଠକେଇ କରୁଥିଲେ ଆକାଶ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଭିଜିଲାନ୍ସର ମାରାଥନ ଜେରାବେଳେ ସତ ମାନିଛନ୍ତି ନିଲମ୍ବିତ ଆଇଏଫ୍ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ। ଷ୍ଟାଟସ୍ ଦେଖାଇବାକୁ ସେ ଟାଟା ମୋଟର୍ସର ପାସେଞ୍ଜର ଡିଭିଜନର ପରିଚାଳନା ନିର୍ଦ୍ଦେଶକ ଥିବା ନେଇ ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏହା ମାଧ୍ୟମରେ ଚାକିରି ଦେବାକୁ କହି ଅନ୍ୟମାନଙ୍କଠାରୁ ଟଙ୍କା ଆଦାୟ କରୁଥିଲେ ବୋଲି ଶୁକ୍ରବାର ଆକାଶ ଭିଜିଲାନ୍ସ ଅଧିକାରୀଙ୍କ ଆଗରେ ସ୍ୱୀକାର କରିଛନ୍ତି। ଆକାଶଙ୍କ ଏପରି ବୟାନ ପରେ ତାଙ୍କ ଭାବି ଶ୍ୱଶୁର ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ମନ୍ତବ୍ୟକୁ ନେଇ ପ୍ରଶ୍ନ ଉଠିଛି। ଠକେଇ, ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର ଓ ସାଇବର ଅପରାଧରେ ଗିରଫ ହୋଇଥିବା ବିଧାୟକ ପାଣିଗ୍ରାହୀ ଏହା ପୂର୍ବରୁ ଭାବି ଜ୍ୱାଇଁ ଆକାଶ ଟାଟା ମୋର୍ଟସରେ ଚାକିରି

**ଭିଜିଲାନ୍ସର ମାରାଥନ ଜେରାବେଳେ ମାନିଲେ**

କରିଥିବାନେଇ କହିଥିଲେ। କେବଳ ବ୍ରହ୍ମପୁର ଗୋପାଳପୁରର ୬୦ରୁ ଅଧିକ ବିସ୍ଥାପିତଙ୍କୁ ଟାଟା କମ୍ପାନୀରେ ଚାକିରି ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇଥିଲେ ଆକାଶ। ଆଉ ଏଥିରେ ବିଧାୟକ ପାଣିଗ୍ରାହୀ ସହଯୋଗ କରିଥିବାନେଇ ଅଭିଯୋଗ ରହିଥିବାରୁ ଏବେ ଏହାର ଲିଙ୍କ୍ ପାଇଛି ଭିଜିଲାନ୍ସ। ବର୍ତ୍ତମାନ ସୁଦ୍ଧା ଆକାଶଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୧୬ କୋଟି ୫ ଲକ୍ଷ ଟଙ୍କା ଠାବ ହୋଇଛି। ତେବେ ଆକାଶଙ୍କ ଆକାଉଣ୍ଟକୁ ଏତେ ଟଙ୍କା କେଉଁଠୁ ଆସୁଥିଲା ତା'ର ତଦନ୍ତ ଦାୟିତ୍ୱ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନେଇଥିବାବେଳେ ଠକେଇକୁ ନେଇ ପ୍ରମାଣ ଧୀରେ ଧୀରେ ଦୃଢ଼ୀଭୂତ କରୁଛି ଭିଜିଲାନ୍ସ।

# ଅତ୍ୟାଧୁନିକ ପରିମଳ ସେବାର ଶୁଭାରମ୍ଭ

ସୁନ୍ଦରଗଡ଼/ ରାଉରକେଲା ଅଫିସ୍, ୪।୧୨

'ସ୍ୱଚ୍ଛତା ବିଷୟ ଉଠିଲେ ପ୍ରଥମେ ଗାନ୍ଧିଜୀଙ୍କ କଥା ମନକୁ ଆସିଥାଏ। ଗାନ୍ଧିଜୀ ସବୁବେଳେ ପରିମଳକୁ ଗୁରୁତ୍ୱ ଦେଉଥିଲେ। ବାସ୍ତବରେ ସୁସ୍ଥ ପରିବେଶ ହିଁ ଉନ୍ନତି ଏବଂ ଉନ୍ନତ ଜୀବନର ଆଧାର। ଶୁକ୍ରବାର ସୁନ୍ଦରଗଡ଼ ଜିଲା ପାଇଁ ଅତ୍ୟାଧୁନିକ ପରିମଳ ସେବାର ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ଜିଲାର ରାଉରକେଲା ମହାନଗର ନିଗମ, ବୀରମିତ୍ରପୁର ପୌରପାଳିକା, କୋଇଡ଼ା ଓ କୁତ୍ରା ବ୍ଲକ୍ ପାଇଁ ଏହି ଅତ୍ୟାଧୁନିକ ପରିମଳ ସେବାର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ଅତ୍ୟାଧୁନିକ ଗାଡ଼ିର ଶୁଭାରମ୍ଭ କରିଥିଲେ।

ପରିମଳ ସେବାକୁ ସୁଦୃଢ଼ କରିବା ପାଇଁ ୨୪ ପ୍ରକାରର ୧୯୦ଟି ମେଶିନ ଓ ଗାଡ଼ି ଯୋଗାଇ ଦିଆଯାଇଛି। ସେହିପରି ରାଉରକେଲା ସହରର ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ପ୍ରସ୍ତାବିତ ୧୦ଟି




ସୁନ୍ଦରଗଡ଼ ଜିଲା ପାଇଁ ଅତ୍ୟାଧୁନିକ ପରିମଳ ସେବାର ଶୁଭାରମ୍ଭ ମୁହୂର୍ତ୍ତ।

ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର ମଧ୍ୟରୁ ୪ଟିର ଶୁଭ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଶୁଭାରମ୍ଭ ହୋଇଥିବା ପରିମଳ କାର୍ଯ୍ୟକ୍ରମ ଲାଗି ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ରାଉରକେଲା ମହାନଗର ନିଗମ ପାଣ୍ଠିରୁ ୬୯ କୋଟିରୁ ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଛି।

ଏହି ବ୍ୟାପକ ପରିମଳ କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ସଫେଇ କର୍ମଚାରୀମାନେ ହେଉଛନ୍ତି ଆମ ସମାଜର ଶ୍ରେଷ୍ଠ ସେବକ। ତେଣୁ ସେମାନେ ସ୍ୱଚ୍ଛତା ଓ ପରିବେଶର ବ୍ୟାପକ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଏହି ଅତ୍ୟାଧୁନିକ ସେବା ଲାଗୁ ହେବା ଫଳରେ ସ୍ମାର୍ଟ ସିଟି ରାଉରକେଲାର ଚିତ୍ର ବଦଳିବ। ବିଶେଷକରି ମେଶିନର ବ୍ୟବହାର ଫଳରେ ପରିମଳ ସେବା କ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବ।

ଭିଡିଓ କନ୍‌ଫରେନ୍ସି ଜରିଆରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ ପାଣ୍ଡିଆନ୍, ଅର୍ଥ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥିଭାଥାନନ୍ ପ୍ରମୁଖ ଯୋଗଦେଇଥିଲେ। ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାଉରକେଲା ଉଦିତ ନଗର ପଡ଼ିଆଠାରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ର କର, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ୍, ରାଉରକେଲା ଏସ୍‌ପି କେ. ଶିବା ସୁବ୍ରମଣି, ରାଉରକେଲା ମହାନଗର ଡେପୁଟି କମିଶନର ସୁଧାଂଶୁ କୁମାର ଭୋଇ, ସୀତାଦେବୀ ମାଝି, ଡ. ଗୌରବମୟ ପ୍ରଧାନଙ୍କ ସମେତ ଜିଲା ପ୍ରଶାସନ, ରାଉରକେଲା ମହାନଗର ନିଗମ ଏବଂ ଡିଏମ୍ଏଫ୍‌ର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୫୮,୦୭,୦୯୭ | ୧୫,୧୬,୬୮୧ | ୪,୫୬,୦୫,୧୮୪ |
| ଭାରତ | ୯୬,୦୬,୮୧୦ | ୧,୩୯,୭୦୦ | ୯୦,୫୬,୬୬୮ |
| ଓଡ଼ିଶା | ୩,୨୦,୩୯୪ | ୧୭୬୦(+୫୩) | ୩,୧୪,୬୬୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପ୍ରତି ଶନିବାର ହାଇକୋର୍ଟ ସମେତ ସବୁ କୋର୍ଟ ବନ୍ଦ

**କଟକ ଅଫିସ, ୪।୧୨:** ଚଳିତ ମାସର ପ୍ରତି ଶନିବାର କୋର୍ଟ କାର୍ଯ୍ୟ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ନିଷ୍ପତ୍ତିକ୍ରମେ ହାଇକୋର୍ଟ ଏହି ବିଜ୍ଞପ୍ତି ଜାରି କରିଛନ୍ତି। ଏହି ନିୟମ ଓଡ଼ିଶାର ସମସ୍ତ କୋର୍ଟ ଓ ଟ୍ରିବ୍ୟୁନାଲ ପାଇଁ ସମାନ ଭାବେ ବଳବତ୍ତର ରହିବ। କେବଳ ଡିସେମ୍ବର ପାଇଁ ପରୀକ୍ଷାମୂଳକ ଭାବେ ଏହି ନିୟମ ଲାଗୁ କରାଯାଇଥିବାବେଳେ ଅନ୍ୟ ମାସଗୁଡିକ ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଥାଉ କି, କରୋନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିମାସରେ ଗାଇଡ୍‌ଲାଇନ୍ ଜାରି କରାଯାଉଛି। ତଦନୁଯାୟୀ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

### ଗବେଷଣା ପାଇଁ ଲାବରେଟୋରି ଖୋଲିବାକୁ ଚିଠି

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଲାବରେଟୋରୀ ଖୋଲିବ। ଏହା କେବଳ ବିଜ୍ଞାନ ଓ ବୈଷୟିକ ବିଭାଗର ପିଜି, ପିଏଚ୍‌ଡି ଓ ଏମ୍‌ଫିଲ୍ ଛାତ୍ରୀଛାତ୍ରଙ୍କ ଗବେଷଣା ପାଇଁ ଖୋଲାଯିବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ଶୁକ୍ରବାର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଓ କଲେଜ ଅଧ୍ୟକ୍ଷଙ୍କୁ ପତ୍ର ଲେଖିଛନ୍ତି। କୋଭିଡ୍-୧୯ର ସମସ୍ତ ସତର୍କତା ଅବଲମ୍ବନ କରାଯିବ। ପୂର୍ବରୁ ଅର୍ଥାତ୍ ନଭେମ୍ବର ୩୦ରେ ଏସ୍‌ଆର୍‌ସି ଜାରି କରିଥିବା ଗାଇଡ୍‌ଲାଇନକୁ ପାଳନ କରିବାକୁ କୁହାଯାଇଛି।

# ୬ବର୍ଷରେ ପିଲା ସଂଖ୍ୟା ୧୦ହଜାର କମିଛି

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ରାଜ୍ୟରେ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଉଛନ୍ତି ପିଲା। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଘରୋଇ ସ୍କୁଲକୁ ନେଇଯାଉଥିବାରୁ ପ୍ରତିବର୍ଷ ନାମଲେଖା ହାର କମୁଛି। ଫଳରେ ବିଗତ କିଛିବର୍ଷ ହେବ ପିଲାଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିବାବେଳେ ଘରୋଇ ସ୍କୁଲରେ ବୃଦ୍ଧି ପାଉଛି। ବିଭାଗୀୟ ତଥ୍ୟକୁ ତର୍ଜମା କଲେ ସରକାରୀ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ବିଗିଡିବାରେ ଲାଗିଛି। ଗତ ୬ବର୍ଷରେ ସରକାରୀ ସ୍କୁଲରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୦ହଜାର କମିଛି। କିନ୍ତୁ ଏହି ସମୟ ମଧ୍ୟରେ ଘରୋଇ ଓ ଅନ୍ୟାନ୍ୟ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩ଲକ୍ଷ ବୃଦ୍ଧି ପାଇଛି। ଶିକ୍ଷାର ମାନ, ପରିବେଶ ଓ ବିଭିନ୍ନ କ୍ଷେତ୍ରରେ ରହିଥିବା ପାର୍ଥକ୍ୟ ଯୋଗୁ ସରକାରୀ ସ୍କୁଲର ଏ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି।

ମିଳିଥିବା ତଥ୍ୟ ଅନୁସାରେ, ୨୦୧୪-୧୫ ଶିକ୍ଷା ବର୍ଷରେ ରାଜ୍ୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ମୋଟ ୬୫,୪୩,୯୭୩ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। କିନ୍ତୁ ୨୦୧୫-୧୬ରେ ତାହା କମିଯାଇ ୬୩,୯୧,୨୪୮ରେ ପହଞ୍ଚିଥିଲା। ଏହାପରେ ୨୦୧୬-୧୭ରେ ୬୨,୩୦,୩୧୦, ୨୦୧୭-୧୮ରେ ୫୯,୪୩,୪୪୮, ୨୦୧୮-୧୯ରେ ୫୭,୪୨,୬୪୯ ଏବଂ ୨୦୧୯-୨୦ରେ ୫୫,୪୭,୧୧୬ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। କିନ୍ତୁ ଏହି ସମୟ ମଧ୍ୟରେ ଅର୍ଥାତ୍ ୨୦୧୪-୧୫ରେ ଘରୋଇ ସ୍କୁଲରେ ୧୦,୬୮,୦୬୯ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ୨୦୧୫-୧୬ରେ ଏହା ବୃଦ୍ଧି ପାଇ ୧୧,୮୭,୪୬୧ରେ ପହଞ୍ଚିଥିଲା। ୨୦୧୬-୧୭ରେ ୧୨,୨୨,୯୯୫, ୨୦୧୭-୧୮ରେ ୧୨,୭୭,୭୬୬, ୨୦୧୮-୧୯ରେ ୧୨,୮୨,୯୪୦ ଏବଂ ୨୦୧୯-୨୦ରେ ୧୩,୭୦,୨୮୧ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି।

ଅନ୍ୟପକ୍ଷରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଉଛି। ୨୦୧୪-୧୫ ଶିକ୍ଷା ବର୍ଷରେ ୨୧,୭୪,୧୫୬ଜଣ ଅନୁସୂଚିତ ଜନଜାତି ପିଲା ନାମ ଲେଖାଇଥିଲେ। କିନ୍ତୁ ୨୦୧୫-୧୬ରେ ୨୧,୬୬,୨୪୫, ୨୦୧୬-୧୭ରେ ୨୧,୪୨,୨୩୦, ୨୦୧୭-୧୮ରେ ୨୦,୫୮,୯୫୫, ୨୦୧୮-୧୯ରେ ୨୦,୦୪,୩୪୬ ଏବଂ ୨୦୧୯-୨୦ରେ ୧୯,୬୮,୫୪୪କୁ ହ୍ରାସ ପାଇଛି। ସେହିପରି ୨୦୧୪-୧୫ ଶିକ୍ଷା ବର୍ଷରେ ୧୪,୫୮,୫୫୩ ଅନୁସୂଚିତ ଜାତି ପିଲା ନାମ ଲେଖାଇଥିଲେ। କିନ୍ତୁ ୨୦୧୫-୧୬ରେ ଏହା ୧୪,୩୮,୧୫୬କୁ ହ୍ରାସ ପାଇଥିବାବେଳେ ୨୦୧୬-୧୭ରେ ୧୪,୧୦,୯୫୦, ୨୦୧୭-୧୮ରେ ୧୩,୮୭,୫୭୬, ୨୦୧୮-୧୯ରେ ୧୩,୧୬,୧୦୦ଜଣ ନାମଲେଖାଇଛନ୍ତି। କିନ୍ତୁ ୨୦୧୯-୨୦ରେ ନାମଲେଖା ସାମାନ୍ୟ ବୃଦ୍ଧି ପାଇ ୧୩,୧୭,୩୬୯ରେ ପହଞ୍ଚିଥିଲା।

### ଡ୍ରପ୍‌ଆଉଟ୍ ହାର ଅଧିକ ରହୁଛି

ସରକାରୀ ସ୍କୁଲ୍‌ରୁ ପ୍ରତିବର୍ଷ ଡ୍ରପ୍‌ଆଉଟ୍ ହାର ବଢୁଛି। ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଥିଲେ ମଧ୍ୟ ତାହା ସମ୍ଭବ ହେଉ ନ ଥିବାରୁ ପିଲାମାନେ ସ୍କୁଲ ଛାଡୁଥିବା ଜଣାପଡିଛି। ବିଶେଷକରି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଅଧିକ ପିଲା ସଂଖ୍ୟା ହ୍ରାସ ପାଉଥିବା ନେଇ ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ୨୦୧୪-୧୫ରେ ପ୍ରାଥମିକରେ ଡ୍ରପ୍ ଆଉଟ୍ ହାର ୧.୬% ଥିବାବେଳେ ଉଚ୍ଚ ପ୍ରାଥମିକରେ ୪.୨%, ମାଧ୍ୟମିକରେ ୧୪.୩% ରହିଥିଲା। ସେହିପରି ୨୦୧୫-୧୬ରେ ପ୍ରାଥମିକ ୨.୮%, ଉଚ୍ଚ ପ୍ରାଥମିକ ୩.୯%, ମାଧ୍ୟମିକରେ ୬.୦%, ୨୦୧୬-୧୭ରେ ପ୍ରାଥମିକ ୪.୨%, ଉଚ୍ଚ ପ୍ରାଥମିକ ୫.୨%, ମାଧ୍ୟମିକରେ ୭.୦%, ୨୦୧୭-୧୮ରେ ପ୍ରାଥମିକ ୫.୮%, ଉଚ୍ଚ ପ୍ରାଥମିକ ୫.୫%, ମାଧ୍ୟମିକ ୫.୭% ଏବଂ ୨୦୧୮-୧୯ରେ ପ୍ରାଥମିକ ୫.୪%, ଉଚ୍ଚ ପ୍ରାଥମିକ ୬.୯% ଓ ମାଧ୍ୟମିକରେ ଡ୍ରପ୍‌ଆଉଟ୍ ହାର ୫.୪% ରହିଛି।

### ବିଗିଡ଼ିଯାଉଛି ସରକାରୀ ସ୍କୁଲ ସ୍ଥିତି

- ଯୋଜନା ଓ ପଦକ୍ଷେପ ଅନେକ, ସଫଳତା ନ୍ୟୁନ
- ଘରୋଇ ସ୍କୁଲମୁହାଁ ଛାତ୍ରୀଛାତ୍ର

# ଛଟେଇ ପରେ ହାରିଲେ ଜୀବନ

- ଯୋଜନା, ସମନ୍ୱୟ ବିଭାଗ ଠିକା କର୍ମଚାରୀଙ୍କ ଆତ୍ମହତ୍ୟା
- ସରକାରୀ ବାସଭବନରୁ ଜବତ ହେଲା ଝୁଲନ୍ତା ମୃତଦେହ

**ଢେଙ୍କାନାଳ ଅଫିସ, ୪।୧୨**

ପେଟପାଟଣା କଥା ବୁଝୁଥିଲା ଠିକା ଚାକିରି। କଷ୍ଟେମଷ୍ଟେ ଚଳିଯାଉଥିଲା ପରିବାର। ଚାକିରିରୁ ଛଟେଇ ପରେ ମାଡ଼ିବସିଲା ଚିନ୍ତା। ଅସହ୍ୟ ହେଲା ଆର୍ଥିକ ଅନଟନ। କରୋନା କାଳରେ ଆର୍ଥିକ ଦୁରାବସ୍ଥା ସାଙ୍ଗକୁ ମାନସିକ ଚାପ ସହି ନ ପାରି ଶେଷରେ ହାରିଦେଲେ ଜୀବନ। ଢେଙ୍କାନାଳ ଜିଲା ଯୋଜନା, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ ବିଭାଗର ଛଟେଇ କର୍ମଚାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ (୩୨)ଙ୍କ ଆତ୍ମହତ୍ୟା ପଛରେ ଏପରି କିଛି ଦୁଃଖଦ କାହାଣୀ ଥିବା ଜଣାପଡ଼ିଛି। ଶୁକ୍ରବାର ତାଙ୍କ ମୃତଦେହ ଶାଢ଼ିରେ ଝୁଲୁଥିବା ଅବସ୍ଥାରେ କାର୍ଯ୍ୟାଳୟ ନିକଟ ସରକାରୀ ବାସଭବନରୁ ଜବତ କରାଯାଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂର୍ଯ୍ୟକାନ୍ତଙ୍କ ଘର ପରଜଙ୍ଗ ବ୍ଲକର ପଥରଖମ୍ବରେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ସୂର୍ଯ୍ୟକାନ୍ତ ଆଉଟ୍ ସୋର୍ସିଂ ଭାବେ ୨୦୦୭ରୁ ଜିଲା ଯୋଜନା, ସମନ୍ୱୟ ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟରେ ୪ର୍ଥ ଶ୍ରେଣୀ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। କୋଭିଡ୍-୧୯ ସମୟରେ ଫେବୃୟାରୀରେ ତାଙ୍କୁ ଛଟେଇ କରାଯାଇଥିଲା। ଏହାପରେ ସେ ମାନସିକ ଚିନ୍ତାଗ୍ରସ୍ତ ହୋଇ ସପରିବାର ସରକାରୀ ବାସଭବନରେ ରହୁଥିଲେ। ସ୍ତ୍ରୀ ପ୍ରଭାତୀ ୨ ଝିଅପୁଅଙ୍କ ସହ ସଦର ବ୍ଲକ ଚାଉଳିଆ ଖମାରସ୍ଥିତ ବାପ ଘରକୁ ବଡ଼ଓଷା କରିବାକୁ ଯାଇଥିଲେ। ସୂର୍ଯ୍ୟକାନ୍ତ ଏକାକୀ ଘରେ ରହୁଥିଲେ। ୨ଦିନ ହେଲା ସ୍ତ୍ରୀଙ୍କ ଫୋନ୍ ସେ ଉଠାଉ ନ ଥିଲେ। ପ୍ରଭାତୀ ଏ ସଂକ୍ରାନ୍ତରେ ଦିଅର ଶେଷଦେବଙ୍କୁ ଜଣାଇଥିଲେ। ଘର କବାଟ ବାଡ଼େଇବା ପରେ କେହି ନ ଖୋଲିବାରୁ ଶେଷଦେବ ଟାଉନ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଖୋଲିଥିଲା। ଏହି ସମୟରେ ସୂର୍ଯ୍ୟକାନ୍ତଙ୍କ ମୃତଦେହ ଝରକା ରଡ୍‌ରେ ଲୁଗାରେ ଝୁଲୁଥିଲା। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୫୬/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।




# ସାଉଥ୍‌କୋ, ୱେସ୍କୋ ହାତେଇଲା ଟିପିସିଏଲ୍

## ପୁରୁଣା ବୋଝ ବୋହିବନି

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ବିଦ୍ୟୁତ୍ ବଣ୍ଟନ କମ୍ପାନୀକୁ ଘରୋଇ ସଂସ୍ଥା ହାତକୁ ଟେକି ଦେଉଛନ୍ତି। ନିକଟରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଘରୋଇ କମ୍ପାନୀ ଟାଟା ପାୱାର କମ୍ପାନୀ ଲିମିଟେଡ(ଟିପିସିଏଲ୍)କୁ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି(ସେସୁ)କୁ ହସ୍ତାନ୍ତର କରିଥିବା ବେଳେ ଏବେ ସାଉଥ୍‌କୋ ଏବଂ ୱେସ୍କୋକୁ ୨୫ ବର୍ଷ ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି। ଏଥିରେ ଟାଟା ପାୱାରର ୫୧ ପ୍ରତିଶତ ଅଂଶଧନ ଥିବା ବେଳେ ଗ୍ରୀଡ୍‌କୋ ହାତରେ ୪୯ ପ୍ରତିଶତ ଅଂଶଧନ ରହିବ। ଏ ନେଇ ଓଇଆର୍‌ସି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ, ବିଦ୍ୟୁତ୍ ଆଇନ ୨୦୦୩ର ସେକ୍ସନ-୨୦ ଅନୁଯାୟୀ କମିଶନ ସାଉଥ୍‌କୋ ପାଇଁ ରିକ୍ୱେଷ୍ଟ ଫର୍ ପ୍ରପୋଜାଲ (ଆର୍‌ଏଫ୍‌ପି) ଜାରି କରିଥିଲେ। ଟିପିସିଏଲ୍ ଏଥିପାଇଁ ଯୋଗ୍ୟ ବିବେଚିତ ହୋଇଛି। କମିଶନ ଡିସେମ୍ବର ୩ ତାରିଖରେ ସାଥ୍‌କୋ ଏବଂ ୱେସ୍କୋର ମାଲିକାନା ହସ୍ତାନ୍ତର ପାଇଁ ଲେଟର ଅଫ ଇଣ୍ଟେଣ୍ଟ (ଏଲ୍‌ଓଆଇ) ପ୍ରଦାନ କରିଛନ୍ତି।

ଚୁକ୍ତି ଅନୁଯାୟୀ ସାଉଥ୍‌କୋରେ ଥିବା ସମସ୍ତ କର୍ମଚାରୀଙ୍କୁ ଟିପିସିଏଲ୍‌କୁ ହସ୍ତାନ୍ତର କରାଯାଇଛି। କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ ସମ୍ବନ୍ଧୀୟ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଆସନ୍ତା ୧୦ ବର୍ଷ ମଧ୍ୟରେ ପରିବହନ ଓ ବାଣିଜ୍ୟିକ କ୍ଷତି (ଏଟି ଆଣ୍ଡ ସି) ୩୫.୨୯ ପ୍ରତିଶତରୁ ୧୪.୮୦ ପ୍ରତିଶତକୁ ହ୍ରାସ କରିବାକୁ ଚୁକ୍ତିରେ ଉଲ୍ଲେଖ କରାଯାଇଛି। ସେହିପରି ଟିପିସିଏଲ୍ ଆସନ୍ତା ୫ ବର୍ଷ ପାଇଁ ବିଦ୍ୟୁତ୍ ସୁରକ୍ଷା, ବୈଷୟିକ କ୍ଷେତ୍ରରେ ନିବେଶ, ବିଦ୍ୟୁତ୍ ଉନ୍ନତୀକରଣ ଏବଂ ବଣ୍ଟନଜନିତ କ୍ଷତି ଭରଣା ପାଇଁ ପୁଞ୍ଜିନିବେଶ କରିବ। ଚୁକ୍ତି ଅନୁଯାୟୀ ଟିପିସିଏଲ୍ ୨୦୨୨ରେ ଏଥିପାଇଁ ୨୨୭କୋଟି, ୨୦୨୩ରେ ୩୧୬, ୨୦୨୪ରେ ୨୪୧, ୨୦୨୫ରେ ୨୩୩ ଏବଂ ୨୦୨୬ରେ ୧୫୦ କୋଟି ଟଙ୍କା ଖର୍ଚ୍ଚ କରିବ। ଏଥିସହିତ ଆସନ୍ତା ୫ ବର୍ଷରେ କମ୍ପାନୀ ୧୦୦ କୋଟି ଟଙ୍କାର ବକେୟା ବିଲ୍ ଆଦାୟ କରିବ। କମ୍ପାନୀ ଗ୍ରୀଡ୍‌କୋ ଠାରୁ ବିଦ୍ୟୁତ୍ କ୍ରୟ କରିବ। ଚୁକ୍ତି ଦିନ ଠାରୁ ଟିପିସିଏଲ୍ ସାଉଥ୍‌କୋର ଦାୟିତ୍ୱ ନେବ। ତେବେ ଗ୍ରୀଡ୍‌କୋକୁ ସାଉଥ୍‌କୋ ଦେବାକୁ ଥିବା ପୁରୁଣା ବକେୟା ଆଦି କିପରି ଭରଣା ହେବ ସେନେଇ ଚୁକ୍ତିନାମାରେ କିଛି ଉଲ୍ଲେଖ କରାଯାଇ ନାହିଁ।

ସେହିପରି ୱେସ୍କୋର ବକେୟା ଥିବା ୩୦୦ କୋଟି ଟଙ୍କା ଆସନ୍ତା ୫ ବର୍ଷରେ ଟିପିସିଏଲ ଆଦାୟ କରିବ। ଟିପିସିଏଲ୍ ଆସନ୍ତା ୫ ବର୍ଷ ପାଇଁ ବିଦ୍ୟୁତ୍ ସୁରକ୍ଷା, ବୈଷୟିକ କ୍ଷେତ୍ରରେ ନିବେଶ, ବିଦ୍ୟୁତ୍ ଉନ୍ନତୀକରଣ ଏବଂ ବଣ୍ଟନଜନିତ କ୍ଷତି ଭରଣା ପାଇଁ ପୁଞ୍ଜିନିବେଶ କରିବ। ୨୦୨୨ରେ ଏଥିପାଇଁ ୩୦୬ କୋଟି, ୨୦୨୩ରେ ୫୦୦, ୨୦୨୪ରେ ୩୩୩, ୨୦୨୫ରେ ୩୨୨ଏବଂ ୨୦୨୬ରେ ୨୦୨ କୋଟି ଟଙ୍କା ଖର୍ଚ୍ଚ କରିବ।

# 'ମୋ ସ୍କୁଲ' ଅଭିଯାନ ପ୍ରକଳ୍ପକୁ ୧୦.୭୫ କୋଟି ଟଙ୍କା ଅନୁମୋଦନ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

'ମୋ ସ୍କୁଲ' ଅଭିଯାନର ୧୯ତମ କାର୍ଯ୍ୟକାରୀ ପରିଷଦ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ୨୮ଟି ଜିଲାରେ ଥିବା ୨,୬୫୭ ବିଦ୍ୟାଳୟର ମୋଟ ୧୦.୭୫ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇଛି। ଏଥିରେ ପ୍ରାୟ ୨୦ ହଜାର ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗଜପତିରେ ପୁରାତନ ଛାତ୍ରୀଛାତ୍ରମାନେ ସର୍ବାଧିକ ୫୩.୭୨ ଲକ୍ଷ ଦେଇଥିବାବେଳେ ସୁନ୍ଦରଗଡ଼ରେ ୪୬.୭୨ ଲକ୍ଷ, କଳାହାଣ୍ଡିରେ ୩୬.୦୭ ଲକ୍ଷ, ବାଲେଶ୍ୱରରେ ୩୫.୯୨ ଲକ୍ଷ ଏବଂ କଟକରେ ୨୧.୯୩ ଲକ୍ଷ ଟଙ୍କା ପୁରାତନ ଛାତ୍ରୀଛାତ୍ରମାନେ ପ୍ରଦାନ କରିଛନ୍ତି। ଏ ସମସ୍ତ ଟଙ୍କାର ସମ୍ପୃକ୍ତ ସ୍କୁଲ୍‌ର ବିକାଶମୂଳକ କାର୍ଯ୍ୟରେ ବିନିଯୋଗ ହେବ। ତେବେ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଓ ତଦାରଖକୁ ଗୁରୁତ୍ୱ ଦିଆଯାଇ ବୈଠକରେ ଆଲୋଚନା କରାଯାଇଥିଲା। 'ମୋ ସ୍କୁଲ' ଅଭିଯାନ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଜିଲା ଓ ଗୋଷ୍ଠୀସ୍ତରୀୟ ତଦାରଖ ବ୍ୟବସ୍ଥାକୁ ଦୃଢ଼ ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରମୁଖ ଶାସନ ସଚିବ ସାହୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜିଲାସ୍ତରୀୟ ତଦାରଖ ଟିମ୍ ପ୍ରତି କାର୍ଯ୍ୟକାରୀ ପରିଷଦର ବୈଠକ ପୂର୍ବରୁ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ବିଷୟରେ 'ମୋ ସ୍କୁଲ୍' କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ। ପ୍ରତି ଜିଲା ଓ ଗୋଷ୍ଠୀ ସ୍ତରରେ 'ମୋ ସ୍କୁଲ' ସହାୟତା ଦଳ ଗଠନ କରିବା ସହ ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଓଡ଼ିଶାର ପୁରାତନ ଛାତ୍ରୀଛାତ୍ରଙ୍କଠାରୁ ଭିଡିଓ ବାର୍ତ୍ତା ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ପର୍ଯ୍ୟନ୍ତ ୨ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ବିଦ୍ୟାଳୟଗୁଡ଼ିକ ସହ ଯୋଡ଼ି ହୋଇସାରିଥିବା କୁହାଯାଇଛି। ଏହି ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଏସ୍‌ସିଇଆର୍‌ଟି, ବିଭାଗୀୟ ଅତିରିକ୍ତ ଶାସନ ସଚିବ, 'ମୋ ସ୍କୁଲ'ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଏବଂ ଭାରପ୍ରାପ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରମାକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିବାହର ଚାରିଦିନ ନ ପୂରୁଣୁ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ବଡ଼ଭାଇ ସୁନୀଲ

ରିଆମାଳ, ୪।୧୨(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ଜାମୁନାଳି ଭେରୁବଣି ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ବିବାହର ଚାରିଦିନ ନ ପୂରୁଣୁ ଅନିଲ ସାହୁ (୨୨) ନାମକ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ବିବାହର ୪ଦିନ ନ ପୂରୁଣୁ ନବବଧୂ ମଥାରୁ ସିନ୍ଦୁର ଲିଭି ଯାଇଛି । ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଯୁବକଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବଡ଼ଭାଇ ସୁନୀଲ ସାହୁ ରିଆମାଳ ଥାନାରେ ଶୁକ୍ରବାର ଅଭିଯୋଗ କରିଛନ୍ତି। ଜାମୁନାଳି ଭେରୁବଣି ଗ୍ରାମର ଖଗେଶ୍ୱର ସାହୁଙ୍କ ପୁଅ ଅନିଲ ନଭେମ୍ବର ୩୦ ତାରିଖରେ ଜମନକିରା ଦଶଘରିଆ ଗ୍ରାମର ଦେବାନନ୍ଦ ସାହୁଙ୍କ ଝିଅ ସୁନିତାଙ୍କୁ ବିବାହ କରିଥିଲେ। ବିବାହ ଉତ୍ସବ ଲାଗି ବନ୍ଧୁବାନ୍ଧବ ସମସ୍ତେ ଘରକୁ ଆସିଥିଲେ । ଗୁରୁବାର ଅପରାହ୍ନରେ ଅନିଲ ନିଜ ବାଇକ୍ ଯୋଗେ ଦେବଗଡ଼ ଆସିଥିଲେ। ଅପରାହ୍ନ ୫ଟା ପର୍ଯ୍ୟନ୍ତ ଘର ଲୋକେ ତାଙ୍କ ସହ ମୋବାଇଲ ଯୋଗେ କଥା ହୋଇଥିଲେ। କିନ୍ତୁ ସନ୍ଧ୍ୟା ପରେ ଘରଲୋକ ତାଙ୍କ ସହ କୌଣସି ପ୍ରକାର ଯୋଗାଯୋଗ କରି ପାରି ନ ଥିଲେ । ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କ ଫେରିବା ରାସ୍ତାରେ ଖୋଜିଖୋଜି ଆସୁଥିବାବେଳେ କେନ୍ଦୁଘାଟପାଖ ମକାମୁଣ୍ଡା ରାସ୍ତା ପାଖରେ ଏକ ଗଛ ମୂଳରେ ଗାମୁଛା ଓ ସାର୍ଟରେ ହାତଗୋଡ଼ ବନ୍ଧା ଅବସ୍ଥାରେ ଅନିଲଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ । ଅନିଲଙ୍କ ମୁହଁକୁ ବାନ୍ଧି ଶ୍ୱାସରୁଦ୍ଧ କରି ମାରିଦିଆଯାଇଛି ବୋଲି ଭାଇ ସୁନୀଲ ସାହୁ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି ।

# ମଙ୍ଗଳାଯୋଡ଼ିରେ 'ମାଲାର୍ଡ' ପକ୍ଷୀ



ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଶୀତ ଆରମ୍ଭରୁ ବିହଙ୍ଗ ଭୂସ୍ୱର୍ଗ ମଙ୍ଗଳାଯୋଡ଼ିକୁ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ପ୍ରଥମଥର ସେଠାରେ ବିରଳ ପ୍ରଜାତିର 'ମାଲାର୍ଡ' ପକ୍ଷୀ ଶୁକ୍ରବାର ଠାବ ହୋଇଛି। ବାର୍ଡ ଗାଇଡ୍ ମଧୁ ବେହେରା ଏହି ପକ୍ଷୀଟିକୁ ଦେଖି ତାର ଫୋଟୋ ଉଠାଇଥିଲେ। ଯାଞ୍ଚବେଳେ ଜଣାପଡିଛି ଯେ, ଏହି ପକ୍ଷୀର ବୈଜ୍ଞାନିକ ନାମ ଆନସ ପ୍ଲାଟିରିଙ୍କସ (Anas platyrhyn-chos)। ଏମାନେ ସାଧାରଣତଃ ଉତ୍ତର ଆମେରିକା ଏବଂ ୟୁରେସିଆ ଅଞ୍ଚଳରେ ଦେଖାଯାଆନ୍ତି। ଆଗରୁ ଅନେକ ଦିନ ତଳେ ଚିଲିକା ନଳ ବଣରେ ଥରେ ଏହି ମାଲାର୍ଡ ପକ୍ଷୀ ଦେଖା ଦେଇଥିଲେ। କିନ୍ତୁ ମଙ୍ଗଳାଯୋଡ଼ିକୁ କେବେ ବି ଆସିଥିବାର ନଜିର ନାହିଁ ବୋଲି ପକ୍ଷୀ ବିଶେଷଜ୍ଞ ଗହର ଆବେଦିନ କହିଛନ୍ତି। ତେବେ ୨୦୧୮ରେ ଭିତରକନିକା ଜାତୀୟ ଉଦ୍ୟାନରେ ମଧ୍ୟ ଏହି ପକ୍ଷୀ ଠାବ ହୋଇଥିଲା।

# ୮୦ ଛୁଇଁଲା ଡିଜେଲ

ନୂଆଦିଲ୍ଲୀ, ୪।୧୨

୩ ଦିନର ବିରତି ପରେ ପୁଣିଥରେ କ୍ରମାଗତ ୩ ଦିନ ହେଲା ତେଲ ଦର ବଢି ଚାଲିଛି। ଗତ ୧୫ ଦିନ ମଧ୍ୟରେ ୧୨ ଥର ତେଲ ଦର ବୃଦ୍ଧି ପାଇଲାଣି। ଏହି ଦର ବୃଦ୍ଧି ଫଳରେ ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୨୦ ପଇସା ବଢ଼ି ୮୩.୪୮ ଟଙ୍କାରେ ପହଞ୍ଚିଛି। ସେହିଭଳି ଡିଜେଲ ଦର ମଧ୍ୟ ୨୫ ପଇସା ବୃଦ୍ଧି ପାଇ ୭୯.୫୮ ଟଙ୍କାକୁ ଛୁଇଁଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର ସୂଚନା ଅନୁସାରେ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ପ୍ରମୁଖ ମେଟ୍ରୋ ସହରଗୁଡିକରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୧୭ ରୁ ୨୦ ପଇସା ବଢିଥିବା ବେଳେ ଡିଜେଲ ଲିଟର ପିଛା ୨୧ ରୁ ୨୪ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ପେଟ୍ରୋଲ ଦର ୮୨.୮୬ ଟଙ୍କା ଥିବା ବେଳେ ଡିଜେଲ ଦର ୭୩.୦୭ ଟଙ୍କା ରହିଛି। ସେହିଭଳି ଅନ୍ୟ ପ୍ରମୁଖ ମେଟ୍ରୋ ସହର ମୁମ୍ବାଇ, କୋଲକାତା, ଓ ଚେନ୍ନାଇରେ ପେଟ୍ରୋଲ ଦର ଯଥାକ୍ରମେ ୮୯.୫୨, ୮୪.୩୭ ଏବଂ ୮୫.୭୬ ଟଙ୍କାରେ ପହଞ୍ଚିଛି। ସେହିପରି ଏହି ସବୁ ମେଟ୍ରୋ ସହରରେ ଡିଜେଲ ଦର ମଧ୍ୟ ଯଥାକ୍ରମେ ୭୯.୬୬, ୭୬.୬୪ ଏବଂ ୭୮.୪୫ ଟଙ୍କାରେ ପହଞ୍ଚିଥିବା ସୂଚନା ମିଳିଛି। କୋଭିଡ୍-୧୯ କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର କମ୍ ରହିଥିବାରୁ ତୈଳ କମ୍ପାନୀଗୁଡ଼ିକ ମଧ୍ୟ ଇନ୍ଧନ ଦରରେ କୌଣସି ପରିବର୍ତ୍ତନ କରି ନ ଥିଲେ। ଫଳରେ ଲଗାତର ୨ମାସ ପର୍ଯ୍ୟନ୍ତ ତେଲ ଦର ସ୍ଥିର ରହିଥିଲା। ବର୍ତ୍ତମାନ ପରିସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ହେବା ସହ ପୁଣି ଥରେ ତୈଳ ବଜାରରେ ଦର ଉଚ୍ଚ ରହିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ଶୁଳ୍କ ଲାଗୁ ଯୋଗୁ ତେଲ ଦର ବୃଦ୍ଧି ପାଉଛି ବୋଲି ତୈଳ କମ୍ପାନୀଗୁଡ଼ିକ ମତ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସବ୍‌ପ୍ଲଟ୍ ମାଲିକଙ୍କୁ...

ପ୍ରାୟ ୨ ଲକ୍ଷ ଘର ବେଆଇନ ଭାବେ ଗଢିଉଠିଛି। ଏ ସମ୍ପର୍କରେ ବିଡିଏ ପ୍ଲାନିଂ ମେମ୍ବର ଗୌରୀଶଙ୍କର ଭୂୟାଁ କହିଛନ୍ତି, କମ୍ ଚଉଡା ରାସ୍ତା କିମ୍ବା ରାସ୍ତା ନ ଥାଇ ମନଇଚ୍ଛା ଘର ନିର୍ମାଣକୁ ରୋକିବା ସକାଶେ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଜମି କିଣିବା ପୂର୍ବରୁ ଲୋକମାନେ ପ୍ଲଟ୍ ସମ୍ପର୍କରେ ଭଲ ଭାବେ ଜାଣିବା ଦରକାର। ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରୁ ସମସ୍ତ ବିଷୟ ବୁଝି ଜମି କିଣିବା କଥା। ସରକାରୀ ସ୍ତରରେ ଏହା ଉପରେ ଯାହା ନିଷ୍ପତ୍ତି ହେବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଜମି ଖରିଦ ବିକ୍ରି କରିବା ରାଜସ୍ୱ ବିଭାଗର କାମ। ଯଦି କୌଣସି ବିଭାଗ କଟକଣା ଜାରି କରୁଛନ୍ତି ସେ ବିଷୟରେ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ନିଷ୍ପତ୍ତି ନେଲେ ଜନସାଧାରଣ ଅସୁବିଧାରେ ପଡ଼ନ୍ତେ ନାହିଁ। କଟକଣା ବିଷୟରେ ରାଜସ୍ୱ ବିଭାଗକୁ ଅବଗତ କରା ନ ଯିବା ସମ୍ପର୍କରେ ଜାଣିବା ପାଇଁ ନଗର ଉନ୍ନୟନ ବିଭାଗ ସଚିବ ଜି.ମାଥିଭାଥନନ୍‌ଙ୍କୁ ତାଙ୍କ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରି ନ ଥିଲେ।

ଅନ୍ୟପକ୍ଷରେ ଘର କରିବା ପାଇଁ ପ୍ଲାନ ନେବା ମଧ୍ୟ ମହଙ୍ଗା ହୋଇଛି। ଫଳରେ ବେଆଇନ ନିର୍ମାଣ ବୃଦ୍ଧି ପାଇଚାଲିଛି। ଭୁବନେଶ୍ୱର ସହର ପରିସୀମା ଭିତରେ ଯଦି କୌଣସି ବ୍ୟକ୍ତି ଘର କରିବାକୁ ଚାହିଁବେ ତେବେ ତାଙ୍କୁ ୧ ହଜାର ବର୍ଗଫୁଟ ପ୍ଲାନ ଅନୁମୋଦନ ପାଇଁ ଅତିକମ୍‌ରେ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ପ୍ଲାନ ଅନୁମୋଦନ ପୂର୍ବରୁ ପ୍ରତି ବର୍ଗଫୁଟକୁ ଶ୍ରମିକ ସେସ୍ ବାବଦରେ ୧୭ ଟଙ୍କା ୫୦ ପଇସା, ସାଙ୍କଶନ ଫି ବାବଦରେ ପ୍ରତି ବର୍ଗଫୁଟକୁ ୧ ଟଙ୍କା ୫୦, ସ୍କ୍ରୁଟିନ୍ ଫି ବାବଦକୁ ପ୍ରତି ବର୍ଗଫୁଟକୁ ୨ଟଙ୍କା ୬୦ ପଇସା ଏବଂ ୨୦୧୭ ପୂର୍ବରୁ ଯଦି ସବ୍‌ପ୍ଲଟ୍ ହୋଇଥିବ ତେବେ ଉକ୍ତ ପ୍ଲଟର ପ୍ରତି ବର୍ଗଫୁଟକୁ ବେଞ୍ଚମାର୍କ ମୂଲ୍ୟର ୧ ପ୍ରତିଶତ ହିସାବରେ ଜମା ଦେବାକୁ ହେବ। ଫଳରେ ଲୋକମାନେ ପ୍ଲାନ ନ ନେଇ ଘର ନିର୍ମାଣ କରୁଛନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର, ପୁରୀ, ରାଉରକେଲା ଭଳି ବଡ଼ ବଡ଼ ସହରରେ ବେଆଇନ ନିର୍ମାଣ ବହୁମାତ୍ରାରେ ବଢ଼ିଚାଲିଛି।

### ୪%ରେ ଅପରିବର୍ତ୍ତିତ ...

ଋଣ ଦିଅନ୍ତି) ୩.୩୫% ସ୍ତରରେ ରହିଛି। ଏମ୍‌ପିସିର ସମସ୍ତ ସଦସ୍ୟ ରେପୋ ଅପରିବର୍ତ୍ତିତ ରଖିବା ନେଇ ଭୋଟ ଦେଇଥିବା ଗଭର୍ନର ଶକ୍ତିକାନ୍ତ ଦାସ ବୈଠକ ପରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଦେଶର ଅର୍ଥ ବ୍ୟବସ୍ଥା ଆଶାଠାରୁ ଉନ୍ନତ ସ୍ଥିତିରେ ଟ୍ରାକ୍‌କୁ ଫେରୁଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ସକାରାତ୍ମକ ରହିବ। ସାରା ବର୍ଷ କଥା ବିଚାରକଲେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ପ୍ରାୟ ୭.୫% ଖସିବ ବୋଲି ଶକ୍ତିକାନ୍ତ ମତ ରଖିଛନ୍ତି। ସୂଚନାଯୋଗ୍ୟ, ଦେଶର ଜିଡିପି ୯.୫% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବରୁ ଆକଳନ କରିଥିଲା। ମାତ୍ର ବଜାରରେ ଏବେ ସୁଧାର ଦେଖାଯିବା ଯୋଗୁ ଆକଳନରେ ଏଭଳି ପରିବର୍ତ୍ତନ କରାଯାଇଛି। ସେ ପୁଣି କହିଛନ୍ତି , ଭାକ୍ସିନ ଆସିବା ଆଶାରେ ବଜାରରେ ଅଭିବୃଦ୍ଧି ଫେରୁଛି। ତୃତୀୟ ତ୍ରୈମାସରେ ଜିଡିପି ୦.୧% ଏବଂ ଚତୁର୍ଥ ତ୍ରୈମାସରେ ୦.୭% ବଢିବ। ଅର୍ଥ ବ୍ୟବସ୍ଥାକୁ ଅନ୍‌ଲକ କରିବା ଏବଂ ଭାଇରସ୍‌ର ଭୟାବହତାକୁ ନେଇ ଗଭର୍ନର ଶକ୍ତିକାନ୍ତ ସତର୍କ କରାଇଛନ୍ତି। ଡିସେମ୍ବର ତ୍ରୈମାସରେ ଖୁଚୁରା ମୁଦ୍ରାସ୍ଫୀତି ୬.୮% ରହିବା ନେଇ ଆକଳନ କରାଯାଇଛି। ସେହିଭଳି ବ୍ୟାଙ୍କଗୁଡିକ ଆର୍ଥିକ ବର୍ଷ ୨୦୧୯-୨୦ରେ ଡିଭିଡେଣ୍ଡ ନ ଦେବାକୁ ଆର୍‌ବିଆଇ କହିଛି। କୋଭିଡ୍ ଯୋଗୁ ସ୍ଥିତି ବିଗିଡ଼ିଥିବାରୁ ବ୍ୟାଙ୍କଗୁଡ଼ିକୁ ଆଶ୍ୱସ୍ତି ଦେବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ଦ୍ୱିମାସିକ ମୁଦ୍ରାନୀତି ରିଭ୍ୟୁରେ କହିଛି ଯେ, ଅର୍ଥ ବ୍ୟବସ୍ଥାକୁ ପୁନର୍ଜୀବିତ କରିବା ଲାଗି ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଫଳପ୍ରଦ ହେଉଛି। ବଜାରକୁ ଦୃଢ କରିବା ଦିଗରେ ନୀତିଗତ ପଦକ୍ଷେପ ବେଶ୍ ସହାୟତା କରୁଛି। ଉଲ୍ଲେଖଯୋଗ୍ୟ, ଗତ ୨ ମୁଦ୍ରାନୀତି କମିଟି ବୈଠକରେ ଆର୍‌ବିଆଇ ୧୧୫ ବେସିସ୍ ପଏଣ୍ଟ ରେପୋ କମ୍ କରିଛି। ସେହିଭଳି ୨୦୧୯ ଫେବୃୟାରୀ ପରଠାରୁ ଏହା ୨୫୦ ବେସିସ୍ ପଏଣ୍ଟ ରେପୋ ହ୍ରାସ କଲାଣି। ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ନିରନ୍ତର ଯୋଗଦାନ ଜାରି ରଖିଛି।

### ୮ରେ ଭାରତ ...

ପଞ୍ଜୀକରଣ ଏବଂ ଭାଗଚାଷ ବିବାଦରେ ଉଚ୍ଚତର ଅଦାଲତଗୁଡ଼ିକରେ ଅପିଲ ପାଇଁ ଅନୁମତି ଦେବା ସକାଶେ ସରକାର ବିଚାର କରିପାରନ୍ତି ବୋଲି ସଙ୍କେତ ଦେଇଛନ୍ତି। ଏହାସତ୍ତ୍ୱେ କୃଷକମାନେ ୩ କୃଷି ଆଇନ ପ୍ରତ୍ୟାହାର ଓ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)କୁ ଆଇନଗତ ବୈଧତା ପ୍ରଦାନ ନିମନ୍ତେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଅଡ଼ିବସିଛନ୍ତି। ସରକାର ୫ ତାରିଖ ବୈଠକରେ ସେମାନଙ୍କ ଦାବିଗୁଡ଼ିକୁ ଗ୍ରହଣ ନ କଲେ କୃଷି ଆଇନ ବିରୋଧୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଚାଷୀନେତା ଗୁରନାମ ସିଂ ଚାଦୋନି ଚେତାବନୀ ଦେଇଛନ୍ତି। ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାଏତ୍ ଦିଲ୍ଲୀର ଗାଜିପୁର-ଉତ୍ତରପ୍ରଦେଶର ଗାଜିଆବାଦ ସୀମାରେ ସମ୍ବୋଧିତ କରି କହିଛନ୍ତି, କେନ୍ଦ୍ରୀୟ ଆଇନ ପ୍ରତିବାଦରେ ଆମେ ଏହି ଆନ୍ଦୋଳନକୁ ଆଗକୁ ବଢ଼ାଇବୁ। ଡିସେମ୍ବର ୮ରେ ଦିନିକିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ସରକାରଙ୍କୁ ଏହି ଆଇନ ପ୍ରତ୍ୟାହାର କରିବାକୁ ପଡ଼ିବ। ସେହିପରି ବିକେୟୁ-ଲଖୋୱାଲ ସାଧାରଣ ସମ୍ପାଦକ ଏଚ୍.ଏସ୍. ଲଖୋୱାଲ ସିଙ୍ଘୁ ବର୍ଡରରେ ଆନ୍ଦୋଳନକାରୀ ଚାଷୀଙ୍କୁ ସମ୍ବୋଧିତ କରିଛନ୍ତି। ଶନିବାର ହେବାକୁ ଥିବା ବୈଠକରେ ସରକାର ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର ନ କଲେ ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ ପରେ ମଙ୍ଗଳବାର ଭାରତ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

### ବାରାଣସୀ ବିଧାନ ...

ସେହିପରି ବାରାଣସୀରେ ନିର୍ବାଚନ ପର୍ଯ୍ୟବେକ୍ଷକ ଥିବା ବରିଷ୍ଠ ଆଇଏଏସ୍ ଅଫିସର ଅଜୟ କୁମାର ସିଂ ସଂଜ୍ଞାହୀନ ହୋଇପଡ଼ିବାରୁ ତାଙ୍କୁ ଶୁଭମ୍ ହସ୍ପିଟାଲକୁ ନିଆଯାଇଥିଲା। ଅନ୍ୟ ନିର୍ବାଚନମଣ୍ଡଳୀଗୁଡ଼ିକର ଫଳାଫଳ ଶନିବାର ସକାଳେ ମିଳିଯିବ ବୋଲି ରାଜ୍ୟ ନିର୍ବାଚନ କାର୍ଯ୍ୟାଳୟ ସିଇଓ କହିଛନ୍ତି।

### ପ୍ରଦୀପଙ୍କ ଅଡୁଆ ...

ଗୁରୁବାର କ୍ରାଇମବ୍ରାଞ୍ଚ ପ୍ରଦୀପଙ୍କୁ ଗିରଫ କରିଥିଲା। ସ୍ୱତନ୍ତ୍ର କୋର୍ଟରେ ପ୍ରଦୀପଙ୍କ ଜାମିନ୍ ଖାରଜ କରିବା ପରେ ତାଙ୍କୁ ୧୪ଦିନ ଲାଗି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

#### ଜାମିନ ପାଇଁ ଆବେଦନ

ଠକେଇ ମାମଲାରେ ଗିରଫ ହୋଇଥିବା ବିଧାୟକ ପ୍ରଦୀପ ପାଣିଗ୍ରାହୀ ଶୁକ୍ରବାର ଭୁବନେଶ୍ୱର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଜାମିନ ପାଇଁ ଆବେଦନ କରିଛନ୍ତି। ପାଣିଗ୍ରାହୀ ନିଜ ଓକିଲଙ୍କ ମାଧ୍ୟମରେ ଏହି ଆବେଦନ କରିଥିବାବେଳେ ଆସନ୍ତା ୭ ତାରିଖରେ ଏହାର ଶୁଣାଣି ହେବ।

## ଆଜିର ମନ୍ତବ୍ୟ

"ବୈଜ୍ଞାନିକମାନଙ୍କ ଅନୁମତି ମିଳିବା ମାତ୍ରେ ଦେଶରେ ଟିକାକରଣ ଆରମ୍ଭ ହେବା।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ଦୃଢ଼ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ। ଅଫିସ୍ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବହୁତ ଆଲୋଚନା ଶେଷରେ ବନ୍ଧୁ ସାହାଯ୍ୟ ସହଯୋଗର ଦୃଢ଼ ପ୍ରତିଶ୍ରୁତି ଦେବେ। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**ବୃଷ** ପାରିବାରିକ କ୍ଷେତ୍ରରେ ଭଉଣୀଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ଆଶ୍ୱସ୍ତି ଲାଭ କରିବେ। ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ଅସହଯୋଗର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଦୁର୍ବଳତା ଯୋଗୁଁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ** ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ ଓ ମାନସିକ ଦ୍ୱନ୍ଦ୍ୱରୁ ରିହାତି ପାଇବେ। ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି।

**କର୍କଟ** ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବେ ପୁନଃ ପ୍ରତିଷ୍ଠିତ ହେବେ। ଭାବପ୍ରବଣ ବଶତଃ କିଛି କହି ଅପଦସ୍ଥ ହୋଇପାରନ୍ତି। ବାନ୍ଧବୀଙ୍କ ସହ ଆଳାପରେ ସମୟ କଟାଇପାରନ୍ତି। ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ମହିଳାମାନେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ** ମାନସିକ ଅବସାଦ ବଢ଼ିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ସବୁ ପ୍ରକାରର ସୁବିଧା ଥିଲେ ସୁଦ୍ଧା ମଘା ନକ୍ଷତ୍ର ମାନସିକ ସ୍ତରରେ କଷ୍ଟ ପାଇବେ ।

**କନ୍ୟା** ହାତକୁ ନେଇଥିବା କାମଗୁଡିକ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ଶୁଭ ଖବର ଶୁଣି ଖୁସି ହେବେ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ଲଢ଼ି ଶତ୍ରୁ ଅର୍ଜିବେ। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ତୁଳା** ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସଙ୍ଗକୁ ବିଳାସ ବ୍ୟସନରେ ସମୟ ଅତିବାହିତ କରିବେ। ବନ୍ଧୁମାନେ ସମସ୍ୟାକୁ ବଢାଇଦେଇ ପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ସାମୟିକ ଦୁଃଖକୁ ଭୁଲିଯିବେ । ପଡୋଶୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହେବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ। ପରିସ୍ଥିତିରେ ପଡି ଖର୍ଚ୍ଚ କରିବାକୁ ବାଧ ହେବେ। ସାମାଜିକ ପ୍ରତିଷ୍ଠା ବଢିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ** ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିଥିବାରୁ ଆବଶ୍ୟକୀୟ ସହଯୋଗ ପାଇବାରେ ଅସୁବିଧା ହେବନାହିଁ । ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ । ଦୀର୍ଘଦିନର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ ।

**ମକର** ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁଁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଆର୍ଥିକ ସ୍ଥିତି କ୍ରମଶଃ ବଦଳି ଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ** ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ପର କଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗରେ ଗତି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତିର ଆଶଙ୍କା ରହିଛି । ଭ୍ରାତୃ ସମ୍ପର୍କରେ ଅବନତି ଘଟିଲେ ହେଁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ** ଯେତେ ଭଲ କାମ କଲେ ସୁଦ୍ଧା ଭଲ ପାଉ ନ ଥିବା ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। ଶିଳ୍ପ, ବାଣିଜ୍ୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଗୃହ ନିର୍ମାଣରେ ଉନ୍ନତି ଘଟିବ କିନ୍ତୁ ସାମୟିକ ବିରୋଧର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ୫ମୀ ଶନିବାର, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ଶଙ୍ଖକ୍ଷେତ୍ର ମହିମା ଶ୍ରବଣ ଓ ପୂଜନ, ସୀତା ବିବାହ, ସିଦ୍ଧ ମହାବୀରଙ୍କ ନାଗାବେଶ, ଡିସେମ୍ବର ୫ ତାରିଖ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ (୫।୧୨।୧୯୫୦), ରାଶିନକ୍ଷତ୍ର- ଦିବା ଘ.୦୨.୨୬ମି. ଗତେ ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୧୧ମି. ଗତେ ଘ.୦୬.୫୪ମି. ମଧ୍ୟେ, ଘ.୦୭.୩୮ମି. ଗତେ ଘ.୦୯.୪୮ମି. ମଧ୍ୟେ, ଘ.୧୧.୫୯ମି. ଗତେ ଘ.୦୨.୫୩ମି. ମଧ୍ୟେ ଘ.୦୩.୩୬ମି. ଗତେ ଘ.୦୫.୦୩ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୫୪ ମି. ଗତେ ଘ.୧୦.୧୫ମି. ମଧ୍ୟେ ରାହୁକାଳ।

**classifieds Everyday 0674-2580101, 2549302**




SALE

Hyundai xcent car 2017 with OLA attached 5.40.000/- negotiable @ 8249533255. D-69354




SALE

Sai Vihar କଲୋନୀରେ ପିଚୁ ରୋଡ୍‌କୁ ଲାଗି 30' ରାସ୍ତା ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ରଙ୍ଗବଜାର, BJEM-II ନିକଟରେ 1500sqft. 6,75,000/- ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। 9437522339. D-70114

4/5 BHK Duplex with Gated Community at Balianta. Construction- 2200@ 70Lakhs/ 2600@ 80Lakhs. MPlanets: 9938219397/ 9861022055. D-19139

3BHK and 4BHK duplex houses under construction are sale at Mendhasal NH, just at 47lakh and 52lakh. Also land available inside the project at Rs. 1050 per sqft. Contact AMITA- 7978001726. D-70035

Bhubaneswar Janla residential purpose 2000sqft land near Aditya Hyundai opposite HP petrol pump for sale @1250 per sqft. M-8260667978. D-19137

Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283. D-69197

2017 3BHK flat 1600sqft., Patia opposite RTO2, 1KM KIIT Square, 300meter from main road @ 75lakh including all. 7978584549 (brokers excuse). D-70043

ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/ possession. 8895492671, 9348870771. D-70112

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166. D-70113

Booking open for 3BHK luxurious & premium flat at Surya Nagar, Bhubaneswar, Genuine buyer contact- DEEPAK- 9937329999. D-69939

Bhubaneswar ସୁନ୍ଦରପଦାରେ 1200sqft. ପ୍ଲଟକୁ 3,60,000/- ଦିଆଯାଉଛି (20 plot available), Lipsa- 9853150290. D-70116

ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2km ମଧ୍ୟରେ gharabari boundary plot କିଣନ୍ତୁ। 7008492511. D-69354

ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395. D-70117

1500sqft (12nos) per sqft-1700 main road side plot, infront Tata Arena, Ghatikia, Sankarpur, BBSR. 30'road, electricity supply, water available. Gharabari plot - 8114744495, 8328943165. D-19138

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

PURCHASE

LAND Requires for Plotting Project in Around, Bhubaneswar. 9937816565, 9937568585. D-19112

GENERAL

PURCHASE

We buy Old Gold, Land, Building. Please Contact: Hindustan Jewellers, 9437033691. D-68399




2BHK Chintamaniswar, Bhubaneswar, rent- 8500, Mob- 9337712909, 7978008157. D-19065




Newly open Saikrupa Panchakarma and Spa. Contact: 8984068077. D-19124

Refreshing your mind & body with best therapy at Lotus Spa. 8018234866 D-69589

Available health service & home service both Ladies & Gents. 9583808247. D-19134

Herbal full body massage by expert lady therapist. 9437453813. D-69943

Get refreshment body massage by expert therapist contact for 7205084157. D-70036

Swarna SPA newly open positively health benefits with expert therapist. 9556978408. D-70034

Rejuvenate and Ayurvedic full body massage by smart therapist. 9348123330. D-70038




Required 30Nos. of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L. Call - 9439856856, 9776001000. D-19084

**ମୃତ୍ତିକାକୁ ଆମର ପ୍ରାଣବିନ୍ଦୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୃତ୍ତିକା ସୁସ୍ଥ ରହିଲେ ଜୀବଜଗତ ସୁସ୍ଥ ରହିବ। ତେଣୁ ସୁସ୍ଥ ପରିବେଶ ପାଇଁ ପ୍ରଦୂଷଣମୁକ୍ତ ମୃତ୍ତିକାର ଯଥେଷ୍ଟ ଆବଶ୍ୟକତା ରହିଛି। ମୃତ୍ତିକାକୁ ପ୍ରଦୂଷଣମୁକ୍ତ କରିବା ଲାଗି ସମସ୍ତେ ଚେଷ୍ଟା କରିବା ଜରୁରୀ।**

# ଓଡ଼ିଶାର ମୃତ୍ତିକା ପ୍ରଦୂଷଣ

**ପ୍ରଫେସର ସୁବୋଧ କୁମାର ସାହୁ**

ମୃତ୍ତିକା ପ୍ରାଣୀ ଏବଂ ଉଦ୍ଭିଦର ବାସସ୍ଥଳୀ ହେବା ସହ ଉଭୟଙ୍କୁ ଖାଦ୍ୟ ଏବଂ ପାନୀୟ ଯୋଗାଇଥାଏ। ମୃତ୍ତିକା ଆମର ପ୍ରାଣବିନ୍ଦୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୃତ୍ତିକା ସୁସ୍ଥ ରହିଲେ ଜୀବଜଗତ ସୁସ୍ଥ ରହିବ। ଅସୁସ୍ଥ ମୃତ୍ତିକା ଫସଲ ଉତ୍ପାଦନ କମିବାର ମୁଖ୍ୟ କାରଣ। ମୃତ୍ତିକା ଅସୁସ୍ଥ ହେବାର କେତେଗୋଟି କାରଣ ମଧ୍ୟରୁ ପ୍ରଦୂଷଣ ଅନ୍ୟତମ। ପ୍ରଦୂଷିତ ମୃତ୍ତିକା ସମସ୍ତ ପ୍ରାଣୀ ଏବଂ ଉଦ୍ଭିଦ ପାଇଁ କ୍ଷତିକାରକ। ମୃତ୍ତିକା ପ୍ରଦୂଷଣ ହେବାର ମୁଖ୍ୟ କାରଣଟି ହେଉଛି, ଆମେ ଉପଭୋଗ କରୁଥିବା ଆଧୁନିକ ସଭ୍ୟତା।

ମୃତ୍ତିକା ଅମୂଲ୍ୟ ସମ୍ପଦର ଗନ୍ତାଘର। ଅନେକ ମୂଲ୍ୟବାନ ଧାତୁ ଯଥା– ଲୁହା, ମାଙ୍ଗାନିଜ, ବକ୍ସାଇଟ୍, କପର କ୍ରୋମିୟମ, ଜିଙ୍କ୍, ଲିଡ୍, ଆଦି ମୃତ୍ତିକା ଗର୍ଭରେ ପ୍ରସ୍ତର ସହ ସଂଲଗ୍ନ ହୋଇ ଆମ ରାଜ୍ୟର ବିଭିନ୍ନ ଜିଲା ଯଥା କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଆଦି ଜିଲାରେ ହେକ୍ଟର ହେକ୍ଟର ଜମିର ମାଟିତଳେ ଭରପୂର ହୋଇ ରହିଛି। ଏହାଛଡା ଏକ ମୂଲ୍ୟବାନ ଜାଳେଣି ଅର୍ଥାତ୍ କୋଇଲା ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ଝାରସୁଗୁଡା ଜିଲାର ବିସ୍ତୀର୍ଣ୍ଣ ଅଞ୍ଚଳର ମାଟିତଳେ ରହିଛି।

ଭୂଗର୍ଭରୁ ଉପରୋକ୍ତ ମୂଲ୍ୟବାନ ଧାତୁଗୁଡ଼ିକୁ ପାଇବା ପାଇଁ ଆମେ ଖଣି ଖୋଳୁଛୁ। ଗୋଟିଏ ସ୍ଥାନରେ ଖଣି ଖୋଳିଲେ ଅନ୍ୟ ଏକ ସ୍ଥାନରେ ମାଟିର ପାହାଡ ସୃଷ୍ଟି ହେଉଛି। ଏହି ମାଟିରେ ଉତ୍ତୋଳିତ ଧାତୁର ଅବଶିଷ୍ଟାଂଶ ରହିଥାଏ। ଉକ୍ତ ଧାତୁସବୁ ମାଟିରେ ଅଣୁ ପରିମାଣରେ ରହିଲେ ତାହା ଫସଲର ଖାଦ୍ୟ ସ୍ୱରୂପ କାମ କରେ। କିନ୍ତୁ ମାଟିରେ ଫସଲର ଆବଶ୍ୟକଠାରୁ ଅଧିକ ପରିମାଣରେ ରହିଲେ ମାଟି ବିଷାକ୍ତ ହୁଏ। ଏହାଦ୍ୱାରା ଫସଲ ଅମଳରେ ବିଶେଷ ବାଧା ସୃଷ୍ଟି ହୁଏ। ବିଭିନ୍ନ ଉଦ୍ଭିଦ ରୋଗାକ୍ରାନ୍ତ ହୁଅନ୍ତି। ଖଣିରୁ ଉତ୍ତୋଳିତ ମାଟିକୁ ପରୀକ୍ଷା କରି ଦେଖାଯାଇଛି ଯେ, ଉକ୍ତ ମାଟିରେ ଲୁହା, ମାଙ୍ଗାନିଜ, କ୍ରୋମିୟମ, କାଡ୍‌ମିୟମ, ଜିଙ୍କ୍, କପର୍ ଆଦି ଗୁରୁଧାତୁ ଆବଶ୍ୟକଠାରୁ ପ୍ରଚୁର ପରିମାଣରେ ଅଛି। ଏହି ସବୁ ଧାତୁ ଫସଲ ଦ୍ୱାରା ଖାଦ୍ୟ ଶୃଙ୍ଖଳରେ ଆମ ଶରୀରକୁ ଯାଇ ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ବିଭିନ୍ନ ରାସାୟନିକ ପ୍ରକ୍ରିୟା ଦ୍ୱାରା ଉପରୋକ୍ତ ଗୁରୁଧାତୁଗୁଡ଼ିକୁ ଖଣିଜ ପ୍ରସ୍ତରରୁ ପୃଥକ୍ କରାଯାଏ। ପୃଥକୀକରଣ ସମୟରେ ଗୁରୁଧାତୁର ଅବଶିଷ୍ଟାଂଶ ଏବଂ ବିଭିନ୍ନ ରାସାୟନିକ ପଦାର୍ଥ ମାଟିରେ ମିଶି ଏହାକୁ ପ୍ରଦୂଷିତ କରେ।

ତାଳଚେର ଓ ଅନୁଗୋଳରେ କୋଇଲାରୁ ବିଦ୍ୟୁତ ଉତ୍ପାଦନ ପାଇଁ ପ୍ରତିଦିନ ଟନ୍ ଟନ୍ କୋଇଲା ବିଦ୍ୟୁତ୍ ଚୁଲାରେ ପୋଡ଼ାଯାଉଛି। ପୋଡ଼ା କୋଇଲାର ଅବଶିଷ୍ଟାଂଶକୁ ଫ୍ଲାଏଆଶ୍ ବା ଉଡ଼ନ୍ତା ପାଉଁଶ କୁହାଯାଏ। କୋଇଲାରୁ ୭୦୦ ମେଗାୱାଟ ବିଦ୍ୟୁତ ପାଇବା ପାଇଁ ପ୍ରତିଦିନ ପ୍ରାୟ ୯ହଜାର ମେଟ୍ରିକ ଟନ୍ କୋଇଲା ତାଳଚେରରେ ପୋଡ଼ାଯାଉଛି। ଏଥିରୁ ପ୍ରାୟ ୩୫୦୦ ଟନ୍ ପାଉଁଶ ସ୍ଲରି ନିର୍ଗତ ହୋଇଥାଏ। ଏହାକୁ ଧରିରଖିବା ଲାଗି ପ୍ରାୟ ୨୦୦ ଏକର ପରିମିତ ଜମି ଆବଶ୍ୟକ ହୋଇଥାଏ। ଉକ୍ତ ପାଉଁଶ ସ୍ଲରି ନିକଟସ୍ଥ କୃଷି କ୍ଷେତ୍ରରେ ପ୍ରବେଶକରି ମାଟିକୁ ପ୍ରଦୂଷିତ କରେ। ପରୀକ୍ଷାରୁ ଜଣାଯାଇଛି ଯେ, ଉକ୍ତ ପରିମାଣ ପାଉଁଶରେ ଗୁରୁଧାତୁ ହିସାବରେ ୭୦୮ କିଲୋଗ୍ରାମ ଲୁହା, ୫୬ କିଲୋଗ୍ରାମ ଜିଙ୍କ୍, ୪୫ କିଲୋଗ୍ରାମ କପର, ୫୧ କିଲୋଗ୍ରାମ କାଡ୍‌ମିୟମ, ୬୦ କିଲୋଗ୍ରାମ କ୍ରୋମିୟମ, ୫୬ କିଲୋଗ୍ରାମ ନିକେଲ ଓ ୧୧୨ କିଲୋଗ୍ରାମ କୋବାଲଟ୍ ଆଦି ଭରପୂର ଅଛି। ଏହାଛଡା ପାଉଁଶରେ ରେଡିଓଆକ୍ଟିଭ ପଦାର୍ଥ ଯଥା ଥୋରିୟମ ଓ ୟୁରାନିୟମ ଭଳି ବିଷାକ୍ତ ପଦାର୍ଥମାନ ମଧ୍ୟ ରହିଛି। ଉପରୋକ୍ତ ଗୁରୁଧାତୁ ଓ ରେଡିଓଆକ୍ଟିଭ ପଦାର୍ଥ ପାଉଁଶ ସହ ମାଟିରେ ମିଶି ମାଟିକୁ ପ୍ରଦୂଷିତ କରେ। ପାଉଁଶ ସ୍ଲରିରେ ଥିବା ବିଷାକ୍ତ ଧାତୁ ନିକଟସ୍ଥ କୂଅ, ପୋଖରୀ ଓ ନଦୀରେ ମିଶି ଜଳକୁ ପ୍ରଦୂଷିତ କରେ। ଉକ୍ତ ପ୍ରଦୂଷିତ ଜଳ ଫସଲ ଏବଂ ପ୍ରାଣୀଙ୍କ ପାଇଁ ବିଶେଷ କ୍ଷତିକାରକ।

ରାଜ୍ୟରେ ଥିବା ବିଭିନ୍ନ କାରଖାନାରୁ ପ୍ରତିଦିନ ବହୁ ବିଷାକ୍ତ ବର୍ଜ୍ୟ ବସ୍ତୁ ଓ ଧୂଆଁ ବାହାରୁଛି। ଉକ୍ତ ବର୍ଜ୍ୟବସ୍ତୁରେ ଅନେକ ପରିମାଣର ଗୁରୁଧାତୁମାନ ଭୂପୃଷ୍ଠସ୍ଥ ମାଟିରେ ମିଶି ମାଟିକୁ ପ୍ରଦୂଷିତ କରେ। ଧୂଆଁରେ ଥିବା କାର୍ବନ ଡାଇଅକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ୍ ଓ ନାଇଟ୍ରିସ ଅକ୍ସାଇଡ୍ ଆଦି ବିଷାକ୍ତ ବାଷ୍ପ, ବର୍ଷା ଜଳରେ ଦ୍ରବିଭୂତ ହୋଇ ଭୂପୃଷ୍ଠସ୍ଥ ମାଟିରେ ମିଶି ମାଟିକୁ ଅମ୍ଳ କରେ। ଅମ୍ଳ ମାଟି ଫସଲ ପାଇଁ କ୍ଷତିକାରକ।

ଅନୁଗୋଳସ୍ଥ ଆଲୁମିନିୟମ କାରଖାନାରୁ ପ୍ରତିଦିନ ବକ୍ସାଇଟ ମିଶା ପଥରରୁ ଆଲୁମିନା ଧାତୁ ପାଇବା ପାଇଁ ଫ୍ଲୋରାଇଡ୍ ଥିବା ରାସାୟନିକ ପଦାର୍ଥ ମିଶା ଯାଉଛି। ଫ୍ଲୋରାଇଡ୍ ଏକ ବିଷାକ୍ତ ରାସାୟନିକ ପଦାର୍ଥ। ଉକ୍ତ ଫ୍ଲୋରାଇଡ୍ ବକ୍ସାଇଟ ପଥରରେ ଥିବା ବିଭିନ୍ନ ଧାତୁ ସହିତ ବର୍ଜ୍ୟବସ୍ତୁ ରୂପେ ବାହାରି ମାଟି ଓ ଜଳକୁ ପ୍ରଦୂଷିତ କରେ। ଫ୍ଲୋରାଇଡ୍ ଗ୍ୟାସ ମଧ ବିଷାକ୍ତ। ଫ୍ଲୋରାଇଡ୍‌ଯୁକ୍ତ ପନିପରିବା, ଶସ୍ୟ ଓ ଜଳ ଆମ ଶରୀରକୁଯାଇ ଆମର ହାଡ଼ ଓ ଦାନ୍ତକୁ ବିକଳାଙ୍ଗ କରେ।

ଯାଜପୁର ଜିଲାର ସୁକିନ୍ଦା ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳରେ କ୍ରୋମିୟମ ପ୍ରସ୍ତର ଅଛି। ସୁକିନ୍ଦାରେ ଏକାଧିକ କ୍ରୋମିୟମ ଖଣି ଖୋଳାଯାଇ କ୍ରୋମିୟ ଧାତୁ ମିଶା ମାଟି ବାହାର କରାଯାଉଛି। କ୍ରୋମିୟମ ଏକ ପ୍ରଦୂଷିତ ଧାତୁ। ଏହା ବିଭିନ୍ନ ଚର୍ମ ଏବଂ ପେଟ ରୋଗର କାରଣ। ଏହି ଅଞ୍ଚଳର ମାଟି, ଜଳ ଓ ବିଭିନ୍ନ ଫସଲକୁ ପରୀକ୍ଷା କରି ଦେଖାଯାଇଛି ଯେ ଏଥିରେ ବିପଦପୂର୍ଣ୍ଣ ପରିମାଣର କ୍ରୋମିୟମ ଅଛି।



ପାରାଦୀପଠାରେ ଥିବା ଫସ୍‌ଫେଟ ସାରକାରଖାନାରୁ ପ୍ରତି ବର୍ଷ ପ୍ରାୟ ୨.୫ ମିଲିୟନ ଟନ୍ ଜିପସମ ନାମକ ବର୍ଜ୍ୟବସ୍ତୁ ବାହାରୁଛି। ଉକ୍ତ ବର୍ଜ୍ୟବସ୍ତୁ ନିକଟସ୍ଥ ଅଞ୍ଚଳର ମାଟିକୁ ଅମ୍ଳ କରି ପ୍ରଦୂଷିତ କରୁଛି। ଅବଶ୍ୟ ସ୍ୱଳ୍ପ ପରିମାଣର ଜିପସମକୁ କେତେକ ଡାଲି ଓ ତୈଳବୀଜ ଜାତୀୟ ଫସଲରେ ସାବଧାନତା ସହ ପ୍ରୟୋଗ କଲେ ଗଛ ଗନ୍ଧକ ନାମକ ଖାଦ୍ୟସାର ପାଇ ଅମଳ ବଢ଼େ।

ଓଡ଼ିଶାର ପାଞ୍ଚଗୋଟି ମୁଖ୍ୟ ସହର ଯଥା– କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରୁ ପ୍ରତିଦିନ ପ୍ରାୟ ୪ରୁ ୧୦ ହଜାର ଟନ୍‌ରୁ ଅଧିକ ବର୍ଜ୍ୟବସ୍ତୁ ଅଣନିୟନ୍ତ୍ରଣ ଅବସ୍ଥାରେ ସହର ତଳି ଅଞ୍ଚଳରେ ଗଦା କରାଯାଉଥିବାରୁ ଏହି ଅଞ୍ଚଳର ମାଟି ଓ ପାନୀୟ ଜଳ ପ୍ରଦୂଷିତ ହେଉଛି। ଉକ୍ତ ବର୍ଜ୍ୟବସ୍ତୁ ସବୁକୁ ଯାନ୍ତ୍ରିକ ପ୍ରଣାଳୀରେ କମ୍ପୋଷ୍ଟ କରାଗଲେ ପରିବେଶ ପ୍ରଦୂଷଣମୁକ୍ତ ହେବା ସହ କମ୍ପୋଷ୍ଟ କୃଷିକ୍ଷେତ୍ରରେ ବ୍ୟବହୃତ ହୋଇ ମ୍ୟୁନିସିପାଲିଟିର ଆୟ ବଢ଼ିବ।

ବର୍ଦ୍ଧିତ ଲୋକସଂଖ୍ୟାର ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ବର୍ତ୍ତମାନ ଚାଷୀ ଅଧିକ ଅମଳକ୍ଷମ ଏବଂ ସଙ୍କର କିସମ ଶସ୍ୟ ଓ ପନିପରିବା ଚାଷ କରୁଛନ୍ତି। ଉକ୍ତ ଫସଲରୁ ଆଶାନୁରୂପ ଅମଳ ପାଇବା ପାଇଁ ଚାଷୀମାନେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ କରୁଛନ୍ତି। ଏହା ଦ୍ୱାରା ମୃତ୍ତିକାର ଭୌତିକ, ରାସାୟନିକ ଏବଂ ଜୈବିକ ଗୁଣର ପରିବର୍ତ୍ତନ ଘଟୁଛି। ଜୈବିକ ଖତର ଅଭାବରେ ମାତ୍ରାଧିକ ପରିମାଣର ୟୁରିଆ ସାର ପ୍ରୟୋଗ ଦ୍ୱାରା ମୃତ୍ତିକାର ଗଠନର ପରିବର୍ତ୍ତନ ଘଟି ପ୍ରଦୂଷିତ ହେଉଛି। ଅଧିକ ରାସାୟନିକ ସାର ପ୍ରୟୋଗ ଦ୍ୱାରା ଫସଲ ସବୁଜ ଓ ନରମ ହୋଇ ବଢୁଛି। ଏହାଦ୍ୱାରା ଫସଲ ବିଭିନ୍ନ ମାରାତ୍ମକ ରୋଗ ଓ ପୋକ ଦ୍ୱାରା ଆକ୍ରାନ୍ତ ହେଉଛି। ଏହାର ପ୍ରତିକାର ପାଇଁ ବହୁ ପରିମାଣର ରୋଗ ଓ ପୋକ ନିରୋଧକ ବିଷାକ୍ତ ଔଷଧ ପ୍ରୟୋଗ କରାଯାଉଛି। ଉକ୍ତ ବିଷାକ୍ତ ଔଷଧ ମାଟିରେ ମିଶି ଏହାକୁ ପ୍ରଦୂଷଣ କରୁଛି। ଏପ୍ରକାର ପ୍ରଦୂଷଣ ଓଡ଼ିଶାର ଜଳସେଚିତ ଜିଲାଗୁଡ଼ିକରେ ବେଶି ପରିମାଣରେ ପରିଲକ୍ଷିତ ହେଉଛି।

**–ଶୈଳଶ୍ରୀ ବିହାର, ଭୁବନେଶ୍ୱର**
**ମୋ:୯୫୫୬୨୬୬୦୮୫**

## ଚଳିତ ବର୍ଷ ପାଇଁ ବାର୍ତ୍ତା

ଚଳିତ ବର୍ଷ ବିଶ୍ୱ ମୃତ୍ତିକା ଦିବସ ଲାଗି ବାର୍ତ୍ତା ରହିଛି -"KEEP SOIL ALIVE AND PROTECT SOIL BIODIVERSITY" ଅର୍ଥାତ୍ 'ମାଟିକୁ ଜୀବନ୍ତ ରଖନ୍ତୁ ଓ ତା'ର ଜୈବ ବିବିଧତାକୁ ସୁରକ୍ଷା ଦିଅନ୍ତୁ।



# କୃଷିର ଆଧାର

ଆବହମାନ କାଳରୁ କୃଷି ଉପରେ ନିର୍ଭର କରି ମାନବ ସଭ୍ୟତାର ବିକାଶ ଘଟିଛି। ସଭ୍ୟତାର ବିକାଶ ପଥରେ କୃଷି ନିର୍ଭରଶୀଳ ରାଷ୍ଟ୍ର ଧିରେ ଧିରେ ଆଗକୁ ବଢିଛି। ଆଜି ଯାହାକୁ ବିକାଶଶୀଳ ରାଷ୍ଟ୍ର ହିସାବରେ ଆମେ ପରିଗଣିତ କରୁଛୁ। ଇତିହାସର ପୃଷ୍ଠାକୁ ଓଲଟାଇଲେ ଆମେ ଜାଣିବା ବିକାଶ ପଥରେ କୃଷି ହିଁ ରହିଛି ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ। ଖାଦ୍ୟର ଚାହିଦା ପରିବର୍ତ୍ତନଶୀଳ। ପଚାଶ ବର୍ଷ ପୂର୍ବରୁ ଖାଦ୍ୟର ଚାହିଦା ଓ ଶୈଳୀ ଏବଂ ବର୍ତ୍ତମାନର ଖାଦ୍ୟ ଶୈଳୀ ଓ ଚାହିଦାକୁ ପର୍ଯ୍ୟାଲୋଚନା କଲେ ଜାଣିପାରିବା ପରିବର୍ତ୍ତନକୁ। ଭାରତବର୍ଷର ହାରାହାରି ୭୦% ଲୋକ କୃଷିକୁ ହିଁ ନିଜର ଜୀବିକା ମାନିଥାଆନ୍ତି। ସେମାନେ ହିଁ ଖାଦ୍ୟ ଯୋଗାଇଥାନ୍ତି ଦେଶବାସୀଙ୍କୁ।

ପରିବର୍ତ୍ତନଶୀଳ କୃଷି ହିଁ ଖାଦ୍ୟ ଚାହିଦାକୁ ଦେଖିବା ସହିତ ଆଜିର ଯୁବ ପିଢିଙ୍କୁ ଆତ୍ମନିର୍ଭରଶୀଳ ହେବାର ବାଟ ଦେଖାଇଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପାଇଁ କୃଷି ଉଦ୍ୟୋଗର ବିକାଶ ଅପରିହାର୍ଯ୍ୟ। ବିଶେଷ ଭାବରେ ଓଡ଼ିଶାର ପ୍ରାକୃତିକ ସମ୍ବଳର ବିନିଯୋଗ କୃଷିରେ ବଡ଼ ପରିବର୍ତ୍ତନର ଆହ୍ୱାନ ସୃଷ୍ଟି କରିପାରିବ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରାକୃତିକ ସମ୍ବଳ ଅର୍ଥାତ୍ ମାଟି, ପାଣି, ବନଲତା ଓ ଜୀବଜନ୍ତୁ। କୃଷିର ଆଧାର ହେଲା ମାଟି। ବର୍ତ୍ତମାନର ପରିସ୍ଥିତିରେ ମାଟିର ଯତ୍ନ ନେବା ନିହାତି ଆବଶ୍ୟକ। ସଘନ ଚାଷ ପ୍ରଣାଳୀରେ କୃଷି କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟରେ ମାଟି ଅସନ୍ତୁଳିତ ହୋଇପଡୁଛି। ବିଭିନ୍ନ ରାସାୟନିକ ସାରର ପ୍ରୟୋଗ, ଘାସମରା ଔଷଧର ପ୍ରୟୋଗ, ରାସାୟନିକ କୀଟନାଶକ ଆଦିର ପ୍ରୟୋଗ ଦ୍ୱାରା ମାଟି ସ୍ୱାସ୍ଥ୍ୟର ଅବନତି ଘଟୁଛି। ଅନ୍ୟପଟେ ଜୈବିକ ଖତର ପ୍ରୟୋଗ ବହୁ ପରିମାଣରେ କମି ଯାଉଛି। ଏଭଳି ପରିସ୍ଥିତିରେ ଆବଶ୍ୟକତାକୁ ଆଖିରେ ରଖି ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଖତର ଉତ୍ପାଦନ ବଢ଼ାଇବାର ଲକ୍ଷ୍ୟ ରଖିବା ଆବଶ୍ୟକ। ଏ ଦିଗରେ ଚାଷୀର ମନୋବଳ ବଢ଼ାଇବା ପାଇଁ ବିଭାଗ ତଥା ପ୍ରଶାସନର ଭୂମିକା ରହିଛି। ବିଭିନ୍ନ ଉପଲବ୍ଧ ପ୍ରାକୃତିକ ସମ୍ବଳର ବିନିଯୋଗ କରାଯାଇ ଚାଷୀ କିପରି ତା' ମାଟିର ସ୍ୱାସ୍ଥ୍ୟ ଯତ୍ନ ନେଇପାରିବ, ସେ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି। କେବଳ ରାସାୟନିକ ସାର ଉପରେ ନିର୍ଭର ନ କରି ଚାଷୀ ତା'ର ଚତୁଃପାର୍ଶ୍ୱରେ ରହିଥିବା ଜୈବ ବସ୍ତୁକୁ ଖତରେ ରୂପାନ୍ତରିତ କରି ଚାଷରେ ପର୍ଯ୍ୟାୟକ୍ରମେ ଲଗାଇପାରିଲେ ଆଶାନୁରୂପ ଅମଳ କରିପାରିବ। ଏଥିରେ କର୍ମ ନିଯୁକ୍ତି ସୃଷ୍ଟି ହେବା ସହିତ ଚାଷୀ ସ୍ୱାବଲମ୍ବୀ ହୋଇପାରିବ। ଜୈବିକ କୃଷିର ଚାହିଦା ଦିନକୁ ଦିନ ବଢୁଛି। ପ୍ରତ୍ୟେକ ନାଗରିକ ଚିନ୍ତା କରିବା ଜରୁରୀ, ସେ ନିଜ ପାଇଁ ଓ ଅନ୍ୟ ଏକ ପରିବାର ପାଇଁ କିପରି ଖାଦ୍ୟ ଉତ୍ପାଦନ କରିପାରିବ। ନିଜ ବାଡ଼ିରେ ତଥା ନିଜ ଘରେ ଚାହିଁଲେ ବି ଦିନିକିଆ ପରିବା ଉତ୍ପାଦନ କରିପାରିବ।

**'ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ପାଇଁ କୃଷି ଉଦ୍ୟୋଗର ବିକାଶ ଅପରିହାର୍ଯ୍ୟ। ବିଶେଷ ଭାବରେ ଓଡ଼ିଶାର ପ୍ରାକୃତିକ ସମ୍ବଳର ବିନିଯୋଗ କୃଷିରେ ବଡ଼ ପରିବର୍ତ୍ତନର ଆହ୍ୱାନ ସୃଷ୍ଟି କରିପାରିବ...'**

ମରୁଡ଼ି ଓ ବନ୍ୟା, ଆମ ରାଜ୍ୟର ଅର୍ଥନୈତିକ ମାନଦଣ୍ଡକୁ ବିଶେଷ ଭାବରେ ପ୍ରଭାବିତ କରିଛି। ଦୀର୍ଘ ଦଶନ୍ଧି ଭିତରେ ଆମେ ପ୍ରାୟ ପ୍ରତିବର୍ଷ ମରୁଡ଼ି କିମ୍ବା ବନ୍ୟା ଦ୍ୱାରା ପ୍ରବାବିତ ହେଉଛୁ। ପରିବର୍ତ୍ତିତ ଜଳବାୟୁ ଦ୍ୱାରା ଆଗକୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଏ ଦିଗରେ ସୂକ୍ଷ୍ମ ଯୋଜନାର ଆବଶ୍ୟକତା ରହିଛି। ଆଜିର ଯୁବପିଢ଼ୀଙ୍କୁ ଆହ୍ୱାନ, ଆଗେଇ ଆସନ୍ତୁ ଏ ଦିଗରେ ଚିନ୍ତା କରନ୍ତୁ। ନିଜେ ସ୍ୱାବଲମ୍ବୀ ହେବା ସହିତ ରାଜ୍ୟ ଓ ଦେଶର ବିକାଶରେ ଭାଗିଦାରୀ ହୁଅନ୍ତୁ।

**–ମନୋଜ କୁମାର ଚାନ୍ଦ**
ସହକାରୀ କୃଷି ନିର୍ଦ୍ଦେଶକ(ମୃତ୍ତିକା ରସାୟନ), ମୟୂରଭଞ୍ଜ

# ଜୀବନ ସଞ୍ଜୀବନୀ

ପ୍ରତ୍ୟେକ ବର୍ଷ ଡିସେମ୍ବର ୫କୁ ବିଶ୍ୱ ମୃତ୍ତିକା ଦିବସ ଭାବେ ପାଳନ କରାଯାଉଛି। ମୃତ୍ତିକାର ଯତ୍ନ ସମ୍ପର୍କିତ କାର୍ଯ୍ୟକ୍ରମକୁ ବହୁଳ ପ୍ରସାର କରାଇଥିଲେ ଥାଇଲାଣ୍ଡର ରାଜା ଭୂମିବଳ ଆଦୂଲ୍ୟାଦେଜ୍। ତାଙ୍କ ଜନ୍ମ ଦିବସ ସ୍ମରଣରେ ଏହି ଦିନକୁ ବିଶ୍ୱ ମୃତ୍ତିକା ଦିବସ ଭାବେ ପାଳନ କରାଯାଉଛି। ଦିବସ ପାଳନର ମୂଳ ଲକ୍ଷ୍ୟ ହେଲା ମୃତ୍ତିକା ସ୍ୱାସ୍ଥ୍ୟ, ମୃତ୍ତିକା ପରିବେଶ ଓ ମୃତ୍ତିକାର ଚିରନ୍ତନ ପରିଚାଳନା ବିଷୟରେ ସଚେତନ କରାଇବା।

ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି –'ମାଟିକୁ ଜୀବନ୍ତ ରଖନ୍ତୁ ଓ ତା'ର ଜୈବ ବିବିଧତାକୁ ସୁରକ୍ଷା ଦିଅନ୍ତୁ। ଅନ୍ୟାନ୍ୟ ଜୀବନ୍ତ ଜୀବ ପରି ମୃତ୍ତିକା ମଧ ଜୀବନ୍ତ କାରଣ ଏହା ପାଇଁ ବାୟୁ ଓ ଜଳର ଉପସ୍ଥିତି ଏକାନ୍ତ ଆବଶ୍ୟକ। ମୃତ୍ତିକା ମଧ ବିଭିନ୍ନ ଜୈବବିବିଧତା ଯଥା– ଜୀବ, ଅଣୁଜୀବ ଓ ଶୈବାଳର ଗନ୍ତାଘର। ମାଟି ହେଉଛି ମାଆଟି ଓ ମୋଟାମୋଟି ଭାବରେ ମନୁଷ୍ୟର ଜୀବନ ଓ ଜୀବିକା ମୃତ୍ତିକା ଉପରେ ନିର୍ଭରଶୀଳ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ପେଟପୂରା ଆହାର ଯୋଗାଇବାକୁ ହେଲେ ମୃତ୍ତିକାକୁ ସଜୀବ ରଖି ଏହାର ଜୈବ ବିବିଧତାକୁ ବଜାୟ ରଖିବାକୁ ପଡ଼ିବ। ଆଜିର ଏହି ଦିବସରେ ମୃତ୍ତିକାର ଜୈବିକ ପରିବେଶ ଉଲ୍ଲେଖଯୋଗ୍ୟ। ମୃତ୍ତିକା ଅସଂଖ୍ୟ ଅଣୁଜୀବ ଓ ଜୀବରେ ପରିପୂର୍ଣ୍ଣ। ଏଠାରେ ପ୍ରକାଶ କରାଯାଇପାରେ ଯେ ଏକଚାମଚ ମାଟିରେ ପ୍ରାୟତଃ ଲକ୍ଷ ଲକ୍ଷ ଅଣୁଜୀବ ରହିଅଛନ୍ତି। ତେଣୁ ଅଣୁଜୀବ, ବିଭିନ୍ନ ଜୀବ ତଥା ବିଭିନ୍ନ ବର୍ଗର ଜିଆ, କବକ, ବୀଜାଣୁ ପ୍ରୋଟୋଜୋଆ ଓ ସୂତ୍ରକୃମି ଦ୍ୱାରା ପରିପୂର୍ଣ୍ଣ। ତେଣୁ ଜୀବିତ ପ୍ରାଣୀଙ୍କର ବଂଶ ବିସ୍ତାର ପାଇଁ ମାଟିକୁ ଉତ୍ତମ ବାୟୁଚାଳନା, ମଧ୍ୟମ ତାପମାତ୍ରା, ମୃତ୍ତିକାର ଜଳୀୟ ଅଂଶ ଓ ମୃତ୍ତିକାକୁ ହାଲୁକା ରଖିବାକୁ ପଡ଼ିବ।



ଜଳବାୟୁ ପରିବର୍ତ୍ତନ ଦ୍ୱାରା ବିଶ୍ୱତାପନ ଓ ଉଚ୍ଚ ତାପମାତ୍ରା ବୃଦ୍ଧି, ସ୍ୱଳ୍ପବର୍ଷା ଯୋଗୁ ମୃତ୍ତିକାର ଜୈବିକ ବିବିଧତା ବହୁଳ ମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା ଓ ବର୍ଷାର ତୀବ୍ରତା ଯୋଗୁ ମୃତ୍ତିକା କ୍ଷୟ, ଖାଦ୍ୟସାର ଜଳରେ ଦ୍ରବୀଭୂତ ହୋଇ ମୃତ୍ତିକାର ଗଭୀରତମ ସ୍ତରକୁ ପ୍ରବେଶ ତଥା ମୃତ୍ତିକାରେ ଅମ୍ଳଜାନର ପରିମାଣ ହ୍ରାସ ଓ ମୃତ୍ତିକାର ଅମ୍ଳତ୍ୱ ବୃଦ୍ଧି ଦ୍ୱାରା ଏହାର ଜୀବ, ଅଣୁଜୀବଙ୍କ ବଂଶବିସ୍ତାର ହୋଇପାରେ ନାହିଁ। ତେଣୁ ଏହାର ନିରାକରଣ ସକାଶେ ବୃକ୍ଷରୋପଣ ଆଦି ଯୋଜନା ବହୁଳଭାବରେ ଆପଣାଇ ନେବାକୁ ପଡ଼ିବ। କାରଣ ବୃକ୍ଷର ମୂଳ ଅଂଶରେ ପାଖାପାଖି କୋଟି କୋଟି ବୀଜାଣୁ ରହିଥାନ୍ତି। ଏହି ଜୀବନ୍ତ ଜୀବ ଓ ଅଣୁଜୀବ ଅହରହ ବିଭିନ୍ନ ରାସାୟନିକ କ୍ରିୟା ଦ୍ୱାରା ମୃତ୍ତିକାରେ ବିଘଟିତ ଖାଦ୍ୟସାର ଫସଲ ନିମନ୍ତେ ଉପଲବ୍ଧ କରାନ୍ତି। ମୃତ୍ତିକାରେ ଥିବା ବିଭିନ୍ନ ଶୈବାଳ ଜାତୀୟ ଗୁଳ୍ମ ସବୁଜଗୃହ ଗ୍ୟାସ ଓ ଅଙ୍ଗାରକାମ୍ଳ ଗ୍ୟାସକୁ ମୃତ୍ତିକାରେ ବାନ୍ଧି ରଖିଥାଏ ; ଯାହା କି ଅନ୍ୟଥା ଏହି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବାୟୁମଣ୍ଡଳକୁ ଯାଇ ଅତ୍ୟଧିକ ତାପମାତ୍ରା ବୃଦ୍ଧି କରିଥାନ୍ତି। ଯେକୌଣସି ଫସଲର ମୁଖ୍ୟ ଖାଦ୍ୟସାର ହିସାବରେ ଯବକ୍ଷାରଜାନ ହେଉଛି ମୁଖ୍ୟ ଏବଂ ଚାଷୀମାନେ ଅତ୍ୟଧିକ ମୂଲ୍ୟ ଦେଇ ଏହାକୁ କ୍ରୟ କରି ଫସଲରେ ପ୍ରୟୋଗ କରନ୍ତି। କିନ୍ତୁ ବାୟୁମଣ୍ଡଳର ବହୁଳାଂଶ ଯବକ୍ଷାରଜାନରେ ପୂର୍ଣ୍ଣ। ଏହି ପ୍ରାକୃତିକ ସାରକୁ ଆମର ପ୍ରକୃତି ମିତ୍ର ମୃତ୍ତିକାର ବିଭିନ୍ନ କବକ ଉପଯୋଗ କରି ମୃତ୍ତିକାରେ ଗଚ୍ଛିତ କରିବାର କ୍ଷମତା ରହିଛି। ରାଇଜୋବିୟମ୍ ଗୋଟିଏ ଏହିପରି ବାୟବିକ କବକ, ଯିଏ ଡାଲିଜାତୀୟ ଫସଲରେ ଚେରରେ ଗଣ୍ଠି ସୃଷ୍ଟି କରି ବାୟୁମଣ୍ଡଳର ଯବକ୍ଷାରଜାନ ସାରକୁ ଉପଲବ୍ଧ କରାଇଥାଏ। ଅର୍ଥାତ୍ ସଦାସର୍ବଦା ଚେଷ୍ଟା କରିବା ଯେମିତି କି ମୃତ୍ତିକାରେ ଅଧିକରୁ ଅଧିକ ଅତ୍ୟାବଶ୍ୟକ ମୁଖ୍ୟ, ଗୌଣ ଓ କ୍ଷୁଦ୍ର ଖାଦ୍ୟସାର ଗଚ୍ଛିତ ରହିଥିବ। ଫସଲର ଅବଶିଷ୍ଟାଂଶ କ୍ଷେତରେ ହିଁ ଜାଳିଦେବା ଭଳି କାର୍ଯ୍ୟ ଏହି ମୃତ୍ତିକାର ସମସ୍ୟାକୁ ବଢାଇ ଦେଉଛି। ତେଣୁ ଚାଷୀ ମହଲରେ ସଚେତନତା ଆଣି ଫସଲର ଅବଶିଷ୍ଟାଂଶକୁ ଜାଳିବାରୁ ରୋକିବାକୁ ପଡ଼ିବ।

ସର୍ବୋପରି କହିବାକୁ ଗଲେ ଉତ୍ତମ ମୃତ୍ତିକା ପରିଚାଳନା, ଫସଲ ପ୍ରଣାଳୀ, ଉତ୍ତମ ମୃତ୍ତିକାର ଜଳଧାରଣ କ୍ଷମତା, ଖାଦ୍ୟସାରର ଉପଲବ୍ଧ, ଜୈବ ବିବିଧତାରେ ପରିପୂର୍ଣ୍ଣ, ମୃତ୍ତିକା ଅଙ୍ଗାରକ ଭଣ୍ଡାର, ମୃତ୍ତିକା ଜୈବିକ ପଦାର୍ଥ, ଏକ ସୁସ୍ଥ ଓ ଜୀବିତ ମୃତ୍ତିକା ପାଇଁ ଅପରିହାର୍ଯ୍ୟ। ଚାଷୀମାନଙ୍କୁ ଯତ୍ନବାନ ହେବାକୁ କେତେକ ପରାମର୍ଶ ଦିଆଯାଉଛି।

**ଫସଲର ଅବଶିଷ୍ଟାଂଶ କ୍ଷେତରେ ଜାଳିବା ଦ୍ୱାରା ମୃତ୍ତିକାର ବିଭିନ୍ନ ଜୈବ ବିବିଧତା ସଂଖ୍ୟା ପୋଡ଼ି ମରିଯିବେ; ଫଳରେ ମୃତ୍ତିକା ମୃତବତ୍ ହୋଇଯିବ। ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ ଆମେ ପ୍ରାକୃତିକ ମାଟି ତିଆରି କରିପାରିବା ନାହିଁ। ତେଣୁ ମାଟିର ବ୍ୟବହାର ଯତ୍ନପୂର୍ବକ କରିବା ଆବଶ୍ୟକ।**

- ☆ ମୃତ୍ତିକା କ୍ଷମତାରେ ହ୍ରାସ ବା ସ୍ୱଳ୍ପ ଚାଷ ପ୍ରତି ଧ୍ୟାନ ଦେବା।
- ☆ ମୃତ୍ତିକାର କଠିନତାକୁ ପରିଚାଳନା କରିବା।
- ☆ ମୃତ୍ତିକା ଆଚ୍ଛାଦନ ଫସଲ ଚାଷ କରିବା।
- ☆ ଉତ୍ତମ ଫସଲ ଚକ୍ର ପର୍ଯ୍ୟାୟ।
- ☆ ମୃତ୍ତିକାରେ ଜୈବିକ ଓ ରାସାୟନିକ ସଂଶୋଧନର ପ୍ରୟୋଗ।

ଉପରୋକ୍ତ ପ୍ରଣାଳୀ ଅବଲମ୍ବନ କଲେ ଆମେ ମୃତ୍ତିକା କ୍ଷୟ ହ୍ରାସ କରିପାରିବା। ଏତଦ୍ୱାରା ମୃତ୍ତିକାର ଜୈବବିବିଧତା ସଂଖ୍ୟା ବୃଦ୍ଧି ପାଇ ମୃତ୍ତିକାରୁ ବିଭିନ୍ନ ଖାଦ୍ୟସାର ଫସଲକୁ ମିଳିଯାଏ। ମୃତ୍ତିକାକୁ ଜୀବିତ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ରଖିବା ପାଇଁ ଏକ ଉତ୍ତମ ସୁଚିନ୍ତିତ ପ୍ରଣାଳୀ ଆପଣେଇବା ଆବଶ୍ୟକ। ମୃତ୍ତିକାରେ ଜୈବ ପଦାର୍ଥର ବୃଦ୍ଧି, ମୃତ୍ତିକା ଜଳର ସୁପ୍ରବେଶ, ବାୟୁଚଳାଚଳରେ ବୃଦ୍ଧି, ମୃତ୍ତିକାର ଜଳଧାରଣ କ୍ଷମତାରେ ବୃଦ୍ଧି ଓ ମାଟିର ସମସ୍ୟା ଅନୁଯାୟୀ ମୃତ୍ତିକା ସଂଶୋଧନର ପ୍ରୟୋଗ ଦ୍ୱାରା ମୃତ୍ତିକା ଓ ଫସଲର ଏକ ପ୍ରବାହ ସୃଷ୍ଟିକରି ମୃତ୍ତିକା ଚିରନ୍ତନ ଉତ୍ପାଦନର ସ୍ରୋତ କରି ଗଢ଼ି ଉଠିବ। ଏହା ହିଁ ଆଜିର ସଙ୍କଳ୍ପ ହେଉ।

**–ମିନାକ୍ଷୀ ପୃଷ୍ଟି, ମୋନିକା ରାୟ, ସଞ୍ଜୀବ ବିଶ୍ୱାସୀ**
**ଓୟୁଏଟି**

**ବିଶ୍ୱ ମୃତ୍ତିକା ଦିବସ – ୨୦୨୦**

ବିଶ୍ୱ ମୃତ୍ତିକା ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।
ମାଟି ମାଆର ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଶ୍ୱ ମୃତ୍ତିକା ଦିବସ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାସ୍ଥିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେଉଅଛି। 'ଆମର ମାଟି ମାଆକୁ ଜୀବନ୍ତ ରଖିବା ଓ ଏହାର ଜୈବ ବିବିଧତାକୁ ସୁରକ୍ଷା ଦେବା' ଆଜିର ଲକ୍ଷ୍ୟ। ଆମ ଚାଷୀଭାଇମାନେ ନିଜ ନିଜର ମାଟି ନମୁନାକୁ ପରୀକ୍ଷା କରାଇ ମାଟିରେ ଥିବା ଉପାଦାନ ମୁତାବକ ଖତସାର ପ୍ରୟୋଗ କରି ମାଟିକୁ ସୁରକ୍ଷା ଦେବା।
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମୟୂରଭଞ୍ଜ

**କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି**

**ବିଶ୍ୱ ମୃତ୍ତିକା ଦିବସ** ଉପଲକ୍ଷେ ମାଲକାନଗିରି ଜିଲ୍ଲାରେ ସମସ୍ତ କୃଷକ ଭାଇଭଉଣୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଧରିତ୍ରୀ ମାତା କୋଳରେ ଆମେ ଜୀବଜଗତ ଓ ପ୍ରାଣୀଜଗତ ବଞ୍ଚି ରହିଛୁ । ମୃତ୍ତିକା ବିନା ଜୀବଜଗତ ଓ ପ୍ରାଣୀଜଗତ ବଞ୍ଚିବା ଅସମ୍ଭବ। ମୃତ୍ତିକା ଖାଦ୍ୟ ଉତ୍ପାଦରେ ପ୍ରମୁଖ ଭୂମିକା ତୁଲାଇଥାଏ । ତେଣୁ ଆମେ ମାଟିକୁ ମା' ବୋଲି କହୁ । ଏହି ମାଟି ମାଁର ସ୍ୱାସ୍ଥ୍ୟ ଖରାପ ହେଲେ ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ପ୍ରତ୍ୟେକ କୃଷି ଭାଇ ଭଉଣୀମାନେ ଯେକୌଣସି ଚାଷ କରିବା ପୂର୍ବରୁ ନିଜ ନିଜର ଜମିର ମାଟି ଏହି କେନ୍ଦ୍ରରେ ମାଗଣାରେ ପରୀକ୍ଷା କରି ନିଅନ୍ତୁ । ଆମର ଉଦ୍ଦେଶ୍ୟ, କୃଷକ ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିବା, କୃଷି ଉତ୍ପାଦନକୁ ବୃଦ୍ଧି କରିବା, ଚାଷୀଙ୍କ ଆର୍ଥିକ ଉନ୍ନତି ବୃଦ୍ଧି କରିବା । ସୁସ୍ଥ ମୃତ୍ତିକା ଏହା ହିଁ ଆମକୁ ପ୍ରେରଣା ଯୋଗାଇବ । କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି, ଓଡ଼ିଶା

**ବିଶ୍ୱ ମୃତ୍ତିକା ଦିବସ**

ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଅନୁଗୋଳ ଆତ୍ମା ସମ୍ମିଳନୀ କକ୍ଷଠାରେ ୫ ଡିସେମ୍ବର ୨୦୨୦ ଦିନ ପାଳନ କରାଯିବ। କୃଷି ବିଜ୍ଞାନ କେନ୍ଦ୍ର ଓ ଜିଲ୍ଲା କୃଷି ବିଭାଗର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମରେ ୪୦ ଚାଷୀଙ୍କୁ ମାଟିର ସ୍ୱାସ୍ଥ୍ୟ ପରିଚାଳନା ଉପରେ ସଚେତନତା ସୃଷ୍ଟି କରାଯିବ।
Keep Soil Alive, Protect Soil BioDiversity
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

**ବିଶ୍ୱ ମୃତ୍ତିକା ଦିବସ**

ଆଜି ବିଶ୍ୱ ମୃତ୍ତିକା ଦିବସ ଅବସରରେ ଚାଷୀଭାଇ ମାନଙ୍କୁ ଶୁଭେଚ୍ଛା ଜଣାଇ କହି ରଖୁଅଛି ଯେ ଆମର ପରିବର୍ତ୍ତିତ ଜଳବାୟୁଜନିତ ମୃତ୍ତିକାର ତାପମାତ୍ରା, ମୃତ୍ତିକାର ବାୟୁ ଓ ଜଳଧାରଣ କ୍ଷମତାରେ ହ୍ରାସ ତଥା ଅମ୍ଳତ୍ୱ ଓ ମୃତ୍ତିକାର ଖାଦ୍ୟସାର ଗଚ୍ଛିତ ପ୍ରଭାବିତ ହୋଇଥାଏ । ତେଣୁ ମୃତ୍ତିକାର ଉତ୍ତମ ପରିଚାଳନା ଓ ଉତ୍ତମ ଖାଦ୍ୟସାର ପରିଚାଳନା କରି ମୃତ୍ତିକାକୁ ଜୀବିତ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ରଖିବାକୁ ପରାମର୍ଶ ଦିଏ ଓ ଉତ୍ସାହ ପ୍ରଦାନ କରେ ।
ବରିଷ୍ଠ ବୈଜ୍ଞାନିକ ଓ ନୋଡାଲ୍ ଅଧିକାରୀ
ଗ୍ରାମୀଣ କୃଷି ମୌସମ ସେବା, କିରେଇ, ସୁନ୍ଦରଗଡ଼

**ବିଶ୍ୱ ମୃତ୍ତିକା ଦିବସ ଅବସରରେ ଆଜିର ଅନୁଚିନ୍ତା**
**ମାଟି ନୁହେଁ ମା'ଟି**

ମାଟି ମା'ର ମାଗୁଣି,
ଗୋଟିଏ ସବୁଜ ଓଢ଼ଣୀ।
ଖାଲି ପଡ଼ିଥିବା ଉଚ୍ଚା ଜମିରେ,
ଜଙ୍ଗଲ ଉଦ୍ୟାନ କର ସେଥିରେ।
ଗଡ଼ାଣି ଜମିରେ ଚାଷ,
ବିପରୀତ ଦିଗେ କରିବା ଆସ।
ହିଡ଼ ଆଡ଼ି ବନ୍ଧ ପୋଖରୀ,
ମାଟି ପାଣି ଧରେ ଆବୋରୀ।

ଜମିରେ ଦେଇ ଜୈବିକ ସାର,
ଫସଲ ଫଳାନ୍ତୁ ଭାରକୁ ଭାର।
ଏଠି ଏକତ୍ରିତ ହୋଇଥିବା ମା' ଭାଇ ଭଉଣୀ,
ସମସ୍ତଙ୍କ ଚିନ୍ତା ମାଟି ଓ ପାଣି।
ଆମ ଗାଁ ମାଟି ପାଣି ଆମ ଗାଁରେ ରହୁ,
ନଇ ନାଳକୁ ବୋହି ନ ଯାଉ।

ଏହି ଆଭିମୁଖ୍ୟ ଆମ ସମସ୍ତଙ୍କର ରହୁ ।
ଜୟ ଜବାନ ଜୟା କିଷାନ ।
ସମସ୍ତ ସଦସ୍ୟବୃନ୍ଦ
ଜଳ ବିଭାଜିକା କ୍ଲଷ୍ଟର, ହରିଚନ୍ଦନପୁର ବ୍ଲକ

> ଦେବତାମାନଙ୍କ ଅପେକ୍ଷା ଅସୁରମାନେ ବେଶି ବଳବାନ। କାରଣ ଅସୁରମାନେ ଭଗବାନଙ୍କ କ୍ରୋଧ ଆଉ ଶତ୍ରୁତା ଉଭୟର ସାମ୍ନା କରନ୍ତି। ଦେବତାମାନେ କେବଳ ଭଗବାନଙ୍କ ପ୍ରେମ ଗ୍ରହଣ କରିପାରନ୍ତି। -ଶ୍ରୀଅରବିନ୍ଦ



# ବଢୁଛି କ୍ୟାଡର ଅସନ୍ତୋଷ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହରିୟାଣାରେ ଆଇଏଏସ୍ କ୍ୟାଡର ପଦବୀଗୁଡ଼ିକୁ ଅନ୍ୟସବୁ ସେବା ଛଡ଼ାଇ ନେଉଛନ୍ତି ଓ ଏଥିଲାଗି ମନୋହର ଖଟ୍ଟର ସରକାରଙ୍କ ଲଗାତର ପ୍ରୟାସକୁ କେନ୍ଦ୍ର କରି ହରିୟାଣା ବାବୁମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ବୋଲି ପୂର୍ବରୁ ଏକ ସ୍ତମ୍ଭରେ ଉଲ୍ଲେଖ କରାଯାଇଥିଲା। ହରିୟାଣା ସରକାର ଆଇଏଏସ୍‌ର କ୍ୟାଡର ପଦବୀରେ ଅନେକ ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଆଇଆର୍‌ଏସ୍ ଅଧିକାରୀମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଆଇଏଏସ୍ ଅଧିକାରୀ ତଥା ଜଣାଶୁଣା ହୁଇସିଲ ବ୍ଲୋୟର ଅଶୋକ ଖେମ୍‌କା ଏହି ଘଟଣାରେ ମୁଣ୍ଡ ପୂରାଇଛନ୍ତି। ସିଧାସିଧା କଡା କଥା କହି ଅନେକ ସମୟରେ ସମସ୍ୟାରେ ପଡୁଥିବା ଖେମ୍‌କା ବି ଏଥର ଏହି କେସ୍‌ରେ ମୁଖ୍ୟଶାସନ ସଚିବ ବିଜୟ ବର୍ଦ୍ଧନଙ୍କୁ ଲେଖି ବିଚାର ପାଇଁ ଏହାକୁ କେନ୍ଦ୍ରକୁ ପଠାଇବାକୁ ଦାବି କରିଛନ୍ତି। ଯେଉଁମାନେ ଏ ବିଷୟରେ ଜାଣନ୍ତି ସେମାନେ କହନ୍ତି , ଖେମ୍‌କା ତାଙ୍କ ଚିଠିରେ ନିର୍ଦ୍ଧାରିତ ଆଇଏଏସ୍ କ୍ୟାଡର ନିୟମ ସମ୍ବନ୍ଧରେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ,ଏହି ନିୟମ ଅନୁସାରେ ଆଇଏଏସ୍ କ୍ୟାଡର ପାଇଁ ଉପଯୁକ୍ତ କ୍ୟାଡର ଅଧିକାରୀ ମିଳୁ ନ ଥିଲେ ଜଣେ ଅଣକ୍ୟାଡର ଅଧିକାରୀଙ୍କୁ ସେହି ପଦବୀରେ ସାମୟିକ ଭାବେ (ଅତି ବେଶିରେ ତିନି ମାସ) ନିଯୁକ୍ତି ଦିଆଯାଇପାରିବ। କିନ୍ତୁ ଏହି ପଦବୀରେ ଅଧିକ ଦିନ ରହିବା ଲାଗି କେନ୍ଦ୍ରର ଅନୁମୋଦନ ଲୋଡା। ଏଣୁ ଆଇଏଏସ୍ କ୍ୟାଡର ପଦବୀରେ ଆଇପିଏସ୍, ଆଇଆର୍‌ଏସ୍ ଏବଂ ଆଇଏଫ୍‌ଏସ ଅଧିକାରୀଙ୍କ ନିଯୁକ୍ତି ପାଇଁ କେସ୍‌କୁ ବର୍ଦ୍ଧନ କେନ୍ଦ୍ରକୁ ପଠାଇବା ଦରକାର ବୋଲି ଖେମକା ଯୁକ୍ତି ବାଢ଼ିଛନ୍ତି। ଖେମ୍‌କା କେବଳ ସ୍ୱର ଉଠାଇ ନାହାନ୍ତି, ବରଂ ହରିୟାଣା ସିଭିଲ ସର୍ଭିସ ଆସୋସିଏଶନ ମଧ୍ୟ ତାଙ୍କ ସହ ଏହି ଘଟଣାରେ ସାମିଲ ହୋଇଛି। ଏହାର ଅଧ୍ୟକ୍ଷ ଡ.ବନ୍ଦନା ଡିଶୋଦିଆ ଏହି ଘଟଣାକୁ ଉଠାଇଛନ୍ତି। ଏଣୁ ଏହା ଥମିବ ନାହିଁ ବୋଲି ଜଣାପଡୁଛି।

### ଅପେକ୍ଷାରେ ବାବୁମାନେ

ଯୁଗ୍ମ ସଚିବ ସ୍ତରରେ ଆଇଏଏସ୍‌ଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବାର ଧାରାକୁ ନେଇ ଏହି 'ହେଭେନ ବର୍ନ' (ଆଇଏଏସ୍ ଅଧିକାରୀମାନେ) ଚିନ୍ତିତ ହୋଇପଡ଼ିଛନ୍ତି। ୨୦୦୩ ବ୍ୟାଚ୍ ଆଇଏଏସ୍ ଅଧିକାରୀମାନେ ଯେତିକି ଚିନ୍ତିତ ସେଭଳି ଆଉ କେହି ଥିବା ଭଳି ଲକ୍ଷ୍ୟ କରାଯାଉନାହିଁ। ଏମାନେ ଏମ୍ପ୍ୟାନେଲମେଣ୍ଟ ବା ନିଯୁକ୍ତି ତାଲିକାଭୁକ୍ତ ହେବାକୁ ଅପେକ୍ଷା କରିଛନ୍ତି,ଯେଉଁଥିରେ ବହୁ ବିଳମ୍ବ ଘଟୁଛି। ସୂତ୍ରରୁ ପ୍ରକାଶ ଯେ, ୨୦୧୯ ଅଗଷ୍ଟରୁ କେବଳ ୨୦୦୨ ବ୍ୟାଚ୍‌ର ୩୭ ଜଣ ଅଧିକାରୀଙ୍କର ଏକ ନୂଆ ରାଉଣ୍ଡ ବା ପାଳି ଏବଂ ପୂର୍ବ ବ୍ୟାଚ୍‌ଗୁଡ଼ିକର ୨୫ ଜଣ ଅଧିକାରୀଙ୍କୁ ଯୁଗ୍ମ ସଚିବ ପଦ ପାଇଁ ପ୍ୟାନେଲରେ ରଖାଯାଇଛି। କିନ୍ତୁ ୨୦୦୩ ବ୍ୟାଚ ଅଧିକାରୀମାନେ ସେମାନଙ୍କ ପାଳିକୁ ଅପେକ୍ଷା କରି ବସିଛନ୍ତି। ଇତିମଧ୍ୟରେ ଆଇଏଏସ୍‌ର ୪ଟି ନୂଆ ବ୍ୟାଚ୍ (ନବେ ଦଶକର ଆରମ୍ଭରୁ) ଅତିରିକ୍ତ ସଚିବ ପଦ ପାଇଁ ନିଯୁକ୍ତି ତାଲିକାଭୁକ୍ତ ହୋଇ ଆସୁଛନ୍ତି ଏବଂ ଦୁଇଟି ବ୍ୟାଚ୍ (୧୯୮୭ ଏବଂ ୧୯୮୮) ସଚିବ ପଦ ପାଇଁ ପ୍ୟାନେଲ୍‌ରେ ରହିଆସୁଛନ୍ତି। ପୁନଶ୍ଚ ନିଯୁକ୍ତି ତାଲିକାଭୁକ୍ତ ହେଉଥିବା ସମସ୍ତ ଅଧିକାରୀଙ୍କ ମଧ୍ୟରୁ ୧୭ % ଆଇଏଏସ୍ ଅଧିକାରୀ ହୋଇଥିବାବେଳେ ଏହାର ଏକ ସିଂହଭାଗ ଯାଉଛି ଅଣଆଇଏଏସ୍‌ଙ୍କ ପାଖକୁ। ୨୦୦୩ ବ୍ୟାଚ ଅଧିକାରୀମାନେ ସେମାନଙ୍କ ନିଯୁକ୍ତି ତାଲିକା ଯଥାଶୀଘ୍ର କରାଯାଉ ବୋଲି ଆଶାବାନ୍ଧି ବସିଥିବାବେଳେ ଏହି ଧାରା ସମ୍ଭବତଃ ଅନ୍ୟ ବ୍ୟାଚର ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କ ମୁଣ୍ଡରେ ନ ଥିବା ଭଳି ମନେହେଉଛି।

### ଟିକା ରାଜନୀତି

ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ କୋଭିଡ୍ ଟିକା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି ବୋଲି ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଥିଲେ। ଏପରିକି ବିହାର ବିଧାନସଭା ନିର୍ବାଚନ ଚାଲିଥିବାବେଳେ ଭୋଟରଙ୍କ ସମର୍ଥନ ବଦଳରେ ସେମାନଙ୍କୁ ମଗଣାରେ ଟିକା ଯୋଗାଇ ଦେବାକୁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନ ଶେଷ ହେଲା। ସରକାର ଏବେ ତାଙ୍କ ଆଭିମୁଖ୍ୟ ବଦଳାଇ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ସ୍ପଷ୍ଟୀକରଣ ଦେଇଛନ୍ତି ଯେ,ସବୁ ଲୋକଙ୍କୁ ଟିକା ଦିଆଯିବା କଥା ସରକାର କେବେ ବି କହିନାହାନ୍ତି। ସେ କହିଲେ,କେବଳ ବାସ୍ତବ ତଥ୍ୟ ଆଧାରରେ ଆଲୋଚନା ହେବା ଦରକାର । ଭାରତରେ ଦୈନିକ ପଜିଟିଭ ହାର ୩.୭୨%। ସବୁ ଆଗୁଆ ଦେଶରେ ପ୍ରତି ମିଲିୟନରେ ୨୧୧ଟି କେସ ମିଳୁଥିବାବେଳେ ଭାରତରେ ପ୍ରତି ମିଲିୟନରେ ସବୁଠୁ କମ୍ କେସ୍ ରହିଛି। ତାଙ୍କ ମତରେ କ୍ରିଟିକାଲ ଅବସ୍ଥାରେ ଥିବା ଲୋକମାନଙ୍କୁ ଟିକାଦେଇ ଭୂତାଣୁ ସଂକ୍ରମଣ ବନ୍ଦ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଟିକାକରଣ ସବୁ ଲୋକଙ୍କ ପାଇଁ ନୁହେଁ । ସଭିଙ୍କ ପାଇଁ ଟିକାକରଣ ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ ହୋଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ( ଡବ୍ଲ୍ୟୁଏଚ୍‌ଓ) ବିଶେଷଜ୍ଞଙ୍କ ମତରେ ୬୫%ରୁ ୭୫% ହାରରେ ଟିକାକରଣ ହେଲେ ହର୍ଡ ଇମ୍ୟୁନିଟିରେ ପହଞ୍ଚିବା ପାଇଁ ଯଥେଷ୍ଟ। ଏହା ସହ ଭୂଷଣଙ୍କ କଥାର ସମ୍ବନ୍ଧ ରହିଛି। କିନ୍ତୁ ଭାଜପାର ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ମୁତାବକ ବିହାରର ଭୋଟରମାନେ ଟିକା ପାଇବେ ନା ଏହା ଏକ ପ୍ରତାରଣା ଥିଲା ତାକୁ ନେଇ ପ୍ରଶ୍ନ ଉଙ୍କିମାରିଛି।

Email: dilipcherian@gmail.com

# କର୍ପୋରେଟ୍ ହାତରେ ବ୍ୟାଙ୍କ୍ କେତେ ସୁରକ୍ଷିତ

ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଦେଶରେ ନିଜସ୍ୱ ବ୍ୟାଙ୍କ୍ ଖୋଲିବା ପାଇଁ ବଡ଼ କର୍ପୋରେଟ୍‌ଗୁଡ଼ିକୁ ଅନୁମତି ଦେବା ସମ୍ପର୍କରେ ପ୍ରସ୍ତାବ ଦିଆଯାଇଛି। ରିଜର୍ଭ ବ୍ୟାଙ୍କ୍‌ର ଆଭ୍ୟନ୍ତରୀଣ ୱାର୍କିଂ ଗ୍ରୁପ୍ ତରଫରୁ ଏ ନେଇ ସୁପାରିସ କରିବା ସହିତ ଆସନ୍ତା ଜାନୁୟାରୀ ୧୫ ସୁଦ୍ଧା ତା' ଉପରେ ମତାମତ ଦେବାକୁ ଜନଗଣଙ୍କୁ ସୁଯୋଗ ଦିଆଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଏନେଇ ବ୍ୟାଙ୍କ୍ ତରଫରୁ ଯେଉଁ ଚାରି ଜଣ ବିଶେଷଜ୍ଞଙ୍କ ପରାମର୍ଶ ନିଆଯାଇଥିଲା ସେମାନଙ୍କ ମଧ୍ୟରୁ ତିନି ଜଣ ନିଜର ଅସହମତି ପ୍ରକାଶ କରିଥିଲେ ମଧ୍ୟ ବ୍ୟାଙ୍କ୍ ଏ ଦିଗରେ ଆଗକୁ ବଢ଼ିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

କର୍ପୋରେଟ୍ ହାତରେ ବ୍ୟାଙ୍କର ମାଲିକାନା ଦେବା ଦେଶର ଅର୍ଥନୀତି ପାଇଁ ବିନାଶକାରୀ ହେବ ବୋଲି ଆଶଙ୍କା କରି ରିଜର୍ଭ ବ୍ୟାଙ୍କ୍‌ର ପୂର୍ବତନ ଗଭର୍ନର ରଘୁରାମ ରାଜନ୍, ଡେପୁଟି ଗଭର୍ନର ବିରଳ ଆଚାର୍ଯ୍ୟ ଓ ଏସ୍‌ଏସ୍ ମୁନ୍ଦ୍ରାଙ୍କ ସହ ପ୍ରମୁଖ ତା'ର ଦୃଢ଼ ବିରୋଧ କରିଛନ୍ତି। ସେମାନଙ୍କ ମତରେ କର୍ପୋରେଟ୍‌ଗୁଡ଼ିକ ନିଜର ସ୍ୱାର୍ଥ ପାଇଁ ବ୍ୟାଙ୍କ୍ ବ୍ୟବସ୍ଥାର ଦୁରୁପଯୋଗ କରିବା ସହିତ ଏହାଦ୍ୱାରା କୋଟି କୋଟି ଜମାକାରୀଙ୍କ ଜମାଟଙ୍କାର ନିରାପତ୍ତା ବିପନ୍ନ ହେବାର ନିଶ୍ଚିତ ସମ୍ଭାବନା ରହିଛି। ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଷ୍ଟାଣ୍ଡାର୍ଡ ଏଣ୍ଡ୍ ପୁଅର୍ ମଧ୍ୟ ଏନେଇ ନିଜର ଅସହମତି ବ୍ୟକ୍ତ କରିଛି। ଏପରି କି ଦେଶର ଅର୍ଥନୀତିର ଘରୋଇକରଣର ସମର୍ଥକ ରୂପେ ପରିଚିତ ଅନେକ ଅର୍ଥନୀତିଜ୍ଞ ମଧ୍ୟ ରିଜର୍ଭ ବ୍ୟାଙ୍କ୍‌ର ଏହି ପଦକ୍ଷେପକୁ ନାପସନ୍ଦ କରିବା ଦେଖାଯାଇଛି।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ କର୍ପୋରେଟ୍ ନିୟନ୍ତ୍ରଣରୁ ମୁକ୍ତ କରି ସାଧାରଣ ଜନତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ୧୯୬୯ରେ ଦେଶରେ ବ୍ୟାଙ୍କ୍ ଜାତୀୟକରଣ କରାଯାଇଥିଲା। ସେତେବେଳେ କର୍ପୋରେଟ୍‌ଗୁଡ଼ିକ କବ୍ଜାରେ ଥିବା ଦେଶର ୧୪ଟି ବ୍ୟାଙ୍କ୍‌କୁ ସରକାରଙ୍କ ଅଧୀନକୁ ଅଣାଯିବା ସହିତ ଘରୋଇ କ୍ଷେତ୍ରରେ ବ୍ୟାଙ୍କ ପ୍ରତିଷ୍ଠାକୁ ଅନୁମତି ନ ଦେବା ପାଇଁ ନୀତିଗତ ଭାବେ ସ୍ଥିର ହୋଇଥିଲା। ୧୯୯୧ରେ ଦେଶରେ ଉଦାରୀକରଣ ଅର୍ଥନୀତି ଆରମ୍ଭ ହେବା ସହିତ ସରକାର ପ୍ରଥମ ଥର ପାଇଁ ଆକ୍ସିସ୍, ଆଇସିଆଇସିଆଇ ପରି ଘରୋଇ ବ୍ୟାଙ୍କ୍ ପ୍ରତିଷ୍ଠାକୁ ଅନୁମତି ଦେଲେ। କିନ୍ତୁ ଏସବୁ ବ୍ୟାଙ୍କରେ ରହିଥିବା ପ୍ରମୋଟରମାନଙ୍କ ଅଂଶଧନକୁ ସୀମିତ ରଖାଯିବା ସହ ସେମାନେ ବ୍ୟାଙ୍କ୍ ବ୍ୟତୀତ ଅନ୍ୟ କୌଣସି ଶିଳ୍ପ କିମ୍ବା ବ୍ୟବସାୟ କରିପାରିବା ନେଇ ସ୍ପଷ୍ଟ ପ୍ରତିବନ୍ଧକ ଥିଲା। ଏହାର ଅର୍ଥ ହେଲା ଘରୋଇ କ୍ଷେତ୍ରରେ ବ୍ୟାଙ୍କ୍ ପ୍ରତିଷ୍ଠା ପାଇଁ ଅନୁମତି ଦିଆଗଲେ ମଧ୍ୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ କର୍ପୋରେଟ୍‌ର ମାଲିକାନାଠାରୁ ଦୂରେଇ ରଖାଯାଇଥିଲା। ଏପରି କରିବାର ମୂଳ ଉଦ୍ଦେଶ୍ୟ ହେଲା, ଯଦି କର୍ପୋରେଟ୍‌ଗୁଡ଼ିକ ବ୍ୟାଙ୍କ୍‌ର ଗ୍ରାହକ ହେବା ବଦଳରେ ନିଜେ ତା'ର ମାଲିକ ହୋଇଯିବେ, ତା'ହେଲେ ସେଥିରେ ରହିଥିବା ସାଧାରଣ ଜନତାଙ୍କ ଅର୍ଥକୁ ନିଜର ବ୍ୟବସାୟିକ ସ୍ୱାର୍ଥରେ ନେଇଯିବା ସହିତ ତାକୁ ଫେରାଇବା ନେଇ ସମସ୍ୟା ରହିବ। ଆଜି ବି ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସେହି ବିପଦଟି ଅବ୍ୟାହତ ରହିଥିବା ବେଳେ କର୍ପୋରେଟଙ୍କ ହାତରେ ବ୍ୟାଙ୍କ୍ ମାଲିକାନା ଦେବାର ନିଷ୍ପତ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରିଜର୍ଭ ବ୍ୟାଙ୍କ୍‌ର ଆଭ୍ୟନ୍ତରୀଣ କାର୍ଯ୍ୟକାରୀ ଗ୍ରୁପ୍‌ର ରିପୋର୍ଟ ସରକାରଙ୍କ ଘରୋଇକରଣ ଉଦ୍ଦେଶ୍ୟକୁ ସ୍ପଷ୍ଟ ଭାବେ ସୂଚାଉଛି। କେବଳ ଆଜି ନୁହେଁ , ନିଜ ଶାସନର ଆରମ୍ଭରୁ ହିଁ ମୋଦି ସରକାର ବ୍ୟାଙ୍କ୍ ସମେତ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ସମ୍ପତ୍ତିକୁ ଘରୋଇକରଣ ଜରିଆରେ କର୍ପୋରେଟ୍‌ଙ୍କ ହାତରେ ଟେକିଦେବାର ସୁଚିନ୍ତିତ ଯୋଜନା କରି ଆସିଛନ୍ତି। କିଛି ବର୍ଷ ତଳେ ପ୍ରଥମ ଥର ପାଇଁ ମୋଦି ସରକାର ଦେଶରେ ଘରୋଇ ବ୍ୟାଙ୍କ୍ ପ୍ରତିଷ୍ଠା ପାଇଁ ଅନୁମତି ଦେବାକୁ ଘୋଷଣା କରିବା ପରେ ଟାଟା, ଅମ୍ବାନୀ ସମେତ ଦେଶର ୨୫ଟି କର୍ପୋରେଟ୍ କମ୍ପାନୀ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ତେବେ ବିଭିନ୍ନ କାରଣରୁ ସରକାର ସେମାନଙ୍କ ଆବେଦନକୁ ମଞ୍ଜୁର କରି ନ ଥିବା ବେଳେ ବନ୍ଧନ ଓ ଆଇଡିବିଆଇ ପରି ଦୁଇଟି ବ୍ୟାଙ୍କ୍‌କୁ ଅନୁମତି ଦେଇଥିଲେ। ଯଦି ସେତେବେଳେ ବ୍ୟାଙ୍କ୍ ଖୋଲିବା ପାଇଁ ଭିଡିଓକନ୍ ଓ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କ୍ୟାପିଟାଲ୍‌କୁ ଅନୁମତି ମିଳିଥାନ୍ତା, ତା'ହେଲେ କିଭଳି ପରିସ୍ଥିତି ହୋଇଥାନ୍ତା, ତାହା ଉପରୋକ୍ତ ଦୁଇଟି କମ୍ପାନୀ ଦେବାଳିଆ ହେବା ଘଟଣାରୁ ସ୍ପଷ୍ଟ ଅନୁମେୟ। କାରଣ ସେଭଳି ପରିସ୍ଥିତିରେ କେବଳ ଜମାକାରୀଙ୍କ କଷ୍ଟାର୍ଜିତ ଜମା ହିଁ ଚାଲିଯାଇଥାନ୍ତା।

ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରକୁ ବୃହତ୍ କମ୍ପାନୀଗଡ଼ିକୁ ଟେକିଦେବା ପାଇଁ ସରକାର ଯେଉଁ ଘରୋଇକରଣର ରୋଡମ୍ୟାପ୍ ତିଆରି କରିଛନ୍ତି, ତାରି ଅନ୍ତର୍ଗତ ଗତ କିଛିବର୍ଷ ମଧ୍ୟରେ ଦେଶର ସରକାରୀ ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟରେ ସମ୍ମିଶ୍ରଣ କରିବା ଦେଖାଯାଇଛି। ଭବିଷ୍ୟତରେ ସେସବୁ ବ୍ୟାଙ୍କ୍‌କୁ ଅଧିଗ୍ରହଣ କରିବା ପାଇଁ ସେମାନେ ଆବଶ୍ୟକୀୟ ଆଇନଗତ ବ୍ୟବସ୍ଥା ସହିତ ନିଜର ଏକ ବ୍ୟାଙ୍କ୍ ନେଟୱର୍କ କରିବାକୁ ଯାଉଛନ୍ତି। ସେ ଦିଗରେ ଆଉ ଏକ ପଦକ୍ଷେପ ଭାବେ ସରକାର ବର୍ତ୍ତମାନର କର୍ପୋରେଟ୍‌ର ମାଲିକାନାରେ ବ୍ୟାଙ୍କ୍ ପାଇଁ ଅନୁମତି ଦେବାକୁ ଯାଉଛନ୍ତି।

ଏଠାରେ ଜାଣିବା ଦରକାର ଯେ ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରରେ ଘରୋଇକରଣ ଓ ବ୍ୟାଙ୍କ୍ ଘରୋଇକରଣ ଏକା ନୁହେଁ। କାରଣ କୌଣସି ଶିଳ୍ପ ବା ସଂସ୍ଥାକୁ ଘରୋଇକରଣ ଫଳରେ ସେଥିରେ କର୍ପୋରେଟ୍‌ମାନେ ଅଧିକ ପୁଞ୍ଜିନିବେଶ ଓ ପ୍ରଯୁକ୍ତି ବିଦ୍ୟା ଆଣିବାର ସମ୍ଭାବନା ଥିବା ବେଳେ ବ୍ୟାଙ୍କ୍ କ୍ଷେତ୍ରରେ କିନ୍ତୁ ତା'ର ଓଲଟା ଦେଖିବାକୁ ମିଳେ। କାରଣ ଏଠାରେ କର୍ପୋରେଟ୍‌କୁ ପୁଞ୍ଜିନିବେଶ କରିବା ଦରକାର ପଡ଼େନି, ବରଂ ବ୍ୟାଙ୍କ୍‌ରେ ଥିବା ଜମାକାରୀଙ୍କ ବିପୁଳ ଜମାରାଶି କର୍ପୋରେଟଙ୍କ ପାଇଁ ପୁଞ୍ଜିର କାମ କରେ। ସେମାନେ ନିଜର ବ୍ୟବସାୟିକ ସ୍ୱାର୍ଥରେ ଉପରୋକ୍ତ ଜମାରାଶିକୁ ନେବାର ସୁଯୋଗଟି ମିଳିଯାଇଥାଏ।

କେବଳ ଆମ ଦେଶ ହିଁ ନୁହେଁ, ବିଶ୍ୱର ପ୍ରାୟତଃ ସମସ୍ତ ଦେଶରେ କର୍ପୋରେଟ୍‌ମାନଙ୍କ ହାତରେ ବ୍ୟାଙ୍କ୍‌ର ମାଲିକାନା ରହିବା ଦେଖିବାକୁ ମିଳେନି। ଅର୍ଥନୀତିର ସାଧାରଣ ଜ୍ଞାନ ଥିବା ଲୋକେ ଭଲ ରୂପେ ଜାଣନ୍ତି ଏଭଳି ପଦକ୍ଷେପ ବିରାଡ଼ିକୁ ମାଛ ଖେଳେଇବାକୁ ଦେବା ପରି ହେବ। କାରଣ ମାଲିକାନା ପାଇବା ପରେ କର୍ପୋରେଟ୍‌ମାନେ ବ୍ୟାଙ୍କ୍‌ରେ ଥିବା ଜମାକାରୀଙ୍କ ବିପୁଳ ଜମାରାଶିକୁ ନିଜର ନାମୀ ବେନାମୀ କମ୍ପାନୀଙ୍କ ପାଇଁ ଋଣ ଆକାରରେ ନେଇ ଆର୍ଥିକ ଏକାଧିକାର ପ୍ରତିଷ୍ଠା କରିବାକୁ ଉଦ୍ୟମ କରିବେ। ଯଦି ସେମାନେ ତାକୁ ଶୁଝିପାରିବେନି ତା'ହେଲେ ତାହା ଅନାଦେୟ ଅର୍ଥ ବା ଏନ୍‌ପିଏ ହୋଇ ବ୍ୟାଙ୍କ୍ ଉପରେ ବୋଝ ହୋଇ ରହିବ। ଯେହେତୁ ଋଣଦାତା ନିଜେ ମାଲିକ ଅଟନ୍ତି ତେଣୁ ସେହି ଏନ୍‌ପିଏକୁ ଉଦ୍ଧାର କରିବାକୁ ବ୍ୟାଙ୍କ୍ ଯେତିକି ଜୋର ଦେବା କଥା ଦେଇପାରିବନି। ବର୍ତ୍ତମାନ ଆମ ଦେଶର ଅଧିକାଂଶ ବ୍ୟାଙ୍କ୍ ସରକାରୀ ମାଲିକାନାରେ ରହିଥିବା ସତ୍ତ୍ୱେ କର୍ପୋରେଟ୍‌ଗୁଡ଼ିକ ନେଇଥିବା ବିପୁଳ ପରିମାଣର ଋଣକୁ ଆଦାୟ କରିବା କଷ୍ଟକର ହୋଇପଡ଼ିଛି।

ଆଜି କର୍ପୋରେଟ୍‌ଗୁଡ଼ିକ ହିଁ ବ୍ୟାଙ୍କ୍‌ର ସବୁଠାରୁ ବଡ଼ ଋଣଖିଲାପୀ ଭାବେ ପ୍ରମାଣିତ ହୋଇଛନ୍ତି। ୨୦୧୮ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶର ସରକାରୀ ବ୍ୟାଙ୍କ୍‌ର ମୋଟ ଅନାଦେୟ ଋଣର ପରିମାଣ ୯.୬୨ ଲକ୍ଷ କୋଟିରେ ଯାଇ ପହଞ୍ଚିଥିଲା। ସେଥିରୁ କର୍ପୋରେଟ୍‌ଗୁଡ଼ିକ ନେଇଥିବା ଋଣର ପରିମାଣ ହେଉଛି ୭୩.୨ପ୍ରତିଶତ। ମୋଦିଙ୍କ ଗତ ଛଅ ବର୍ଷର ଶାସନ କାଳରେ ହିଁ ସର୍ବାଧିକ ଏନ୍‌ପିଏ ସୃଷ୍ଟି ହୋଇଛି। ଏହି ବିପୁଳ ପରିମାଣର ଏନ୍‌ପିଏ ଆଜି ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସଙ୍କଟର ମୂଳ କାରଣ। ବିପୁଳ ଋଣ ନେଇ ଅନେକ ପୁଞ୍ଜିପତି ଗତ କିଛିବର୍ଷ ମଧ୍ୟରେ ଦେଶ ଛାଡ଼ି ପଳାଇବା ବି ଦେଖିବାକୁ ମିଳିବା ସହ ସରକାର ଏକ୍ଷେତ୍ରରେ ଅତ୍ୟନ୍ତ ଅସହାୟ ହୋଇପଡ଼ିବା ଦେଖିବାକୁ ମିଳିଛି। ଆମ ଆଗରେ ୟେସ୍ ବ୍ୟାଙ୍କ୍ ଓ ଲକ୍ଷ୍ମୀ ବିଳାସ ବ୍ୟାଙ୍କ୍ ପରି ଘରୋଇ ବ୍ୟାଙ୍କ୍‌ର ତିକ୍ତ ଅନୁଭୂତି ରହିଛି। ଅତଏବ ଏଭଳି ପରିସ୍ଥିତିରେ ସରକାର କର୍ପୋରେଟ୍‌ଗୁଡ଼ିକ ପାଖରେ ପଡ଼ିଥିବା ବ୍ୟାଙ୍କ୍‌ର ଅନାଦେୟ ଋଣକୁ ଉଦ୍ଧାର କରିବାକୁ ପଦକ୍ଷେପ ନେବା ପରିବର୍ତ୍ତେ ପୂରା ବ୍ୟାଙ୍କ୍‌କୁ ହିଁ କର୍ପୋରେଟ୍ ହାତକୁ ଟେକିଦେବାର ଉଦ୍ୟମଟି ଅତ୍ୟନ୍ତ ବିପଜ୍ଜନକ ମନେହୁଏ।

ମୋ:୯୪୩୭୧୬୬୩୯୧

# କରୋନା କାଳେ ପୋଷା ହାତୀ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

'ଲକ୍‌ଡାଉନ୍' ଶବ୍ଦଟିର ଗୁରୁତ୍ୱ ଚଳିତ ୨୦୨୦ରେ ବହୁ ପରିମାଣରେ ବଢ଼ିଯାଇଛି। କଲିନ୍ସ ଇଂଲିଶ ଡିକ୍ସନାରୀ ତରଫରୁ ଦଶଟି ପ୍ରମୁଖ ଶବ୍ଦକୁ ବାଛିବା ପାଇଁ ଗୋଟିଏ ସର୍ଭେ କରାଯାଇଥିଲା। ଏହି ତାଲିକାରେ ସ୍ଥାନ ପାଇଥିଲା- କରୋନା ଭାଇରସ, ସାମାଜିକ ଦୂରତା, ଆତ୍ମବିଚ୍ଛିନ୍ନତା, କି-ୱର୍କର (କରୋନା ଯୋଦ୍ଧା ପରି), ଫର୍ଲୋ (ଯେଉଁ କର୍ମଚାରୀକୁ ଚାକିରିରୁ ବିଦା ନ କରି ଅବୈତନିକ ଭାବେ ରଖାଯାଏ) ଇତ୍ୟାଦି। ତନ୍ମଧ୍ୟରେ ଲକ୍‌ଡାଉନ୍ ମଧ୍ୟ ସ୍ଥାନିତ ହୋଇଛି। ଗତବର୍ଷ ଏହି ସମୟରେ ଏହି ଶବ୍ଦଟି ଯେତେଥର ବ୍ୟବହୃତ ହୋଇଥିଲା, ଚଳିତବର୍ଷ ଚାରି ହଜାର ଥର ଅଧିକ ହୋଇଛି। ଏହାର ପରିମାଣ ଅଢ଼େଇ ଲକ୍ଷ ଛୁଇଁବ। ଲକ୍‌ଡାଉନ ସମ୍ପର୍କରେ କୁହାଯାଇଛି ଯେ, କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ସାରା ବିଶ୍ୱରେ ଲୋକମାନେ ସଚେତନ ହୋଇ ଗୃହବନ୍ଦୀ ଭାବେ ବିତାଇବା ପରି ବିଚିତ୍ର ଅନୁଭୂତି ପ୍ରାପ୍ତ ହୋଇଛନ୍ତି। ତେଣୁ ୨୦୨୦ ପାଇଁ 'ଲକ୍‌ଡାଉନ୍'କୁ ୨୦୨୦ର ଶବ୍ଦ ଭାବେ ନିର୍ବାଚନ କରାଯାଇଛି। ମୋଟାମୋଟି ଭାବେ ଏଇ ଶବ୍ଦାବଳୀ କରୋନା ଭୂତାଣୁ ସଂକ୍ରମଣ ସମ୍ପର୍କିତ।

୨୩ ମାର୍ଚ୍ଚ ୨୦୨୦ରେ ଏହି ଭୟଙ୍କର ସଂକ୍ରମଣକୁ ପ୍ରତିହତ କରିବାକୁ ସରକାର ତାଲା-ବନ୍ଦ ବା ଲକ୍‌ଡାଉନ ଘୋଷଣା କଲେ। ପ୍ରବାସୀ ଶ୍ରମିକ ସମସ୍ୟା ଗୁରୁତର ରୂପ ନେଲା। ଏମାନଙ୍କ ଦୁଃଖ ଦୁର୍ଦ୍ଦଶା ଲକ୍ଷ୍ୟ କରି 'ଦ ପ୍ରିଣ୍ଟ' ପତ୍ରିକାର ମୁଖ୍ୟ ସମ୍ପାଦକ ଶେଖର ଗୁପ୍ତା ମନ୍ତବ୍ୟ ଦେଇଥିଲେ, ''ଡହ ଡହ ଖରାରେ ପିଚୁ ସଡ଼କରେ ଖାଲି ପାଦରେ ଚାଲୁଥିବା ଏଇ ଶ୍ରମିକମାନଙ୍କୁ ଦେଖି ଭାବନାହିଁ ଯେ ସେମାନେ ଦରିଦ୍ର। ପୃଥିବୀରେ ଏମିତି କୌଣସି ଚପଲ ତିଆରି ହୋଇ ନାହିଁ ଯାହା ହଜାରେ କିଲୋମିଟର ନିରବଚ୍ଛିନ୍ନ ଭାବେ ଚାଲି ପାରିବ।'' ଏହି ଯନ୍ତ୍ରଣାଦାୟକ ଅପରିଚିତ ଅଭିଯାନ କେବେ ସରିବ ଚଳମାନ ମୂଲିଆଟିଏ ବୁଝି ପାରୁ ନ ଥାଏ। ଯେତେ ଚାଲିଲେ, ତା'ର ଦୈର୍ଘ୍ୟ ସେତେ ଲମ୍ବିଯାଉଥିବା ପରି ଲାଗେ। ତଥାପି ସେ ଚାଲେ, ''...ଆଣ୍ଡ୍ ମାଇଲ୍‌ସ ଟୁ ଗୋ ବିଫୋର ଆଇ ସ୍ଲିପ୍, ଆଣ୍ଡ୍ ମାଇଲ୍‌ସ ଟୁ ଗୋ ବିଫୋର ଆଇ ସ୍ଲିପ୍।'' -ଆମେରିକୀୟ କବି ରବର୍ଟ ଫ୍ରଷ୍ଟ (୧୮୭୪-୧୯୬୩)। ତେବେ ଏହି କବିତା ଫ୍ରଷ୍ଟ ସୁଖଦ ଯାତ୍ରା ପୃଷ୍ଠଭୂମିକୁ ଲକ୍ଷ୍ୟକରି ରଚନା କରିଛନ୍ତି। କିନ୍ତୁ ପ୍ରବାସୀ ଅନୁଭବ କରେ ନାହିଁ କୌଣସି ଆନନ୍ଦ। ବରଂ ଜଣେ ବିଜ୍ଞ ସଂପାଦକଙ୍କ ମତାନୁଯାୟୀ (୧୮ମେ ୨୦୨୦) ସାହିତ୍ୟରେ ୨୦୧୬ରେ ନୋବେଲ ବିଜୟୀ ଆମେରିକୀୟ ଗୀତିକାର ଓ ଗାୟକ ବବ୍ ଡିଲନ (ଜନ୍ମ ୧୯୪୧)ଙ୍କ ଗୀତ 'ବ୍ଲୋଇଙ୍ଗ ଇନ୍ ଦ ୱିଣ୍ଡ୍' (ରଚନା, ୧୯୬୨)ର ଅନିଶ୍ଚିତତା ସୂଚକ ମର୍ମାଥ ପରି। ଏହି ଭାବଗର୍ଭକ କବିତାଟିରେ ପ୍ରଶ୍ନ ପଚରାଯାଇଛି- ଜଣେ ବ୍ୟକ୍ତି କେତେ ବାଟ ଚାଲିଲେ ସେ ମଣିଷ ପଦବାଚ୍ୟ ହୋଇପାରିବ ? ସେମିତି ଗୋଟିଏ ଶ୍ୱେତ ହଂସ କେତେ ସମୁଦ୍ର ସନ୍ତରଣ କରିବା ପରେ ଶାନ୍ତିରେ କୂଳରେ ଶୋଇ ବିଶ୍ରାମ ନେବ ? ଏହାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ଏହି ପଥ ହେଉଛି ଅପ୍ରମିତ। ବାୟୁ ପରି ଥାଇ ନ ଥିବା ସଦୃଶ ଏହାର ଗୁଣ। ପାଦ ଅବଶ ହେଉ, ମନ ବିବଶ ହେଉ। ଜୀବନକୁ ପାଣି ଛଡ଼େଇ ଆଗେଇବାକୁ ପଡ଼ିବ। ପରିବାର, ଆତ୍ମୀୟସ୍ୱଜନ, ଜନ୍ମମାଟିର ନିବିଡ଼ ଆକର୍ଷଣ ସମସ୍ତ କ୍ଲେଶକୁ ପ୍ରଶମିତ କରି ଦୁସ୍ତର ଯାତ୍ରାର ଅବ୍ୟର୍ଥ ପାଥେୟ ହୋଇଛି। ଶରୀର ବାଧ ହୋଇ ବୋଲ ମାନୁଛି।

ଆମେ ଏଠାରେ ପଦଚାରୀଙ୍କ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ବର୍ଣ୍ଣନା କଲୁ। କିନ୍ତୁ ଲକ୍‌ଡାଉନରେ ଯେଉଁମାନଙ୍କଠାରେ ଦୈବାତ୍ ବାହନଟିଏ ଅଛି, ସେମାନଙ୍କ ବୃତ୍ତାନ୍ତ ପ୍ରତି ଦୃଷ୍ଟି ଆକର୍ଷଣ ବର୍ତ୍ତମାନ କରିବୁ। ଏହି ବାହନଟି ଚାରିଚକିଆ ବା ଦୁଇଚକିଆ ପରି ନିର୍ଜୀବ ନୁହେଁ, କିନ୍ତୁ ଜୀବନ୍ତ। ପୁରୀ ସହରର ଗୋଟିଏ ଘଟଣା ସମ୍ପର୍କରେ ଯେଉଁ ଖବର ପ୍ରକାଶ ପାଇଥିଲା, ସେଥିରୁ ଜଣାଯାଏ ଯେ, ସେଠାକାର ସମୁଦ୍ର କୂଳରେ କେତେକ ପର୍ଯ୍ୟଟକ ହାତୀ ଉପରେ ବସି କୌତୁକ ଭ୍ରମଣ କରିଥାନ୍ତି। ଏହି ବୃତ୍ତିରେ ନିୟୋଜିତ ୟୁପିରୁ ଆସିଥିବା ଜଣେ ବ୍ୟକ୍ତି ପେଟ ପୋଷୁଥିଲେ। ଲକ୍‌ଡାଉନ୍‌ରେ ସେ ଏକା ଥିଲେ, କୌଣସି ଉପାୟରେ ନିଜ ଭିଟାମାଟିକୁ ଫେରି ଯାଇଥାନ୍ତେ। କିନ୍ତୁ ପାଖରେ ପୋଷା ହାତୀ। ପରିଶେଷରେ ସେଠାରେ ଥିବା ଜଣେ ଗାଁ-ସାଥୀ ସହ ହାତୀରେ ବସି ନିଜ ସହର ବାରାଣସୀ ଆଡକୁ ଅଗ୍ରସର ହେଲେ। ନଅଶହ କିଲୋମିଟର ପଥ ଅତିକ୍ରମ କରିବା ପରେ ସେମାନେ ଝାଡ଼ଖଣ୍ଡର ଗୁମଲାଠାରେ ପହଞ୍ଚିଲେ। ଅଶୀ କିଲୋମିଟର ଆଗରୁ ସେମାନେ ସିମଡେଗା ଜିଲାର ଧାର୍ମିକ ସ୍ଥଳ ରାମରେଖାଡାମରେ ରାତ୍ରିଯାପନ କରିଥିଲେ। ଛତିଶଗଡ଼ ପ୍ରଦେଶ ଏବଂ ଝାଡ଼ଖଣ୍ଡରେ ସେମାନଙ୍କୁ ଅନେକ ବଣ-ଜଙ୍ଗଲ ପାର ହେବାକୁ ପଡ଼ିଲା।

ଏହି ନିରାମିଷାଶୀ ବନ୍ୟପ୍ରାଣୀଟି ବଣ ଜଙ୍ଗଲର ପ୍ରାକୃତିକ ପରିବେଶରେ, ନିଜ ଘରକୁ ଫେରିବା ପରି ଆନନ୍ଦ ଅନୁଭବ କଲା। ଜଣାଯାଏ ଯେ, ଗୋଟିଏ ହାତୀ ଦିନକୁ ୯୦ରୁ ୨୭୦ କିଲୋଗ୍ରାମ ଓଜନର ଖାଦ୍ୟ ଖାଏ। ସେ ଦୈନିକ ୧୬ରୁ ୧୮ ଘଣ୍ଟା ଧରି ଖାଦ୍ୟ ଗ୍ରହଣରେ ବ୍ୟସ୍ତ ରହେ। ତା'ର ଶରୀରର ପରିପାକ ବ୍ୟବସ୍ଥା ଏମିତି ଯେ ସେ ଖାଇଥିବା ଅଧିକ ଖାଦ୍ୟାଂଶ ମଳ ଭାବେ ନିର୍ଗତ ହୁଏ। ବର୍ଷକ ମଧ୍ୟରେ ପ୍ରାୟ ୧୩୦ ଦିନ ଏତେ ପରିମାଣର ଖାଦ୍ୟ ପୁରୀ ସହରରେ (ବିଶେଷଭାବେ ଲକ୍‌ଡାଉନ୍ ବେଳେ) ହାତୀକୁ ଯୋଗାଇବା ଏକରକମ ଅସମ୍ଭବ। ଉକ୍ତ ମାହୁନ୍ତ ଏହି ଦୃଷ୍ଟିରୁ ଏବେ ଜଞ୍ଜାଳମୁକ୍ତ।

ଗୁମଲା ଅଞ୍ଚଳ ଦେଇ ଓଟ, ଘୋଡ଼ା, ହାତୀ ଇତ୍ୟାଦି ଜନ୍ତୁମାନେ ସାଧାରଣତଃ ବାରାଣସୀରୁ ପୁରୀକୁ ଯାତାୟାତ କରିଥା'ନ୍ତି। ସେଠାକାର ଅଭ୍ୟସ୍ତ ବାସିନ୍ଦାମାନେ ଉକ୍ତ ପ୍ରାଣୀ ଓ ସେମାନଙ୍କ ମାଲିକମାନଙ୍କୁ ଯଥୋଚିତ ସାହାଯ୍ୟ ଓ ସମର୍ଥନ ମଧ୍ୟ ଦେଇ ଆସିଥାନ୍ତି। ଲକ୍‌ଡାଉନ୍ ବେଳେ ବିଭିନ୍ନ ଚେକ୍-ପୋଷ୍ଟରେ କଡା ପ୍ରହରା। ଏଥିରୁ ଖସିଯିବା ଅସମ୍ଭବ। ତେବେ ରାସ୍ତାରେ ଚୈନପୁର ବିଡିଓ ସେମାନଙ୍କ ବିଷୟରେ କହିଥିଲେ, ''ହାତୀରେ ବସିଥିବା ସାଧୁ ପରି ସେମାନେ ଦିଶୁଥିଲେ। କୌଣସି କର୍ମଚାରୀ ସେମାନଙ୍କୁ ଆନ୍ତଃରାଜ୍ୟ ଗମନାଗମନ ଅନୁମତିପତ୍ର ମାଗି ନ ଥିଲେ। ପ୍ରକୃତରେ ମୁଁ ସେମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେଇଥିଲି।'' ରାଞ୍ଚିର ବନ୍ୟଜନ୍ତୁ ବିଭାଗର ବନକର୍ମଚାରୀ ମତ ପ୍ରକାଶ କରିଥିଲେ, ''ମାହୁନ୍ତ ସହ ପୋଷା ହାତୀମାନଙ୍କୁ ସାହି ବା ମେଳାରେ ଭାଗ ନେବାକୁ ମାଲିକମାନେ ସରକାର ସହ ରେଜିଷ୍ଟ୍ରେଶନ କରିଥାନ୍ତି। ଏହି ପୋଷା ଜୀବମାନେ ସେମାନଙ୍କ ପାରିବାରିକ ସମ୍ପତ୍ତି (ଖାନଦାନି)। ଏପଟେ ପଦଚାରୀ ପ୍ରବାସୀମାନେ ଯନ୍ତ୍ରଣାଦାୟକ ଅସରନ୍ତି ଯାତ୍ରାରେ ହନ୍ତସନ୍ତ ହେଉଥିବା ବେଳେ ହାତୀର ମାହୁନ୍ତଟି ଗଜପତି ପରି ସଗର୍ବେ ଦୀର୍ଘ ପଥ ଅତିକ୍ରମ କଲା। ବାସ୍ତବରେ କରୋନା ବେଳେ ଯାହାକୁ ହାତୀ ପିଠି ଦେଖାଏ, ସେ ଆଉ କାହାର କିଙ୍କର ବା ନୌକର ହୋଇ ନ ପାରେ। ସେ ହୋଇଯାଏ ସଉଦାଗର... ଜଣେ ସର୍ଦ୍ଦାର।

ତଟସ୍ଥ ହୋଇ ଜଳକା ପରି ଚାହିଁ ରହିଥିବା ଇତର ଲୋକଙ୍କୁ ଦେଖିଲେ ତା'ମନରେ ଛାଇ ଯାଇପାରେ ଗର୍ବ ଓ ଅହଙ୍କାର- ଏକଦା ଅତୀତରେ ଦିନେ ଯେମିତି ଗଜ -ବିହାର ବେଳେ କେଉଁ କେଉଁ ରାଜା ଅନୁଭବ କରିଥିବେ!

ମୋ: ୯୦୭୮୭୪୩୮୪୩

## ଏଇ ଭାରତରେ

ଜଳ ପୃଥିବୀକୁ ସବୁଜ ସୁନ୍ଦର କରେ। ଜଳ ବି ଜୀବନର ସଞ୍ଜିବନୀ,ଏହା ଉପଲବ୍ଧି କରିଛନ୍ତି ଯୋଗେଶ ଚୌହାନ। ପୁଣେର ଏହି ଏଚ୍‌ଆର୍ ପର୍ସନାଲ ଦହିଗାଓଁରେ ଜଳ ସଂରକ୍ଷଣ କରି ଭୂତଳ ଜଳସ୍ତର ବୃଦ୍ଧି କରିପାରିଛନ୍ତି। ଏହାଦ୍ୱାରା ସବୁ କୂଅ, ନଳକୂଅରେ ପାଣି ଭରା ରହୁଛି। ମହାରାଷ୍ଟ୍ରର ସତରା ଜିଲା ଅନ୍ତର୍ଗତ ଦହିଗାଓଁରେ ଯୋଗେଶଙ୍କ ଜନ୍ମ। ଗାଁର ଜନସଂଖ୍ୟା ୩,୫୦୦। ଜଳ ସଙ୍କଟର ସମ୍ମୁଖୀନ ହେଉଥିବା ଏହି ଗାଁ ତଥା ଏହାର ୧୦୦କିମି ମଧ୍ୟରେ ଥିବା ଗାଁଗୁଡ଼ିକରୁ ଏହି ସମସ୍ୟା ଏବେ ଦୂର ହୋଇଛି ଯାଦବଙ୍କ ପ୍ରଚେଷ୍ଟାରେ।୨୦୧୬ରେ ଯୋଗେଶ ଗାଁକୁ ଫେରି ତାଙ୍କ ସାଙ୍ଗମାନଙ୍କ ସହଯୋଗରେ ବର୍ଷାଜଳ ଅମଳ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ପରେ ଏହା ମାଧ୍ୟମରେ ବିଭିନ୍ନ ସ୍ଥାନରେ ବର୍ଷାଜଳ ସଂରକ୍ଷଣ କେନ୍ଦ୍ର ନିର୍ମାଣ କରିଛନ୍ତି। ପାଣିକୁ ଫିଲଟର କରି ପାଣିଟାଙ୍କିଗୁଡ଼ିକରେ ଜମାରଖିବାର ବ୍ୟବସ୍ଥା କରିଛନ୍ତି। ଗ୍ରାମବାସୀ ଏବଂ ସ୍ଥାନୀୟ ସଂସ୍ଥାମାନଙ୍କଠାରୁ ଆର୍ଥିକ ଅନୁଦାନ ଯୋଗାଡ କରି ଏହି ପ୍ରୋଜେକ୍ଟକୁ ଆଗକୁ ବଢାଇଛନ୍ତି। କେବଳ ଏତିକି ନୁହେଁ ସେ ଗାଁ ପାଖ ନଦୀରେ ୧୭ଟି ଚେକ୍‌ଡ୍ୟାମ ନିର୍ମାଣ କରି ନଦୀର ୫୦ ପ୍ରତିଶତ ପାଣି ଅଟକାଇ ପାରିଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସହ ଇଞ୍ଜିନିୟର, ସ୍ୱେଚ୍ଛାସେବୀ ଓ ବିଶେଷଜ୍ଞମାନେ ମଧ୍ୟ ସାମିଲ ହୋଇଛନ୍ତି। ଚେକ୍‌ଡ୍ୟାମରେ ୨୯ କୋଟି ଲିଟର ଜଳ ସଂରକ୍ଷଣ କରାଯାଇପାରିବ ବୋଲି ଆକଳନ କରିଛନ୍ତି ଯୋଗେଶ। ଦହିଗାଓଁ ଏବଂଏହାର ଆଖପାଖ ଗାଁଗୁଡ଼ିକରେ ଭୂତଳ ଜଳସ୍ତର ଢେର ବଢ଼ିଯାଇଛି। ୭୦ଫୁଟ ବଦଳରେ କୂଅରେ ୩୦ ଫୁଟରେ ପାଣି ପଡୁଛି। ପୁରୁଣା ନଳକୂପରେ ୧୫୦ ଫୁଟରେ ପାଣି ପଡୁଥିବାବେଳେ ଏବେ ପଡୁଛି ୭୦ ଫୁଟରେ।

## ୨୫ ବର୍ଷ ତଳର ଧରିତ୍ରୀ

୫ ଡିସେମ୍ବର ୧୯୯୫

- କାମେରୁନ ଏୟାରଲାଇନ୍ସର ଏକ ବୋଇଂ ୭୩୭ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬୦ ଜଣଙ୍କ ମୃତ୍ୟୁ।
- ଫିଲିପାଇନ୍ସ କେନ୍ଦ୍ରୀୟ ଦ୍ୱୀପ ନେଗ୍ରୋସରେ ପ୍ରଳୟଙ୍କରୀ ବନ୍ୟା ଯୋଗୁ ୧୨ ମୃତ।
- ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରବୀଣ ପୁରୁଷ, ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତା ଧୀର ବିଶ୍ୱାଳଙ୍କ ୬୭ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ
ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ
ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ। -(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | A | | | | | | | | | 7 | B | 4 | |
| | | D | | | | 8 | 1 | B | | 6 | | 7 | 3 | |
| 7 | | | C | | | 4 | 3 | | 2 | | 9 | A | | |
| | | 0 | 1 | | | | | A | | B | | | | E |
| | | E | | | | | | | D | 5 | | 6 | | 2 |
| | | | | | | | | | 1 | 2 | | | 7 | 3 |
| | 5 | | A | B | | | C | 1 | 0 | | | | | |
| A | 7 | | 0 | | | 2 | 8 | | | | C | | | |
| | | | | E | | D | 4 | 6 | | | 8 | 2 | | |
| C | | 6 | D | | | | E | | 9 | 3 | | | | |
| | | | 5 | | | 3 | | E | | | 6 | C | 2 | |
| | B | | | | 8 | | | | | 4 | | | | |
| 4 | | 9 | | | | 5 | | | E | 1 | | | 6 | 7 |
| | 1 | | 3 | | | | | | | | | | | |
| | | 2 | E | | 7 | 0 | | | B | | A | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | 6 | C | 3 | E | B | 0 | 2 | 8 | 5 | 1 | A | D | 4 |
| 2 | 5 | 3 | A | 7 | 9 | C | E | 8 | 4 | 0 | D | 6 | B | 1 |
| A | 0 | 8 | 4 | 5 | 1 | 6 | 7 | D | B | 9 | E | 2 | C | 3 |
| C | E | D | 2 | B | 8 | 1 | 5 | 4 | A | 6 | 3 | 7 | 9 | 0 |
| 4 | B | 1 | D | 0 | 6 | A | 9 | 3 | C | 7 | 2 | E | 5 | 8 |
| 1 | D | 2 | 5 | 4 | 0 | 7 | 3 | A | 6 | B | C | 9 | 8 | E |
| 3 | A | E | 6 | D | 7 | 2 | B | 9 | 5 | 1 | 8 | 0 | 4 | C |
| 0 | C | 4 | B | E | 3 | 8 | 6 | 5 | 9 | D | 7 | 1 | A | 2 |
| 5 | 8 | B | 9 | 2 | A | E | 1 | C | 0 | 3 | 4 | D | 7 | 6 |
| 9 | 6 | 7 | 8 | 1 | C | 4 | D | 0 | 2 | E | A | B | 3 | 5 |
| B | 2 | 9 | E | 8 | 5 | D | A | 6 | 3 | 4 | 0 | C | 1 | 7 |
| E | 4 | A | 7 | C | D | 5 | 2 | B | 1 | 8 | 6 | 3 | 0 | 9 |
| 6 | 7 | 5 | 0 | A | 2 | 3 | 4 | 1 | D | C | 9 | 8 | E | B |
| D | 3 | C | 1 | 9 | 4 | 0 | 8 | 7 | E | 2 | B | 5 | 6 | A |
| 8 | 1 | 0 | 3 | 6 | B | 9 | C | E | 7 | A | 5 | 4 | 2 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟିକା ନାହିଁ ତ ଢିଲା ନାହିଁ

ମହାଶୟ,

କରୋନା ସଂକ୍ରମଣ ଏବେ ଦିଲ୍ଲୀ, ପୁଣେ ଏବଂ କେରଳରେ ଯେଉଁଭଳି ଉପରମୁହାଁ ହୋଇଛି, ତାହା ବାସ୍ତବିକ ଚିନ୍ତାର କାରଣ । ଦୀର୍ଘ ୪୭ ଦିନ ଧରି କରୋନା ସଂକ୍ରମଣ କ୍ରମାଗତ ଭାବେ ଖସିବା ସହ ଦୈନିକ ସଂକ୍ରମଣ ୯୦ହଜାରରୁ ୩୦ ହଜାରକୁ ହ୍ରାସ ପାଇଥିଲା। ଏବେ କରୋନା ପୁଣି କାୟାବିସ୍ତାର କରିବାରେ ଲାଗିଛି। ଏଥିରୁ ଯାହା ଜଣାପଡୁଛି କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଛି। ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର କେତେକ କରୋନା ପ୍ରଭାବିତ ଅଞ୍ଚଳରେ ହାଟ ବଜାର ବନ୍ଦ କରିଦେଇଥିବା ବେଳେ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିବା ସହ ଅମାନିଆଙ୍କ ପାଇଁ ୨୦୦୦ଟଙ୍କା ଜରିମାନା ବ୍ୟବସ୍ଥା କରିଛନ୍ତି। ଅହମ୍ମଦାବାଦରେ ଗୁଜରାଟ ସରକାର ୫୭ ଘଣ୍ଟା କର୍ଫ୍ୟୁ ଜାରି କରିଛନ୍ତି। ଶୀତ ଦିନରେ ସଂକ୍ରମଣ ବଢିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ସମେତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଥିଲେ। ଦିଲ୍ଲୀ, ପୁଣେ, ଅହମ୍ମଦାବାଦ, କେରଳରେ ସଂକ୍ରମଣ ବଢିବା ଏହାର ଜ୍ୱଳନ୍ତ ଉଦାହରଣ। ଆମେରିକା ନୁହେଁ, ୟୁରୋପୀୟ ରାଷ୍ଟ୍ରଗୁଡିକରେ ସ୍ଥିତି ଏବେ ଅସମ୍ଭାଳ ହୋଇପଡ଼ିଛି। ବିଶ୍ୱର ବହୁ ନାମୀଦାମୀ କମ୍ପାନୀ ଟିକା ବାହାର କରିବାକୁ ପ୍ରୟାସ ଜାରି ରଖିଥିଲେ ମଧ୍ୟ ସଫଳ ହୋଇପାରିନାହାନ୍ତି। ଟିକା ନ ବାହାରିବା ପର୍ଯ୍ୟନ୍ତ ଆମକୁ ମାସ୍କ ପରିଧାନ, ସାମାଜିକ ଦୂରତା ବଜାୟ ରଖିବା, ବାରମ୍ବାର ହାତଧୋଇବା ପାଇଁ ସଂକଳ୍ପ ନେବାକୁ ହେବ। ଟିକା ନାହିଁ ତ ଢିଲା ନାହିଁ, ଏହା ହିଁ ଆମର ସଂକଳ୍ପ ହେଉ।

-ସୌଭାଗ୍ୟ ରଞ୍ଜନ ମହାନ୍ତି, ଓଲ୍ଡ ଟାଉନ୍, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଘୁମୁସର ବନଖଣ୍ଡରେ ହାତୀ ମୃତ୍ୟୁ



**ଭଞ୍ଜନଗର,୪।୧୨(ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ଦୁର୍ଗାପ୍ରସାଦ ଜଙ୍ଗଲରେ ଶୁକ୍ରବାର ଏକ ଅଣ୍ଡିରା ହାତୀର ମୃତ୍ୟୁ ଘଟିଛି। ଖବରପାଇ ଡ଼ିଏଫ୍‌ଓ ଅଭୟକାନ୍ତ ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିପରି ମୃତ୍ୟୁ ହେଲା ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ଜଙ୍ଗଲରେ ହାତୀଟିର ମୃତ୍ୟୁ ହେବାପରେ ଅନ୍ୟ ହାତୀମାନେ ଦୀର୍ଘସମୟ ଧରି ତାକୁ ଘେରି ରହିଥିଲେ। ଶୁକ୍ରବାର ସକାଳୁ ହାତୀମାନେ ପ୍ରବଳ ଗର୍ଜନ କରିଥିଲେ। ନିକଟରେ ଥିବା ଦୁର୍ଗାପ୍ରସାଦ ଗ୍ରାମବାସୀମାନେ ଭୟଭୀତ ହୋଇପଡ଼ିଥିଲେ। ଏହାପରେ ଜଙ୍ଗଲକୁ ଯାଇ ଗୋଟିଏ ହାତୀ ମରି ପଡିଥିବାବେଳେ ଅନ୍ୟ ହାତୀମାନେ ତାକୁ ଘେରି ଗର୍ଜନ କରୁଥିବା ଦେଖିଥିଲେ। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କ ଭିଡ଼ଜମିବା ପରେ ମୃତ ହାତୀକୁ ଛାଡ଼ି ଅନ୍ୟ ହାତୀମାନେ ଜଙ୍ଗଲକୁ ଚାଲିଯାଇଥିଲେ। ଏହାପରେ ହାତୀର ବ୍ୟବଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।

### ଦନ୍ତାହାତୀ ଶିକାର ଘଟଣା,୩ ଗିରଫ

**ସମ୍ବଲପୁର,୪।୧୨(ବ୍ୟୁରୋ):** ସମ୍ବଲପୁର ବନଖଣ୍ଡ ସଦରରେଞ୍ଜ ଯାଦୁଲୁଇସିଂ ଗ୍ରାମ୍ୟ ଜଙ୍ଗଲ ନିକଟରେ ଦନ୍ତାହାତୀର ମୃତଦେହ ଉଦ୍ଧାର ହୋଇଥିଲା। ବନ୍ୟପ୍ରାଣୀ ଶିକାର ପାଇଁ ବିଛା ଯାଉଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁଘଟିଥିବା ବନ ବିଭାଗ ତଦନ୍ତରୁ ଜାଣି ପାରିଥିଲା। ଏହି ଘଟଣାରେ ବନ ବିଭାଗ ୪ ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଧମା ଥାନା ଯାଦୁଲୁଇସିଂ ଗ୍ରାମର ବୈକୁଣ୍ଠ ମିର୍ଦ୍ଧା ( ୩୮), ନନ୍ଦଲାଲ ଭୋଇ (୨୪), ଦିଲୀପ ଭୋଇ (୪୫) । ସେମାନଙ୍କୁ ସମ୍ବଲପୁର ଏସ୍‌ଡିଜିଏମ୍ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତମାନେ ବାରହା ଓ ଅନ୍ୟ ବନ୍ୟପ୍ରାଣୀ ଶିକାର କରିବା ପାଇଁ ତାର ବିଛାଇ ଥିବା ସ୍ୱୀକାର କରିଛନ୍ତି । ବନ ବିଭାଗ ଘଟଣା ସ୍ଥଳରୁ ଜିଆଇ ତାର, ବାଡି ଜବତ କରିଥିଲା । ଏସିଏଫ ମଦନଲାଲ ଶର୍ମାଙ୍କ ନେତୃତ୍ୱରେ ସଦରରେଞ୍ଜର ଗୌରୀ ଦାସ ଓ ବନ କର୍ମଚାରୀମାନଙ୍କୁ ନେଇ ଟିମ୍ ଗଠନ କରାଯାଇଥିଲା ।

# ଏସ୍‌ଆଇଟିର ତଦନ୍ତ ଜାରି

**ନୟାଗଡ଼ ଅଫିସ,୪।୧୨**

ଏସ୍‌ଆଇଟି (ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍) ଦ୍ୱାରା ପରୀ ହତ୍ୟା ଘଟଣାର ତଦନ୍ତ ଜାରି ରହିଛି। ୪ଦିନ ଭିତରେ ଟିମ୍ ୨ଥର ଯଦୁପୁରରେ ପହଞ୍ଚି ଘଟଣାର ତନାଘନା ଚଳାଇଛି। ପୋଲିସ ଆଇଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ଟିମ୍ ଶୁକ୍ରବାର ପରୀର ମୃତଦେହ ମିଳିଥିବା ସ୍ଥାନ ପୋଖରୀ କୂଳକୁ ଯାଇ ତଦନ୍ତ କରିଥିଲେ। ବାଲୁଗାଁ ରାଜସ୍ୱ ବିଭାଗର ଆର୍‌ଆଇ ଓ ଅନ୍ୟ କର୍ମଚାରୀଙ୍କ ସହାୟତାରେ ମ୍ୟାପ ଦେଖି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ।

ହତ୍ୟା ଘଟଣାର ଅଭିଯୁକ୍ତ ବୋଲି କୁହାଯାଉଥିବା ବାବୁଲା ନାୟକଙ୍କ ଘରକୁ ଯାଇ ପୋଲିସ ଆଇଜି ପଚରାଉଚୁରା କରିଥିଲେ। ଟାଉନ ଥାନା ଓ ଅନ୍ୟ ଥାନାର ପୋଲିସ ସହାୟତାରେ ଟିମ୍ ସଦସ୍ୟ ଯଦୁପୁର ଗାଁର ବିଭିନ୍ନ ଲୋକଙ୍କ ଘରକୁ ଯାଇ ପଚାରି ବୁଝିଥିଲେ। ଅନ୍ୟପକ୍ଷେ ଭୟ ଓ ରୋଜଗାର ହରାଇ ପରୀର ଅଜା ଘରେ ରହୁଥିବା ମା' ସୌଦାମିନୀ ଓ ବାପା ଅଶୋକ ସାହୁ କୁହନ୍ତି, ପରୀର ହତ୍ୟାକାରୀ କିଏ ଆମେ ଜାଣି ନ ଥିଲୁ। ବାବୁଲା ନାୟକଙ୍କ ଚାଲିଚଳଣି ଦେଖି ଆମେ ସନ୍ଦେହ କଲୁ। ଏହାଛଡା ଗାଁରେ କଙ୍ଗାରୁ କୋର୍ଟ ବସାଇବା, ଘରେ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆମକୁ ଆକ୍ରମଣ ସହ ହତ୍ୟା ଧମକ ଦେବା ପରେ ସନ୍ଦେହ ବଢ଼ିଲା। ପୂର୍ବରୁ ସେ ଗଞ୍ଜେଇ ଓ ପରେ ବ୍ରାଉନସୁଗାର ବ୍ୟବସାୟ କଲେ। ପିଲାଙ୍କ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି ବ୍ୟବସାୟ ବି ତାଙ୍କର ରହିଛି। ବାବୁଲା ଆମର ଶତ୍ରୁ ନୁହେଁ। ତାଙ୍କୁ ହଇରାଣ କରିବା ଆମର ଉଦ୍ଦେଶ୍ୟ ନୁହେଁ। ନିର୍ଯାତନା ବଢ଼ିବା ଓ ଆମ ଅଟୋ ଭାଙ୍ଗି ଦିଆଯିବା ପରେ ରୋଜଗାର ହରାଇ ଆମେ ଅକ୍ଟୋବର ଶେଷ ସପ୍ତାହରୁ ଗାଁ ଛାଡି ପରୀର ଅଜା ଘରେ ରହୁଛୁ। ପୋଲିସ ଆଇଜି ବୋଥ୍ରା ଆମକୁ ପ୍ରତିଶ୍ରୁତି ଦେଇଛନ୍ତି ହତ୍ୟାକାରୀକୁ ଧରି ନ୍ୟାୟ ଦେବେ। ଏଣୁ ଆମେ ସହଯୋଗ ଜାରି ରଖିଛୁ। ନଚେତ୍ ସିବିଆଇକୁ କେସ୍ ଦେଇଦେବେ କହିଛନ୍ତି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଏବେ ୭ଜଣ ପୋଲିସ ଗୁରୁବାରଠାରୁ ଯୋଗିଆପଲ୍ଲୀରେ ଆମକୁ ସୁରକ୍ଷା ଦେଉଛନ୍ତି। ବାବୁଲା ନାୟକ କୁହନ୍ତି, ଆଜି ମୋତେ ପୋଲିସ ଆଇଜି ବୋଥ୍ରା ପଚରାଉଚୁରା କଲେ। ପରୀ ହତ୍ୟାକାରୀଙ୍କୁ ଧରିବାରେ ସହଯୋଗ କରୁଛି ଓ କରିବି ବୋଲି କହିଛି। ଦୋଷ ନ ଥାଇ ମୋତେ ଅଯଥାରେ ଛନ୍ଦି ଦିଆଯାଇଥିବାରୁ ମୋର ରୋଜଗାର ଠପ୍ ହୋଇଗଲାଣି।



ଯଦୁପୁରରେ ପୋଲିସ ଆଇଜି ଅରୁଣ ବୋଥ୍ରା ଓ ଅନ୍ୟମାନେ।

- ମୃତଦେହ ମିଳିଥିବା ସ୍ଥାନ ବୁଲି ଦେଖିଲେ
- ରାଜସ୍ୱ କର୍ମଚାରୀଙ୍କୁ ନେଇ ମ୍ୟାପ ତନଖି

# ଓଡ଼ିଶା ପକ୍ଷରୁ ସୀମାନ୍ତ ସ୍ଥାନ ଚିହ୍ନଟ ଆରମ୍ଭ

**ପଟ୍ଟାଙ୍ଗୀ,୪।୧୨(ଡି.ଏନ.ଏ.)**

### ଓଡ଼ିଶା-ଆନ୍ଧ୍ର ସୀମା ବିବାଦ

- ୪ଦିନ ସମୟ ମାଗିଛି ଆନ୍ଧ୍ର

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସମ୍ବାଇ ପଞ୍ଚାୟତର ଆନ୍ଧ୍ର ସୀମାନ୍ତକୁ ନେଇ ଓଡ଼ିଶା ଓ ଆନ୍ଧ୍ରର ପ୍ରଶାସନିକସ୍ତରୀୟ ଆଲୋଚନା ଗୁରୁବାର ହୋଇଥିଲା। ଶୁକ୍ରବାରଠାରୁ ଓଡ଼ିଶା ପକ୍ଷରୁ ସୀମା ଚିହ୍ନଟୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଓ ପଟ୍ଟାଙ୍ଗୀ ତହସିଲ କର୍ମଚାରୀ ପହଞ୍ଚି ଏହି କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଆନ୍ଧ୍ର ସରକାରଙ୍କ କୌଣସି କର୍ମଚାରୀ ଆସି ନ ଥିଲେ। ଫଳରେ ସୀମାନ୍ତରେ ଲାଗି ରହିଥିବା ବିବାଦର ସମାଧାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୁରୁବାର ଉଭୟ ରାଜ୍ୟର ପ୍ରଶାସନିକ ଅଧିକାରୀମାନଙ୍କ ଆଲୋଚନା ପରେ ଉଭୟ ରାଜ୍ୟର ପ୍ରଶାସନ ସହଯୋଗରେ ସୀମା ଚିହ୍ନଟ ନେଇ ଉଭୟଙ୍କ ମଧ୍ୟରେ ଏକ ଲିଖିତ ଚୁକ୍ତି ହୋଇଥିଲା। ଏହା ସତ୍ତ୍ୱେ ଶୁକ୍ରବାର ଆନ୍ଧ୍ର ସରକାରଙ୍କ ପକ୍ଷରୁ କୌଣସି ଅଧିକାରୀ ପହଞ୍ଚିନାହାନ୍ତି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସ, ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ଥାନା ଅଧିକାରୀ ବିଜୟରାଜ ମାଝି ଙ୍କ ସମେତ ଗଠନ ହୋଇଥିବା ୧୬ ଜଣିଆ କମିଟି ସଦସ୍ୟମାନେ ସୀମାନ୍ତରେ ପହଞ୍ଚି ମାଡ୍ରାସ ପ୍ରେସିଡେନ୍ସି ସର୍ଭେ ସମୟରେ ରହିଥିବା ଟ୍ରାଇଜଙ୍କ୍ସନ ତଥା ତିନିକୋଣିଆ ପଥର ଚିହ୍ନଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ପଥର ଚିହ୍ନଟ କାର୍ଯ୍ୟ ସରିବା ପରେ ୯ରୁ ଡିମାର୍କେଶନ ହେବ। ତେବେ ବିଶାଖାପାଟଣା ଜିଲା ପ୍ରଶାସନ ପକ୍ଷରୁ ପାଡେରୁ ଉପଜିଲାପାଳ କୋରାପୁଟ ଜିଲା ପ୍ରଶାସନକୁ ୪ ଦିନ ସମୟ ମାଗିଛନ୍ତି। ଏହା ପରେ ତାଙ୍କ ରାଜ୍ୟ ପକ୍ଷରୁ ସୀମାନ୍ତ ସ୍ଥାନରେ ପହଞ୍ଚି କୋରାପୁଟ ଜିଲା ପ୍ରଶାସନକୁ ସୀମା ଚିହ୍ନଟରେ ସମସ୍ତ ସହଯୋଗ କରିବେ ବୋଲି କହିଛନ୍ତି।



କୋରାପୁଟ ଜିଲା ପ୍ରଶାସନର ଅଧିକାରୀମାନେ ତିନିକୋଣିଆ ପଥର ଚିହ୍ନଟ କାର୍ଯ୍ୟ ଆରମ୍ଭ କରିଛନ୍ତି।

# ସଂସ୍କୃତରେ ପିଏଚ୍.ଡି ହାସଲ କଲେ ମୁସଲମାନ ଛାତ୍ରୀ

**ଅହମ୍ମଦାବାଦ,୪।୧୨**

ଛାତ୍ରୀଛାତ୍ରମାନେ ନିର୍ଦ୍ଦିଷ୍ଟ ଭାଷାକୁ ବାଧ୍ୟତାମୂଳକ ଭାବେ ପଢ଼ିବା ପାଇଁ କେନ୍ଦ୍ର ସରକାର ଗତ ପ୍ରାୟ ୫ବର୍ଷ ମଧ୍ୟରେ ଅନେକ ଥର ପ୍ରୟାସ କରିଛନ୍ତି। ଏହାକୁ ନେଇ ସାରା ଭାରତରେ ପ୍ରବଳ ବିରୋଧ ମଧ୍ୟ ଦେଖିବାକୁ ମିଳିଛି। କେଉଁ ଭାଷାରେ ପଢ଼ିବେ ତାହା ଛାତ୍ରୀଛାତ୍ରଙ୍କ ଇଚ୍ଛା ଓ ଆଗ୍ରହ ଉପରେ ଛଡ଼ାଯାଉ ବୋଲି ବିଦ୍ୱାନମାନେ କହୁଛନ୍ତି। କାରଣ ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଧର୍ମ, ଜାତି, ପ୍ରାନ୍ତ ନିର୍ବିଶେଷରେ ନିଜର ଉତ୍କର୍ଷକୁ ଦେଖାଇପାରିବେ। ଏହାକୁ ପ୍ରମାଣିତ କରିଛନ୍ତି ଜଣେ ୨୬ ବର୍ଷୀୟା ମୁସଲମାନ ଛାତ୍ରୀ ସଲ୍‌ମା କୁରେଶୀ। ସେ ଗୁଜରାଟ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ପିଏଚ୍.ଡି ଡିଗ୍ରୀ ହାସଲ କରିଛନ୍ତି। ସେ ଏହା ମଧ୍ୟ ପ୍ରମାଣିତ କରିଦେଇଛନ୍ତି ଯେ, କୌଣସି ଭାଷା ନିର୍ଦ୍ଦିଷ୍ଟ ଭାବେ ଧର୍ମ ଆଧାରିତ ନୁହେଁ। ସଲ୍‌ମା 'ଭାରତରେ ଶିକ୍ଷକ-ବିଦ୍ୟାର୍ଥୀ ପରମ୍ପରା' ବିଷୟବସ୍ତୁକୁ ବାଛିଥିଲେ। ତାଙ୍କ ନିବନ୍ଧର ଶୀର୍ଷକ ହେଲା 'ପୁରାଣେଶୁ ନିରୁପିତ ଶିକ୍ଷା ପଦ୍ଧତି ଏକାମ ଅଧ୍ୟୟନ'। ସଲ୍‌ମା ଗୁଜରାଟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ଛାତ୍ରୀ ଥିଲେ। ଅତୁଲ ଉନାଗରଙ୍କ ପଥ ପ୍ରଦର୍ଶନରେ ସେ ତାଙ୍କ ଡକ୍ଟରେଟ୍ ହାସଲ କରିଥିଲେ। ଭାବନଗର ବିଶ୍ୱବିଦ୍ୟାଳୟରେ ସେ ସ୍ନାତକୋତ୍ତରରେ ସ୍ୱର୍ଣ୍ଣପଦକ ପାଇଥିଲେ ଏବଂ ସ୍ୱରାଷ୍ଟ୍ର ବିଶ୍ୱବିଦ୍ୟାଳୟରୁ ସ୍ନାତକ ଶେଷ କରିଥିଲେ। ସଲ୍‌ମା କୁହନ୍ତି ଯେ, ସ୍କୁଲ ସମୟରୁ ହିଁ ସେ ସଂସ୍କୃତ ପ୍ରତି ଆକୃଷ୍ଟ ହୋଇଥିଲେ। ବେଦ, ପୁରାଣ ପଢ଼ିବାକୁ ସେ ଭଲପାଆନ୍ତି। ସଂସ୍କୃତ ପଢ଼ିବା ଏବଂ ଏହାକୁ ନେଇ ଉଚ୍ଚଶିକ୍ଷା ହାସଲ କରିବା ଦିଗରେ ତାଙ୍କ ପରିବାର ଲୋକେ କେବେ ମଧ୍ୟ ଆପତ୍ତି ଉଠାଇନାହାନ୍ତି। ସେ ବିଶ୍ୱାସ କରନ୍ତି ଯେ, କୌଣସି ଧର୍ମ ସହିତ ଭାଷାର ସମ୍ପର୍କ ନାହିଁ। ନିଜ ପସନ୍ଦ ମୁତାବକ ଭାଷାରେ ପଢ଼ିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଧୀନତା ମିଳିବା ଦରକାର। ସେ ସଂସ୍କୃତ ଶିକ୍ଷକ ହେବାକୁ ଇଚ୍ଛା ରଖିଥିବା କହିଛନ୍ତି।



ସଲ୍‌ମା କୁରେଶୀ

# ୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୪।୧୨–** ଖୋର୍ଦ୍ଧା ଅବକାରୀ ଏବଂ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ବିଭାଗ ଶୁକ୍ରବାର ମିଳିତ ଭାବେ ଚଢ଼ାଉ କରି ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବୋଲଗଡ଼ ଥାନା ଅଧୀନ ଫାସିଅଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମର ନିରଞ୍ଜନ ସାହୁ(୫୯)। ତାଙ୍କଠାରୁ ୭କେଜି ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବରପାଇ ଅବକାରୀ ସ୍କ୍ୱାଡ୍ ଶୁକ୍ରବାର ସକାଳେ ନିରଞ୍ଜନଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ତାଙ୍କ ଠାରୁ ଗଞ୍ଜାଇ ଜବତ ହୋଇଥିଲା। ଏ ସମ୍ପର୍କରେ ଏକ ମାମଲା (ନଂ.୩୦/୨୦) ରୁଜୁ କରାଯିବା ପରେ ନିରଞ୍ଜନଙ୍କୁ କୋର୍ଟଚାଲାଣ କରାଯାଇଥିଲା ବୋଲି ଖୋର୍ଦ୍ଧା ଅବକାରୀ ଇନସ୍ପେକ୍ଟର ରଞ୍ଜନ ନାୟକ କହିଛନ୍ତି।

# ପିଇଓଙ୍କୁ ନିଲମ୍ବନ କଲେ ଜିଲାପାଳ

### ୪୫ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ହଡ଼ପ ଅଭିଯୋଗ

**ପାରଳାଖେମୁଣ୍ଡି,୪।୧୨(ଡି.ଏନ୍.ଏ.)**

ସରକାରୀ ଟଙ୍କା ହଡପ ଅଭିଯୋଗରେ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ନିଲମ୍ବନ କରିଛନ୍ତି ଗଜପତି ଜିଲାପାଳ। ସେ ହେଲେ ଗୁମ୍ମା ବ୍ଲକ ଗୁମ୍ମା ପଞ୍ଚାୟତ ନିର୍ବାହୀ ଅଧିକାରୀ ସାରଳା ରାବଣାମ୍ମା। ସରକାରୀ ଆକାଉଣ୍ଟରୁ ୨୯ଟି ଚେକ୍ ବ୍ୟବହାର କରି ୬ଟି ଆକାଉଣ୍ଟକୁ ୪୦ଲକ୍ଷ ୫ହଜାର ୭ଶହ ଟଙ୍କା ପଠାଇ ହଡପ କରିଥିବା ତଦନ୍ତରୁ ଜଣାପଡିଛି ବୋଲି ଗୁମ୍ମା ବିଡିଓ ନଟବର ଗରଡା କହିଛନ୍ତି। ଏଥିରେ ଗୁମ୍ମା ସରପଞ୍ଚ ଝିଙ୍କରୀୟ ରଇତଙ୍କ ଦସ୍ତଖତ ରହିଥିବାବେଳେ, ଏହା ଜାଲ୍ ବୋଲି ସେ କହିଛନ୍ତି। ଗୁମ୍ମା ଏସ୍‌ବିଆଇ ଶାଖା ପରିଚାଳକ ରତିକାନ୍ତ ଜେନା ସରପଞ୍ଚଙ୍କ ଦସ୍ତଖତ ମ୍ୟାଚ କରୁଥିବା କହିଛନ୍ତି।

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଣ୍ଟି ମନି ଲଣ୍ଡରିଂ ବିଭାଗରୁ ଗୁମ୍ମା ଏସ୍‌ବିଆଇ ଶାଖା ପରିଚାଳକଙ୍କୁ କିଛିଦିନ ତଳେ ପତ୍ର ଆସିବା ପରେ ଟଙ୍କା ହଡପ ସମ୍ପର୍କରେ ଜଣାପଡିଥିଲା। ଶାଖା ପରିଚାଳକ ଗୁମ୍ମା ବିଡିଓଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ବିଡିଓ ଏକ ସ୍ୱତନ୍ତ୍ର ଦଳ ଗଠନ କରି ଏହାର ତଦନ୍ତ କରିଥିଲେ। ପଞ୍ଚାୟତ ଉନ୍ନୟନମୂଳକ କାମ ପାଇଁ ଆସିଥିବା ସରକାରୀ ଟଙ୍କା ପିଇଓ ହଡପ କରିଥିବା ତଦନ୍ତରୁ ଜଣାପଡିଥିଲା। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର ୬ଜଣଙ୍କ ଆକାଉଣ୍ଟରେ ଏହି ଟଙ୍କା ଜମା ହୋଇଛି। କୋଭିଡ୍ କଟକଣା ଯୋଗୁ ଏପ୍ରିଲ୍ ମାସରୁ ଚେକ୍ ବ୍ୟବହାର ବନ୍ଦ ଥିବାବେଳେ ପିଇଓ ରାବଣାମ୍ମା ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଚେକ୍ ବ୍ୟବହାର କରିଥିଲେ। ଗଣାମାଧ୍ୟମକୁ ସୂଚନା ଦେଇ ବିଡିଓ ଗରଡା କହିଛନ୍ତି, ଏନେଇ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯିବ ଏବଂ ଏହି ଘୋଟାଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ଅଧିକ ତଦନ୍ତ ପରେ ଜଣାପଡିବ।

ଜିଲାପାଳ ଅନୁପମ ସାହା କହିଛନ୍ତି, ଗୁମ୍ମା ବିଡିଓଙ୍କଠାରୁ ତଦନ୍ତ ରିପୋର୍ଟ ମିଳିବା ପରେ ପିଇଓଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ମାମଲା ରୁଜୁ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାବଣାମ୍ମାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନଥିଲା।



ପିଇଓ ସାରଳା ରାବଣାମ୍ମା।

# ଫେରିବା ପରେ ବି ଗ୍ରହଣ କରାଗଲାନି

**ପୁରୀ ଅଫିସ, ୪।୧୨**

### ନାଗାର୍ଜୁନ ବେଶର ଚନ୍ଦ୍ର-ସୂର୍ଯ୍ୟ ଗାଏବ ଘଟଣା

ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶରେ ଲାଗିଥିବା ଚନ୍ଦ୍ର-ସୂର୍ଯ୍ୟ କେହି ନେଇଯାଇଥିବା ଅଭିଯୋଗ ହୋଇଥିଲା। ନାଗାର୍ଜୁନ ବେଶ ପରଦିନ ଅର୍ଥାତ୍ ଗତ ୨୮ ତାରିଖରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ହଟଚମଟ ସୃଷ୍ଟି ହୋଇଥିଲା। ଏହାପରେ ଶ୍ରୀମନ୍ଦିର ପ୍ରଶାସକ ଡ. କ୍ରିଷନ କୁମାରଙ୍କ ନିର୍ଦ୍ଦେଶ କ୍ରମେ ନୀତି ପ୍ରଶାସକ ଏହାର ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ଏହି ଘଟଣା ରୋଚକ ମୋଡ଼କୁ ଆସିଛି। ନୀତି ପ୍ରଶାସକଙ୍କ କାର୍ଯ୍ୟାଳୟରେ ନାଗାର୍ଜୁନ ବେଶର ଜଣେ କାରିଗର ପହଞ୍ଚି ଏହି ଚନ୍ଦ୍ର, ସୂର୍ଯ୍ୟ ଫେରାଇବାକୁ ଚାହିଁଥିଲେ। ଜଣେ ବରିଷ୍ଠ ସେବାୟତ ଏହା ତାଙ୍କୁ ଦେଇଥିବା ସେ କହିଥିଲେ। ମାତ୍ର ତଦନ୍ତ ଚାଲିଥିବା କହି ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏହାକୁ ଗ୍ରହଣ କରିନାହାନ୍ତି।

ଏ ନେଇ ଶିଳ୍ପୀ ବସନ୍ତ ମହାରଣା କହିଛନ୍ତି ଯେ, ନାଗାର୍ଜୁନ ବେଶରେ ଲାଗିଥିବା ଚନ୍ଦ୍ର, ସୂର୍ଯ୍ୟ ଶ୍ରୀମନ୍ଦିରକୁ ଫେରିଛି। ବାହାରକୁ ଯାଇଥିବା ଚନ୍ଦ୍ର, ସୂର୍ଯ୍ୟ କେବଳ ପ୍ରତିକୃତି ଥିଲା। ମାତ୍ର ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ହେବାବେଳେ ସୁନା ଅଳଙ୍କାର ଲାଗିଥିଲା। ତେବେ ଗାରଦରୁ ଚନ୍ଦ୍ର ଓ ସୂର୍ଯ୍ୟ ଜଣେ ବରିଷ୍ଠ ସେବାୟତଙ୍କ ଘରକୁ ଯାଇଥିଲା। ଏହାକୁ ଏବେ କାଗଜପତ୍ର କରି ରଖାଯିବାର ବ୍ୟବସ୍ଥା ହେବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନୀତି ପ୍ରଶାସକ ସାହୁ କହିଛନ୍ତି, ଏହି ଘଟଣା ବର୍ତ୍ତମାନ ତଦନ୍ତ ପରିସରଭୁକ୍ତ ଥିବାରୁ ସମ୍ପୃକ୍ତ ଚନ୍ଦ୍ର-ସୂର୍ଯ୍ୟକୁ ଗ୍ରହଣ କରାଯାଇନାହିଁ। ଆଗକୁ କ'ଣ କରାଯିବ ସେନେଇ ଆଲୋଚନା ପରେ ପଦକ୍ଷେପ ନିଆଯିବ।



ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ଶ୍ରୀମନ୍ଦିର ରତ୍ନସିଂହାସନରେ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥିଲା। ୧୬ଟି ଆୟୁଧ ସହ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ ବିଶ୍ୱନିୟନ୍ତା। ବେଶ ଓଲାଗି ପରେ ଏହାକୁ ଶ୍ରୀମନ୍ଦିର ପ୍ରଶାସନ ହେପାଜତରେ ରଖିଥିଲା। ଛତିଶା ନିଯୋଗ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ବେଶକୁ ଭକ୍ତଙ୍କ ପାଇଁ ସଂରକ୍ଷିତ କରି ରଖାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଏହାକୁ ସଂଗ୍ରହାଳୟରେ ରଖାଯିବ ଓ ଭକ୍ତମାନେ ଏହାକୁ ଦେଖିପାରିବେ ବୋଲି କୁହାଯାଇଥିଲା। ମାତ୍ର ବେଶ ପରଦିନ ଅର୍ଥାତ ୨୮ ତାରିଖ ସକାଳେ ଶ୍ରୀନ୍ଦିରର ଜଣେ କର୍ମଚାରୀ ଉକ୍ତ ଚନ୍ଦ୍ର, ସୂର୍ଯ୍ୟକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା। ସିଂହଦ୍ୱାର ନିକଟରେ ତାଙ୍କୁ ଗଣମାଧ୍ୟମ ପ୍ରତିନିଧି ଘେରିଯାଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଶ୍ରୀମନ୍ଦିର ଗାରଦରୁ ଜଣେ କର୍ମଚାରୀଙ୍କ କହିବା ମୁତାବକ ସେ ଏହାକୁ ଜଣେ ବରିଷ୍ଠ ସେବାୟତଙ୍କ ଘରକୁ ନେଇଯାଉଥିଲେ ବୋଲି ସଫେଇ ଦେଇଥିଲେ। ତେବେ ଗାରଦରେ ଥିବା ଚନ୍ଦ୍ର, ସୂର୍ଯ୍ୟ କିପରି ବାହାରକୁ ଆସିଲା ତାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷେ ଏହି ବେଶର ସ୍ୱତ୍ୱାଧିକାରୀ ଚକ୍ରକୋଟ ବଳରାମ ଖୁଣ୍ଟିଆ କୌଣସି ଅଂଶ ନେଇ ନ ଥିବା ଜଣାପଡ଼ିଥିଲା। ତେଣୁ ଏହି ଘଟଣା ରହସ୍ୟ ଘେରକୁ ଆସିଥିଲା।

**କାର୍ ଡ୍ରାଇଭର ଆବଶ୍ୟକ**
ଜଗତପୁର ଅଫିସ୍ ପାଇଁ
ଯୋଗାଯୋଗ ପାଇଁ
Mobile No.
9437021279
7381075901

**URGENT REQUIRED**
- TELECALLER
- CCTV TECHNICIAN
- B.COM GRADUATE
- OFFICE BOY

FOR BHUBANESWAR LOCATION
-: CONTACT :-
8984063446, 9937790459
MAIL ID - utilityservices.bbsr@gmail.com

**STEEL AND POWER PLANT JOB**
ଓଡିଶା ଶିଳ୍ପାଞ୍ଚଳ ସୁନ୍ଦରଗଡ,କେନ୍ଦୁଝର, ଝାରସୁଗୁଡା,ଅନଗୁଳ,ଢେଙ୍କାନାଳ,କଟକ, ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ ।
Qualification: 9th/10th to B.Tech
Salary : Rs 9,380/- to Rs 90,800/-
Email your CV to : plantsvisa@gmail.com
7606082800

**REQUIRED**
OFFICE ASST., MANAGER, FRONT OFFICE LADY, ENGINEER (F/M), ARCHITECT, MARKETING EXECUTIVE (F/M), SITE SUPERVISOR, PA LADY, PEON and CAR DRIVER.
Contact: 9238482524, 9090732020, 9090964245

**URGENTLY REQUIRED**
Civil Er. (Dip./B.Tech) - 20 Nos.
Matric to Graduate - 50 Nos.
Contact
9556880775
7873563668

See Career Appointment on every Wednesday & Saturday

**KALINGA SUPER SPECIALTY HOSPITAL**
Chandrasekharpur, Bhubaneswar-751023, Odisha
Ph: 06742300570, Website: www.kalingahospital.com
Kalinga Hospital Ltd. a multi-disciplined ISO-90012008 certified Corporate Hospital in Bhubaneswar is looking for:

| POSITION | QUALIFICATION |
|---|---|
| CONSULTANT | MEDICINE, NEPHROLOGY, PAEDIATRIC, ENDOCRINOLOGY |
| STAFF NURSE (ICU) | NURSING |
| TECHNICIAN | OT, BLOOD BANK, ENDOSCOPY, GASTROENTEROLOGY |
| ASSISTANT MANAGER | QUALITY |
| RMO(ICU) | INDOOR DOCTOR |

Interested candidates may apply within 10 days of this publication to HR Manager, Kalinga Hospital or Email their resume at info@kalingahospital.com, hr@kalingahospital.com

**PARADIP PORT TRUST** SAGARMALA
No. AD/RSC-1-21/66/2011/2885 Dated: 2nd Dec., 2020
**INTERVIEW**
Applications are invited from Indian Nationals for filling up **five General Duty Medical Officers** on **Contractual** basis in Paradip Port Trust.
For further details, refer to our website
**www.paradipport.gov.in**
Last date is **18.12.2020.** **Sr. Asst. Secretary**
PPT/PR/329/20-21 Dated: 4.12.2020

**GOVT. OF INDIA**
**MINISTRY OF RAILWAYS**
**RAILWAY RECRUITMENT BOARDS**
**CEN 03/2019: Ministerial and Isolated Categories Indicative Notice for Computer Based Test (CBT)**
The Computer Based Tests (CBTs) for the vacancies of Ministerial and Isolated Categories notified under CEN 03/2019 will be held from 15.12.2020 to 18.12.2020. The exam will be held by observing all guidelines related to COVID-19.
The link for Exam City, Date & Shift intimation and Mock test will be made live from 05.12.2020 onwards on official websites of all RRBs. E-call letter can be downloaded 04 days prior to start of Exam as mentioned in city intimation link.
For further details and updates, the candidates are advised to visit only official websites of Railway Recruitment Boards (RRBs) from time to time.
Date : 05.12.2020 **Chairpersons Railway Recruitment Boards**

**ORISSA WATER SUPPLY & SEWERAGE BOARD**
(A Govt. of Orissa Undertaking)
**OFFICE OF THE PROJECT ENGINEER, OISIP, JICA (SEWERAGE)**
At : Mahanadivihar, P.O. : Nayabazar, Cuttack-753004
HSC Cell No.: 0671-2365777, E-mail ID : pe_cs@owssb.in
No. 20923 Date : 01.12.2020
**EMPANELMENT OF CONTRACTORS/PLUMBERS FOR HOUSE SEWER CONNECTION**
Odisha Water Supply and Sewerage Board (OWSSB) invites Application for Empanelment of Contractors/ Plumbers for House Sewer Connection in Cuttack City with following terms and conditions.
1. The Contractors/ Plumbers shall have to submit Application forms along with Terms and Conditions duly filled with supporting documents to be collected from this office of OWSSB, Mahanadivihar, Cuttack on or before 14-12-2020.
2. The empanelment period shall be of 01 year from the date of issuance of Empanelment List.

Sd/-
Project Engineer, Sewerage, OISIP, JICA, OWSSB, Cuttack

## ସଂକ୍ଷେପରେ

### ଡକାୟତ-ଗ୍ରାମବାସୀ ଖଣ୍ଡଯୁଦ୍ଧ ଘଟଣା
## ଜଣେ ମହିଳାଙ୍କ ସମେତ ୧୦ ଅଟକ

**ସୋର, ୪।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ପୀତାକାଳିଆ ଗ୍ରାମରେ ଥିବା ଏକ ପରିତ୍ୟକ୍ତ କୋଠାରେ ଗତ ୨୯ ତାରିଖ ବିଳମ୍ବିତ ରାତିରେ ଏକ ଡକାୟତ ଦଳ ଡକାୟତି ଯୋଜନା କରୁଥିବା ବେଳେ ଗ୍ରାମବାସୀ ଚଢାଉ କରିଥିଲେ। ଗ୍ରାମବାସୀ ଓ ଡକାୟତଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଲୋକେ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଡକାୟତଙ୍କ ଆକ୍ରମଣରେ ୪ ଜଣ ଆହତ ହୋଇଥିଲେ। କେନ୍ଦ୍ରପଡା ମାର୍ଶାଘାଇ ଅଞ୍ଚଳର ପ୍ରଦ୍ୟୁମ୍ନ ସେନାପତିଙ୍କୁ ପୋଲିସ କାବୁ କରି ଥାନାକୁ ଆଣିଥିଲା। ପ୍ରଦ୍ୟୁମ୍ନ ସୂଚନା ଆଧାରରେ ଡକାୟତି ଘଟଣାରେ ଜଡିତ ୧୦ ଜଣଙ୍କୁ ଅଟକ ରଖି ତଦନ୍ତ କରାଯାଉଛି। ଏମାନଙ୍କ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଥିବା ବେଳେ ମହାରାଷ୍ଟ୍ରର ଜଣେ ଯୁବକ ଅଛନ୍ତି।

## ଲୁଟ୍ ଉଦ୍ୟମ ବିଫଳ

**ସୋର, ୪।୧୨(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସୋର କଲେଜଛକସ୍ଥିତ ଏକ ଏଟିଏମ୍‌କୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଭାଙ୍ଗି ଲୁଟିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ପହଞ୍ଚିଯିବାରୁ ବିଫଳ ହୋଇଥିଲେ। ଗତ ୨ ତାରିଖ ରାତିରେ ସୋର ଥାନା ଅଧୀନ ବାଗୁଡ଼ିର ଆକ୍ସିସ ବ୍ୟାଙ୍କ ଏଟିଏମ୍‌କୁ ଭାଙ୍ଗି ଲୁଟିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ପହଞ୍ଚିବା ପୂର୍ବରୁ ଫେରାର ହୋଇଯାଇଥିଲେ।

## ଭାଜପାର ପ୍ରଶିକ୍ଷଣ ଶିବିର

**ଉଦଳା,୪।୧୨(ଡି.ଏନ.ଏ.) :** ମୟୂରଭଞ୍ଜ ଜିଲା ଉଦଳାଠାରେ ଭାରତୀୟ ଜନତା ପାର୍ଟିର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପଠାରେ ଉଦଳା ନଗର ମଣ୍ଡଳ ସଭାପତି ଧୀରେନ୍ଦ୍ର ଖଣ୍ଡେଲୱାଲଙ୍କ ଆବାହକତ୍ୱରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉଦଳା ବିଧାୟକ ଭାସ୍କର ମଢେଇ ଶିବିରକୁ ଉଦଘାଟନ କରିବା ସହିତ ଭାଜପାର ପ୍ରତିଷ୍ଠା, ସଂକଳ୍ପ, କାର୍ଯ୍ୟ ଏବଂ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କର ଜୀବନ ଆଦର୍ଶ ଏବଂ ବଳିଦାନର ସ୍ମୃତିଚାରଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା କମଳ କୁମାର ଧଳ, ପ୍ରଭାତ ପରିଡ଼ା, ମମତା ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋକ

**କୁଆମରା,୪।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଆରପଟା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ବିବେକାନନ୍ଦ ପରିଡ଼ା(୭୬)ଙ୍କର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ୨୦୦୪ରେ ବିଦ୍ୟୁତ୍ ବିଭାଗର ଅଡିଟର ପଦବୀରୁ ଅବସର ଗ୍ରହଣ କରିବା ପରେ ସେ ସମାଜସେବାରେ ନିୟୋଜିତ ଥିଲେ। ତାଙ୍କ ପ୍ରଚେଷ୍ଟାରେ ୧୯୮୬ରେ ଆରପଟା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା। ତାଙ୍କ ବିୟୋଗରେ ଶିକ୍ଷକମାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତ ଶୋକ ପ୍ରକାଶ କରିଛନ୍ତି।

# ଘରକୁ ଧାନ ଫେରାଇନେଲେ ଚାଷୀ

- କୁଇଣ୍ଟାଲ ପିଛା ୫କେଜି ଧାନ କାଟ୍‌କୁ ବିରୋଧ
- ଟୋକନ ନ ପାଇ ଚିନ୍ତାରେ ବଡ଼ ଚାଷୀ

**ପାଟଣା, ୪।୧୨( ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ପାଟଣା ଓ ରାଜନଗର ସମବାୟ ସମିତିର ୭ଟି ଶାଖା କେନ୍ଦ୍ରରେ ମୋଟ ୪୨୨୯ ଚାଷୀ ଚଳିତ ଖରିଫ ଋତୁରେ ସରକାରଙ୍କ ମଣ୍ଡିରେ ଧାନ ବିକ୍ରୟ ଲାଗି ପଞ୍ଜିକୃତ କରିଛନ୍ତି। ଡିସେମ୍ବର ୨୫ତାରିଖରୁ ବିଧିବଦ୍ଧ ଭାବେ କେନ୍ଦେଇପଶି ଓ ଚେମେଣାରେ ଧାନ କ୍ରୟ ଆରମ୍ଭ ହେବ। ତେବେ ବ୍ଲକର ୮୪ଜଣ ଚାଷୀଙ୍କର ୧୦ଏକରରୁ ଉର୍ଦ୍ଧ୍ୱ ଚାଷଜମି ଥିବାରୁ ସେମାନଙ୍କୁ ଜିଲା ପ୍ରଶାସନ ତରଫରୁ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ପରେ ଟୋକନ ଦେବା ପାଇଁ ମେସେଜ ଆସିଛି। ଫଳରେ ବଡ଼ ଚାଷୀମାନେ ଟୋକନ ନ ପାଇ ଚିନ୍ତାରେ ପଡିଛନ୍ତି।

ଶୁକ୍ରବାର ପାଟଣା ଲ୍ୟାମ୍ପସ ତରଫରୁ ମୁଖ୍ୟାଳୟର ମଣ୍ଡିରେ ଧାନ କ୍ରୟ ଆରମ୍ଭ ହୋଇଛି। ଧାନ କୁଇଣ୍ଟାଲ ପିଛା ୫ କି.ଗ୍ରା. କାଟିବାକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିବା ସହ ମଣ୍ଡିକୁ ଆଣିଥିବା ୩ଜଣ ଚାଷୀ ଧାନକୁ ଘରକୁ ଫେରାଇ ନେଇଛନ୍ତି। ସମବାୟ ସମିତି ତରଫରୁ ଧାନରେ ଧୂଳି, କୁଟା, ଗୋଡି, ଅଗାଡି ଗୁଣ୍ଡି ଥିବା କହି ଧାନ କାଟିବାକୁ ଚାହିଁବାରୁ ନବନିର୍ମାଣ କୃଷକ ସଙ୍ଗଠନ ନେତା ଭାବଗ୍ରାହୀ ମହାନ୍ତ, ଖଗେଶ୍ୱର ମହାନ୍ତ, ରମାକାନ୍ତ ମହାନ୍ତ, କର୍ଣ୍ଣ ମହାନ୍ତ ଓ ବ୍ରଜ ମହାନ୍ତ ପ୍ରମୁଖ ବିରୋଧ କରିବାରୁ ଧାନବିକ୍ରି ବନ୍ଦ ରହିଛି। ତେବେ ରାଜନଗର ଲ୍ୟାମ୍ପସ ଯମୁନା ପଶି ଶାଖାରେ ଶୁକ୍ରବାର ସୁରୁଖୁରରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଛି। କାର୍ଯ୍ୟକ୍ରମକୁ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ ଶୁଭାରମ୍ଭ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ମମତାମୟୀ ନାୟକ, ସମିତିସଭ୍ୟ ଗୋକୁଳ ଚନ୍ଦ୍ର ନାୟକ, କେନ୍ଦେଇପଶି ସମିତିସଭ୍ୟ ମିତ୍ରଭାନୁ ମହାନ୍ତ, ଏମ୍‌ଡି ଜିତେନ୍ଦ୍ର କୁମାର ସିଂ ଓ କେନ୍ଦୁଝର ବଜାର ନିୟନ୍ତ୍ରକ ରଣଜିତ୍ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।



କୋଣାର୍କ ମହୋତ୍ସବରେ କେନ୍ଦୁଝରର ସଦର ବ୍ଲକ ଟିକରପଡ଼ା ଗ୍ରାମର ବାଲୁକା ଶିଳ୍ପୀ ନିଶିକାନ୍ତ ବେହେରାଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳାକୃତି। ସେ ବନ୍ୟଜନ୍ତୁ ସୁରକ୍ଷା ନେଇ କଳାକୃତି ପ୍ରସ୍ତୁତ କରିଛନ୍ତି।

## ଭତ୍ତା ବାଣ୍ଟିଲେ ବିଧାୟକ


ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଭତ୍ତା ବାଣ୍ଟୁଛନ୍ତି।

**ବାସୁଦେବପୁର, ୪।୧୨(ଡି.ଏନ.ଏ.)**

ବାସୁଦେବପୁର ପୌରପାଳିକା କନ୍‌ଫରେନ୍ସ ହଲ୍ ପରିସରରେ ଶୁକ୍ରବାର ୧୭ଜଣଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସରପଞ୍ଚ ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଦାସ ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ କରିଥିଲେ। ଆଗାମୀ ଦିନରେ ବାସୁଦେବପୁର ପୌରପାଳିକାର ବିଭିନ୍ନ ଜନହିତକର ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଏହାର ସଫଳ ରୂପାୟନ ପାଇଁ ଜନସାଧାରଣ ଓ ପୌରାଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

## କସିପଦା ସମିତିରେ ଧାନମଣ୍ଡି ଶୁଭାରମ୍ଭ

**ରୂପ୍‌ସା, ୪।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ କସିପଦା କୃଷି ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡିଆରସିଏସ୍ ପ୍ରସନ୍ନ କୁମାର ମହାନ୍ତି, ଏସିଏସ୍‌ଓ ଅଜୟ କୁମାର ମଲିକ, ଆଡ଼ମିନଷ୍ଟ୍ରେଟର ବସନ୍ତ ପ୍ରଧାନ, ଏମ୍‌ଆଇ ହେମକାନ୍ତ ବେହେରା, ଏଆରସିଏସ୍ ସଦାନନ୍ଦ ବେହେରା, ଆରଏମ୍‌ସି ସେକ୍ରେଟାରୀ ଗୋପୀନାଥ ବିଶ୍ୱାଳ, ସମିତି ସମ୍ପାଦକ ସତ୍ୟପ୍ରକାଶ ପାଢ଼ୀ ପ୍ରମୁଖ ଯୋଗଦେଇ ୪ଜଣ ଅଗ୍ରଣୀ ଚାଷୀ ସୃଷ୍ଟିଧର ଗୋଚ୍ଛାୟତ, ଦେବବ୍ରତ ବିଶ୍ୱାଳ, କରୁଣାକର ପଡ଼ିଆରୀ ଓ ସନ୍ତୋଷ ସାହୁଙ୍କଠାରୁ ୧କୁଇଣ୍ଟାଲ ୮୧କି.ଗ୍ରା. ଧାନ କ୍ରୟ କରିଥିଲେ। ୨୦୨୦-୨୧ ଖରିଫ ବର୍ଷ ପାଇଁ ସମିତିରେ ଧାନ ବିକ୍ରି କରିବା ପାଇଁ ୮୧୬ଜଣ ଚାଷୀ ନାମ ପଞ୍ଜିକୃତ କରାଯାଇଥିବା ସମ୍ପାଦକ ପାଢ଼ୀ ପ୍ରକାଶ କରିଥିଲେ। ସହସମ୍ପାଦକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଚତୁର୍ଭୁଜ ନାୟକ ଓ ସରୋଜ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ମହିଳା ନୀରବ ରହିଲେ ଘରୋଇ ହିଂସା କମିବନି'

**ଭଦ୍ରକ ଅଫିସ, ୪।୧୨**

ଭଦ୍ରକ ଆସିୟାନା ସ୍ୱଧାର କେନ୍ଦ୍ର ସଭାଗୃହରେ ସମ୍ପାଦିକା ସୋଫିଆ ଶେଖ୍‌ଙ୍କ ସଭାପତିତ୍ୱରେ ମହିଳା ଓ ବାଳିକା ହିଂସା ନିରୋଧ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ତିଲୋତ୍ତମା ମହାପାତ୍ର ଯୋଗ ଦେଇ ମହିଳା ଓ ବାଳିକାମାନେ ଯେତେବେଳେ ଘରୋଇ ହିଂସାର ଶିକାର ହେଉଛନ୍ତି ସେତେବେଳେ ସେମାନେ ନୀରବ ନ ରହି ପୋଲିସ କିମ୍ବା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ କିମ୍ବା ଏଥି ନିମନ୍ତେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନାରୀନେତ୍ରୀ ଚାରୁଲତା ମହାପାତ୍ର ଯୋଗଦେଇ ଘରୋଇ ହିଂସା କଠୋର ଭାବେ ଦମନ ହେବା ଉଚିତ। ଏଥି ନିମନ୍ତେ ରହିଥିବା ଦଣ୍ଡ ବିଧାନର କଡ଼ାକଡ଼ି ପାଳନ ପାଇଁ ଆହ୍ୱାନ ଦେଇଥିଲେ। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ସପ୍ତାହର ବିଭିନ୍ନ ଦିନରେ ଆଲୋଚନା ଓ କର୍ମଶାଳା କରାଯାଇଥିଲା। ଏଥିରେ ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରୀ ପଦ୍ମନ ରାୟ, ଜିଲା ଶିଶୁ ମଙ୍ଗଳ ଅଧିକାରୀ ଡ. ସୁଦର୍ଶନ ବାରିକ, ବରିଷ୍ଠ ଅଧିବକ୍ତା ଦିବ୍ୟସିଂହ ନାୟକ, ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟ ଶିବ ପ୍ରସାଦ ମହାନ୍ତି, ଅତିରିକ୍ତ ଆଇଆଇସି ଟାଉନ ମନୋରମା ବାରିକ, ଡ. ବାସନ୍ତୀ ରଥ, ଏସ୍‌ଆଇ ପୁରୁଣାବଜାର ମୋନାଲିସା ପ୍ରଧାନ, ଆର୍‌ପିଏଫ୍ ଏଏସ୍‌ଆଇ ଲାଲବିହାରୀ ସାହୁ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସ, ଅଧ୍ୟାପକ ସଂଗ୍ରାମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି କଲା ଭାଜପା

**କେନ୍ଦୁଝର, ୪।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

ପରୀକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କେନ୍ଦୁଝରଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଶିଶୁଟି ଅପହରଣ ହେବାର ୧୦ଦିନ ପରେ ତାଙ୍କ ଘର ପଛପଟେ ମୃତଦେହ ପୋଖରୀ କୂଳରୁ ମିଳିଥିଲା। ଏନେଇ ନୟାଗଡ ସଦର ପୋଲିସ ନିକଟରେ ଅଭିଯୋଗ ପରେ ମଧ୍ୟ ଏହାକୁ ହାଲୁକା ଭାବେ ନିଆଯାଇଥିବା ଭାଜପା ଅଭିଯୋଗ କରିଛି। କୋଭିଡ୍ ସମୟରେ ବେସରକାରୀ ମେଡିକାଲରେ କେତେ ଲୋକଙ୍କ ଅଙ୍ଗ ପ୍ରତିରୋପଣ ହୋଇଛି ତାହା ତଦନ୍ତ ହେବା ଦରକାର। ପରୀ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ କୃଷିମନ୍ତ୍ରୀ ଡ. ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିବା ପାଇଁ ସେ ଦାବି କରିଛନ୍ତି। ପୀଡିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଗତ ୧୦ ଦିନ ହେବ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନ କରି ଆସୁଛି ବୋଲି ରାଜ୍ୟ ସଭାପତି କହିଛନ୍ତି। ପରୀକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏ ଲଢେଇ ଜାରି ରହିବ। ଏଥିସହ ଡିସେମ୍ବର ୨୦ରୁ ୨୫ ତାରିଖ ମଧ୍ୟରେ ପ୍ରତି ନିର୍ବାଚନମଣ୍ଡଳୀରେ ପରୀକୁ ନ୍ୟାୟ ପାଇଁ ୧୫ କିଲୋମିଟର ପଦଯାତ୍ରା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ରାଜ୍ୟ ଭାଜପା ଉପ ସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ଭାଜପା ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଶର୍ମା, କେନ୍ଦୁଝର ଜିଲା ଭାଜପା ପ୍ରଭାରୀ ନବୀନ ରାମ, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଜିଲା ସମ୍ପାଦକ ସଞ୍ଜିବ ନାୟକ, ଉପସଭାନେତ୍ରୀ ସାବିତ୍ରୀ ବିଶ୍ୱାଳ, ପୃଥ୍ୱିରାଜ କୁଅଁର, ଭବାନୀ ନାୟକ, ଜିଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ସୂତ୍ରଧର ଓ ନଗର ମଣ୍ଡଳ ସଭାପତି ବିଶ୍ୱଜିତ୍ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟମାନେ।

## ବାଲିପାଟଣା ସାହୁସାହି ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

**ଦୋବଲ, ୪।୧୨(ଡି.ଏନ.ଏ.)**

ଧାମନଗର ବ୍ଲକ ଅର୍ଜ୍ଜୁନପୁର ପଞ୍ଚାୟତର ସାହୁସାହି ଗୋଷ୍ଠୀକେନ୍ଦ୍ରକୁ ଶୁକ୍ରବାର ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ ଉଦ୍‌ଘାଟନ କରିଛନ୍ତି। ୫ଲକ୍ଷ ଟଙ୍କା ବ୍ୟୟରେ ଏହି ଗୋଷ୍ଠୀ କେନ୍ଦ୍ର ନୂତନ ଭାବେ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ଶିବବ୍ରତ ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ ରାଉତ, ଅର୍ଜ୍ଜୁନପୁର ପଞ୍ଚାୟତ ସଭାପତି ଅକ୍ଷୟ କୁମାର ରାଉତ, ୱାଡ଼ସଭ୍ୟା ରୁକ୍ମଣୀଦାସ, ସୁଲୋଚନା ସାହୁ, ଆଲୋକ ପରିଡ଼ା, ନାରାୟଣ ଚନ୍ଦ୍ର ସାହୁ, ବିରେନ୍ଦ୍ର ନାୟକ, ଲକ୍ଷ୍ମୀଧର ମାଝି ଓ କନିଷ୍ଠଯନ୍ତ୍ରୀ ସୁରେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଆର୍ଥିକ ସହାୟତା ଦାବି କଲେ ଟେଣ୍ଟ ମାଲିକ


ବୈଠକରେ ଟେଣ୍ଟ ମାଲିକ ଓ ଅନ୍ୟମାନେ।

**ଖଇରା, ୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ କୋଚିଆକୋଇଲି ମଧୁବନ ପଡିଆଠାରେ ଟେଣ୍ଟ, ଲାଇଟ୍ ଓ ସାଉଣ୍ଡ ମାଲିକଙ୍କ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶ୍ରମିକନେତା ସନ୍ତୋଷ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବାଲେଶ୍ୱର କୋର କମିଟିର ବରିଷ୍ଠ ସଦସ୍ୟ ରାକେଶ କୁମାର ପ୍ରଧାନ ଓ ସଞ୍ଜୀବ ସେନ ଯୋଗଦେଇ କୋଭିଡ୍-୧୯ର କଟକଣା ପାଇଁ ସମସ୍ତ ଡେକୋରେଟର ତଥା ଲାଇଟ୍, ସାଉଣ୍ଡ, ଟେଣ୍ଟ ବନ୍ଦ ରହିଥିବାରୁ ସେମାନଙ୍କର ଜୀବନଜୀବିକା ବାଧାପ୍ରାପ୍ତ ହୋଇଛି। ଏଥିପାଇଁ ଏକ ସଂଘ ଗଠନ କରି ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ସେମାନଙ୍କର ଦାବି ସରକାରଙ୍କୁ ଜଣାଇପାରିବେ ବୋଲି ଆଲୋଚନା କରିଥିଲେ। ଏଥିପାଇଁ ସଂଘ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ମାଲିକମାନେ ଏକଜୁଟ ହୋଇ ସ୍ଥାନୀୟ ଥାନାଧିକାରୀ, ତହସିଲଦାର ଓ ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଯଦି ସରକାର ସେମାନଙ୍କର ଦାବିକୁ ଗ୍ରହଣ ନ କରନ୍ତି କିମ୍ବା କଟକଣା କୋହଳ ନ କରନ୍ତି ତା'ହେଲେ ଆଗାମୀ ଦିନରେ ସମସ୍ତ ଟେଣ୍ଟ, ଲାଇଟ୍ ଓ ସାଉଣ୍ଡ ମାଲିକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ କାଳିଆ ସାମଲ, ତାପସ ସାମଲ, ଚଗୁଲୁ ମହାନ୍ତି, ବାବୁ ପରିଡା, କୈଳାସ ବେହେରାଙ୍କ ସମେତ ଖଇରା ଓ ଔପଦା ଅଞ୍ଚଳରୁ ୮୦ରୁ ଉର୍ଦ୍ଧ୍ୱ ଟେଣ୍ଟ ମାଲିକ ଉପସ୍ଥିତ ଥିଲେ।

## ରେମୁଣାରେ ପ୍ରତିବାଦ ସଭା

**ରେମୁଣା, ୪।୧୨(ଡି.ଏନ.ଏ.)**

ଚାଷୀ ଅନ୍ଦୋଳନକୁ ସମର୍ଥନ କରି ରେମୁଣା କୃଷକ ମଞ୍ଚ ପକ୍ଷରୁ ଶୁକ୍ରବାର କ୍ଷୀରଚୋରା ମନ୍ଦିର ଛକରେ ପ୍ରତିବାଦ ସଭା କରାଯାଇଥିଲା। କେନ୍ଦ୍ର ସରକାର କୃଷକ ବିରୋଧୀ ଆଇନ୍‌କୁ ପ୍ରତ୍ୟାହାର କରି ଫୌଜଦାରୀ ମାମଲା ଏବଂ ଦେଶଦ୍ରୋହୀ ମାମଲା ପ୍ରତ୍ୟାହାର ନ କଲେ ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ ବୋଲି ପ୍ରତିବାଦ ସଭାରେ ବକ୍ତାମାନେ କହିଛନ୍ତି। ସଭାରେ ପ୍ରେମରଞ୍ଜନ ପାତ୍ର, ଭଗବାନ ମହାନ୍ତି, ବିଜୟ ଗାଆଣ, ପ୍ରଶାନ୍ତ ସିଂହ, ସୁବ୍ରତ ଦାସ, ପ୍ରଣବ ମଜୁମଦାର, କମଳଲୋଚନ ମହାଲିକ, ପଞ୍ଚାନନ ନାୟକ ଓ ବିଦ୍ୟାଧର ନାୟକ ବକ୍ତବ୍ୟ ରଖିଥିଲେ।

## 'ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇବା ଜରୁରୀ'

**ବାହାନଗା, ୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶ୍ରୀଜଗନ୍ନାଥ ଦିବ୍ୟାଙ୍ଗ ସେବା ସଂସ୍ଥା ତରଫରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗମାନଙ୍କୁ ସହଯୋଗର ହାତ ବଢାଇବା ଜରୁରୀ ବୋଲି ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା ଯୋଗଦେଇ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏକ ସଭା ଗୋପାଳପୁରସ୍ଥିତ ପ୍ରାଣୀ ଚିକିତ୍ସାଳୟ ପଡିଆରେ ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୧୫୦ଜଣଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିଡିଓ ରଘୁନାଥ ପାଣିଗ୍ରାହୀ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ଯୋଜନାରେ ଜମି ପ୍ରଦାନ ବିଷୟରେ କହିଥିଲେ। ବାହାନଗା ବ୍ଲକ ସାମାଜିକ ସୁରକ୍ଷା ଅଫିସର (ବିଏସ୍‌ଏସ୍‌ଓ) ପ୍ରସନ୍ନ ବାରିକ ଯୋଗଦେଇ ଦିବ୍ୟାଙ୍ଗମାନେ କିପରି ୭ଶହ ଟଙ୍କା ଭତ୍ତା ପାଇପାରିବେ ସେ ବିଷୟରେ ପ୍ରକାଶ କରିଥିଲେ । ତେବେ ବ୍ଲକ ତରଫରୁ ଭାସ୍କର ବେହେରା, ଦ୍ୱିତିକା ସେଠୀ, ଯୋଗେଶ ଚନ୍ଦ୍ର ଯେନା, ଉପେନ୍ଦ୍ର ଗୋଚ୍ଛାୟତ ପ୍ରମୁଖ ୪ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ନୂଆପୁର ସରପଞ୍ଚ ମନୋରମା ମହାଳିକ, ଦିବ୍ୟାଙ୍ଗ ସେବା ସଂଘ ଜିଲା ସଭାପତି ଚିନ୍ତାମଣି ରାଉତ, ବାହାନଗା ବ୍ଲକ ଶ୍ରୀଜଗନ୍ନାଥ ଦିବ୍ୟାଙ୍ଗ ସେବା ସଂସ୍ଥା ସଭାପତି ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

## ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ବିଳମ୍ବ ନେଇ ଅସନ୍ତୋଷ

**ବାଲେଶ୍ୱର ଅଫିସ,୪।୧୨**

ବାଲେଶ୍ୱର ସହର ଜନଗହଳି ରାସ୍ତାଗୁଡିକ ମଧ୍ୟରୁ ଅଙ୍ଗାରଗଡ଼ିଆ ଓ ଶୋଭାରାମପୁର ରାସ୍ତା ସହରବାସୀଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରନ୍ତି। ଏହି ଦୁଇରାସ୍ତା ମଧ୍ୟଦେଇ ରେଳଲାଇନ୍ ଯାଇଥିବାରୁ ଯାତାୟାତରେ ମୁଖ୍ୟ ବାଧକ ସାଜିଛି ରେଳ ଲେଭଲକ୍ରସିଂ। ଏହି ଅସୁବିଧା ଓଭରବ୍ରିଜ୍ ନିର୍ମାଣ ହେଲେ ସମାଧାନ ହୋଇପାରିବା ନେଇ ବହୁ ଦାବି ଓ ଆନ୍ଦୋଳନ କରିଆସୁଥିଲେ। ସରକାର ରେଳଲାଇନ ଉପରେ ଓଭରବ୍ରିଜ ନିର୍ମାଣ ଲାଗି ନିଷ୍ପତ୍ତି ନେଇଥିଲେ। ୨୦୨୧ରେ ଟେଣ୍ଡର ଅବଧି ଶେଷ ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ବାକି ରହିଛି । ଏହାକୁ ନେଇ ଏବେ ଜନଅସନ୍ତୋଷ ବଢିବାରେ ଲାଗିଛି।

ସୂଚନା ଅନୁଯାୟୀ, ଅଙ୍ଗାରଗଡ଼ିଆ ଓଭରବ୍ରିଜ୍ ନିର୍ମାଣ ପ୍ରକଳ୍ପର ଟେଣ୍ଡର ମୂଲ୍ୟ ୨୯,୩୦,୨୫,୬୦୦ ଟଙ୍କା ଥିବାବେଳେ ୨୦୨୧ ମସିହା ସୁଦ୍ଧା ଏହାର କାର୍ଯ୍ୟ ସରିବାର ନିଷ୍ପତ୍ତି ହୋଇଥିଲା। ପ୍ରାୟ ୮ଶହ ମିଟର ଦୂରତା ବିଶିଷ୍ଟ ଏହି ଓଭରବ୍ରିଜ୍ ନିର୍ମାଣ ହେବାକୁ ଥିବାବେଳେ ୨୬ଟି ସ୍ପାନ ନିର୍ମାଣ ହେବାକୁ ସ୍ଥିର ହୋଇଛି। ଗୋଟିଏ ସ୍ପାନ ରେଲ୍‌ୱେ ପକ୍ଷରୁ ନିର୍ମାଣ ହେବାକୁ ଥିବାବେଳେ ଅନ୍ୟ ୨୫ଟି ସ୍ପାନ ତିଆରି ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ସରକାରୀ ସ୍ତରରେ ଏହି କାର୍ଯ୍ୟ ସରିବାର ଅବଧି ୨୦୨୧ ମସିହା ଥିବାବେଳେ ଆଜି ପର୍ଯ୍ୟନ୍ତ ଓଭରବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ସରିନି। ଅବଶ୍ୟ ରେଲ୍‌ୱେ ଦୁଇଟି ସ୍ପାନ ନିର୍ମାଣ ପାଇଁ ପିଲର କାମ ଆରମ୍ଭ କରିଛି। ହେଲେ ପୂର୍ତ୍ତ ବିଭାଗର କାମ ଆରମ୍ଭ ହୋଇନି। ଓଭରବ୍ରିଜ୍ ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ପ୍ଲଟଗୁଡ଼ିକ ମଧ୍ୟରୁ ପ୍ରାୟ ୮୫ଟି ପ୍ଲଟ ଘରୋଇ ହୋଇଥିବାରୁ ଅଧିଗ୍ରହଣରେ ସମସ୍ୟା ଉପୁଜିଛି। ସେହିପରି ଶୋଭାରାମପୁର ରେଳ ଓଭରବ୍ରିଜ ବଜେଟ ପ୍ରାୟ ୨୭କୋଟି ଟଙ୍କା ରହିଛି । ବ୍ରିଜ୍‌ର ଦୈର୍ଘ୍ୟ ୯ଶହ ମିଟର, ଏଥିରେ ୨୯ଟି ସ୍ପାନ ତିଆରି ହେବାକୁ ଥିବାବେଳେ ୨୬ଟି ପୂର୍ତ୍ତ ବିଭାଗ ନିର୍ମାଣ କରିବ ଓ ରେଲ୍‌ୱେ ୩ଟି ତିଆରି କରିବା ଦାୟିତ୍ୱ ରହିଛି। ବ୍ରିଜ୍ ପାଇଁ ରେଲ୍‌ୱେ ର କାର୍ଯ୍ୟ ପ୍ରାୟ ୭୫% ସମ୍ପୂର୍ଣ୍ଣ ହୋଇଥିବା ବେଳେ ନିର୍ମାଣ ହେବାକୁ ଥିବା ୨୯ଟି ସ୍ପାନ ପାଇଁ ଏପର୍ଯ୍ୟନ୍ତ ପିଲର କାମ ସରିନି। ମାତ୍ର ୭/୮ଟି ପିଲର ତିଆରି ହୋଇଛି। ଶୋଭାରାମପୁର ରେଳ ଓଭରବ୍ରିଜ୍ କାମ ପ୍ରଥମେ ଆରମ୍ଭ ହୋଇଥିବାବେଳେ ଅଙ୍ଗାରଗଡ଼ିଆ ବିଳମ୍ବରେ ଆରମ୍ଭ ହୋଇଥିଲା। ଉକ୍ତ ରାସ୍ତା ଉପରେ ସହରବାସୀ ନିର୍ଭର କରୁଛନ୍ତି। ରେମୁଣା ଓ ୬୦ନଂ. ଜାତୀୟ ରାଜପଥକୁ ଏହି ରାସ୍ତା ସଂଯୋଗ କରୁଛି। ଏଥିସହିତ ବାଲିଆ, ସରସ୍ୱତୀପୁର, ନରହରିପୁର ଅଞ୍ଚଳର ଲୋକମାନଙ୍କ ସମେତ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏମ୍ସ ସାଟେଲାଇଟ୍ ସେଣ୍ଟର, ସିପେଟ, ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟ, ବିର୍ଲା ଟାୟାର୍ସ, ସୋମନାଥପୁର ଶିଳ୍ପାଞ୍ଚଳ, ବିପିସିଏଲ, ଏଚ୍‌ପିସିଏଲ୍, ଇଣ୍ଡିଆନ୍ ଅଏଲ ଡିପୋ ଭଳି ଜିଲାର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଛି। ଗୁରୁତ୍ୱ ଦୃଷ୍ଟିରୁ ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତବିଭାଗର ସହକାରୀ ଯନ୍ତ୍ରୀ ରମେଶ ମହାପାତ୍ରଙ୍କୁ ପଚାରିବାରୁ ଶୋଭାରାମପୁର ଓଭର୍‌ବ୍ରିଜ କାର୍ଯ୍ୟ ବିଭାଗୀୟ ଠିକାଦାର କରୋନା ସମୟରେ ଧିମା କରିଥିବା ବେଳେ ବର୍ତ୍ତମାନ ଠିକଠାକ୍ ଚାଲିଛି। ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ଶୋଭାରାମପୁର ଓଭର୍‌ବ୍ରିଜର କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି। ଅଙ୍ଗାରଗଡିଆ ବ୍ରିଜ୍ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ହେବାରୁ କାମ ଆଗେଇବାରେ ଅସୁବିଧା ହେଉଥିବା ସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଶେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତା ପାଇଁ ୧୨୫ କୋଟି ମଞ୍ଜୁର

ସଜନାଗଡ, ୪।୧୨(ଡି.ଏନ.ଏ.) କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରିବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶେରଗଡ଼-ଝରଣାଘାଟି ଭାୟା-ନୀଳଗିରି ୧୯ନଂ. ରାଜ୍ୟ ରାଜପଥ ପାଇଁ ପ୍ରଶସ୍ତିକରଣ ପାଇଁ ଭାରତ ସରକାରଙ୍କ କେନ୍ଦ୍ରୀୟ ପରିବହନ, ଗମନାଗମନ, ଜାତୀୟ ରାଜପଥ ମନ୍ତ୍ରାଳୟର କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ ଚିଠି ଲେଖିଥିଲେ। ଏନେଇ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ୧୯ନଂ. ରାଜ୍ୟ ରାଜପଥ ପାଇଁ ୧୨୫କୋଟି ଟଙ୍କା ମଞ୍ଜୁର କରିଥିବାର କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କୁ ଚିଠିରେ ଜଣାଇଛନ୍ତି। ମନ୍ତ୍ରୀ ଷଡ଼ଙ୍ଗୀ ଏ ନେଇ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉକ୍ତ ଚିଠିରେ ଶେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତା ୪ ଲେନ ହେବ ବୋଲି ଉଲ୍ଲେଖ ହୋଇଛି। ଏହାଦ୍ୱାରା ମୟୂରଭଞ୍ଜ ଜିଲାକୁ ଯାତାୟାତରେ ସହାୟତା ହୋଇପାରିବ।

### ଯୋଡ଼ା ଛାଡ଼ି ହାତୀ ପଲ ଚମ୍ପୁଆ ମୁହାଁ

ଯୋଡା,୪।୧୨(ଡି.ଏନ୍‌.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରରେ ୧୧ଟି ହାତୀ ଉପଦ୍ରବ କରିବା ପରେ ବନ ବିଭାଗ ପକ୍ଷରୁ ସେମାନଙ୍କୁ ଘଉଡ଼ାଇ ଦିଆଯାଇଛି। ଏହି ହାତୀପଲ ଏବେ ଚମ୍ପୁଆ ମୁହାଁ ହୋଇଥିବା ସୂଚନା ମିଳିଛି। ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଚମ୍ପୁଆ ବନଖଣ୍ଡ ଅନ୍ତର୍ଗତ ମିରିଗିସିଙ୍ଗା ବନାଞ୍ଚଳ ଆଡ଼କୁ ଏହି ହାତୀପଲ ଚାଲିଯାଇଛନ୍ତି। ଯୋଡ଼ା ସହରରେ ବୁଧବାର ଭୋର୍‌ ସମୟରେ ହାତୀପଲ ଉତ୍ପାତ କରିବା ସହିତ ଜଣେ ବୃଦ୍ଧଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ବନ ବିଭାଗର ହାତୀ ସ୍କ୍ୱାଡ୍‌ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ହାତୀପଲ ଇଙ୍ଗାଣିଝରଣ ରାସ୍ତା ଦେଇ କାନପୁର ଡ୍ୟାମ୍‌ ଅଞ୍ଚଳ ଅତିକ୍ରମ କରି ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ମିରିଗିସିଙ୍ଗା ଜଙ୍ଗଲରେ ରହିଛନ୍ତି। ଏହି ହାତୀ ପଲରେ ଥିବା ଏକ ଦନ୍ତା ହାତୀ ଅତ୍ୟନ୍ତ ହିଂସ୍ର ହୋଇଥିବାରୁ ବନ ବିଭାଗ ଏହାର ଗତିବିଧି ଉପରେ ତିକ୍ଷ୍ଣ ନଜର ରଖିଥିବା ଚମ୍ପୁଆ ରେଞ୍ଜ ଅଧିକାରୀ ଗଣେଶ୍ୱର ପାତ୍ର ସୂଚନା ଦେଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଇରଙ୍ଗପୁର,୪।୧୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ମନ୍ଦିର ସାହି ବସ୍ତି ଅଞ୍ଚଳର ପୂର୍ଣ୍ଣେଶ୍ୱର ଶିବ ମନ୍ଦିର ପାଚେରୀ ପାର୍ଶ୍ୱ ଏକ ଗଛରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବହଲଦା ଥାନା ଅନ୍ତର୍ଗତ ହଳଦୀବଣି ଗ୍ରାମର ବାବୁଲାଲ ଖୁଣ୍ଟିଆ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୦) ରୁଜୁ କରି ତଦନ୍ତ ଚଳାଇଛି। ବାବୁଲାଲ ମନ୍ଦିର ସାହି ବସ୍ତି ଅଞ୍ଚଳରେ ଘର ଭଡ଼ା ନେଇ ସ୍ତ୍ରୀଙ୍କ ସହ ରହୁଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

### କଲରାପତରିଆ ବାଘ ଭଳି ଜଙ୍ଗଲୀ ବିଲେଇ ଉଦ୍ଧାର

ସୋର, ୪।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ତଳନଗର ପଞ୍ଚାୟତ ଅଲିପୁର ଗ୍ରାମର ରାମଚନ୍ଦ୍ର ବାରିକଙ୍କ ଚାଷ ଜମି ନିକଟରେ ଥିବା କିଆବୁଦା ମୂଳରୁ କଲରାପତରିଆ ବାଘ ଭଳି ଦେଖାଯାଉଥିବା ଦୁଇଟି ଜଙ୍ଗଲୀ ବିଲେଇ ଉଦ୍ଧାର କରାଯାଇଛି। ଏହି ଗ୍ରାମର ମୁକ୍ତିକାନ୍ତ ବାରିକ ସକାଳେ ଧାନ କାଟୁଥିବା ବେଳେ ବୁଦାମୂଳରୁ ଦୁଇ ଶାବକ ଦେଖିଥିଲେ। ସେ ଭୟଭୀତ ହୋଇପଡ଼ିବା ସହିତ ଉଦ୍ଧାର କରି ଘରକୁ ନେଇ ଆସି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ପହଞ୍ଚି ଦୁଇ ଶାବକକୁ ନେଇଯାଇଛି। ଡିଏଫ୍‌ଓ କେଦାରନାଥ ସ୍ୱାଇଁ ଏହି ଶାବକ ଜଙ୍ଗଲି ବିଲେଇ ବୋଲି କହିଛନ୍ତି।

### କୃଷିଜୀବୀ ମହିଳା ଦିବସ

ବାରିପଦା ଅଫିସ, ୪।୧୨: ମୟୂରଭଞ୍ଜ ଜିଲା କୃଷି ବିଜ୍ଞାନ କେନ୍ଦ୍ର-୧ ପକ୍ଷରୁ କୁଳିଅଣା ବ୍ଲକ ଦରଖୁଲି ଗ୍ରାମରେ କୃଷିଜୀବୀ ମହିଳା ଦିବସ ପାଳିତ ହୋଇଯାଇଛି। କୃଷି କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ଓ ଆନୁସଙ୍ଗିକ କୃଷି କର୍ମ ଆପଣାଇ ସ୍ୱାବଲମ୍ବୀ ହେବାକୁ କେନ୍ଦ୍ରର ବୈଜ୍ଞାନିକ ଡ.ସଙ୍ଘମିତ୍ରା ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଗୃହ ବିଜ୍ଞାନୀ ଝୁନିଲତା ଭୂୟାଁ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ମହିଳାମାନଙ୍କ ଶ୍ରମ ଲାଘବ ପାଇଁ କୃଷି ଯନ୍ତ୍ରପାତିର ବ୍ୟାବହର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଚାଷୀଙ୍କୁ ଛତୁ ଚାଷ ଲାଗି ମଞ୍ଜି ଓ ପଲିଥିନ ପ୍ରଦାନ କରାଯାଇଥିଲା। ମିଶନ ଶକ୍ତି ଓ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଟିମ୍‌ର ତଦନ୍ତ

**ନାବାଳିକାଙ୍କୁ ହତ୍ୟା ଘଟଣା**

ବାଲେଶ୍ୱର ଅଫିସ, ୪।୧୨

ବାଲେଶ୍ୱର ଜିଲା ନୀଳିଗିରିରେ ନାବାଳିକାଙ୍କୁ ବଳାତ୍କାର ପରେ ବିଷ ପିଆଇ ହତ୍ୟା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଦୁଇଜଣ ମହିଳା ସଦସ୍ୟା ମନ୍ଦାକିନୀ କର ଓ ଦିବ୍ୟ ଶାଶ୍ୱତି ଗୁରୁବାର ନୀଳିଗିରି ଆସି ତଦନ୍ତ କରିଛନ୍ତି।

ପ୍ରଥମେ ସେମାନେ ନୀଳିଗିରି ଥାନାରେ ପହଞ୍ଚି ଏହି ମାମଲାର ବିବରଣୀ ସଂଗ୍ରହ କରିଥିଲେ। ଏହାପରେ ପୋଲିସ ସହ ଉକ୍ତ ଇଟାଭାଟି ପାଖକୁ ଯାଇ ଆଖପାଖ ଅଞ୍ଚଳର ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ନାବାଳିକାଙ୍କ ଘରକୁ ଯାଇ ତାଙ୍କ ମା'ବାପାଙ୍କ ସହିତ ଆଲୋଚନା କରିବା ସହ ପାଖ ପଡ଼ୋଶୀଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଜିଲା ଶ୍ରମ ଅଧିକାରୀଙ୍କ ସହ ସେମାନେ ଆଲୋଚନା କରି ଜିଲାର ଇଟାଭାଟିଗୁଡ଼ିକରେ ଯେପରି କୌଣସି ଶିଶୁ ଶ୍ରମିକ କାମ ନ କରନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। ନୀଳଗିରିରୁ ଫେରିବା ପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସହିତ ଘଟଣା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହା ଉପରେ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ନାବାଳିକାଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନରେ ଯେପରି ବିଳମ୍ବ ନ ହୁଏ ଏବଂ ଆବଶ୍ୟକସ୍ଥଳେ ଜରୁରୀକାଳୀନ ପାଣ୍ଠିରୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ପରାମର୍ଶ ଦେଇଥିଲେ। ତଦନ୍ତ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ଜିଲା ଆଇନ ପର୍ଯ୍ୟବେକ୍ଷକ ଅଧିକାରୀ ମୁକ୍ତିକାନ୍ତ ପଣ୍ଡା ସହଯୋଗ କରିଥିଲେ। ଶେଷରେ ଉକ୍ତ ଟିମ୍‌ ବାଲେଶ୍ୱର ଉତ୍କଳ ବାଳାଶ୍ରମ ପରିଦର୍ଶନରେ ଯାଇଥିଲେ ଏବଂ ସେଠାରେ ଥିବା ଅନ୍ତେବାସୀମାନଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

## 'ଗୋକୁଳାନନ୍ଦ ଥିଲେ କିମ୍ବଦନ୍ତୀ ପୁରୁଷ'




ସ୍ମୃତିଚାରଣ ସଭାରେ ଯୋଗ ଦେଇଥିବା ଅତିଥି।

ଭଦ୍ରକ ଅଫିସ,୪।୧୨

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀବାଦୀ, ପୂର୍ବତନ ଏମ୍‌ପି ତଥା ବିଧାୟକ ସ୍ୱର୍ଗତ ଗୋକୁଳାନନ୍ଦ ମହାନ୍ତିଙ୍କ ୪୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଶୁକ୍ରବାର ଜିଲା ସ୍ମୃତି କମିଟି ପକ୍ଷରୁ ଭଦ୍ରକ ସହର କୁଆଁସ ଗ୍ରାମ ଗୋକୁଳଧାମଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ଖବରଦାତା ଅମର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ କମିଟିର ସାଧାରଣ ସମ୍ପାଦକ ଭଦ୍ରକ ଓକିଲ ସଂଘ ପୂର୍ବତନ ସଭାପତି ବିଷ୍ଣୁମୋହନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଝରଣା ଦାସ, ପ୍ରତିମା ସାହୁ, ଅଧୀକ୍ଷକ ହୃଷିକେଶ ମହାନ୍ତି, ଗାନ୍ଧୀ ବାଳାଶ୍ରମର କଳା ଶିକ୍ଷକ କାଳିନ୍ଦୀ ମଲ୍ଲିକ, ସାମାଜିକକର୍ମୀ ପରମାନନ୍ଦ ଦାସ ଯୋଗଦେଇ ସଂଗ୍ରାମୀ ଗୋକୁଳାନନ୍ଦଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ସେ କିମ୍ବଦନ୍ତୀ ପୁରୁଷ ଥିଲେ ବୋଲି କହିଥିଲେ। ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ପ୍ରଭାତ ଫେରୀ, ତିଳତର୍ପଣ, ସମାଧି ପୀଠ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସର୍ବଧର୍ମ ପ୍ରାର୍ଥନା ଓ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା । ଖବରଦାତା ଅଶୋକ କୁମାର ନାୟକ ସ୍ୱାଗତ ଭାଷଣ, ଯୁବନେତା ଜ୍ୟୋତିପ୍ରକାଶ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. କାନନ ମହାନ୍ତି ଶ୍ରଦ୍ଧାଞ୍ଜଳି କବିତା ପାଠ କରିଥିଲେ।

## ମହାବୀର କପ୍‌ ଜୁନିୟର କ୍ରିକେଟ: ସଡନ ଆଟାକ ଟିମ୍‌ ଚାମ୍ପିୟନ

ଭଣ୍ଡାରିପୋଖରୀ, ୪।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶଟିକିରିସ୍ଥିତ ମହାବୀର କପ୍‌ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦାଦେଶ୍ୱର କ୍ରିକେଟ ଟିମ୍‌କୁ ହରାଇ ସଡ଼ନ ଆଟାକ ଟିମ୍‌ ଚାମ୍ପିୟନ ହୋଇଛି। ୧୬ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଦାଦେଶ୍ୱର କ୍ରିକେଟ ଟିମ୍‌ ପ୍ରଥମେ ବ୍ୟାଟିଂ କରିବା ନିଷ୍ପତ୍ତି ନେଇ ୧୬ଓଭରରେ ୮ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଜବାବରେ ସଡ଼ନ ଆଟାକ ଟିମ୍‌ ୧୫ ଓଭରରେ ୧ ଉଇକେଟ ହରାଇ ୧୪୯ ରନ କରି ଚାମ୍ପିୟନ ହୋଇଥିଲା। ଅମ୍ପାୟାର କୈଳାସ ଦ୍ୱିବେଦୀ, ପ୍ରଭାସ ରାଉତରାୟ , ସ୍କୋରର ଦିଲୀପ ପୃଷ୍ଟି , ପିଲୁ ସାମଲ, ଧାରା ବିବରଣୀ ଦୀପ୍ତି ଦାସ ପ୍ରଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ମହାବୀର କ୍ଲବ ସମ୍ପାଦକ ପ୍ରତାପ ପଣ୍ଡା, ମ୍ୟାନେଜର ଉମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ନଗଦ ଅର୍ଥ, ରନର୍ସଅପ ଦଳକୁ ଟ୍ରଫି ଓ ନଗଦ ଅର୍ଥ ପ୍ରଦାନ କରି ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଅବିନାଶ ପଣ୍ଡା, ମ୍ୟାନ ଅଫ ଦି ସିରିଜ ସୋମ୍ୟ ମହାପାତ୍ରଙ୍କୁ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

## ପେଟ୍ରୋ କେମିକାଲ ପ୍ଲାଣ୍ଟକୁ ବିରୋଧ

**ଭିଟାମାଟି ସୁରକ୍ଷା ଗେଟ୍‌ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଲୋକେ**

ବାଲିଆପାଳ, ୪।୧୨(ସ୍ୱ.ପ୍ର.)

ବାଲିଆପାଳ ବ୍ଲକ ସାମୁଦ୍ରିକ ଉପକୂଳରେ ପ୍ରସ୍ତାବିତ ବନ୍ଦର ଏବଂ ପେଟ୍ରୋ କେମିକାଲ ପ୍ଲାଣ୍ଟକୁ ବିରୋଧ କରାଯାଇଛି। ଉପକୂଳ ଅଞ୍ଚଳରେ ସରକାରୀ ଗାଡ଼ି ପଶାଇ ନ ଦେବା ପାଇଁ ଶୁକ୍ରବାର ବାଲିଆପାଳର କାଳିପଦା ଏବଂ ନୂଆଗାଁଠାରେ ଭିଟାମାଟି ସୁରକ୍ଷା କମିଟି ସହିତ ଉପକୂଳବର୍ତ୍ତୀ ୫ ପଞ୍ଚାୟତର ଲୋକେ ଭିଟାମାଟି ସୁରକ୍ଷା ଗେଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ବାଲିଆପାଳ ବ୍ଲକ ଚେୟାରମ୍ୟାନ୍‌ ବିଜନା ନାୟକ କାଳିପଦାଠାରେ ଭିଟାମାଟି ସୁରକ୍ଷା ଗେଟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ନୂଆଗାଁଠାରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୋଭିଡ୍‌ କଟକଣାକୁ ଖାତିର ନ କରି ଶହ ଶହ ଗ୍ରାମବାସୀ ଉଭୟ କାଳିପଦା ଏବଂ ନୂଆଗାଁଠାରେ ଉପସ୍ଥିତ ଥିଲେ। ଧାନ, ମୀନ, ପାନ, କାଜୁ, ଚିନାବାଦାମରେ ଭରପୁର ଥିବା ଶସ୍ୟଶ୍ୟାମଳପୂର୍ଣ୍ଣ ଅଞ୍ଚଳରେ ବନ୍ଦର ଏବଂ ପେଟ୍ରୋ କେମିକାଲ ପ୍ଲାଣ୍ଟ ନିର୍ମାଣ ପାଇଁ ଆସୁଥିବା ସରକାରୀ ଗାଡ଼ିକୁ ଉପକୂଳ ଅଞ୍ଚଳକୁ ପଶିବାକୁ ନ ଦେବା ପାଇଁ ଭିଟାମାଟି ସୁରକ୍ଷା ଗେଟ୍‌ରେ ପ୍ରତିଦିନ ପାଳି କରି ପ୍ରହରା ଦେବାର ସିଦ୍ଧାନ୍ତ ନେଇଥିବା ସୂଚନା ମିଳିଛି।

## କାଳିଆହତା ଜଙ୍ଗଲରୁ ୮ କାଠମାଫିଆ ଗିରଫ

ତେଲକୋଇ, ୪।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ କାଳିଆହତା ଫରେଷ୍ଟ ବିଟ୍‌ର ରେକୁଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୮ଜଣ ମେସିନରେ ଶାଳ ଗଛ କାଟୁଥିବା ବେଳେ ଗୁରୁବାର ସନ୍ଧ୍ୟାରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଚଢାଉ କରାଯାଇ ଲକ୍ଷାଧିକ ଶାଳ ବିମ୍‌ ଓ ପଟ୍ଟା ଜବତ କରାଯାଇ କରି ୮ଜଣଙ୍କୁ କୋର୍ଟଚାଲାଣ କରାଯାଇଛି । ଏନେଇ ବନ ବିଭାଗରେ ମାମଲା ରୁଜୁ କରାଯାଇଛି।

ଅଭିଯୁକ୍ତମାନେ ଝାଡଖଣ୍ଡ ରାଜ୍ୟର। ସେମାନଙ୍କୁ କେନ୍ଦୁଝର ଘଟଗାଁ ଅଞ୍ଚଳର ଜଣେ ବ୍ୟକ୍ତି ଏହି ଜଙ୍ଗଲରୁ କାଠ କାଟିବା ପାଇଁ ପଠାଇଥିବା ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି। ଦୀର୍ଘଦିନ ହେଲା ଏହି ଅଞ୍ଚଳରେ କାଠ ଚୋରାଚାଲାଣ ହେଉଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ ସହିତ କାଳିଆହତା ବିଟ୍‌ର ଫରେଷ୍ଟର ଯଦୁମଣି ରଣା, ବିମଳା ବିଟର ଜ୍ୟୋତିମୟୀ ପଟ୍ଟନାୟକ, ସରୋଜ ପାତ୍ର, ପ୍ରଣୟ ମହାନ୍ତ ଓ ବନ ବିଭାଗର କର୍ମୀ ଚଢାଉ କରିଥିଲେ। ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କ କହିବାନୁଯାୟୀ ଏହା ଲକ୍ଷାଧିକ ଟଙ୍କାର କାଠକୁ ସିଜ କରାଯାଇଛି। ଜଙ୍ଗଲ ସୁରକ୍ଷା ପାଇଁ ସ୍କ୍ୱାଡ୍‌ ଗଠନ କରିବା ସହିତ କାଠ ମାଫିଆଙ୍କୁ ଧରିବା ପାଇଁ ଯୋଜନା କରାଯାଉଛି ।

## ଜଳେଶ୍ୱର ଷ୍ଟାଡିୟମ ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ଷ୍ଟାଡ଼ିୟମ ପରିଦର୍ଶନ କରୁଛନ୍ତି।

ଜଳେଶ୍ୱର, ୪।୧୨(ସ୍ୱ.ପ୍ର.)

୧୦ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଜଳେଶ୍ୱର ଷ୍ଟାଡ଼ିୟମର ପୂର୍ଣ୍ଣାଙ୍ଗୀକରଣ ଲାଗି ବ୍ୟବସ୍ଥା କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଉତ୍ତର ବାଲେଶ୍ୱରରେ ଭଲ ଖେଳ ପଡ଼ିଆ ନ ଥିବାରୁ ୨୦୧୦ ମସିହାରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ରାଷ୍ଟ୍ରୀୟ କେମିକାଲ୍‌ସ୍‌ ଆଣ୍ଡ ଫର୍ଟିଲାଇଜର ଲିମିଟେଡ୍‌ରୁ ୧ କୋଟି ୩୦ଲକ୍ଷ ଟଙ୍କା ଆଣି ଷ୍ଟାଡ଼ିୟମର ଶିଳାନ୍ୟାସ କରାଇଥିଲେ। ଏଥିରେ ପାଚେରି, କ୍ଲବ୍‌ ହାଉସ୍‌, ଫାଟକ ନିର୍ମାଣ କରାଯିବାର ପ୍ରସ୍ତାବ ରହିଥିଲା। ପରବର୍ତ୍ତୀ ସମୟରେ ବିବାଦମାନ ପରିସ୍ଥିତି ସୃଷ୍ଟି ହେବାରୁ ଅଦ୍ୟାବଧି ତାର ପୂର୍ଣ୍ଣାଙ୍ଗୀକରଣ ହୋଇପାରି ନାହିଁ। ଷ୍ଟାଡିୟମ ପୂର୍ଣ୍ଣାଙ୍ଗୀକରଣ ଲାଗି ୨କୋଟି ଆବଶ୍ୟକ ରହିଛି। ଗତ ୨୭ ତାରିଖରେ ଜିଲାପାଳଙ୍କ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରତି ବିଧାୟକଙ୍କୁ ୩ଟି ପ୍ରକଳ୍ପ ପାଇଁ କହିଥିଲେ। ତେଣୁ ଜିଲାପାଳ ଜଳେଶ୍ୱରର ଷ୍ଟାଡିୟମ, ସୁବର୍ଣ୍ଣରେଖା ନଦୀର ଗୁରୁଦାସପୁର-ଗୋବରଘଟା ସଂଯୋଗ ଲାଗି ସେତୁ ନିର୍ମାଣ ଓ ଜଳେଶ୍ୱର ସହରକୁ ସୁରକ୍ଷା ଦେବାଲାଗି ରିଂ ବନ୍ଧର ପ୍ରସ୍ତାବ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଅତିଶୀଘ୍ର ଏଷ୍ଟିମେଟ୍‌ ଓ ମାଷ୍ଟରପ୍ଲାନ ପଠାଇବାକୁ ପୌରଅଧିକାରୀ ଅଜୟ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସହିତ ଏପିଡି ନୀଲୁ ମହାପାତ୍ର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

## ଶତାୟୁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା



ବରିଷ୍ଠ ନାଗରିକ ଲମ୍ବୋଦର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଇରା, ୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପଞ୍ଚାୟତର ଶହେ ବର୍ଷ ଅତିକ୍ରମ କରିଥିବା ବରିଷ୍ଠ ନାଗରିକ ଲମ୍ବୋଦର ପଣ୍ଡା(୧୦୧)ଙ୍କୁ ସ୍ଥାନୀୟ ଗଡଚଣ୍ଡୀ ସାଂସ୍କୃତିକ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଶୁକ୍ରବାର କୁପେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ରାଉତ ମୁଖ୍ୟଅତିଥି, ସାଂସ୍କୃତିକ ପରିଷଦର ମୁଖ୍ୟ ଶରତ କୁମାର ବିଶ୍ୱାଳ ମୁଖ୍ୟବକ୍ତା, ଡା ଉମେଶ ଚନ୍ଦ୍ର ମହାନ୍ତି, ରତ୍ନାକର ସେଣ୍ଠ, ବିରେନ୍ଦ୍ର ଜେନା, ମାଣ୍ଟୁ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁପାରୀର ଧରିତ୍ରୀ ବିତରକ ସୁରେନ୍ଦ୍ର ପଣ୍ଡାଙ୍କ ସମେତ ପୁତ୍ର, ପୁତ୍ରବଧୂ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପଞ୍ଚାୟତର ସର୍ବଜ୍ୟେଷ୍ଠ ବ୍ୟକ୍ତି ଭାବେ ୧ଶହ ବର୍ଷ ଅତିକ୍ରମ କରିଥିବାରୁ ଏହା ପୂଜ୍ୟପୂଜାର ନିଦର୍ଶନ ବୋଲି ଗଡଚଣ୍ଡୀ ସାଂସ୍କୃତିକ ପରିଷଦ ତରଫରୁ କୁହାଯାଇଛି ।

## ୪ ଗାଡ଼ିରୁ ୮୨ ହଜାର ଜରିମାନା ଆଦାୟ

ବାଙ୍ଗିରିପୋଷି,୪।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବାଙ୍ଗିରିପୋଷି ପୋଲିସ ପରମିଟ ନ ଥିବା ବାଲି, ମାଟି, ମୋରମ ଚାଲାଣ କରୁଥିବା ଟ୍ରାକ୍ଟର ଜବତ କରୁଛି। ତେବେ ପ୍ରଶାସନ ପକ୍ଷରୁ ଟ୍ରାକ୍ଟର ଯୋଗେ ପରିବହନ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ, ବିଜୁପକ୍କାଘର ତଥା ସରକାରୀ କାର୍ଯ୍ୟରେ ଆବଶ୍ୟକୀୟ ସରଞ୍ଜାମ ଉପରେ ଚଢ଼ାଉ କରି ମନଇଚ୍ଛା ରାଜସ୍ୱ ଧାର୍ଯ୍ୟ କରାଯାଉଛି। ଫଳରେ ଟ୍ରାକ୍ଟର ମାଲିକଙ୍କ ସହିତ କାର୍ଯ୍ୟରତ ଶ୍ରମିକମାନେ ଗୁଜୁରାଣ ମେଣ୍ଟାଇବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗୁରୁବାର ବାଙ୍ଗିରିପୋଷି ବ୍ଲକ ଟ୍ରାକ୍ଟର ମାଲିକ ସଂଘ ଏକଜୁଟ ହୋଇ ବାଙ୍ଗିରିପୋଷି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁ ଏବଂ ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କୁ ନିଲାମ ହେବାକୁ ଥିବା ସଇରାତ ଗୁଡିକ ତୁରନ୍ତ ନିଲାମ କରିବା ପାଇଁ ଦାବି କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ନିଲାମ ହୋଇ ପାରି ନାହିଁ ସେତେଦିନ ପର୍ଯ୍ୟନ୍ତ ସରକାରୀ ଧାର୍ଯ୍ୟ ମୂଲ୍ୟ ହିସାବରେ ମାଟି, ମୋରମ, ବାଲି, ମେଟାଲ ଉପରେ ଟ୍ରାନଜିଟ୍‌ ପାସ ପ୍ରଦାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ଶୁକ୍ରବାର ଟ୍ରାକ୍ଟର ମାଲିକ ମହାସଂଘ ତରଫରୁ ଜାତୀୟ ରାଜପଥ ନଂ.୪୯ ଉପରେ ବେନିୟମ ଭାବେ ବାଙ୍ଗିରିପୋଷିକୁ ଆସୁଥିବା ବାଲି, ମାଟି, ମୋରମ ଏବଂ ପଥର ଗାଡ଼ିକୁ ଅଟକାଇ ତହସିଲଦାରଙ୍କୁ ଖବର ଦିଆଯାଇଥିଲା ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ବାଙ୍ଗିରିପୋଷି ରାଜସ୍ୱ ନିରୀକ୍ଷକ ଅଜିତ କୁମାର ସିଂହ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରି ବାଙ୍ଗିରିପୋଷି ଥାନାକୁ ଆଣିଥିଲେ। ପରେ ୪ଟି ଗାଡ଼ିଠାରୁ ୮୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜାରିମାନା ଆଦାୟ କରାଯାଇଥିଲା।

## ମେଗା ବିଦ୍ୟୁତ୍‌ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ

ତେଲକୋଇ,୪।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ ଗୋଲାବନ୍ଧଠାରେ ମେଗା ବିଦ୍ୟୁତ୍‌ ପ୍ରକଳ୍ପର କାର୍ଯ୍ୟକୁ ଶୁକ୍ରବାର ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ଇଂ.ପ୍ରେମାନନ୍ଦ ନାୟକ ସମୀକ୍ଷା କରିଛନ୍ତି। ଅଞ୍ଚଳରେ ବିଦ୍ୟୁତ୍‌ ସମସ୍ୟା ଲାଗି ରହୁଥିବାରୁ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ବିଦ୍ୟୁତ୍‌ ପ୍ରକଳ୍ପ ରେଙ୍ଗାଲୀ ଡ୍ୟାମ୍‌ ଅଞ୍ଚଳରୁ ତେଲକୋଇ ଦେଇ କଲିକତା ଯାଏ ଯାଉଥିବା ବେଳେ ଗୋଲାବନ୍ଧଠାରେ ଏହାର କାର୍ଯ୍ୟ ଚାଲିଛି। ଏଥିରେ ୪୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ ରହିଛି। ତେବେ ମନ୍ଥର ଗତିରେ କାର୍ଯ୍ୟ ଚାଲିଥିବାରୁ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ସମୀକ୍ଷା ବୈଠକରେ ବିଦ୍ୟୁତ୍‌ ବିଭାଗର ପ୍ରୋଜେକ୍ଟ ମ୍ୟାନେଜର ପଦ୍ମନାଭ ମହାନ୍ତିଙ୍କ ସହିତ ଓପିଟିସିଏଲର ନିର୍ମଳ ନାୟକ, ଏସ୍‌ଡିଓ ରାକେଶ ଭୋଇ ଉପସ୍ଥିତ ଥିଲେ। ଏହିପ୍ରକଳ୍ପ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଅଧିକାରୀମାନେ କହିଥିଲେ।



ସମୀକ୍ଷା ବେଳେ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସହ ଅନ୍ୟମାନେ।

## ତୃଣମୂଳସ୍ତରରୁ ଦଳର ପୁନର୍ଗଠନ ପ୍ରକ୍ରିୟା ଉପରେ ଗୁରୁତ୍ୱ

**କଂଗ୍ରେସର କର୍ମୀ ସମ୍ମିଳନୀ**

ରୂପସା, ୪।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ବିଧାନସଭା ଉପନିର୍ବାଚନ ପରେ କଂଗ୍ରେସ ଦଳର ତୃଣମୂଳସ୍ତରରୁ ପୁନର୍ଗଠନ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରାଯାଇଛି। ସଦର ବ୍ଲକ ଅନ୍ତର୍ଗତ ଆଙ୍ଗୋ ପଞ୍ଚାୟତରେ ଦଳୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜୋନ ସଭାପତି ଜୟକୃଷ୍ଣ ବେହେରା ଏହି ସମ୍ମିଳନୀରେ ପୌରୋହିତ୍ୟ କରି ଜନସମ୍ପର୍କ ବୃଦ୍ଧି ସହ ଗ୍ରାମାଞ୍ଚଳରୁ ଦଳକୁ ଅଧିକ ମଜବୁତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମମତା କୁଣ୍ଡୁ ଓ ଜିଲାସଭାପତି ସଞ୍ଜୀବ ଗିରି ଯୋଗଦେଇ ଗତ ନିର୍ବାଚନରେ ଦଳର ପରାଜୟ ସତ୍ତ୍ୱେ ଆଗାମୀ ଦିନରେ ଦଳକୁ ମଜବୁତ କରିବା ସହ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ସର୍ବଦା ସଂଗ୍ରାମ ଜାରି ରହିବ ବୋଲି ଉଦ୍‌ବୋଧନ ଦେଇଥିଲେ। ସରପଞ୍ଚ ପ୍ରତାପ ଦଳାଇ, ସମିତିସଭ୍ୟ ଭୀମବରଙ୍କ ଉପସ୍ଥିତିରେ ପଞ୍ଚାୟତ କମିଟି ଗଠନ କରାଯାଇଥିଲା। ପଞ୍ଚାୟତ ସଭାପତି ଭାବେ ଲମ୍ବୋଦର ଜେନା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବେହେରା, ସମ୍ପାଦକ ଅମର କୁମାର ଜେନା, ଯୁବ କଂଗ୍ରେସ ସଭାପତି ବିଷ୍ଣୁପଦ ଦାସ, ସମ୍ପାଦକ ଅଭିମନ୍ୟୁ ବେହେରା ଓ ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ପାଣିଗ୍ରାହୀଙ୍କ ନାମ ଘୋଷଣା କରାଯାଇଥିଲା। ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଜଳଧର ବେହେରା, ଉମେଶ ଚନ୍ଦ୍ର ବେହେରା, ଚନ୍ଦନ ଅଧିକାରୀ, ଜଗଦୀଶ ଜେନା ଓ ପର୍ଶୁରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକର୍ତ୍ତା ସମାବେଶରେ ଉପସ୍ଥିତ ଦଳୀୟ କର୍ମୀ।



ମାଲାବାରରେ ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଏବଂ ଭାରତ ମଧ୍ୟରେ ମେଗା ସମରାଭ୍ୟାସ ପରେ ଭାରତ ଶୁକ୍ରବାରଠାରୁ ରୁଷିଆ ସହ ଦୁଇଦିନିଆ ନୌସମରାଭ୍ୟାସ ଆରମ୍ଭ କରିଛି। ଭାରତ ମହାସାଗରର ପୂର୍ବଭାଗରେ ଅନୁଷ୍ଠିତ ଏହି ଯୁଦ୍ଧ ଅଭ୍ୟାସରେ ଆଇଏନ୍‌ଏସ୍ ଶିଭଲିକ ଓ ଆଇଏନ୍‌ଏସ୍ କାଡମାଟ ମୁତୟନ ହୋଇଛି।


# ବ୍ରିଟେନରେ ପହଞ୍ଚିଲା ଫାଇଜର ଟିକା




**ଲଣ୍ଡନ, ୪।୧୨:** ବ୍ରିଟେନକୁ କୋଭିଡ୍-୧୯ ପାଇଁ ପ୍ରସ୍ତୁତ ଫାଇଜର ଟିକାର ପ୍ରଥମ ପର୍ଯ୍ୟାୟ ଯୋଗାଣ ହୋଇଛି। ଶୁକ୍ରବାର ଏହି ଟିକା ବ୍ରିଟେନରେ ପହଞ୍ଚିଛି। ଏକ ଅଜ୍ଞାତ ସ୍ଥାନରେ ଥିବା ସେଣ୍ଟ୍ରାଲ ହବ୍‌ରେ ଏହାକୁ ରଖାଯାଇଛି। ସେଠାରୁ ବିଭିନ୍ନ ହସ୍ପିଟାଲ ତଥା ଟିକାକରଣ କେନ୍ଦ୍ରକୁ ପଠାଯିବ। ଜଏଣ୍ଟ କମିଟି ଅନ୍ ଭାକ୍ସିନେଶନ ଆଣ୍ଡ ଇମ୍ୟୁନାଇଜେଶନ (ଜେସିଭିଆଇ) ଦ୍ୱାରା ଅନୁମୋଦନ ତଥା ସରକାରଙ୍କ ନିଷ୍ପତ୍ତି ପରେ ମଙ୍ଗଳବାର ଲୋକଙ୍କୁ ଟିକା ଦିଆଯିବ। କେୟାର ହାଉସ୍‌ରେ ରହୁଥିବା ବୟସ୍କଙ୍କୁ ପ୍ରାଥମିକତା ଭିତ୍ତିରେ ଟିକାକରଣ କରାଯିବ। ପରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଏବଂ ସ୍ୱାସ୍ଥ୍ୟକର୍ମୀ ଟିକା ନେବେ। ବେଲଜିୟମରେ ପ୍ରସ୍ତୁତ ହୋଇଥିବା ଏହି ଭାକ୍ସିନ୍ ୟୁରୋଟନେଲ ଦେଇ ବ୍ରିଟେନରେ ପହଞ୍ଚିଛି।

# ଆମେରିକୀୟଙ୍କୁ ୧୦୦ ଦିନ ମାସ୍କ ପିନ୍ଧିବାକୁ କହିବେ ବାଇଡେନ୍

**ୱାଶିଂଟନ,୪।୧୨:** କୋଭିଡ୍-୧୯ରେ ସର୍ବାଧିକ ପ୍ରଭାବିତ ହୋଇଥିବା ଆମେରିକାବାସୀଙ୍କୁ ଶହେ ଦିନ ପାଇଁ ମାସ୍କ ପିନ୍ଧିବାକୁ ପରାମର୍ଶ ଦେବେ ବୋଲି କହିଛନ୍ତି ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ ଯଦି ଆମେରିକାର ସମସ୍ତ ବାସିନ୍ଦା ମାସ୍କ ପିନ୍ଧିବାକୁ ପ୍ରାଥମିକତା ଦିଅନ୍ତି ତେବେ ସଂକ୍ରମଣ ବହୁମାତ୍ରାରେ କମିଯିବ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ବାଇଡେନ୍ ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ବାଇଡେନ କହିଛନ୍ତି, ଦାୟିତ୍ୱ ନେବାର ପ୍ରଥମ ଦିନରେ କେବଳ ଶହେ ଦିନ ପାଇଁ ମାସ୍କ ପିନ୍ଧିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେବେ। ପ୍ରତୀକାତ୍ମକ ଭାବେ ଆମେରିକାରେ ନୂତନ ଶାସକଙ୍କ ପ୍ରଥମ ଶହେ ଦିନର କାର୍ଯ୍ୟ ଗୁରୁତ୍ୱ ରଖେ।


ଜୋ ବାଇଡେନ୍

## ସଂକ୍ଷେପରେ

### 'ହାପି ଡେଜ୍'ର ଅଭିନେତା ୱାରେନ୍ ବର୍ଲିଙ୍ଗରଙ୍କ ପରଲୋକ



**ୱାଶିଂଟନ, ୪।୧୨:** 'ହାପି ଡେଜ୍' ଏବଂ 'ଦି କାନନବଲ୍ ରନ୍'ରେ ଅଭିନୟ ପାଇଁ ଜଣାଶୁଣା ହଲିଉଡ୍ ଅଭିନେତା ୱାରେନ୍ ବର୍ଲିଙ୍ଗରଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଜଣେ ବ୍ୟସ୍ତବହୁଳ ଚରିତ୍ର ଅଭିନେତା ଭାବେ ସେ ଅନେକ ଶୋ'ରେ ଅଭିନୟ କରିଛନ୍ତି, ଯାହା ତାଙ୍କୁ ଟିଭିର ସବୁଠୁ ପରିଚିତ ଚେହେରାରେ ପରିଣତ କରିଥିଲା। କାଲିଫର୍ନିଆର ଭାଲେନ୍‌ସିଆସ୍ଥିତ ହେନ୍‌ରି ମାୟୋ ନ୍ୟୁହଲ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଥିବା ଜଣାପଡ଼ିଛି।

### ଗ୍ଲୋବାଲ ଟାଇମ୍ସ ଏଡିଟରଙ୍କ ନାଁରେ ଗମ୍ଭୀର ଅଭିଯୋଗ



**ବେଜିଂ, ୪।୧୨:** ଚାଇନା ମୁଖପତ୍ର ଗ୍ଲୋବାଲ ଟାଇମ୍ସର ଏଡିଟର ହୁ ଜିଜିନ୍‌ଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି। ଚାଇନା ସପକ୍ଷରେ ବାରମ୍ବାର ପ୍ରଚାର ପ୍ରସାର କରି ବିବାଦୀୟ ହୋଇପଡ଼ିଥିବା ୬୦ ବର୍ଷୀୟ ହୁ'ଙ୍କର ଦୁଇଜଣ ମହିଳା ସହକର୍ମୀଙ୍କ ସହ ପରକୀୟା ପ୍ରୀତି ଓ ବିବାହ ନ କରି ସେମାନଙ୍କର ସନ୍ତାନ ଥିବା ଅଭିଯୋଗ ଆସିଛି। ଅନ୍ତର୍ଜାତୀୟ ସ୍ତରରେ ଏବେ ସେ ସବୁଠୁ ବେଶି ଟ୍ରୋଲ ହେଉଥିବା ସୁପ୍‌ଚାଇନାରେ କୁହାଯାଇଛି।

### ନଗ୍ରୋଟା ଏନ୍‌କାଉଣ୍ଟର: ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ, ୪।୧୨(ପି.ଟି.):** ଜମ୍ମୁ-କଶ୍ମୀରର ନଗ୍ରୋଟାରେ ନଭେମ୍ବର ୧୯ରେ ହୋଇଥିବା ଏନ୍‌କାଉଣ୍ଟରରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦର ୪ ଜଣ ସଦସ୍ୟ ନିହତ ହୋଇଥିଲେ। ସେମାନେ ୨୬/୧୧ ଭଳି ବଡ଼ ଆକ୍ରମଣ ଯୋଜନାରେ ଥିଲେ ବୋଲି କୁହାଯାଉଛି। ଆତଙ୍କବାଦୀମାନଙ୍କ ଯୋଜନା ଓ ଉଦ୍ଦେଶ୍ୟ କ'ଣ ଥିଲା ଜାଣିବା ପାଇଁ ଏହାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦିଆଯାଇଛି।

### ଉଚ୍ଚଜାତିର ସାଂଙ୍ଖା ରଖିବାରୁ ମାଡ଼

**ଅହମଦାବାଦ, ୪।୧୨:** ଅନୁସୂଚିତ ଜାତିର ଜଣେ ଯୁବକ ଉଚ୍ଚଜାତିର ସାଂଙ୍ଖା ରଖିଥିବାରୁ ତାଙ୍କୁ ନିଷ୍ଠୁର ମାଡ଼ ହୋଇଛି। ଏନେଇ ଗୁଜରାଟ ସାନନ୍ଦ ଜିଆଇଡିସି ଥାନାରେ ଏତଲା ହୋଇଛି। ଅଟୋମୋବାଇଲ ପାର୍ଟ୍ସ କାରଖାନାରେ କାମ କରୁଥିବା ଭରତ ଯାଦବ କ୍ଷତ୍ରିୟ ବା ଦର୍‌ବାର ସମ୍ପ୍ରଦାୟର ସାଂଙ୍ଖା ରଖିଥିଲେ। ଏଥିପାଇଁ ନରେନ୍ଦ୍ର ରାଜପୁତ୍ ନାମକ ଜଣେ କର୍ମଚାରୀ ତାଙ୍କ ସହ ବଚସା କରିବା ସହ ମାଡ଼ ମାରିଥିଲେ।

### କାନାଡା ରାଷ୍ଟ୍ରଦୂତଙ୍କୁ ଭାରତର ସମନ

**ନୂଆଦିଲ୍ଲୀ, ୪।୧୨:** କେନ୍ଦ୍ରର କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନ ଜୋର୍ ଧରିଥିବାବେଳେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଏହା ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ କାନାଡା ରାଷ୍ଟ୍ରଦୂତ ନାଦିର ପଟେଲଙ୍କୁ ସମନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ଦ୍ୱିପାକ୍ଷିକ ସମ୍ପର୍କକୁ ଗୁରୁତର କ୍ଷତି ଘଟାଇବ ବୋଲି ଜଣାଇଦିଆଯାଇଛି। କୃଷକ ଆନ୍ଦୋଳନ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିବାବେଳେ କାନାଡା ନେତୃତ୍ୱଙ୍କ ମନ୍ତବ୍ୟ ଏଥିରେ ହସ୍ତକ୍ଷେପ ବୋଲି ଭାରତ ବିବେଚନା କରିବା ସହ କ୍ଷୁବ୍ଧ ହୋଇଛି। ନିକଟରେ ଟ୍ରୁଡୋ କୃଷକ ଆନ୍ଦୋଳନକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

# ମଧ୍ୟପ୍ରାଚ୍ୟକୁ ଟପୁଛି ଆଫ୍ରିକା

**ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର କେନ୍ଦ୍ରସ୍ଥଳ ମଧ୍ୟପ୍ରାଚ୍ୟରୁ ଆଫ୍ରିକାକୁ ସ୍ଥାନାନ୍ତର ହେବାରେ ଲାଗିଥିବାବେଳେ ଆତଙ୍କ ଜର୍ଜରିତ ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ମାଲିରେ ପ୍ରାୟ ୩୦୦ ବ୍ରିଟିଶ ସୈନ୍ୟ ପହଞ୍ଚିଛନ୍ତି।**

ଲଣ୍ଡନ,୪।୧୨

## ଜେହାଦୀଙ୍କ ଯୁଦ୍ଧଭୂମି



ସହେଲ ଅଞ୍ଚଳରେ ସ୍ଥିରତା ଆଣିବା ପାଇଁ ଜାତିସଂଘର ୧୫,୦୦୦ ବହୁରାଷ୍ଟ୍ରୀୟ ସୈନ୍ୟଙ୍କ ନେତୃତ୍ୱ ନେଉଛି ଫ୍ରାନ୍ସ। ଅପରେଶନ ନ୍ୟୁକମ୍ବେ ନାମରେ ଚାଲିଥିବା ଏହି ୩ ବର୍ଷିଆ ମିଶନରେ ବ୍ରିଟେନର ୩୦୦ ସୈନ୍ୟ ସାମିଲ ହୋଇଛନ୍ତି। ମାଲି ହେଉଛି ଅନେକ ସହେଲ ରାଷ୍ଟ୍ର ମଧ୍ୟରୁ ଅନ୍ୟତମ, ଯେଉଁଠି ଜେହାଦୀ ବିଦ୍ରୋହୀଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ନଭେମ୍ବର ୨୫ରେ ପ୍ରକାଶିତ ବୈଶ୍ୱିକ ଆତଙ୍କବାଦ ସୂଚକାଙ୍କ ଅନୁସାରେ ଇସ୍‌ଲାମିକ୍ ଷ୍ଟେଟ୍‌ର କେନ୍ଦ୍ରସ୍ଥଳ ମଧ୍ୟପ୍ରାଚ୍ୟରୁ ଆଫ୍ରିକା ଓ ଦକ୍ଷିଣ ଏସିଆର କେତେକ ଅଞ୍ଚଳକୁ ସ୍ଥାନାନ୍ତର ହେବାରେ ଲାଗିଛି। ଗତବର୍ଷ ଉପସାହାରୀୟ ଆଫ୍ରିକାରେ ଆଇଏସ୍ ପକ୍ଷରୁ କରାଯାଇଥିବା ନରସଂହାର ୬୭% ବଢ଼ିଛି। ଏହି ଅଞ୍ଚଳରେ ଆଇଏସ୍‌ର ପ୍ରଭାବ ବିସ୍ତାର ସମ୍ପୃକ୍ତ କ୍ଷେତ୍ରର ଅନେକ ଦେଶରେ ଆତଙ୍କବାଦ ବୃଦ୍ଧିର କାରଣ ପାଲଟିଥିବା ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସରେ ଦର୍ଶାଯାଇଛି। ଉପସାହାରୀୟ ଆଫ୍ରିକାର ୧୦ ଦେଶ ମଧ୍ୟରୁ ୭ ରାଷ୍ଟ୍ର ବୁର୍କିନା ଫାସୋ, ମୋଜାମ୍ବିକ୍, ଡିଆର୍‌ସି, ମାଲି, ନାଇଜର, କ୍ୟାମେରୁନ ଓ ଇଥିଓପିଆରେ ସବୁଠୁ ବେଶି ଆତଙ୍କବାଦ ମୁଣ୍ଡ ଟେକିଛି। ଏଥିରେ ଆହୁରି ଦର୍ଶାଯାଇଛି ଯେ, ୨୦୧୯ରେ ଏହି ଦେଶଗୁଡ଼ିକରେ ଆଇଏସ୍ ଆତଙ୍କବାଦଜନିତ ମୃତ୍ୟୁ ସଂଖ୍ୟା ୯୮୨ ଥିଲା, ଯାହାକି ମୋଟ ମୃତ୍ୟୁସଂଖ୍ୟାର ୪୧%।

ଅଲ୍-କାଏଦାର ମୃତ ନେତା ଓସାମା ବିନ୍ ଲାଡେନ ୧୯୯୬ରେ ଆଫଗାନିସ୍ତାନରେ ଅଭିଯାନ ପୂର୍ବରୁ ସୁଡାନକୁ ଆତଙ୍କର ଚରାଭୂଇଁ ଭାବେ ବାଛିଥିଲେ। ୨୦୧୦ରେ ବୋକୋ ହାରାମକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରାଯିବା ପରେ ଏହି ଗୋଷ୍ଠୀ ୨୦୧୪ରେ ନାଇଜେରିଆର ଚିବୋକ୍‌ରେ ଶତାଧିକ ସ୍କୁଲ ଛାତ୍ରୀଙ୍କୁ ଅପହରଣ କରିଥିଲା। ସାମ୍ପ୍ରତିକ ସମୟରେ ଜେହାଦୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଆତଙ୍କବାଦର ବିସ୍ତାର ନେଇ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବାରେ ଲାଗିଛି। ଆମେରିକାର ପରରାଷ୍ଟ୍ର ବିଭାଗର ଆତଙ୍କବାଦ ନିରୋଧୀ କୋଅର୍ଡିନେଟର ତଥା ଆମ୍ବାସାଡର ନାଥନ୍ ସେଲ୍ସଙ୍କ ମତରେ ଉଭୟ ଆଇଏସ୍ ଏବଂ ଅଲ୍-କାଏଦା ସେମାନଙ୍କ ଅଧିକାଂଶ ଅପରେଶନକୁ ସିରିଆ ଓ ଇରାକ୍‌ରୁ ପଶ୍ଚିମ ଓ ପୂର୍ବ ଆଫ୍ରିକାକୁ ସ୍ଥାନାନ୍ତର କରିଛନ୍ତି। ଫଳରେ ଆଫ୍ରିକା ପାଇଁ ଆତଙ୍କବାଦ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଫରାସୀ ବିଶେଷଜ୍ଞ ଓଲିଭିଏର୍ ଗୁଇଟା ଏହାକୁ ଲକ୍ଷ୍ୟକରି ଭବିଷ୍ୟବାଣୀ କରିଛନ୍ତି ଯେ, ଆଗାମୀ ୨୦ ବର୍ଷ ଧରି ଆଫ୍ରିକା ମଧ୍ୟପ୍ରାଚ୍ୟର ସ୍ଥାନ ନେବାକୁ ଯାଉଛି। ବାସ୍ତବରେ ଏହି ମହାଦେଶ ଜେହାଦୀଙ୍କ ଯୁଦ୍ଧଭୂମିରେ ପରିଣତ ହେବାକୁ ଯାଉଛି।

- ମାଲି, ଚାଦ୍, ନାଇଜର ଓ ବୁର୍କିନା ଫାସୋରେ ଅଲ୍-କାଏଦା ସହ ଅନୁବନ୍ଧିତ ଜମାତ୍ ନୁସରତ୍ ଅଲ୍-ଇସ୍‌ଲାମ ୱାଲ୍-ମୁସଲମିନ ଏବଂ ଆଇଏସ୍ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢୁଛି।
- ଗ୍ଲୋବାଲ୍ ଟେରରିଜମ୍ ଇଣ୍ଡେକ୍ସ ଅନୁସାରେ ବୋକୋ ହାରାମ ଯୋଗୁ ନାଇଜେରିଆ ଓ ଏହାର ପଡ଼ୋଶୀ ଦେଶଗୁଡ଼ିକରେ ୨୦୧୧ରୁ ଅଦ୍ୟାବଧି ୫୬,୫୦୦ ଜଣଙ୍କ ପ୍ରାଣହାନି ଘଟିଛି।
- ଡିସେମ୍ବର ୧ରେ ଉତ୍ତର-ପୂର୍ବ ନାଇଜେରିଆର ବୋର୍ନୋରେ ୪୩ କୃଷି ଶ୍ରମିକଙ୍କୁ ହତ୍ୟା ଓ ୧୫ ମହିଳାଙ୍କୁ ଅପହରଣ ପାଇଁ ନିଜକୁ ଦାୟୀ କରିଥିଲା ବୋକୋ ହାରାମ।

# ଭାରତକୁ ୯୦ ନିୟୁତ ଡଲାର ସାମଗ୍ରୀ ବିକିବ ଆମେରିକା

ୱାଶିଂଟନ,୪।୧୨(ପି.ଟି.)

ଭାରତକୁ ୯୦ ନିୟୁତ ଡଲାର ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ଓ ସେବା ବିକ୍ରିକୁ ଶୁକ୍ରବାର ଆମେରିକା ମଞ୍ଜୁରୀ ଦେଇଛି। ଏହା ମଧ୍ୟରେ ରହିଛି ମିଲିଟାରି ହାର୍ଡୱେର ଏବଂ ସି-୧୩୦ଜେ ସୁପର ହର୍କ୍ୟୁଲେସ୍ ପରିବହନ ବିମାନ ପାଇଁ ସେବା। ଏହି ପ୍ରସ୍ତାବିତ ବିକ୍ରି ଭାରତ-ଆମେରିକା ମଧ୍ୟରେ ପ୍ରତିରକ୍ଷା ନେତୃତ୍ୱକୁ ମଜଭୁତ କରିବା ସହ ନିରାପତ୍ତା ବୃଦ୍ଧିରେ ସହାୟକ ହେବ ବୋଲି ସେଠାକାର ଡିଫେନ୍ସ ସିକ୍ୟୁରିଟି କୋଅପରେଶନ ଏଜେନ୍ସି (ଡିଏସ୍‌ସିଏ) ପକ୍ଷରୁ କୁହାଯାଇଛି। ସେହିପରି ଏହି ସାମରିକ ଉପକରଣ ଓ ସେବା ଭାରତୀୟ ବାୟୁସେନାକୁ ସି-୧୩୦ଜେ ଜରିଆରେ ପରିବହନ ପାଇଁ ମିଶନ ପ୍ରସ୍ତୁତ ସ୍ତରକୁ ଆଣିବାରେ ସମର୍ଥ କରାଇବ ବୋଲି ପେଣ୍ଟାଗନ କହିଛି।

# 'ଟେକ୍ନୋଲୋଜି ଚୋରି କରୁଛି ଚାଇନା'


ଜନ୍ ରାଟକ୍ଲିଫ୍

ୱାଶିଂଟନ, ୪।୧୨

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଆମେରିକା ସମେତ ସମଗ୍ର ବିଶ୍ୱ ପାଇଁ ଚାଇନା ବଡ଼ ବିପଦ ଭାବେ ଉଭା ହୋଇଥିବା ଆମେରିକା ନ୍ୟାଶନାଲ ଇଣ୍ଟେଲିଜେନ୍ସର ବିଦାୟୀ ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍ କହିଛନ୍ତି । ଟ୍ରମ୍ପ ଶାସନ ବିଦାୟ ନେଉଥିବାବେଳେ ଚାଇନା ଉପରେ ଚାପ ପକାଇ ରଖିବାକୁ ହେବ ବୋଲି ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଉଦ୍ଦେଶ୍ୟରେ ସେ ଏପରି କହିଥିବା ଜଣାଯାଇଛି। ଆର୍ଥିକ, ସାମରିକ ଓ ବୈଷୟିକ ଜ୍ଞାନ କୌଶଳ ଦ୍ୱାରା ଚାଇନା ଆମେରିକା ସମେତ ପୃଥିବୀର ଅନ୍ୟ ଦେଶଗୁଡ଼ିକ ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଚାହୁଁଥିବା ନେଇ ୱାଲ ଷ୍ଟ୍ରିଟ ଜର୍ନାଲରେ ପ୍ରକାଶିତ ଏକ ସ୍ତମ୍ଭରେ ଜନ୍‌ଙ୍କ ଲେଖା ପ୍ରକାଶ ପାଇଛି। ଚାଇନା ଅର୍ଥନୈତିକ ଗୁପ୍ତଚରଗିରି କରେ। ଆମେରିକୀୟ କମ୍ପାନୀଗୁଡ଼ିକର ବିଭିନ୍ନ ଟେକ୍ନୋଲୋଜି ଚୋରି କରି ଏହାର ନକଲ କରିଥାଏ ଏବଂ ପରେ ବିଶ୍ୱ ବଜାରରେ ଚାଇନା ସାମଗ୍ରୀ ଉପଲବ୍ଧ କରାଇଥାଏ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗକୁ ଚାଇନା ପକ୍ଷରୁ ଖଣ୍ଡନ କରାଯାଇଛି। ଚାଇନାର ଛବି ଖରାପ କରିବା ଉଦ୍ଦେଶ୍ୟରେ ଏପରି ଲେଖାଯାଇଥିବା ଚାଇନାର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ କହିଛନ୍ତି।

# ଟିଆର୍‌ଏସ୍ ହାତକୁ ପୁଣି ଯାଇପାରେ ହାଇଦ୍ରାବାଦ

ହାଇଦ୍ରାବାଦ, ୪।୧୨(ପି.ଟି.)

**ଜିଏଚ୍‌ଏମ୍‌ସି ନିର୍ବାଚନ**
ଟିଆର୍‌ଏସ୍ ୫୭
ଭାଜପା ୪୯
ଏଆଇଏମ୍‌ଆଇଏମ୍ ୪୩

ଶାସକ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ପୁଣିଥରେ ହାଇଦ୍ରାବାଦ ପୌର ନିଗମ ଅକ୍ତିଆର କରିପାରେ। ୧୫୦ ଆସନ ବିଶିଷ୍ଟ ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ (ଜିଏଚ୍‌ଏମ୍‌ସି) ନିର୍ବାଚନରେ କୌଣସି ଦଳକୁ ସଂଖ୍ୟା ଗରିଷ୍ଠତା ମିଳିନାହିଁ। ଟିଆର୍‌ଏସ୍ ୫୭ ଆସନ ଜିତିଥିବାବେଳେ ହାଇପ୍ରୋଫାଇଲ ପ୍ରଚାର କରିଥିବା ଭାଜପାକୁ ମିଳିଛି ୪୯ ଆସନ। ଅନ୍ୟପକ୍ଷରେ ଅସାଦୁଦ୍ଦିନ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍ ଏହାର ପାରମ୍ପରିକ ଗଡ଼ରେ ପତିଆରା ଜାରି ରଖିଛି। ଏହି ଦଳ ୪୩ ଆସନରେ ବିଜୟୀ ହୋଇଛି। କଂଗ୍ରେସ ମାତ୍ର ୨ଟି ଆସନ ଜିତି ଚତୁର୍ଥ ସ୍ଥାନରେ ଥିବାବେଳେ ତେଲୁଗୁ ଦେଶମ ପାର୍ଟି (ଟିଡିପି) ୧ ୱାର୍ଡରେ ସୀମିତ ରହିଛି। ୨୦୧୬ ନିର୍ବାଚନରେ ଗୈରିକ ଦଳକୁ ମାତ୍ର ୪ ଆସନ ମିଳିଥିଲା। ସେତେବେଳେ କେ. ଚନ୍ଦ୍ରଶେଖର ରାଓଙ୍କ ଦଳ ଟିଆର୍‌ଏସ୍ ୯୯ ଆସନ ଜିତି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା।

# ବିବାଦୀୟ ଦ୍ୱୀପକୁ ରୋହିଙ୍ଗ୍ୟା ସ୍ଥାନାନ୍ତର

କକ୍ସ ବଜାର, ୪।୧୨

ବାଂଲାଦେଶ ସରକାର ଶହ ଶହ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଏକ ବିବାଦୀୟ ଦ୍ୱୀପକୁ ସ୍ଥାନାନ୍ତର କରିବା ଆରମ୍ଭ କରିଛନ୍ତି। ବାତ୍ୟା ଓ ବନ୍ୟାପ୍ରବଣ ନିମ୍ନ ଭୂମି ଦ୍ୱୀପକୁ ରୋହିଙ୍ଗ୍ୟାମାନଙ୍କୁ ସ୍ଥାନାନ୍ତର କରାଯାଉଥିବାରୁ ଏହାକୁ ନେଇ ଜାତିସଂଘ ଓ ଅଧିକାର ସଂଗଠନଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୭ରେ ପଡୋଶୀ ମ୍ୟାନ୍‌ମାରରେ ସାମରିକ ଆକ୍ରମଣର ସମ୍ମୁଖୀନ ହୋଇ ଲକ୍ଷାଧିକ ରୋହିଙ୍ଗ୍ୟା ବାଂଲାଦେଶ ପଳାଇଆସିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଫେରିଗଲେଣି। ଅନ୍ୟ ଯେଉଁମାନେ ରହିଛନ୍ତି ସେମାନଙ୍କୁ କ୍ୟାମ୍ପରୁ ହଟାଇବା ପାଇଁ ସରକାର ତତ୍ପରତା ପ୍ରକାଶ କରିଛନ୍ତି। କକ୍ସ ବଜାର ଅଞ୍ଚଳରୁ ଗୁରୁବାର ୧୦ଟି ବସ୍‌ରେ ରୋହିଙ୍ଗ୍ୟାମାନଙ୍କୁ ଚିଟାଗଙ୍ଗ ବନ୍ଦରକୁ ନିଆଯାଇଥିଲା। ସେଠାରୁ ସେମାନଙ୍କୁ ମିଲିଟାରି ବିମାନରେ ଭାସନ ଚାର୍ ଦ୍ୱୀପକୁ ନିଆଯାଇଛି।


**ଦିଲ୍ଲୀ ଚଲୋ:** ଆନ୍ଦୋଳନରତ ଜଣେ କୃଷକ ପୋଲିସ ମାଡ଼ରେ ଆହତ ହୋଇ ସିଙ୍ଘୁ ସୀମାରେ ଏକ ଟ୍ରକ୍ ଭିତରେ ବିଶ୍ରାମ ନେଉଛନ୍ତି।

# ରାସ୍ତାରେ ଝାଡୁ ମାରିବା ପୂର୍ବରୁ ପାଣି ଛିଞ୍ଚ

ନୂଆଦିଲ୍ଲୀ, ୪।୧୨(ପି.ଟି.)

**ପୌର ନିଗମକୁ ଏନ୍‌ଜିଟି ନିର୍ଦ୍ଦେଶ**



ଅତ୍ୟଧିକ ବାୟୁ ପ୍ରଦୂଷଣ ହୋଇଥିବା ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ର ସମସ୍ତ ମ୍ୟୁନିସିପାଲ କର୍ପୋରେଶନ ସମେତ ଅନ୍ୟ ସହରଗୁଡ଼ିକରେ ରାସ୍ତା ଝାଡୁ କରିବା ପୂର୍ବରୁ ପାଣି ଛିଞ୍ଚିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ଜଳକୁ ବ୍ୟବହାର କରିବା ଲାଗି ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ଆଦର୍ଶ କୁମାର ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ଏଥିସହିତ ରାସ୍ତା ଓ ଫୁଟ୍‌ପାଥ ପାର୍ଶ୍ୱରେ ଘାସ ଏବଂ ଗୁଳ୍ମ ଜାତୀୟ ଗଛ ଲଗାଇବାକୁ ଏନ୍‌ଜିଟି ପରାମର୍ଶ ଦେଇଛନ୍ତି।

# ଅଯୋଧ୍ୟା ମସ୍‌ଜିଦ ଟ୍ରଷ୍ଟରେ ସରକାରୀ ପ୍ରତିନିଧି ନିଯୁକ୍ତ ହେବେ ନାହିଁ

ନୂଆଦିଲ୍ଲୀ, ୪।୧୨(ପି.ଟି.)



ଅଯୋଧ୍ୟାରେ ନିର୍ମାଣ ହେବାକୁ ଥିବା ମସ୍‌ଜିଦ ଲାଗି ଗଠିତ ଟ୍ରଷ୍ଟରେ ସରକାରୀ ପ୍ରତିନିଧି ନିଯୁକ୍ତି ଦେବାକୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ମସ୍‌ଜିଦ ନିର୍ମାଣ ଲାଗି 'ଇଣ୍ଡୋ ଇସ୍‌ଲାମିକ କଲଚରାଲ ଫାଉଣ୍ଡେଶନ'ଗଠନ କରାଯାଇଛି। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କୁ ମନୋନୀତ କରିବା ପାଇଁ ସର୍ବୋଚ୍ଚ କୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନ କରାଯାଇଥିଲା। ଗତବର୍ଷ ନଭେମ୍ବରରେ ସର୍ବୋଚ୍ଚ ଅଦାଲତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାର ସମାଧାନ କରି ବିବାଦୀୟ ସ୍ଥଳରେ ରାମ ମନ୍ଦିର ଓ ଅଯୋଧ୍ୟାର ଅନ୍ୟ ଏକ ସ୍ଥାନରେ ମସ୍‌ଜିଦ ନିର୍ମାଣ ଲାଗି ସରକାର ୫ ଏକର ଜମି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ବୈଜ୍ଞାନିକଙ୍କ ମଞ୍ଜୁରୀ ପରେ ଟିକାକରଣ

ନୂଆଦିଲ୍ଲୀ, ୪।୧୨(ପି.ଟି.)

**କରୋନାକୁ ନେଇ ସର୍ବଦଳୀୟ ବୈଠକ**


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଦେଶର କରୋନା ସ୍ଥିତିକୁ ନେଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। କିଛି ସପ୍ତାହ ମଧ୍ୟରେ କୋଭିଡ୍ ଟିକା ପ୍ରସ୍ତୁତ ହେବ। ତେବେ ବୈଜ୍ଞାନିକମାନଙ୍କ ଅନୁମୋଦନ ପରେ ଦେଶରେ ଟିକାକରଣ ଆରମ୍ଭ ହେବ ବୋଲି ଉକ୍ତ ଭର୍ଚୁଆଲ ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ। କରୋନା ରୋଗୀଙ୍କ ଚିକିତ୍ସାରେ ସାମିଲ ଥିବା ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପ୍ରଥମେ ଏହି ଟିକା ଦିଆଯିବ। ଏଥିସହିତ ପୋଲିସ, ମ୍ୟୁନିସିପାଲ କର୍ମଚାରୀ ଆଦି ଫ୍ରଣ୍ଟଲାଇନ୍ ୱାର୍କର ଏବଂ ଗୁରୁତର ସ୍ଥିତିରେ ଥିବା ବୃଦ୍ଧ ବ୍ୟକ୍ତିଙ୍କୁ ଟିକା ପ୍ରଦାନରେ ପ୍ରାଥମିକତା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଦେଶରେ କରୋନା ସଂକ୍ରମଣ ପରେ ଏହା ସରକାରଙ୍କର ଦ୍ୱିତୀୟ ସର୍ବଦଳୀୟ ବୈଠକ। ଭାରତକୁ ମିଳିବାକୁ ଥିବା ୮ଟି ଟିକାର ବିଭିନ୍ନ ପର୍ଯ୍ୟାୟ ପରୀକ୍ଷା ଚାଲିଛି। ଭାରତରେ ପ୍ରସ୍ତୁତ ହେବାକୁ ଥିବା ୩ ଟିକା ମଧ୍ୟ ବିଭିନ୍ନ ପର୍ଯ୍ୟାୟ ପରୀକ୍ଷାରେ ରହିଛି। ଟିକା ପାଇଁ ସାରା ଦେଶ ପ୍ରତୀକ୍ଷା କରିଥିବାବେଳେ କୌଣସି ଅସାବଧାନତା ବହୁ କ୍ଷତି ଘଟାଇପାରେ। ତେଣୁ ମହାମାରୀକୁ ରୋକିବା ପାଇଁ ଜନସଚେତନତା ସୃଷ୍ଟି କରିବା ସହ ଲୋକଙ୍କୁ ଗୁଜବରୁ ରକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀ ଦଳଗୁଡ଼ିକୁ ଅନୁରୋଧ କରିଥିଲେ। ବୈଠକରେ କଂଗ୍ରେସର ଅଧୀର ରଞ୍ଜନ ଚୌଧୁରୀ, ଗୁଲାମ ନବୀ ଆଜାଦ, ଏନ୍‌ସିପିର ଶରଦ ପାୱାର, ଟିଏମ୍‌ସିର ସୁଦୀପ ବନ୍ଦୋପାଧ୍ୟାୟ, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ ପ୍ରମୁଖ ଥିଲେ। ଏହା ବ୍ୟତୀତ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ପ୍ରହ୍ଲାଦ ଜୋଷୀ ଏବଂ ହର୍ଷବର୍ଦ୍ଧନ ମଧ୍ୟ ବୈଠକରେ ଯୋଗଦେଇଥିଲେ। ଓଡ଼ିଶାରୁ ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁ ସର୍ବଦଳୀୟ ବୈଠକରେ ଯୋଗଦେଇ କେନ୍ଦ୍ର ନିକଟରେ ଦୁଇଟି ଦାବି ରଖିଥିଲେ। ଟିକାକରଣ କାର୍ଯ୍ୟକ୍ରମରେ ଓଡ଼ିଶାକୁ ପ୍ରାଥମିକତା ଦେବା ସହ ତୃଣମୂଳ ସ୍ତରୀୟ ଡାଟାବେସ୍ ପ୍ରସ୍ତୁତ କରିବାକୁ ସେ କହିଥିଲେ।

# ଜାନୁୟାରୀ ୧୫ରେ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀ ୧୫ ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଛି। ଏଥିନିମନ୍ତେ ଭୋଟରମାନଙ୍କ ଦାବି ଓ ଆପତ୍ତି ଅଭିଯୋଗ ନଭେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଛି। ଏହା ଡିସେମ୍ବର ୧୫ ଯାଏ ଚାଲୁରହିବ । ଭୋଟର ତାଲିକାରେ ନାମ ସଂଯୋଗ ନିମନ୍ତେ ଯେଉଁମାନଙ୍କର ବୟସ ୨୦୨୧ ଜାନୁୟାରୀ ପହିଲା ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନେ ନାମ ଅନ୍ତର୍ଭୁକ୍ତ କରି ପାରିବେ। ଯେଉଁମାନଙ୍କର ଭୋଟର ତାଲିକାରେ ନାମ ନ ଥିବ, ବିବାହ କିମ୍ବା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି ହୋଇ ଯାଇଥିବେ ସେମାନେ ମଧ୍ୟ ଭୋଟର ତାଲିକାରେ ନିଜର ନାମ ଯୋଗ କରିପାରିବେ। ସେଥିପାଇଁ ଫର୍ମ ନଂ-୬ରେ ଆବେଦନ କରିପାରିବେ ବୋଲି ଲୋହାନୀ କହିଛନ୍ତି।

ସେହିପରି ଭୋଟର ତାଲିକାର ନାମ ବାଦ ଦେବା ନିମନ୍ତେ ମଧ୍ୟ ନିଜ ଭୋଟଗ୍ରହଣ କେନ୍ଦ୍ରରେ ଥିବା ବିଏଲ୍ଓଙ୍କ ସହ ଯୋଗାଯୋଗ କରିପାରିବେ। ବଦଳି, ମୃତ୍ୟୁ କିମ୍ବା ଦୁଇଟି ସ୍ଥାନରେ ନାମ ଥିଲେ ଫର୍ମ ନଂ.-୭ରେ ଆବେଦନ କରି ନିଜ ନାମ ତାଲିକାରୁ ବାଦ ଦେଇପାରିବେ। ଭୋଟର ତାଲିକାରେ କୌଣସି ତ୍ରୁଟି ଥିଲେ ଭୋଟରମାନେ ଫର୍ମ ନଂ-୮ରେ ଆବେଦନ କରି ପାରିବେ। ଅନ୍‌ଲାଇନ ମାଧ୍ୟମରେ ଜଣେ ଭୋଟର www.nvsp.in କିମ୍ବା ଭୋଟର ହେଲ୍‌ପଲାଇନ ମୋବାଇଲ ଆପ୍‌କୁ ଯାଇ ଆବଶ୍ୟକ ଦସ୍ତାବିଜ ଅପଲୋଡ କରିବା ସହ ଅନ୍‌ଲାଇନ ମାଧ୍ୟମରେ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଭୋଟରମାନେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ୱେବ୍‌ସାଇଟ ceood-isha.nic.in ମାଧ୍ୟମରେ ନିଜ ଅଞ୍ଚଳର ଭୋଟର ତାଲିକା ଦେଖି ପାରିବେ। ଏଥିପାଇଁ ଡିସେମ୍ବର ୫ ଓ ୬ ତାରିଖରେ ସାରା ରାଜ୍ୟର ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଦିନ ବୁଥ୍‌ରେ ବିଏଲ୍ଓଙ୍କ ସହ ଅନ୍ୟାନ୍ୟ ଅଧିକାରୀ ରହି ଭୋଟରମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ। ଡିସେମ୍ବର ୧୫ ତାରିଖ ପରେ ଯେଉଁ ଦାବିପତ୍ର ଗ୍ରହଣ କରାଯାଇଥିବ ସେସବୁ ୨୦୨୧ ଜାନୁୟାରୀ ୫ ତାରିଖ ସୁଦ୍ଧା ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲୋହାନୀ କହିଛନ୍ତି।

# କନଷ୍ଟେବଲଙ୍କୁ ନିଲମ୍ବନ କଲେ ଏସ୍‌ପି

କେନ୍ଦୁଝର,୪।୧୨ (ସ୍ୱ.ପ୍ର/ଡି.ଏନ୍.ଏ.):

**ଜୁଆଡ଼ି - ପୋଲିସ ସଲାସୁତରା ଅଡିଓ ଭାଇରାଲ୍**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ବିଭିନ୍ନ ସାପ୍ତାହିକୀ ହାଟରେ କେତେକ ଜୁଆଡ଼ି ପୋଲିସ କର୍ମଚାରୀଙ୍କ ସହ ସଲାସୁତରା ହୋଇ ବେଆଇନ ଭାବେ ଜୁଆ ଖେଳ କରିଥାନ୍ତି। ତେବେ ଜୁଆଡ଼ି ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ବାର୍ତ୍ତାଳାପର ଏକ ଅଡିଓ ଭାଇରାଲ ହେବାରେ ଲାଗିଛି। ଏନେଇ ନମୋସେନା ପକ୍ଷରୁ ଜିଲା ଏସ୍‌ପିଙ୍କଠାରେ ଅଭିଯୋଗ କରାଯାଇଥିଲା। ଘଟଣାର ତଦନ୍ତ ପରେ କନଷ୍ଟେବଲ ନିରଞ୍ଜନ ଓଝାଙ୍କୁ ଏସ୍‌ପି ଚାକିରିରୁ ନିଲମ୍ବନ କରିଛନ୍ତି।

ଏହି ଅଡିଓରେ ଭଗାମୁଣ୍ଡାଠାରେ ଜୁଆଖେଳ କରିବା ପାଇଁ ଜଣେ ଜୁଆଡ଼ି ଫୋନ୍ ଯୋଗେ କନଷ୍ଟେବଲ ନିରଞ୍ଜନଙ୍କ ସହ ସଲାସୁତୁରା କରୁଥିବା କଥା ରହିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା କ୍ରାଇମ୍ ଡିଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଏଥିସହ ଏଭଳି ଜୁଆ ଖେଳ ଦୃଷ୍ଟିଗୋଚରକୁ ଆସିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

# ଚିଟ୍‌ଫଣ୍ଡରେ ଟଙ୍କା ବୁଡ଼ିଲା, ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୪।୧୨(ଡି.ଏନ.ଏ)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅନ୍ତର୍ଗତ ମଧ୍ୟଖଣ୍ଡର ଜଣେ ବ୍ୟକ୍ତି ଗୁରୁବାର ରାତିରେ ଭଞ୍ଜନଗର ଥାନା ବାଉଁଶଲୁଣ୍ଡିସ୍ଥିତ ତାଙ୍କ ଭଣଜାଙ୍କ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରତିକାନ୍ତ ବାରିକ। ରତିକାନ୍ତ ଲକ୍ଷାଧିକ ଟଙ୍କା ବିଭିନ୍ନ ସ୍ଥାନରୁ ଋଣ ଆଣି ଚିଟ୍‌ଫଣ୍ଡରେ ଲଗାଇଥିଲେ। ଆସିକା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କଠାରୁ ଟଙ୍କା ନେଇ ଫେରାଇ ନ ଥିଲେ। ଏ ନେଇ ସେ ଆସିକା ପୋଲିସରେ ଫେରାଦ ହୋଇଥିଲେ ମଧ୍ୟ ସୁଫଳ ମିଳିଲାନି। ଅନ୍ୟପଟେ ସେ ଆଣିଥିବା ଋଣ କିପରି ପରିଶୋଧ କରିବେ ସେହି ଚିନ୍ତା ଓ ପୋଲିସର ମାନସିକ ନିର୍ଯାତନା ସହି ନ ପାରି ରତିକାନ୍ତ ଆତ୍ମହତ୍ୟା କରିଥିବା ତାଙ୍କ ବ୍ୟାଗରୁ ମିଳିଥିବା ଏକ ଚିଠିରେ ଲେଖାଯାଇଛି। ମୃତ୍ୟୁ ପରେ ଅଙ୍ଗଦାନ କରିଦେବାକୁ ମଧ୍ୟ ସେ ଚିଠିରେ ଲେଖିଛନ୍ତି। ଭଞ୍ଜନଗର ପୋଲିସ ନଂ.୭୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ରତିକାନ୍ତ ସୁରଟରେ ଟେଲରିଂ ଦୋକାନ କରିବା ସହ ସେଠାର ଏକ ମାଇକ୍ରୋ ଫାଇନାନ୍ସରେ କାମ କରୁଥିଲେ। କମ୍ପାନୀ ବନ୍ଦପରେ ଜମାକାରୀ ପାଟିତୁଣ୍ଡ କରିବାରୁ ଧାର କରି ପ୍ରାୟ ୭୦ ଲକ୍ଷ ଟଙ୍କା ଫେରାଇଥିଲେ। ପରେ ସେ ସାଙ୍ଗମାନଙ୍କ ସହ ସୁରଟରେ ଚିଟ୍‌ଫଣ୍ଡ ବ୍ୟବସାୟ କରୁଥିଲେ। ଆସିକା ଅଞ୍ଚଳର ଜଣେ ବ୍ୟକ୍ତି ୧୮ଲକ୍ଷ ଟଙ୍କା ନେଇ ଫେରାଉ ନ ଥିବାରୁ ରତିକାନ୍ତ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୁରଟରେ ଥିବା ଘରଟିକୁ ଡିସେମ୍ବର ୧ ତାରିଖ ସୁଦ୍ଧା ରତିକାନ୍ତଙ୍କୁ ଦେବେ ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣକ ଥାନାରେ ଚୁକ୍ତି କରିଥିଲେ। ଘର ନ ମିଳିବାରୁ ରତିକାନ୍ତ ପୁଣି ଥାନାକୁ ଯାଇଥିଲେ ମଧ୍ୟ ପୋଲିସ ଆଉ ଶୁଣି ନ ଥିବା ଚିଠିରେ ଲେଖାରହିଛି। ଗୁରୁବାର ରାତିରେ ରତିକାନ୍ତ ତାଙ୍କ ଭଣଜା ଘରେ ଶୋଇଥିଲେ। ସକାଳୁ ନ ଉଠିବାରୁ ଭଣଜା ଝରକା ବାଟେ ମାମୁ ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଜଣାଇଥିଲେ। ଭଞ୍ଜନଗର ପୋଲିସ ସୁଇସାଇଡ୍ ନୋଟ ମିଳିବା ଖବରକୁ ଖଣ୍ଡନ କରିଛି। ରତିକାନ୍ତଙ୍କ ବ୍ୟାଗରୁ ମିଳିଥିବା ଚିଠିରେ ତାଙ୍କର କୌଣସି ଦସ୍ତଖତ ନ ଥିଲେ ମଧ୍ୟ, ମୃତ୍ୟୁପୂର୍ବରୁ ସେ ଉକ୍ତ ଚିଠି ଲେଖିଥିବା ପରିବାର ଲୋକେ କହିଛନ୍ତି। ଏନେଇ ଆସିକା ଥାନା ଅଧିକାରୀଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

# ଆମାଜନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ପୁରୀ ଅଫିସ, ୪।୧୨:

- ସିଂହଦ୍ୱାର ଥାନାରେ ଶ୍ରୀମନ୍ଦିର ପ୍ରଶାସନର ଏତଲା
- ଅନ୍‌ଲାଇନରେ ନିର୍ମାଲ୍ୟ ବିକ୍ରି

ଅନ୍‌ଲାଇନରେ ନିର୍ମାଲ୍ୟ ବିକ୍ରି ନେଇ ଆମାଜନ୍ କମ୍ପାନୀ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଏହି ଏତଲା ଦାଏର କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ନିର୍ମାଲ୍ୟ ପ୍ରତି ସମସ୍ତଙ୍କର ଗଭୀର ଆସ୍ଥା ଓ ବିଶ୍ୱାସ ରହିଛି। ମାତ୍ର ଆମାଜନ୍ କମ୍ପାନୀ ଏଥିପ୍ରତି ଗୁରୁତ୍ୱ ନ ଦେଇ ଅନ୍‌ଲାଇନ୍‌ରେ ନିର୍ମାଲ୍ୟ ବିକ୍ରି କରୁଛି। ଅଧିକ ଦାମ୍ ମଧ୍ୟ ନେଉଛି। ନିର୍ମାଲ୍ୟ ବିକ୍ରି ଲାଗି ଶ୍ରୀମନ୍ଦିର ପ୍ରଶାସନ କିମ୍ବା ସୁଆର ମହାସୁଆର ନିଯୋଗଠାରୁ ଆମାଜନ୍ କୌଣସି ଅନୁମତି ପାଇନାହିଁ। ତେଣୁ ନିର୍ମାଲ୍ୟ ପ୍ରତି ଅପମାନ ହେଉଛି। ଏହି ଦୃଷ୍ଟିରୁ ଶ୍ରୀମନ୍ଦିର ଆଇନର ଧାରା ୩୦ (ଏ), ଆଇପିସି ଧାରା ୧୦୯ ଏବଂ ୨୯୫ରେ ମାମଲା ରୁଜୁ ସହ ଆମାଜନ୍ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିବେଦନ କରାଯାଇଛି। ସେହିପରି ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଆମାଜନ୍ କର୍ତ୍ତୃପକ୍ଷଙ୍କୁ ଲିଗାଲ ନୋଟିସ ପଠାଯାଇଛି। ସଂଘର ଆବାହକ ଅନିଲ କୁମାର ସାହୁ ଏହି ନୋଟିସ (ନଂ. ୫/୨୦୨୦) ପଠାଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସୁଆର ମହାସୁଆର ନିଯୋଗ ସିଂହଦ୍ୱାର ଥାନାରେ ଏତଲା ଦେଇଥିବାବେଳେ ପୁରୀ ଯୁବ ଆଇନଜୀବୀ ଫୋରମ୍ ପକ୍ଷରୁ ଆମାଜନକୁ ଲିଗାଲ ନୋଟସ୍ ପଠାଯାଇଥିଲା।

# ବାଲ୍ୟବିବାହ ସୂଚନା ଦେଲେ ୫ ହଜାର ପୁରସ୍କାର



ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ ।

ଛତ୍ରପୁର,୪।୧୨(ଡି.ଏନ୍.ଏ.)

- ଅଙ୍ଗନୱାଡି କର୍ମୀ, ସିଡିପିଓ ଦାୟୀ ରହିବେ
- ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ହେବ: ଜିଲାପାଳ

ଗଞ୍ଜାମ ଜିଲାର କୌଣସିଠାରେ ବାଲ୍ୟବିବାହ ହେଉଥିବା ନଜରକୁ ଆସିଲେ ଏଥିପାଇଁ ଅଙ୍ଗନୱାଡି କର୍ମୀ ଓ ସିଡିପିଓମାନଙ୍କୁ ଦାୟୀ କରାଯିବ। କୌଣସି ବ୍ୟକ୍ତି ବାଲ୍ୟ ବିବାହ ସମ୍ପର୍କିତ ପ୍ରାଥମିକ ସୂଚନା ଦେଲେ ତାଙ୍କ ନାମ ଗୋପନ ରଖାଯାଇ ୫୦୦୦ ଟଙ୍କା ପୁରସ୍କାର ଦିଆଯିବ । ଅଙ୍ଗନୱାଡି କର୍ମୀ ବି ପ୍ରାଥମିକ ସୂଚନା ଦେଲେ ୫୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପାଇବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଘୋଷଣା କରିଛନ୍ତି। ଶୁକ୍ରବାର ଭିଡିଓ କନଫରେନ୍ସ ହୋଇଥିବା ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ପର୍କିତ ଜିଲାସ୍ତରୀୟ ବୈଠକରେ ଏହି ସୂଚନା ଦେଇଛନ୍ତି।

ଅଙ୍ଗନୱାଡି କେନ୍ଦ୍ରଗୁଡିକ ସଫେଇ ସହ ଏହାର ପରିବେଶ ସବୁଜ ସୁନ୍ଦର କରିବା ନେଇ ଚାରାରୋପଣ ଦିଗରେ ଦୃଷ୍ଟି ଦେବାକୁ ଜିଲାପାଳ କହିଥିଲେ । କେନ୍ଦ୍ର ପରିସରରେ ସ୍ଥାନ ଥିଲେ ଏମଜିଏନଆର୍‌ଇଜିଏସରେ କିଚେନ ଗାର୍ଡେନ ନିମନ୍ତେ ପ୍ରୟାସ କରିବାକୁ କୁହାଯାଇଛି। କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କୁ ହାତ ଧୋଇବା ଓ ଶୌଚାଳୟ ବ୍ୟବହାର କରିବା ସକାଶେ ଅଭ୍ୟାସ କରାଇବାକୁ କୁହାଯାଇଛି। ମିଶନ ଶକ୍ତି ଗୃହ ଓ ଅଙ୍ଗନୱାଡି କେନ୍ଦ୍ର ୨୨ ବ୍ଲକରେ ନିର୍ମାଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ତାହାର ସ୍ଥିତି ସମ୍ପର୍କରେ ବିଡିଓମାନଙ୍କ ଠାରୁ ଚିଠା ମାଧ୍ୟମରେ ତଥ୍ୟ ଆଦାୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସିଡିପିଓମାନେ ଅଙ୍ଗନୱାଡି କମିଟି ଦ୍ୱାରା ବାଲ୍ୟ ବିବାହ ରୋକିବାକୁ ନଜର ରଖନ୍ତୁ। ବିବାହ ହେଉଥିବା ପୁଅ-ଝିଅଙ୍କ ଆଧାର କାର୍ଡ ଯାଞ୍ଚ କରି ସେମାନଙ୍କ ସମ୍ପର୍କିତ ତଥ୍ୟ ଓ ବୟସ ପଞ୍ଜୀକରଣ କରାଇବାକୁ ଜିଲାପାଳ କହିଛନ୍ତି। ଯେଉଁ ପରିବାରରେ ଝିଅ ଜନ୍ମ ହେଉଛି, ସେମାନଙ୍କ ମା, ବାପା ଓ ପରିବାର ବର୍ଗଙ୍କୁ ଉତ୍ସାହିତ କରି କନ୍ୟାରତ୍ନ ବିଷୟରେ ବୁଝାଇବା, ନିର୍ଭୟା କଢି ଯୋଜନା ସକାଶେ ସଚେତନତା କାର୍ଯ୍ୟ ବ୍ୟାପକ କରିବା, ଅପପୁଷ୍ଟିରେ ଥିବା ଶିଶୁମାନଙ୍କ ସ୍ଥିତି ଏକ ତିନି ଜଣିଆ କମିଟି ଗଠନ କରି ଯାଞ୍ଚ କରିବାକୁ କୁହାଯାଇଛି। ଡାକ୍ତର, ନ୍ୟୁଟ୍ରିଶନ ଓ ସିଡିପିଓଙ୍କ ଦ୍ୱାରା ଜିଲାସ୍ତରୀୟ ଟିମ ଗଠନ କରି ଅପପୁଷ୍ଟିର ଶିକାର ହୋଇଥିବା ଶିଶୁଙ୍କୁ କିଭଳି ପୁଷ୍ଟିକର କରାଯିବ ସେ ନେଇ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଜିଲାପାଳ କହିଛନ୍ତି। ଜିଲାରେ ଗୋଟିଏ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର କରାଯିବ। ଉକ୍ତ କେନ୍ଦ୍ରର କାନ୍ଥରେ ଶିକ୍ଷଣୀୟ ବିଷୟ ଥାଇ ପିଲାଙ୍କୁ ଆକୃଷ୍ଟ କଳାଭଳି ଚିତ୍ର ଅଙ୍କନ କରାଯିବ। ଟିଭି, ଛୋଟ ଗୋଲେଇ ଟେବୁଲ ଇତ୍ୟାଦି ସାମଗ୍ରୀ ରଖି ପିଲାଙ୍କୁ ଅଙ୍ଗଭଙ୍ଗୀ ସଙ୍ଗୀତ ମାଧ୍ୟମରେ ଶିକ୍ଷା ଦିଆଯିବ। ଏହି ମଡେଲ ଠିକ ଚାଲିଲେ ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକ ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ରରେ ପରିଣତ କରାଯିବ ବୋଲି ଜିଲାପାଳ ମତ ଦେଇଥିଲେ ।

GOVERNMENT OF ODISHA No. B-494
"e" - PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P. (O) - 17/2020-21

1. The Chief Engineer (World Bank Project), Odisha on behlaf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Road & Bridge works as detailed in the table below:
2. Nature of Work : Bridge Work
3. No. of Work : 01 No.
4. Tender Cost : Rs.10,000.00
5. Class of Contractor : Super Class Contractor
6. Available of bid document in the website : From 10.00 A.M. of 08.12.2020 to 5.00 P.M. of 30.12.2020
7. Pre-Bid Meeting : Dt.15.12.2020 at 11.30 A.M.
8. Date of Opening of Bid : Dt.31.12.2020 at 11.30 A.M.
9. The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0021/2021

idco | ODISHA NEW OPPORTUNITIES
EXPRESSION OF INTEREST
No. HO/Civil/T&E/E/4520/01/2020/16411 Date: 03.12.2020

No. CAD-862: Expression of Interest is invited from renowned architects for rendering Architectural Planning & Design Services for "Construction of Outdoor Stadium, North Odisha University, Takatpur, Baripada".
Interested Architectural firms can see the detail EOI notice in our website www.idco.in(Tenders/EOI/RFP OTHERS). The bid documents can be downloaded from the above website from 10.12.2020. The Technical bid will be opened on 29.12.2020.
For the Corrigendum Notice (if any), please visit the above website.

Sd./- Chief General Manager (Civil)
IDCO, Bhubaneswar
OIPR-14003/11/0081/2021

No. B-493
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ. ୪, ଭୁବନେଶ୍ୱର
OFFICE OF THE EXECUTIVE ENGINEER
BHUBANESWAR (R&B) DIVISION NO. - IV
Nirman Soudha, Unit - V, Bhubaneswar
E-mail ID: eernb4bbsr@gmail.com, Tel.: (0674) 2390245
INVITATIONS FOR BIDS THROUGH e-Procurement
No. 5548 Date: 01.12.2020
Bid Identification No. C.C. (R&B) - 04
e-Procurement Notice No. 25 of 2020-21

| | | |
|---|---|---|
| 1 | Name of the Work | Building Works |
| 2 | Total No of works | 1 No. Building Work |
| 3 | Estimated Cost | Rs.13,39,015.00 |
| 4 | Class of Contractor | D & C |
| 5 | Period of Completion | 3 (Three) Calendar Months |
| 6 | Type of Tender | One No. Single Cover System |
| 7 | Date & time of availability of bid document in the portal | From Dt.9.12.2020 to 17.30 hrs. of Dt.21.12.2020 |
| 8 | Last Date & Time for Receipt of bids in the Portal | Dt.21.12.2020 up to 17.30 hrs |
| 9 | Opening of Bid through online | Dt.22.12.2020 at 11.30-AM |
| 10 | Name & Address of the Officer inviting Bid | Er. SK. Nasrulla, Executive Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
N.B.: Subsequent corrigendum / addendum if required shall be available in the website as indicated above.

Sd./- Executive Engineer,
BBSR (R&B) Division No. IV, BBSR
OIPR-34090/11/0015/2021

GOVERNMENT OF ODISHA E-mail: rw_rourkela@yahoo.co.in
OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA
No. O-659
SHORT TENDER CALL NOTICE
BID IDENTIFICATION NO. ONLINE-EERKL-11 of 2020-21

1. Name of the Work : Road (DMF)
2. Total No. of Works : 3 Nos.
3. Estimated Cost : Rs.55.75 lakhs to 99.08
4. Class of Contractor : "B" & "A" Class
5. Period of Completion : Six Months
6. Type of Tender : Double Cover
7. Other details

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Rourkela | Online- EERKL-11 of 2020-21 | 08.12.2020, 10.00 A.M. | 15.12.2020, 5.00 P.M. |

Further details can be seen from the website: www.tendersorissa.gov.in.
Sd./- Executive Engineer, Rural Works Division, Rourkela
OIPR-25067/11/0015/2021

Government of Odisha "e" Procurement Notice
TENDER CALL NOTICE
No. b-23
Bid Identification No. SENH(SBP)/03/2020-21

| Package No. | Name of the Work | Estimated Cost in Rs. | Period of Completion in Calendar Months | Date/Time for receipt of bids | Name and address of the Officer Inviting Tender |
|---|---|---|---|---|---|
| 1 | S/R to NH-26 such as providing C.C. Paver Block Toe Wall from 76/030 to 77/720 Km. and Drain from 75/277 to 76/145 Km. of NH-26 of Bolangir Town under State Plan for the year 2020-21. | 1,28,19,259.00 | 3 (Three) Calendar Months | 10.00 A.M. of Dt.10.12.2020 to 5.00 P.M. of 23.12.2020 | Superintending Engineer, N.H. Circle, Sambalpur |
| 2 | S/R to NH-26 such as providing C.C. Paver Block from Km. 74/340 to 75/400 Km. and Km 77/720 to 78/830 Km. in Bolangir Town for the year 2020-21. | 2,58,05,083.00 | 3 (Three) Calendar Months | 10.00 A.M. of Dt.10.12.2020 to 5.00 P.M. of 23.12.2020 | Superintending Engineer, N.H. Circle, Sambalpur |

Further details can be seen from the "e" Procurement website www.tendersorissa.gov.in.
Sd./- Superintending Engineer, N.H. Circle, Sambalpur
OIPR-34007/11/0005/2021

ZILLA SWASTHYA SAMITY, NUAPADA
DISTRICT PROGRAMME MANAGEMENT UNIT, NHM
NUAPADA, ODISHA-766105
E-mail: dpmunua@gmail.com Phone: (06678)-223346
Letter No.: 4423/DPMU/NHM/2020 Date: 03/12/2020
TENDER CALL NOTICE

No. E-400:- Sealed tenders (Percentage Rate) in conformity with the DTCN are invited from the "D" / "C" Class contractors registered with the State Govt. for execution of works under Zilla Swasthya Samiti, Nuapada as per Annexure-I of DTCN. The tender document (DTCN & BOQ) can be obtained from district NIC Website (www.nuapada.nic.in) from Dt-04.12.2020 to 28.12.2020 till 3.00P.M. The tender document (DTCN & BOQ) duly signed by the Contractors should be accompanied with the self attested photocopy of valid GST Clearance certificate, PAN card, Registration Certificate and requisite EMD in shape of Demand Draft drawn in favor of ZSS, NON-NRHM Nuapada" payable at "Nuapada" from any Nationalized Bank and NSC/KVP/ Time Deposit duly pledged. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favor of ZSS, NON-NRHM Nuapada" payable at "Nuapada" from any Nationalized Bank. The tenders will be received up to Dt. 28.12.2020 till 5.00 P.M. and addressed to O/o Chief District Medical & Public Health Officer, Nuapada through Registered/Speed Post /Courier only (at all Govt. working days). The tender is scheduled to be opened on Dt.29.12.2020 at 4.00 P.M. at DTU, O/o the Chief District Medical & Public Health Officer, Nuapada in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at NIC Website (www.Nuapada.nic.in) . The name of the work should be written on the top of the envelope as Construction of Health Wellness Centre (HWC) at ____________ Sub Centre/PHC, The undersigned reserves the right to cancel the tender without assigning any reason thereof.

| Sl. No. | Name of the Work | Total No. of works | Estimated cost (in Rs.) without GST | Availability of Tender document (DTCN & BOQ) | Period of completion |
|---|---|---|---|---|---|
| 1 | Construction of Health Wellness Centre (HWC) at SC/PHC level | 18 (Eighteen) Nos. percentage tender Detailed given in tender documents | Approximated Estimate Cost is from Rs.6,18,829 to Rs.6,18,871 | The tender documents (DTCN & BOQ) may be obtained from NIC website (www.Nuapada.nic.in) from 04.12.2020 to 21.12.2020 | Two Months |

OIPR-10055/11/0022/2021 Sd./- CDM & PHO cum DMD, Nuapada

ODISHA STATE SEED & ORGANIC PRODUCTS CERTIFICATION AGENCY
OSSOPCA
Govt. of Odisha (Agriculture & Farmers Welfare Department)
Plot No. 326, Baramunda, Bhubaneswar - 751 003
Tel. Ph. No.: 8018261111 (M), E-mail: directorossca@rediffmail.com
Ref. No. 1655 Date: 03.12.2020
File No. IA-OSSOPCA-01/2020 Invitation for Bids Date: 12.11.2020
Bid Identification No. 1655/03.12.2020

No. CAD-868: Director, Odisha State Seed & Organic Products Certification Agency, Plot No. 326, Baramunda, Bhubaneswar - 751003 invites e-Tender Bids in Double Cover system in online mode only for purchase of Seed Certification Materials for Kharif - 2020 and Rabi - 2020-2021 for following location of offices.

| Sl. No. | Seed Certification Materials | Location of Offices | Bid Security (in Rs.) | Cost of Document | Period of Completion |
|---|---|---|---|---|---|
| 1 | Seed Certification materials required for Head Office, Bhubaneswar, Seed Certification Offices and Seed Testing Laboratories: 1) Foundation Tag, 2) Certified Tag, 3) Lead Seal, 4) Cloth Bag, 5) Wax Paper as per DTCN - Annexure - A | 1. H.O., Bhubaneswar, 2. SCO, Berhampur, 3. SCO, Bolangir, 4. SCO, Jeypore, 5. SCO, Sambalpur, 6. SCO, Cuttack, 7. SCO, Balasore, 8. SCO, Baripada, 9. STO, Bargarh, 10. STO, Rayagada, 11. STO, Balasore, 12. STO, Barchana, 13. STO, Bhawanipatna, 14. STO, Sambalpur as per details mentioned at delivery schedule B. | As per items mentioned at clause No. 3 to 3.4 of the DTCN | Rs.5,000/- (Online) | 1 (One) Calendar Month |

1. Bid documents such as DTCN/BoQ etc. can be seen/downloaded from https://tendersodisha.gov.in during the period from 10.00 hours of 07.12.2020 to 17.00 hours of 24.12.2020.
2. Online bids shall be received till 17.00 hours of Dt.24.12.2020.
3. The technical bids will be opened at 11.30 hours of Dt.28.12.2020 in the Office of the Director, Odisha State Seed & Organic Products Certification Agency, Plot No. 326, Baramunda, Bhubaneswar.
4. The bidder must possess compatiable Digital Signature Certificate (DSC) of Class - II or Class - III.
5. Cost of tender paper for Rs.5000/- to be deposited online.
6. Bid Security & Performance Security to be deposited through IMPS/NEFT.
7. The authority reserves the right to reject any or all bids without assinging any reason thereof.

Sd./- Director
OIPR-01035/11/0001/2021

OFFICE OF THE EXECUTIVE ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail-eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No. 44RWSS/RRPUR- 2020-2021 / Dated 20.11.2020

No.O-606:- The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work : - a)Retrofitting of 40 LPCD PWS Scheme to 70 LPCD to village Chitraposi, Batapolsa, Basingi(JJM)& Execution of Rural Piped Water Supply Project with 5-year O&M to Village Batatainsira (JJM)under RWS&S Division, Rairangpur.
2. No. of work : - 4(Four) Nos.
3. Period of Completion :- 06(Six) to 09(Nine) months
4. Cost of tender : - Rs.10000.00
5. Estimated cost : - Rs.55.70 lakhs to Rs.96.45 lakhs
6. Class of Contractor : - (As mentioned in Tender Call Notice)
7. Date and time of availability of bid documents in Portal: -From 9 hours of 09.12.2020 to 17.30 hours of 23.12.2020
8. Receipt of bid cost, bid security, documents: - Online only
9. Date & time of opening of technical bid: - Dt. 24.12.2020 at 11.00 hours onwards.
10. Other Documents: - (As mentioned in DTCN)
11. The bidders have to participate in on-line bidding only. Further details can be seen from the website https://www.tendersodisha.gov.in.
12. Any addendum / Corrigendum / Cancellation of tender can also be seen in the said website.
13. Concession of 10 % will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him / her.

Sd./- Executive Engineer, RWSS Division, Rairangpur
OIPR-25010/11/0020/2021

INVITATION FOR BIDS (IFB)
NATIONAL COMPETITIVE BIDDING
THROUGH E-PROCUREMENT
IDENTIFICATION NO.: RWS&S DIVN., PURI-39 OF 2020-21
Ph. (06752) 251276, Fax- (06752) 251276, E-mail- eerwss_puri@nic.in

No.O-628:- The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl.No. | Nature of work | Retrofitting of Rural Piped Water Supply |
|---|---|---|
| 1. | No. of works | 02 (Two) |
| 2. | Estimated cost | Rs.40.97 to 64.13 lakhs (app.) |
| 3. | Time for completion | 06(Six) months |
| 4. | Cost of bidding document | Rs.10000/- |
| 5. | Class of contractors eligible | B&A |
| 6. | Availability of bids on-line | From17 hour of 07.12.2020 to 17.00 hours of 21.12.2020 |
| 7. | Last date and time for seeking clarification | 17.00 hours of 17.12.2020 |
| 8. | Date & time of opening of technical bids | On dt.22.12.2020 at 11.30 hours in the Office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of tenchical bid in Division Office). |
| 9. | Date and time of opening of financial bids | To be decided. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.
Sd./- Executive Engineer, RWS&S Division, Puri
OIPR-25017/11/0023/2021

# ଚାଷୀଙ୍କୁ ଦଳିଦେଲା ହାତୀ


ମୃତଦେହକୁ ଲୋକେ ନେଉଛନ୍ତି ।

ଚୌଦ୍ୱାର,୪।୧୨(ଡି.ଏନ୍.ଏ.)

କଟକ ଜିଲା ଟାଙ୍ଗୀ–ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର କୁଜିବର ଭରାଣ୍ଡୀ ମୌଜାରେ ଜଣେ ବୃଦ୍ଧଚାଷୀଙ୍କୁ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ପୌରପାଳିକା ୧୨ ନଂ. ୱାର୍ଡ ବୁଢାଲିଙ୍ଗ ଗ୍ରାମର ରତ୍ନାକର ବେହେରା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଦେହ ଧରି ପରିବାର ଲୋକେ ଓ ଗ୍ରାମବାସୀ ବସି ରହିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଚୌଦ୍ୱାର ପୋଲିସ, ବନବିଭାଗ ଅଧିକାରୀ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ଅନ୍ୟପକ୍ଷରେ ହାତୀ ଘଉଡାଇବା ପାଇଁ ପୋଲିସ ଓ ବନ ବିଭାଗ ରାତିତମାମ ନାକେଦମ ହୋଇଥିବାବେଳେ ଲୋକେ ଆତଙ୍କିତ ହୋଇପଡିଥିଲେ।

ମଙ୍ଗରାଜପୁର ଫରେଷ୍ଟର ମାଣିକ ମୁଣ୍ଡାଙ୍କ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଚନ୍ଦକା ଜଙ୍ଗଲରୁ ଆସିଥିବା ୧୮ ଟିକିଆ ହାତୀପଲ ବରହମପୁର ପଞ୍ଚାୟତ ଦେଇ ଶାଳଗାଁ ପଞ୍ଚାୟତରେ ଥିବା ଚାଷଜମିରେ ପଶି ଫସଲ ନଷ୍ଟ କରିଥିଲେ। ପରେ ଆଗ୍ରାହାଟ ପଞ୍ଚାୟତରେ ପଶିଥିଲେ। ବାଣ, ବାଜା, ଲାଇଟ୍ ଓ ନିଆଁହୁଳା ସାହାଯ୍ୟରେ ହାତୀଙ୍କୁ ଘଉଡାଇବା ପାଇଁ ବନ କର୍ମଚାରୀମାନେ ଲାଗିପଡିଥିଲେ। ଭୋର ସମୟରେ ହାତୀପଲ ଜଙ୍ଗଲ ଅଭିମୁଖେ ଫେରିବାବେଳେ ଧାନ କାଟିବାକୁ ଯାଇଥିବା ଚାଷୀ ରତ୍ନାକର ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିକରି ଲୋକେ ମୃତଦେହକୁ ଛାଡି ନ ଥିଲେ। ପୂର୍ବତନ ବିଧାୟକ ବିଶ୍ୱାଳ, ବୈରୀ ରେଞ୍ଜ୍ ଅଫିସର ସୁଦର୍ଶନ ବେହେରା, ଏସିଏଫ୍ ମନୋରଞ୍ଜନ

- ହାତୀ ଘଉଡାଇବା ପାଇଁ ବନ କର୍ମଚାରୀ ନାକେଦମ
- କ୍ଷତିପୂରଣ ସହ ହାତୀ ଦାଉରୁ ଅଞ୍ଚଳକୁ ରକ୍ଷା କରିବା ପାଇଁ ଦାବି

ସ୍ୱାଇଁ, ଚୌଦ୍ୱାର ଫରେଷ୍ଟର ପୁରୁଷୋତ୍ତମ ସାହୁ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାର ସରକାରୀ ବ୍ୟବସ୍ଥା ରହିଛି। ଘଟଣାସ୍ଥଳରେ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ଦିଆଯାଇଥିଲା। ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ଓ ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଖବର ଲେଖାହେବା ବେଳକୁ ହାତୀପଲ ନିକଟସ୍ଥ ହନୁମାନ ହୁଡା ଭିତରେ ଲୁଚି ରହିଥିବାରୁ ଘଉଡାଇବାକୁ ଉଦ୍ୟମ ଜାରି ରହିଥିବା ଚୌଦ୍ୱାର ଫରେଷ୍ଟର ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ଟାଙ୍ଗୀ–ଚୌଦ୍ୱାର ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ବନ ବିଭାଗ ସମ୍ପୂର୍ଣ୍ଣ ମାତ୍ରାରେ ହାତୀ ଘଉଡାଇବାରେ ବିଫଳ ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଥିବାବେଳେ ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ପାଇଁ ସେମାନେ ଦାବି କରିଛନ୍ତି।

## ବାସୁଦେବପୁର ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

**କର୍ତ୍ତବ୍ୟରେ ଅବହେଳା ମହଙ୍ଗା ପଡ଼ିଲା**

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ବାସୁଦେବପୁର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ (ଇଓ)ତାପସ ରଞ୍ଜନ ଜେନା ଏବଂ କନିଷ୍ଠ ଯନ୍ତ୍ରୀ ଦେବକାନ୍ତ ନାୟକଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବିତ କରିଛନ୍ତି। ସରକାରୀ ନିର୍ଦ୍ଦେଶକୁ ଅବମାନନା, କର୍ତ୍ତବ୍ୟରେ ଅବହେଳା, ନିମ୍ନମାନର ପ୍ରଶାସନିକ ଦକ୍ଷତା, ଲକ୍ଷ୍ୟ ପୂରଣରେ ବିଫଳ ଆଦି ଯୋଗୁ ସେମାନଙ୍କ ବିରୋଧରେ ଏହି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏ ନେଇ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ତେବେ ଉଭୟ ଅଧିକାରୀ ସରକାରଙ୍କ ବିନାନୁମତିରେ ମୁଖ୍ୟାଳୟ ଭଦ୍ରକ ଜିଲା ନଗର ଉନ୍ନୟନ ଏଜେନ୍ସି (ଡୁଡା) ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଛାଡିପାରିବେ ନାହିଁ। ଓଡ଼ିଶା ଚାକିରି କୋଡ୍ ରୁଲ୍–୯୦ ଅନୁଯାୟୀ ଦରମା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

## ମୁନିଗୁଡ଼ା ଅଞ୍ଚଳରେ ମାଓବାଦୀ ପୋଷ୍ଟର

**ପିଏଲ୍‌ଜିଏ ସପ୍ତାହରେ ଉପସ୍ଥିତି ଜାହିର**

ରାୟଗଡ଼ା ଅଫିସ୍,୪।୧୨


ମାଓବଦୀଙ୍କ ଦ୍ୱାରା ଲାଗିଥିବା ପୋଷ୍ଟର।

ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ରାୟଗଡ଼ା ଜିଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦୁଇଦିନ ମଧ୍ୟରେ ଜିଲାରେ କୌଣସି ହିଂସାକାଣ୍ଡ ଘଟି ନ ଥିବାବେଳେ ଶୁକ୍ରବାର ତୃତୀୟ ଦିନରେ ମୁନିଗୁଡ଼ା ବ୍ଲକ୍‌ର ଡିମିରିଗୁଡ଼ା ଅଞ୍ଚଳରେ ମାଓବାଦୀମାନେ ଏକାଧିକ ପୋଷ୍ଟର ଲଗାଇ ନିଜର ଉପସ୍ଥିତି ଜାହିର କରିଛନ୍ତି। ଗାଁରେ ପିଏଲ୍‌ଜିଏର ୨୦ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଏହି ପୋଷ୍ଟର ମାଧ୍ୟମରେ ଆହ୍ୱାନ କରାଯାଇଛି। ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଏହି ପୋଷ୍ଟର ଲାଗିଛି। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଜଙ୍ଗଲରେ ଶହୀଦ ହୋଇଥିବା ସାଥୀ ମାଓବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ଏଥିସହ ପୋଲିସ ଇନ୍‌ଫର୍ମର ନାଁରେ ନିରୀହ ଆଦିବାସୀଙ୍କୁ ହତ୍ୟା କରାଯାଉଥିବା କୁହାଯାଇଛି। ତେବେ ମାଓବାଦୀ ପୋଷ୍ଟର ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ଟେନ୍‌ସା, ୪।୧୨( ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ପାଟମୁଣ୍ଡା ପଞ୍ଚାୟତର ପୁତାଡ଼ି ବସ୍ତିରେ ଗୁରୁବାର ସକାଳେ ହତ୍ୟାକାଣ୍ଡ ଘଟିଛି। ବୁଧୁ ମୁଣ୍ଡା (୩୫)ଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ସମ୍ବାରୀ (୩୦)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବୁଧୁ ଘରେ ଥିବା ଏକ ଧାରୁଆ ଟାଙ୍ଗିଆରେ ସମ୍ବାରୀଙ୍କୁ ଆକ୍ରମଣ କରିବା ସହିତ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ସମ୍ବାରୀଙ୍କ ମୃତ୍ୟୁ ଘଟିଥିଲା। ପଡ଼ୋଶୀଙ୍କ ସୂଚନା ଅନୁସାରେ ଘଟଣାସ୍ଥଳରେ କୋଇଡା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ଘଟଣାସ୍ଥଳରୁ ଟାଙ୍ଗିଆ ସହିତ ମୃତଦେହ ଜବତ କରିଥିଲା। ହତ୍ୟାକାରୀ ବୁଧୁଙ୍କୁ ପୋଲିସ ଗିରଫ କରିଥିବା ପୋଲିସ କହିଛି ।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିରି,୪।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା କାରାଗାରରେ ଗୁରୁବାର ରାତିରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହନୁ ବାଗରିଆ(୭୦)। ବର୍ଷେ ହେଲା ସେ ଏକ ଅପରାଧ ମାମଲାରେ ଏହି କାରାଗାରରେ ରହୁଥିଲେ। ସେ ପକ୍ଷାଘାତରେ ଆକ୍ରାନ୍ତ ହେବାରୁ ତାଙ୍କୁ ଜେଲ କର୍ତ୍ତୃପକ୍ଷ ଚିକିତ୍ସା କରାଉଥିଲେ। ଗୁରୁବାର ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜେଲ ଅଧୀକ୍ଷକ ସଞ୍ଜୟ ବର୍ମା କହିଛନ୍ତି।

## ୪୬୦ କେଜି ଚନ୍ଦନ କାଠ ଜବତ: ୩ ଗିରଫ

ଟାଙ୍ଗୀ(କଟକ) ୪।୧୨ (ଡି.ଏନ୍.ଏ.):

ଟାଙ୍ଗୀ ଥାନା ଅନ୍ତର୍ଗତ ଡାଲିଯୋଡା ସଂରକ୍ଷିତ ଜଙ୍ଗଲରୁ ଗୁରୁବାର ରାତିରେ କଟାଯାଇଥିବା ୪୬୦ କେଜି ଓଜନର ଚନ୍ଦନ କାଠ ଜବତ କରାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ହଳଦୀବସନ୍ତ ଗ୍ରାମର ହେମନ୍ତ ଛାଟୋଇ, ବାଲିଯୋଡି ପାତାଳସିଂଗାଁର କାହ୍ନୁ ଚରଣ ଭୋଇ ଓ ନୟାଗଡ ଜିଲା ଖଣ୍ଡପଡା ଗ୍ରାମର ଦଣ୍ଡପାଣି ଦାସ। ଏ ନେଇ ପୋଲିସ ଏକ ମାମଲା(ନଂ.୨୪୮/୨୦) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଡାଲିଯୋଡା ସଂରକ୍ଷିତ ଜଙ୍ଗଲରେ ଥିବା ଶ୍ରୀକ୍ଷେତ୍ର ଆଶ୍ରମ ପରିସରରୁ ଚନ୍ଦନ କାଠ କଟାଯାଇଥିଲା। ଖବରପାଇ ବନ ବିଭାଗ ଓ ଏସ୍‌ଟିଏଫ ଟିମ୍ ଗୁରୁବାର ରାତିରେ ଚଢାଉ କରି ଉକ୍ତ କାଠକୁ ଜବତ କରିଥିଲା। ପରେ ଉକ୍ତ କାଠ ସହ ଅଭିଯୁକ୍ତମାନଙ୍କୁ ଶୁକ୍ରବାର ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଜବତ କାଠର ମୂଲ୍ୟ ୭୦ଲକ୍ଷ ଟଙ୍କା ହେବ ବୋଲି ଏସ୍‌ଟିଏଫ ପକ୍ଷରୁ କୁହାଯାଇଛି। ଏହି ଚଢାଉରେ ଏସ୍‌ଟିଏଫ ଟିମ୍ ସହିତ ସଫା ସେକ୍ସନ ବନପାଳ ଚନ୍ଦ୍ରଶେଖର ଦାସ, କୁସୁନପୁର ବିଟ୍ ଭାରପ୍ରାପ୍ତ ବନପାଳ ରବୀନ୍ଦ୍ର ନାୟକ, ସଫା ବିଟ୍ ଭାରପ୍ରାପ୍ତ ବନପାଳ ସଞ୍ଜୀବ ବାଇପେଇଙ୍କ ସହିତ ବନ କର୍ମଚାରୀ ସାମିଲ ହୋଇଥିଲେ।

## ୩ ବାଲ୍ୟ ବିବାହ ରୋକିଲା ପ୍ରଶାସନ

ପାତ୍ରପୁର,୪।୧୨ (ଡି.ଏନ୍.ଏ.)

ପାତ୍ରପୁର ବ୍ଲକର ତିନିଟି ଗ୍ରାମର ତିନିଟି ଝିଅଙ୍କ ବାଲ୍ୟ ବିବାହକୁ ଶୁକ୍ରବାର ପ୍ରଶାସନ ବନ୍ଦ କରିଛି। ଖରଣୀପଡା, ଖଇର ଗ୍ରାମ ଓ ଜଗନ୍ନାଥପୁର ଗ୍ରାମର ଥିବା ତିନିଜଣ ଝିଅଙ୍କର ଆସନ୍ତା ୭,୮ ଓ ୧୧ ତାରିଖରେ ବିବାହ ହେବାର ଥିଲା।

















































**ଅର୍ଥ ବ୍ୟବସ୍ଥାରେ ଭି ଆକୃତିରେ ସୁଧାର ହେଉଛି**

ଦେଶର ଅର୍ଥ ବ୍ୟବସ୍ଥା କରୋନା ମହାମାରୀ ଦ୍ୱାରା ସଙ୍କଟ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ସେପ୍ଟେମ୍ବର ତ୍ରୈମାସରେ ଜିଡିପି ପୂର୍ବ ତୁଳନାରେ ବେଶ୍ ଉନ୍ନତ ପ୍ରଦର୍ଶନ କରିଛି। ଏହି ଅବଧିରେ ଜିଡିପି ୭.୫% ଖସିଛି। ଏହା ପ୍ରଥମ ତ୍ରୈମାସରେ -୨୩.୯% ଖସିଥିଲା। ଦେଶର ଅର୍ଥ ବ୍ୟବସ୍ଥାରେ ଭି ଆକୃତିର ସୁଧାର ପରିଲକ୍ଷିତ ହେଉଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।



**ସଂକ୍ଷେପରେ**

## ଡିବିଏସ୍ ବ୍ୟାଙ୍କକୁ ମିଳିଲା ୨୫୦୦ କୋଟିର ପୁଞ୍ଜି

**ନୂଆଦିଲ୍ଲୀ,୪।୧୨:** ଡିବିଏସ୍ ବ୍ୟାଙ୍କ ଇଣ୍ଡିଆ ଲିମିଟେଡ୍ (ଡିବିଆଇଏଲ୍) ସହ ଲକ୍ଷ୍ମୀ ବିଳାସ ବ୍ୟାଙ୍କ (ଏଲ୍‌ଭିପି)ର ମିଶ୍ରଣ ହୋଇଛି। ଏଲ୍‌ଭିପିର ଆର୍ଥିକ ସ୍ଥିତି ବିଗିଡିବା ପରେ ଡିବିଆଇଏଲ୍ ସହ ମିଶ୍ରଣ ନେଇ ନିକଟରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଥିଲା। ଡିବିଆଇଏଲ୍ ସିଙ୍ଗାପୁର ଭିତ୍ତିକ ବ୍ୟାଙ୍କ ଡିବିଏସ୍‌ର ଏକ ସହଯୋଗୀ କମ୍ପାନୀ। ଭାରତରେ କାରବାରକୁ ଉନ୍ନତ କରିବା ଲାଗି ଡିବିଆଇଏଲ୍‌କୁ ଡିବିଏସ୍ ୨୫୦୦ କୋଟି ଟଙ୍କାର ପୁଞ୍ଜି ଯୋଗାଇ ଦେଇଛି। ନଭେମ୍ବର ୨୭ ଠାରୁ ଡିବିଆଇଏଲ୍ ଏବଂ ଏଲ୍‌ଭିସି ମିଶ୍ରଣ ହୋଇସାରିଛି। ଡିବିଆଇଏଲ୍ ପୁଞ୍ଜି ଉନ୍ନତ ସ୍ତରରେ ରହିଛି। ଏହା ଆର୍‌ବିଆଇ ପୁଞ୍ଜି ନିୟମ ଅନୁସାରେ ବେଶ୍ ଉନ୍ନତ ଥିବା ଜଣାପଡିଛି।

## ବିଜୟ୍ ମାଲ୍ୟାଙ୍କ ୧୪ କୋଟିର ସମ୍ପତ୍ତି ଜବତ



**ନୂଆଦିଲ୍ଲୀ,୪।୧୨:** ପଳାତକ ବିଜୟ୍ ମାଲ୍ୟାଙ୍କ ଫ୍ରାନ୍ସସ୍ଥିତ ୧୪ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଜବତ କରିଛି। କିଙ୍ଗଫିସର ଏୟାର ଲାଇନ୍ସର ବିଦେଶରେ ରହିଥିବା ଏକ ବ୍ୟାଙ୍କ ଆକାଉଣ୍ଟକୁ ମାଲ୍ୟା ବୃହତ୍ ପରିମାଣର ଅର୍ଥ ପଠାଇଥିବା ଅଭିଯୋଗ ଆସିଛି। ତାଙ୍କ ବିରୋଧରେ ବେଆଇନ ଅର୍ଥ କାରବାର ନିରୋଧୀ ଆଇନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ଦେବାଳିଆ ହୋଇଥିବା ବିମାନ କମ୍ପାନୀ କିଙ୍ଗଫିସର ଲାଗି ଋଣ କରି ମାଲ୍ୟା ଫସିଯାଇଥିଲେ। ତାଙ୍କ ବିରୋଧରେ ୯ ହଜାର କୋଟି ଟଙ୍କାର ଋଣ ଖିଲାପି ମାମଲା ଚାଲିଛି। ୨୦୧୬ ସେ ଲଣ୍ଡନ ପଳାୟନ କରିଥିଲେ। ସେଠାରୁ ତାଙ୍କୁ ଭାରତ ଫେରାଇ ଆଣିବା ଲାଗି ପ୍ରତ୍ୟର୍ପଣ ମାମଲା ଏବେ କୋର୍ଟରେ ଶୁଣାଣି ହେଉଛି। ଗତ ୩ ବର୍ଷ ପୂର୍ବରୁ ତାଙ୍କ ବିରୋଧରେ ପ୍ରତ୍ୟର୍ପଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

# କଣ୍ଟାକ୍ଟଲେସ୍ କାର୍ଡ ନେଣଦେଣ ସୀମା ବଢ଼ିବ

**ନୂଆଦିଲ୍ଲୀ,୪।୧୨**



କଣ୍ଟାକ୍ଟଲେସ୍ କାର୍ଡ ନେଣଦେଣ ସୀମା ୨୦୨୧ ଜାନୁୟାରୀ ପହିଲାରୁ ବଢାଇବାକୁ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଘୋଷଣା କରିଛି। ଡିଜିଟାଲ ନେଣଦେଣର ପରିସର ବଢାଇବା ଏବଂ ଟ୍ରାଞ୍ଜାକଶନକୁ ସୁରକ୍ଷିତ କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ପଦକ୍ଷେପ ହାତକୁ ନେଇଛି। ଏହି ସୀମା ବର୍ତ୍ତମାନ ୨ ହଜାର ଟଙ୍କା ରହିଥିବା ବେଳେ ୫ ହଜାରକୁ ବଢାଯିବା ନେଇ ପ୍ରସ୍ତାବ ଦିଆଯାଇଛି। କଣ୍ଟାକ୍ଟଲେସ ନେଣଦେଣ ଲାଗି ପିନ୍ ନମ୍ବର ଆବଶ୍ୟକତା ହୋଇ ନ ଥାଏ। ସେହିଭଳି ରିୟଲ ଟାଇମ୍ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍)କୁ ୨୪ ଘଣ୍ଟିଆ କରିବା ଦିଗରେ ପଦକ୍ଷେପ ନିଆଯାଇଥିବା ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରାନୀତି କମିଟି ବୈଠକ ପରେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ଆର୍‌ଟିଜିଏସ୍ ସୁବିଧା ସକାଳ ୭ରୁ ସନ୍ଧ୍ୟା ୬ ଯାଏ ଉପଲବ୍ଧ ହେଉଛି। ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ବାଦ୍ ବ୍ୟାଙ୍କର କାର୍ଯ୍ୟ ଦିବସଗୁଡିକରେ ଏହା ସବୁଦିନ ମିଳୁଛି। ସୂଚନାଯୋଗ୍ୟ, ଏନ୍‌ଇଏଫ୍‌ଟି ସୁବିଧାକୁ ୨୦୧୯ ଡିସେମ୍ବରଠାରୁ ଚବିଶ ଘଣ୍ଟିଆ କରାଯାଇଛି।

ଶକ୍ତିକାନ୍ତ କହିଛନ୍ତି ଯେ, ଡିଜିଟାଲ ପେମେଣ୍ଟକୁ ସୁରକ୍ଷିତ କରିବା ଲାଗି ସିକ୍ୟୁରିଟି କଣ୍ଟ୍ରୋଲ ଡାଇରେକ୍ସନ ବ୍ୟବସ୍ଥା ହାତକୁ ନିଆଯାଇଛି। ଏହା ଦ୍ୱାରା ଆର୍ଥିକ ପ୍ରତିଷ୍ଠାନଗୁଡିକୁ ନିୟନ୍ତ୍ରିତ କରାଯାଇପାରିବ। ଇଣ୍ଟରନେଟ୍, ମୋବାଇଲ ବ୍ୟାଙ୍କିଙ୍ଗ୍ ଏବଂ କାର୍ଡ ପେମେଣ୍ଟକୁ ସୁରକ୍ଷିତ କରିବା ଦିଗରେ ଏଭଳି ନିଷ୍ପତ୍ତି ସହାୟତା କରିବ। ବ୍ୟାଙ୍କ ଏବଂ ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡିକ ଗଭର୍ନାନ୍ସ, ରିସ୍କ ମ୍ୟାନେଜମେଣ୍ଟ ଏବଂ ଆନ୍ତଃ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଧ୍ୟାନ ରଖିବାକୁ ସେ ଆହ୍ୱାନ ଜଣାଇଛନ୍ତି। ସେ ପୁଣି କହିଛନ୍ତି ଯେ, ଆସନ୍ତା ବର୍ଷ ବଜେଟ ଅଭିବୃଦ୍ଧିକୁ ବଢାଇବା ଦିଗରେ ସହାୟକ ହେବ। ଅଭିବୃଦ୍ଧିକୁ ସୁହାଇବା ଭଳି ସୁଧହାର ଉପରେ ରିଜର୍ଭ ବ୍ୟାଙ୍କ କାର୍ଯ୍ୟପନ୍ଥା ଜାରି ରହିଛି। ଏହାବାଦ ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ(ପିଏମ୍‌ସି) ବ୍ୟାଙ୍କ ରିଜୋଲ୍ୟୁଶନକୁ ଭଲ ରେସ୍‌ପନ୍ସ ମିଳୁଛି। ସେହିଭଳି ଡିଜିଟାଲ ବ୍ୟାଙ୍କିଙ୍ଗ୍ ଉପରେ ଲୋକଙ୍କର ରହିଥିବା ଭରଷାକୁ ଧ୍ୟାନରେ ରଖି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଥିବା ସେ ସ୍ପଷ୍ଟ କରିଛନ୍ତି।

## କର୍ପୋରେଟ ପକ୍ଷରୁ ବ୍ୟାଙ୍କ ସ୍ଥାପନ ପ୍ରସ୍ତାବ ଆର୍‌ବିଆଇର ନୁହେଁ



ବଡ କର୍ପୋରେଟ ହାଉସଗୁଡିକ ଦେଶ ମଧ୍ୟରେ ବ୍ୟାଙ୍କ ସ୍ଥାପନ କରିବା ପ୍ରସ୍ତାବ ଉପରେ ଆର୍‌ବିଆଇକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ଏହି ପ୍ରସଙ୍ଗରେ ଶକ୍ତିକାନ୍ତ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ଏହା ରିଜର୍ଭ ବ୍ୟାଙ୍କର ନିଜସ୍ୱ ମତ ନୁହେଁ। ଏଭଳି ପ୍ରସ୍ତାବ ଆର୍‌ବିଆଇର ଏକ ଆନ୍ତଃ ପ୍ୟାନେଲ ଦେଇଛି। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଏବଂ ଡେପୁଟି ଗଭନର ବିରଳ ଆଚାର୍ଯ୍ୟ ଏବଂ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଏଭଳି ପ୍ରସ୍ତାବକୁ ମଧ୍ୟ ସମାଲୋଚନା କରିଛନ୍ତି। ଏହି ପ୍ରସ୍ତାବ ଉପରେ ବର୍ତ୍ତମାନ ଯାଏ କୌଣସି ନିଷ୍ପତ୍ତି ହୋଇନାହିଁ। କୌଣସି ନିଷ୍ପତ୍ତି ନେବା ଆଗରୁ କେନ୍ଦ୍ରୀୟ ବ୍ୟାଙ୍କ ଏହାର ଅଂଶୀଦାର ଏବଂ ପବ୍ଲିକ କମେଣ୍ଟକୁ ବିଚାରକୁ ନେଇଥାଏ ବୋଲି ସେ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କର୍ପୋରେଟ ହାତକୁ ବ୍ୟାଙ୍କ ଟେକିଦେବା ଅର୍ଥ ଲୋକଙ୍କ ଅର୍ଥ ସିଧାସଳଖ ପୁଞ୍ଜିପତିଙ୍କ ହାତକୁ ଦେଇଦେବା ଭଳି କାମ ହେବ ବୋଲି ରାଜନ ଏବଂ ବିରଳ ଆଚାର୍ଯ୍ୟ କହିଥିଲେ।

## ଟ୍ରାକ୍‌କୁ ଫେରୁଛି ଭାରତୀୟ ଅର୍ଥ ବ୍ୟବସ୍ଥା:ଆଇଏମ୍‌ଏଫ୍

**ୱାଶିଂଟନ,୪।୧୨:** କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ ଭାରତୀୟ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ଟ୍ରାକ୍‌କୁ ଫେରୁଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ଗୁରୁବାର କହିଛି। ସେପ୍ଟେମ୍ବର ତ୍ରୈମାସରେ ଅର୍ଥ ବ୍ୟବସ୍ଥାର ସୁଧାର ହାର ଆଶାଠାରୁ ଅଧିକ ରହିଛି ବୋଲି ଏହି ଏଜେନ୍ସି କହିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ଖସିଥିବା ବେଳେ ଏହା ଦ୍ୱିତୀୟ ତ୍ରୈମାସରେ ୭.୫% ନିମ୍ନରେ ରହିଛି। ଖାଉଟି ଚାହିଦାରେ ଆହୁରି ପରିବର୍ତ୍ତନ ଆସୁଥିବା ବେଳେ ଅର୍ଥ ବ୍ୟବସ୍ଥା ଅଧିକ ଉନ୍ନତ ହେଉଥିବା ଆଇଏମ୍‌ଏଫ୍‌ର ମୁଖ୍ୟ ମୁଖପାତ୍ର ଜି.ରାଇସ୍ କହିଛନ୍ତି। ଭାରତ ସରକାର ଘୋଷଣା କରିଥିବା ବିତ୍ତୀୟ, ଆର୍ଥିକ ଏବଂ ଆର୍ଥିକ କ୍ଷେତ୍ର ପଦକ୍ଷେପଗୁଡିକ ଅର୍ଥ ବ୍ୟବସ୍ଥା ଲାଗି ସହାୟକ ହୋଇଛି। ଅପରପକ୍ଷରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଦ୍ୱାରା ସରକାର ଭାରତର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିବେ ବୋଲି ସେ ମତ ରଖିଛନ୍ତି।

## ଆସନ୍ତା ବଜେଟରେ ଅଭିବୃଦ୍ଧିକୁ ଫୋକସ୍: ସୀତାରାମନ

**ନୂଆଦିଲ୍ଲୀ,୪।୧୨:** ଆଗାମୀ ବଜେଟରେ ଦେଶର ଜିଡିପି ଅଭିବୃଦ୍ଧିକୁ ବଢାଇବା ଦିଗରେ ସରକାର ଫୋକସ କରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗୁରୁବାର କହିଛନ୍ତି। ଆଗାମୀ ୪ରୁ ୫ ବର୍ଷରେ ଦୃଢ ଅଭିବୃଦ୍ଧି ହାସଲ କରିବା ଲାଗି ବଜେଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହାବାଦ ୨୦୨୧-୨୨ରେ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରିବା ନେଇ ସୀତାରାମନ ଦୃଢ ଆଶାବାଦି ରହିଛନ୍ତି। ରୟଟର୍ସ ଗ୍ଲୋବାଲ ଇନଭେଷ୍ଟମେଣ୍ଟ ଆଉଟଲୁକ ସମିଟକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଆଣିବା ଲାଗି ସରକାର ବଜେଟରେ ଅଧିକ ଖର୍ଚ୍ଚ କରିବେ। ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରୁଛି। ଏଥିରେ ଆସନ୍ତା ବର୍ଷ ଆହୁରି ସୁଧାର ହେବ ବୋଲି ସେ ଆଶା ରଖିଛନ୍ତି। ଆଗାମୀ ଦିନଗୁଡିକରେ ଅଭିବୃଦ୍ଧିକୁ ବଢାଇବା ଲାଗି ସରକାର ଯୋଜନା ଗ୍ରହଣ କରିବା ନେଇ ସେ ସ୍ପଷ୍ଟ କରିଛନ୍ତି।

## ୧୨ରୁ ଆକାଶ ସ୍କଲାରଶିପ ପରୀକ୍ଷା

**ନୂଆଦିଲ୍ଲୀ,୪।୧୨**

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍(ଏଇଏସ୍ଏଲ୍) ପକ୍ଷରୁ ଏହାର ସ୍କଲାରଶିପ ପରୀକ୍ଷା ଆକାଶ ନ୍ୟାଶନାଲ ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷା (ଏଏନ୍‌ଟିଏଚ୍ଇ) ୨୦୨୦ ଲାଗି ସଂଶୋଧିତ ତାରିଖ ଘୋଷଣା କରାଯାଇଛି। ଏହା ଡିସେମ୍ବର ୧୨ରୁ୨୦ ଯାଏ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରଙ୍କ ଡାକ୍ତର ଏବଂ ଆଇଆଇଟିଆନ୍ ହେବାର ସ୍ୱପ୍ନକୁ ସାକାର କରିବା ଲାଗି ଆକାଶ ଯୋଗ୍ୟ ବିବେଚିତଙ୍କୁ ୧୦୦% ସ୍କଲାରଶିପ ପ୍ରଦାନ କରିବ। ଏହା ଦେଶର ସର୍ବବୃହତ୍ ଘରୋଇ କ୍ଷେତ୍ର ପ୍ରବେଶିକା ପରୀକ୍ଷା ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ୨୦୧୯ରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାରେ ୩.୪ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନ ସୁଦ୍ଧା ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇ ସାରିଛନ୍ତି। ସପ୍ତମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଏହି ସ୍କଲାରଶିପ କାର୍ଯ୍ୟକ୍ରମର ସୁବିଧା ନେଇପାରିବେ। ସ୍କଲାରଶିପ ବ୍ୟତୀତ ଛାତ୍ରୀଛାତ୍ର ମେରିଟନେଶନ ସ୍କୁଲ ବୁଷ୍ଟର କୋର୍ସ ଫି ମାଗଣାରେ ନେଇପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି।

Aakash
Medical | IIT-JEE | Foundations

## ପ୍ରଥମ ବିକଳ୍ପ ସପକ୍ଷରେ ଅଧିକାଂଶ ରାଜ୍ୟ

**ନୂଆଦିଲ୍ଲୀ,୪।୧୨**



**ଜିଏସ୍‌ଟି କ୍ଷତିପୂରଣ**

ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ଲାଗି ଚଳିତ ବର୍ଷ ପାଣ୍ଠି କମ୍ ପଡୁଛି। ଏହି ଅର୍ଥ ପ୍ରଦାନ କରିବା ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ମତଭେଦ ଉପୁଜିଥିଲା। ଏ ନେଇ କେନ୍ଦ୍ର ରାଜ୍ୟଗୁଡିକୁ ୨ଟି ବିକଳ୍ପ ପ୍ରଦାନ କରିଛି। ରିଜର୍ଭ ବ୍ୟାଙ୍କ ସ୍ୱତନ୍ତ୍ର ୱିଣ୍ଡୋରୁ ୯୭ ହଜାର କୋଟି ଟଙ୍କାର ଋଣ ଉଠାଣ କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କା ଉଠାଣ ନେଇ ରାଜ୍ୟଗୁଡିକୁ କୁହାଯାଇଥିଲା। ଝାଡ଼ଖଣ୍ଡ ବାଦ୍ ଅନ୍ୟ ସବୁ ରାଜ୍ୟ ପ୍ରଥମ ବିକଳ୍ପ ସପକ୍ଷରେ ମତ ଦେଇଛନ୍ତି। ସେହିଭଳି ୩ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟ ପ୍ରଥମ ବିକଳ୍ପ ସପକ୍ଷରେ ମତ ଦେଇନାହାନ୍ତି। ସୂଚନାଯୋଗ୍ୟ, ବିଳାସମୟ ସାମଗ୍ରୀ ଏବଂ ମାଦକଦ୍ରବ୍ୟ ଉପରେ କ୍ଷତିପୂରଣ ସେସ୍ ବଢାଇବା ନେଇ ପ୍ରସ୍ତାବ ଦିଆଯାଇଛି। ପ୍ରଥମ ବିକଳ୍ପରେ ରାଜ୍ୟ ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୧.୧ ଲକ୍ଷ ଟଙ୍କା ଉଠାଇପାରିବେ। ଏହା ପରେ ଯଦି ଅଧିକ ଅର୍ଥ ଆବଶ୍ୟକ ପଡ଼େ ତେବେ ତାକୁ ବଜାରରୁ ଉଠାଣ କରାଯାଇ ପାରିବ। ଏହା ରାଜ୍ୟଗୁଡିକର ମୋଟ ଜିଡିପିର ୦.୫% ହୋଇପାରେ। ଅକ୍ଟୋବର ୨୩ ପରଠାରୁ ସ୍ୱତନ୍ତ୍ର ଋଣ ଉଠାଣ ୱିଣ୍ଡୋ କାର୍ଯ୍ୟକାରୀ ହେଉଛି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ଏବେ ସୁଦ୍ଧା ୩୦ ହଜାର କୋଟି ଟଙ୍କା ଉଠାଣ କରିଛନ୍ତି। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷରେ ୨.୩୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ନିଅଣ୍ଟ ପଡିବ ବୋଲି ଆକଳନ କରାଯାଇଛି।

**ରାଜ୍ୟ ଖବର**

# ବୋଲେରୋ ଧକ୍କାରେ ମା'ବାପାଙ୍କ ସହ ପୁଅ ମୃତ

**ବଲାଙ୍ଗୀର ଅଫିସ/ ଗୁଡଭେଲା, ୪।୧୨(ଡି.ଏନ.ଏ.)**



ଆନ୍ଦୋଳନକାରୀମାନେ ଉପଜିଲାପାଳ ସୁଧାକର ନାୟକଙ୍କ ସହ ଆଲୋଚନା କରୁଛନ୍ତି।

- ୮ମାସର ପୁଅ ଗୁରୁତର
- ଦୁର୍ଘଟଣା ପରେ ଜଳିଗଲା ବାଇକ୍
- ଘଟଣାସ୍ଥଳରେ ଉତ୍ତେଜନା, ରାସ୍ତାରୋକୋ


ବଲାଙ୍ଗୀର ଜିଲା ତୁଷୁରା-ଦେଉଳଗୁଡି ମୁଖ୍ୟରାସ୍ତାର ଜମ୍ପେଲ ଛକ ନିକଟରେ ଶୁକ୍ରବାର ଅପରାହ୍ନ ସାଢ଼େ ୨ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। କୋଭିଡ୍-୧୯ କାର୍ଯ୍ୟକ୍ରମରେ ନିୟୋଜିତ ବୋଲେରୋ ଏକ ବାଇକ୍‌କୁ ଧକ୍କା ଦେବାରୁ ଗୋଟିଏ ପରିବାର ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ତରଣୀସେନ ବିଶି (୩୫), ସ୍ତ୍ରୀ ମୁକ୍ତା ବିଶି (୨୮) ଓ ପୁଅ ଶମ୍ଭୁ (୩)। ଏହି ଦୁର୍ଘଟଣାରେ ତରଣୀସେନଙ୍କ ଏକ ୮ମାସର ଶିଶୁପୁତ୍ର ଓମ୍ ଆହତ ହୋଇଛନ୍ତି। ତାକୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମୃତକମାନେ କଳାହାଣ୍ଡି ଜିଲା ରିଷିଡା ଗ୍ରାମର ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ତୁଷୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍-୧୯ କାର୍ଯ୍ୟକ୍ରମରେ ନିୟୋଜିତ ଥିବା ବୋଲେରୋ (ନଂ. ଓଡି୧୭ସି ୬୭୬୭) ମାନପୁର ଅଞ୍ଚଳରୁ କୋଭିଡ୍ ପରୀକ୍ଷା ସାରି ଫେରୁଥିବାବେଳେ ତୁଷରା ପଟରୁ ରିଷିଡା ଫେରୁଥିବା ତରଣୀସେନ୍‌ଙ୍କ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଥିବା ତରଣୀସେନ, ସ୍ତ୍ରୀ ମୁକ୍ତା ଓ ତାଙ୍କ ୨ ପୁଅ ରାସ୍ତା ଉପରେ ଛିଟିକି ପଡିଥିଲେ। ଏହି ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ବାଇକ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏହାର କିଛି ସମୟ ପରେ ତରଣୀସେନ୍ ଓ ଶମ୍ଭୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ମୁକ୍ତା ଓ ୮ ମାସର ପୁଅ ଓମ୍‌ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ତୁଷରା ଡାକ୍ତରଖାନାକୁ ନେଇଥିଲେ। ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ସେଠାରୁ ଉଭୟଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ମୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇବା ପରେ ବୋଲେରୋ ଡ୍ରାଇଭର ଓ ଅନ୍ୟ କର୍ମଚାରୀ ଫେରାର ହୋଇଯାଇଥିଲେ।

ଏହି ଖବର ପ୍ରଚାରିତ ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଲୋକେ, ସମ୍ପର୍କୀୟ ଏବଂ ତୁଷୁରା ୟୁଥ ଆକ୍ସନ କମିଟି ପକ୍ଷରୁ ଶ୍ରୀକାନ୍ତ ବାଗ, କାହ୍ନା ପ୍ରଧାନ, ଅଜୟ ଜୟସ୍ୱାଲ, ବିଶ୍ୱଜିତ ପାତ୍ର, ଦୀପକ ସାହୁ, ଗାମା ମାଝିଙ୍କ ସହ ବହୁ ଲୋକ ତୁଷୁରା ଚିକିତ୍ସାଳୟଠାରେ ଅପରାହ୍ନ ୫ଟାରୁ ରାସ୍ତାରୋକୋ କରିଥିଲେ। ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ, ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ଉପଜିଲାପାଳ ସୁଧାକର ନାୟକ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ଲକ୍ଷ୍ମୀ ସିଂ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଆହତ ଶିଶୁ ଓମ୍‌ଙ୍କ ସମସ୍ତ ଖର୍ଚ୍ଚ ପ୍ରଶାସନ ବହନ କରିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ହେବା ପରେ ରାତି ୮ଟାରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ତରଣୀସେନ୍ ସ୍ତ୍ରୀ ଓ ଦୁଇପୁଅଙ୍କ ସହ ବାଇକ୍‌ରେ ନିଜ ଗାଁରୁ ବାହାରି ବଲାଙ୍ଗୀର ଡାକ୍ତରଖାନାକୁ ଯାଇ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ସେଲ୍‌ଫି ନେଲା ବେଳେ ହାତୀ ଗୋଡ଼ାଇବା ଭିଡିଓ ଭାଇରାଲ୍

**ବାରିପଦା ଅଫିସ,୪।୧୨**



ସେଲ୍‌ଫି ନେଉଥିବା ଯୁବକଙ୍କୁ ହାତୀ ଗୋଡ଼ାଉଛି।

ଝାଡ଼ଖଣ୍ଡୀ ହାତୀପଲକୁ ଦେଖିବା ବାହାନାରେ କେତେକ ଯୁବକ ସେଲ୍‌ଫି ନେଉଥିବା ବେଳେ ସେମାନଙ୍କୁ ହାତୀ ଗୋଡ଼ାଉଥିବା ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଏହି ଭିଡିଓଟି ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଅନ୍ତର୍ଗତ ନଡ଼ପୁର ଗାଁ ପାଖ ଜଙ୍ଗଲରେ ଉତ୍ତୋଳନ କରାଯାଇଥିବା ସୂଚନା ମିଳିଛି।

ଗତ କିଛି ଦିନ ପୂର୍ବେ ଝାଡ଼ଖଣ୍ଡରୁ ଆସିଥିବା ହାତୀମାନଙ୍କ ମଧ୍ୟରୁ ୪୨ଟି ହାତୀ ଉକ୍ତ ଜଙ୍ଗଲ ଦେଇ ବାଲେଶ୍ୱର ନୀଳଗିରି ଅଭିମୁଖେ ଯାଇଥିଲେ। ସେଠାରୁ ଫେରିବା ବାଟରେ କେତେକ ଯୁବକ ହାତୀ ଦେଖିବା ବାହାନାରେ ମୋବାଇଲ୍‌ରେ ଫଟୋ ଉତ୍ତୋଳନ ସାଙ୍ଗକୁ ସେଲ୍‌ଫି ନେଉଥିଲା ବେଳେ ଏକ ଦନ୍ତା ହାତୀ ସେମାନଙ୍କୁ ଗୋଡ଼ାଇଥିଲା। ଶାନ୍ତ ପ୍ରଜାତିର ହାତୀମାନଙ୍କୁ ହଇରାଣ ହରକତ କରି ଭିଡିଓ ଉତ୍ତୋଳନ କରିବା ଦ୍ୱାରା ସେମାନେ ଜନବସତିକୁ ଆସି କ୍ଷୟକ୍ଷତି କରୁଛନ୍ତି। ଏ ସଂକ୍ରାନ୍ତରେ ପରିବେଶବିତ୍ ଭାନୁମିତ୍ର ଆଚାର୍ଯ୍ୟ କୁହନ୍ତି, ହାତୀଙ୍କ ସୁରକ୍ଷା ପାଇଁ ଜନସଚେତନତାର ଆବଶ୍ୟକତା ରହିଛି । ହାତୀ ରହୁଥିବା ଅଞ୍ଚଳକୁ ପୋଲିସ ଓ ବନବିଭାଗ ପକ୍ଷରୁ ସିଲ୍ କରାଯିବା ସହିତ ବାହାରୁ ଆସୁଥିବା ଲୋକମାନଙ୍କୁ ବାରଣ କରିବା ଉଚିତ । ଏଥିରେ ବ୍ୟତିକ୍ରମ ହେଲେ ୱାଇଲ୍ଡ ଲାଇଫ ଆକ୍ଟରେ ଅମାନିଆଙ୍କୁ ଗିରଫ କରିବା ସହିତ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

# ଶିକ୍ଷା, ଗବେଷଣା କ୍ଷେତ୍ରରେ ସୁନାମ ଅର୍ଜନ କରିଛି ଭିସୁଟ୍

**ସମ୍ବଲପୁର,୪।୧୨(ବ୍ୟୁରୋ)**




ଜଣେ ଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଉଛି।

ସମ୍ବଲପୁର ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ୧୨ ତମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ଡ.ଅଟଳ ଚୌଧୁରୀ ଏହି ଉତ୍ସବରେ ଅଧକ୍ଷତା କରି ଏହି ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଅଗ୍ରଗତି କରି ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଛି ବୋଲି କହିଥିଲେ । ଜାତୀୟସ୍ତରରେ ଉତ୍କର୍ଷତା ପାଇଁ ରେଙ୍କିଂରେ ଭିସୁଟ୍ କ୍ରମାଗତ ଭାବେ ସଫଳତା ହାସଲ କରୁଛି । ଭିସୁଟ୍‌ର ୨ ବିଭାଗ ଜାତୀୟ ଅଧିସ୍ୱୀକୃତ ବୋର୍ଡ଼ (ଏନ୍‌ବିଏ)ର ସ୍ୱୀକୃତି ହାସଲ କରିଛି । ଏହା ସହ ୫ ବିଭାଗର ଏନବିଏ ଅଧିସ୍ୱୀକୃତି ସମୟ ବଢ଼ିଛି । ବି.ଟେକ୍,ଏମ୍.ଟେକ୍ ଏବଂ ଏମ୍‌ସିଏ ପାଠ୍ୟକ୍ରମ ଏଆଇସିଟିଇର ସ୍ୱୀକୃତି ହାସଲ କରିଛି । ବି.ଆର୍କ ଭଳି କେତେକ ସ୍ନାତକୋତ୍ତର ପାଠ୍ୟକ୍ରମର ସ୍ୱୀକୃତି ନବୀକରଣ ହୋଇଛି। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ) ସହିତ ବୁଝାମଣା କରି ଭିସୁଟ୍ ପରିସରରେ ମହାକାଶ ଅନ୍ୱେଷଣ କେନ୍ଦ୍ର ସ୍ଥାପନ କରାଯାଇଛି । ଜାତୀୟ ରାଜପଥ ପ୍ରାଧିକରଣ ସହିତ ଚୁକ୍ତି କରି ୬ ନମ୍ବର ଜାତୀୟ ରାଜପଥର ସମ୍ବଲପୁର-ବିଞ୍ଝାଲ ରାସ୍ତାକୁ ଭିସୁଟ୍ ପୌଷ୍ୟ ପ୍ରକଳ୍ପ ଭାବେ ଗ୍ରହଣ କରିଛି । ସେହିପରି ଇ-ଲର୍ନିଂ କେନ୍ଦ୍ର, ପରୀକ୍ଷାଗାରରେ ନୂଆ ଯନ୍ତ୍ରପାତି ରହିଛି। ସରକାରୀ ଯୋଜନା ଓ ଅଣଯୋଜନା ଆକାରରେ ୩୨ କୋଟି ଟଙ୍କା ମଞ୍ଜୁର ହୋଇଛି। ୭ ଜଣ ଅଧ୍ୟାପକଙ୍କୁ ସମ୍ମାନିତ ହୋଇଛନ୍ତି ବୋଲି କୁଳପତି ଡ. ଚୌଧୁରୀ କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଉପମା କାଲୋ, ଡିନ୍ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଶରତ କୁମାର ସ୍ୱାଇଁ, ଭାରପ୍ରାପ୍ତ ପ୍ରଫେସର ଦେବଦତ୍ତ ମିଶ୍ର ମଞ୍ଚାସୀନ ଥିଲେ । ଉତ୍ସବରେ ୨୫ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ସେହିପରି ୧୩୨୭ ଜଣ ଛାତ୍ରୀଛାତ୍ରଙ୍କୁ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ସହ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା । ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ରୀଛାତ୍ରମାନେ ହେଲେ ବର୍ଷାରାଣୀ ପାଣିଗ୍ରାହୀ, ଆରତି ପ୍ରଧାନ, ଅନୁଜା ମୋଦି, ନରେଶ ରଣା, ଦୀପାଳି କତରୁକା, ଗିଡ଼ାଲା ସାଇ ପ୍ରବୀଣ, ଶ୍ରୀମଣି ଦାସ, ପ୍ରତୀକ କୁମାର ପ୍ରଧାନ, ଗୌରାଙ୍ଗ ବେହେରା, ଶୁଭଶ୍ରୀ ସମ୍ଭାବନା ଦାସ, ଗୌରୀ ପ୍ରଜାପତି, ନମ୍ରତା ବିଶି, ମୋନାଲିସା ମହାପାତ୍ର, ବର୍ଷାରାଣୀ ତ୍ରିପାଠୀ, ଶିବାନୀ ମିଶ୍ର, ବରୁଣ କୁମାର ପଶାୟତ, ନମ୍ରତା ମହାନ୍ତି, ଶାଶ୍ୱତି ଦାସ, ସ୍ୱପ୍ନିତା ପାତ୍ର, ଅର୍ଚ୍ଚନା ଦାସ, ଭାଗ୍ୟଲକ୍ଷ୍ମୀ ପୋଥାଲ, ଅଞ୍ଜନା ସା, ତନ୍ମୟ କୁମାର ମେହେର, ଅମ୍ରିତା ପଟ୍ଟନାୟକ ଏବଂ ଶୁଭଦୀପା ସାହୁ ।

- ୧୨ତମ ସମାବର୍ତ୍ତନ ଉତ୍ସବରେ ୨୫ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ
- ୧୩୨୭ ଛାତ୍ରୀଛାତ୍ରଙ୍କୁ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ସହ ଡକ୍ଟରେଟ ଡିଗ୍ରୀ



ବଲିଉଡ୍ ଅଭିନେତା ଅନିଲ କପୁରଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ସେ ଏହାକୁ ଖଣ୍ଡନ କରିଛନ୍ତି। ତାଙ୍କର କୋଭିଡ୍-୧୯ ରିପୋର୍ଟ ନେଗେଟିଭ ଆସିଥିବା ଶୁକ୍ରବାର ସେ ଟୁଇଟ୍ କରିବା ସହ ଗୁଜବକୁ ଏତିକିରେ ବନ୍ଦ ରଖିବାକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ବରୁଣ ଧାୱନ ଓ ନୀତୁ କପୁରଙ୍କୁ କରୋନା ହୋଇଛି। ସେମାନେ ଚଣ୍ଡିଗଡ଼ରେ ଅନିଲ କପୁରଙ୍କ ସହ ଚଳଚ୍ଚିତ୍ର 'ଯୁଗ ଯୁଗ ଜିୟୋ'ର ଶୁଟିଂ କରୁଥିଲେ। ତେଣୁ ଅନିଲଙ୍କୁ କରୋନା ହୋଇଥିବା ଗୁଜବ ପ୍ରଚାର ହୋଇଥିଲା।






# ଡାକ୍ତର ହେବାକୁ ଚାହୁଁଥିଲେ କଙ୍ଗନା

**ବମ୍ବେ:** ବଲିଉଡ୍ କୁଇନରୁ ଏବେ ବିବାଦ କୁଇନ ଭାବେ ଚର୍ଚ୍ଚାରେ ରହୁଥିବା କଙ୍ଗନା ରାଣାଓ୍ୱତଙ୍କ ଜୀବନୀ ବେଶ୍ ରୋଚକମୟ। ଅଭିନେତ୍ରୀ ଭାବେ ଲୋକପ୍ରିୟ ପାଲଟିଥିବା କଙ୍ଗନା କିନ୍ତୁ ଦିନେ ପାଠ ପ୍ରତି ରଖିଥିଲେ ରୁଚି। ଏପରିକି ସମୟ ଥିଲା ଯେବେ ତାଙ୍କୁ ଘାରିଥିଲା ଡାକ୍ତର ହେବା ନିଶା। ହିମାଚଳ ପ୍ରଦେଶ ଭାମ୍ବଲାର ଏକ ରାଜପୁତ ପରିବାରରେ ଜନ୍ମିତ କଙ୍ଗନା ଦ୍ୱାଦଶ ଶ୍ରେଣୀରେ ବିଜ୍ଞାନକୁ ପ୍ରମୁଖ ବିଷୟ ଭାବେ ନେଇଥିଲେ। ପେସାରେ ସେ ଜଣେ ଡାକ୍ତର ହେବାକୁ ଚାହୁଁଥିଲେ। ହେଲେ ରସାୟନ ବିଜ୍ଞାନର ଏକ ପ୍ରାକ୍ଟିକାଲରେ ବିଫଳ ହେବା ଯୋଗୁ ସେ ଏଆଇପିଏମ୍‌ଟି ପରୀକ୍ଷା ଦେଇ ନ ଥିଲେ। ସେବେଠାରୁ ତାଙ୍କର ଡାକ୍ତର ହେବା ନିଶା ଶେଷ ହୋଇଥିଲା। ଏପରିକି ୧୬ ବର୍ଷ ବେଳେ ତାଙ୍କ ମା' କଙ୍ଗନାଙ୍କୁ ବିବାହ କରିଦେବାକୁ ଚାହୁଁଥିଲେ। ହେଲେ ବିବାହ ନାଁ ଶୁଣି ଛାନିଆ ହୋଇଯାଇଥିଲେ କଙ୍ଗନା। ପରେ ସେ ଘର ଛାଡି ଦିଲ୍ଲୀ ଚାଲିଆସିଥିଲେ। ରାଜଧାନୀରେ ସେ ମଡେଲିଂ ଏଜେନ୍ସିରେ ସାମିଲ ହୋଇ ମଡେଲ ଭାବେ କାମ ଆରମ୍ଭ କରିଥିଲେ। ଧୀରେ ଧୀରେ ବଲିଉଡ୍‌ରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି କଙ୍ଗନା। ଇତିମଧ୍ୟରେ କଙ୍ଗନା ୫ ଥର ଫୋର୍ବ୍ସ ଇଣ୍ଡିଆର ଟପ୍-୧୦୦ ସେଲିବ୍ରିଟି ତାଲିକାରେ ନିଜ ସ୍ଥାନ ନିରୂପଣ କରିଛନ୍ତି।

# ଖୁବ୍‌ଶୀଘ୍ର ବିକଳ୍ପ ମାଂସ

**ପୁଷ୍ଟିକର ତତ୍ତ୍ୱରେ ଭରପୂର ମାଂସ। ଆମିଷ ପ୍ରିୟ ଲୋକଙ୍କ ଲାଗି ଏହା ପ୍ରଥମ ପସନ୍ଦ। ହେଲେ ଜୀବହତ୍ୟାକୁ ବିରୋଧ କରୁଥିବା ଏବଂ ଆମିଷଠାରୁ ଦୂରରେ ରହୁଥିବା ଶାକାହାରୀଙ୍କ ଲାଗି ମାଂସ ଭଳି ପୌଷ୍ଟିକ ଖାଦ୍ୟର ବିକଳ୍ପ କ'ଣ ହୋଇପାରେ? ଏହାର ଉତ୍ତର ଖୋଜିବାକୁ ଦୀର୍ଘଦିନ ହେଲା ଗବେଷଣା ଚାଲିଥିବାବେଳେ ନିକଟରେ ସଫଳତା ମିଳିଛି। ବିନା ଜୀବ ହତ୍ୟାରେ ଲାବ୍‌ରେ କୃତ୍ରିମ ବା ବିକଳ୍ପ ମାଂସ ପ୍ରସ୍ତୁତ କରାଯାଇପାରିବ। ପ୍ରାଣୀଙ୍କଠାରୁ ସଂଗୃହୀତ କୋଷରେ ଉଦ୍ଭିଦର ପୋଷକ ତତ୍ତ୍ୱ, ମିନେରାଲ ମିଶାଇ ଏହାକୁ ତିଆରି କରାଯିବ। ଲାବରେ ପ୍ରସ୍ତୁତ ଏହି ମାଂସର ସ୍ୱାଦ ପ୍ରାଣିଜ ମାଂସ ଭଳି।**



**ସିଙ୍ଗାପୁର:** ସିଙ୍ଗାପୁରବାସୀ ଏବେ ଜୀବହତ୍ୟା ବିନା ମାଂସର ସ୍ୱାଦ ନେଇପାରିବେ। ଆମେରିକୀୟ କମ୍ପାନୀ 'ଜଷ୍ଟ ଇଟ୍' ଲାବରେ 'କ୍ଲିନ୍ ମିଟ୍' ଉତ୍ପାଦନ କରିବ ବୋଲି ଘୋଷଣା କରିଛି। କୃତ୍ରିମ ଉପାୟରେ ଏହାକୁ ପ୍ରସ୍ତୁତ କରାଯିବ। ତେଣୁ ଜୀବହତ୍ୟାର କୌଣସି ଆବଶ୍ୟକ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଜୀବହତ୍ୟାକୁ ବିରୋଧ କରୁଥିବା ଏବଂ ଶାକାହାରୀ ବ୍ୟକ୍ତି ଏହାକୁ ଭୋଜନରେ ସାମିଲ କରିପାରିବେ। କମ୍ପାନୀ ଦାବି ପୂରଣ କରିବାରେ ସଫଳ ହେଲେ ସିଙ୍ଗାପୁରରେ ବିଶ୍ୱର ପ୍ରଥମ ବିକଳ୍ପ ମାଂସ ମାର୍କେଟ ଖୋଲିବ ବୋଲି ଆଶାସଞ୍ଚାର ହୋଇଛି।

ଲାବରେ ମାଂସ ତିଆରି କରିବା ଲାଗି ଜୀବଜନ୍ତୁଙ୍କ ବାୟୋପ୍ସି ସଂଗ୍ରହ କରାଯିବ। ଏଥିରେ ଉଦ୍ଭିଦର ବିଭିନ୍ନ ପୋଷକ ତତ୍ତ୍ୱ ମିଶାଯିବ। ସାଧାରଣ ମାଂସରେ ପ୍ରାକୃତିକ ଚର୍ବି ଅଧିକ ମାତ୍ରାରେ ରହିଥାଏ। ହେଲେ 'କ୍ଲିନ୍ ମିଟ୍'ରେ ଓମେଗା-୩ ଏସିଡ୍ ଏବଂ ଶରୀର ଅନୁକୂଳ ଫ୍ୟାଟ୍ ସାମିଲ କରାଯିବ। ଫଳରେ ଏହା ଅଧିକ ସ୍ୱାସ୍ଥ୍ୟପ୍ରଦ ହେବ। ଏହି ମାଂସର ସ୍ୱାଦ ଅସଲି ମାଂସ ଭଳି ଲାଗିବ। ମାଂସ ବଜାରକୁ ଆସିବା ପରେ ଏହାର ଦାମ୍ ନିର୍ଣ୍ଣୟ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ପ୍ରାଣିଜ ମାଂସ ଖାଇବା ଦ୍ୱାରା ଏହାର ପ୍ରତିକୂଳ ପ୍ରଭାବ ପରିବେଶ ଉପରେ ପଡୁଛି। ବ୍ୟବସାୟିକ ଭାବେ କରାଯାଉଥିବା ମାଂସ ଉତ୍ପାଦନ ତାପମାତ୍ରା ବୃଦ୍ଧିର କାରଣ। ବଡ଼ ବଡ଼ ତେଲ ଉତ୍ପାଦନକାରୀ କମ୍ପାନୀ ଅପେକ୍ଷା ପଶୁପାଳନ ଉଦ୍ୟୋଗରେ ଗ୍ରୀନ୍ ହାଉସ୍ ନିର୍ଗମନ ଅଧିକ। ଏଥିରେ କ୍ଷତିକାରକ କାର୍ବନ ଡାଇଅକ୍ସାଇଡ, ମିଥେନ ଭଳି ଗ୍ୟାସ୍ ଅନ୍ତର୍ଭୁକ୍ତ। ସେହିପରି ଏକ କିଲୋଗ୍ରାମ ଗୋମାଂସ ଉତ୍ପାଦନରେ ୨୫ କେଜି ଗୋଖାଦ୍ୟ ଏବଂ ୧୫୦୦୦ ଲିଟର ପାଣିର ଆବଶ୍ୟକତା ପଡ଼ିଥାଏ। ପଶୁପାଳନ ଲାଗି ବ୍ୟବହୃତ ବ୍ୟାପକ ଚାରଣଭୂମି ଖାଦ୍ୟାଭାବର ଅନ୍ୟତମ କାରଣ ବୋଲି ବୈଜ୍ଞାନିକମାନେ ଚେତାଇ ସାରିଛନ୍ତି। ୟେଲ୍ ୟୁନିଭରସିଟି ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି, ବେଶି ମାଂସ ଖାଉଥିବା ୨୦୦ କୋଟି ଲୋକ ନିରାମିଷ ଭୋଜନ ମୁହାଁ ହେଲେ ଭାରତ ଭଳି ଦୁଇଗୁଣ ପରିମିତ ଜମି ସୁରକ୍ଷିତ ରହିବ। ଏହି ସ୍ଥାନରେ ଚାଷ କରାଯାଇପାରିବ ଏବଂ ଜନତାଙ୍କ ଭୋକ ମେଣ୍ଟାଯାଇପାରିବ। ଅନ୍ୟ ଏକ ତଥ୍ୟ ଅନୁଯାୟୀ, ଗତ କିଛିବର୍ଷ ମଧ୍ୟରେ ଶାକାହାର ଆନ୍ଦୋଳନର ରୂପ ନେଇଛି। ଭେଗାନ ଡାଏଟ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ୨୦୧୪ରୁ ୨୦୧୮ ମଧ୍ୟରେ ଇସ୍ରାଏଲ, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, କାନାଡ଼ା, ନ୍ୟୁଜିଲାଣ୍ଡରେ ଶାକାହାରୀଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି।

ତେବେ ଲାବ୍‌ରେ ପ୍ରସ୍ତୁତ ହେଉଥିବା ମାଂସ ଶରୀରରେ ଅନେକ ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ଏକ ଗୋଷ୍ଠୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଣୁ ସେମାନେ ପ୍ରାକୃତିକ ପ୍ରକ୍ରିୟାରେ ହସ୍ତକ୍ଷେପ ନ କରିବାକୁ ଦାବି ଉଠାଇଛନ୍ତି। ସେମାନଙ୍କ ମତରେ ପ୍ରାଣିଜ ମାଂସ ବହୁ ଜଟିଳ ସମସ୍ୟାର ସମାଧାନ କରୁଛି। ଅତି କମ୍ ସମୟରେ ଶରୀରରେ ଖାଦ୍ୟସାର ଅଭାବ ପୂରଣ କରିପାରୁଛି। ଏହାର ବିକଳ୍ପ କଥା ଚିନ୍ତା କରିବା ପୂର୍ବରୁ ଯଥେଷ୍ଟ ପରୀକ୍ଷାନିରୀକ୍ଷା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି।

# ଶିକାରୀ ପକ୍ଷୀ ହାତରେ ରାଷ୍ଟ୍ରପତି ଭବନ ସୁରକ୍ଷା

**ନୂଆଦିଲ୍ଲୀ:** ସାଧାରଣତଃ ଯେକୌଣସି ଦେଶରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ଭବନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥାଏ। ସୁରକ୍ଷା ଦାୟିତ୍ୱ ପ୍ରଶିକ୍ଷିତ କମାଣ୍ଡୋ କିମ୍ବା ଆର୍ମିକୁ ଦିଆଯାଇଥାଏ। କୁହାଯାଏ ଏହି କମାଣ୍ଡୋମାନଙ୍କ ଉପସ୍ଥିତିରେ ଶତ୍ରୁ ଦୂରର କଥା ପକ୍ଷୀ ମଧ୍ୟ ଆସିବାକୁ ସାହସ କରିବେନି। ହେଲେ ଦୁନିଆରେ ଏମିତି ଏକ ଦେଶ ରହଛି, ଯେଉଁଠାରେ ରାଷ୍ଟ୍ରପତି ଭବନର ସୁରକ୍ଷା ଦାୟିତ୍ୱ ପକ୍ଷୀଙ୍କ ହାତରେ।

ରୁଷଆ ରାଷ୍ଟ୍ରପତି ଭବନ 'କ୍ରେମ୍‌ଲିନ୍' ଏବଂ ନିକଟସ୍ଥ ପ୍ରମୁଖ ସରକାରୀ କାର୍ଯ୍ୟାଳୟଗୁଡ଼ିକର ସୁରକ୍ଷା ନିମନ୍ତେ ଦେଶର ପ୍ରତିରକ୍ଷା ବିଭାଗ ପକ୍ଷରୁ ପ୍ରଶିକ୍ଷିତ ପେଚା ଏବଂ ବାଜପକ୍ଷୀ(ଇଗଲ୍)ଙ୍କୁ ନିୟୋଜିତ କରାଯାଇଥାଏ। ୧୯୮୪ରୁ ରାଷ୍ଟ୍ରପତି ଭବନର ସୁରକ୍ଷା ଦାୟିତ୍ୱ ଏହି ଶିକାରୀ ପକ୍ଷୀମାନଙ୍କ ହାତରେ ରହିଥିବା ଜାଣିବାକୁ ମିଳେ। ସୁରକ୍ଷା ଦଳରେ ୧୦ରୁ ଊର୍ଦ୍ଧ୍ୱ ପେଚା ଏବଂ ବାଜପକ୍ଷୀ ରହିଛନ୍ତି। ଏମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଥିବା ଜଣାପଡ଼ିଛି।



## ପକ୍ଷୀଙ୍କୁ ନିୟୋଜିତର କାରଣ

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ରାଷ୍ଟ୍ରପତି ଭବନ କିମ୍ବା ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକୁ ଶତ୍ରୁ ଆକ୍ରମଣରୁ ରକ୍ଷା ପାଇଁ ଏହି ପକ୍ଷୀମାନଙ୍କୁ ନିୟୋଜିତ କରାଯାଇନାହିଁ। କାଉ ଏବଂ ଅନ୍ୟ ପକ୍ଷୀଙ୍କ ମଳ,ମୂତ୍ର ଏବଂ ବସା ବାନ୍ଧିବା ଆଦିରୁ ରାଷ୍ଟ୍ରପତି ଭବନ ଓ ପ୍ରମୁଖ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ରକ୍ଷା କରିବା ଏହି ପକ୍ଷୀମାନଙ୍କ କାମ। ରାଷ୍ଟ୍ରପତି ଭବନ ଅଞ୍ଚଳରେ ଅନ୍ୟ ପକ୍ଷୀମାନଙ୍କୁ ବୁଲିବା ଦେଖିଲେ ଏହି ଶିକାରୀ ପକ୍ଷୀମାନେ ତୁରନ୍ତ ଆକ୍ରମଣ କରି ସେମାନଙ୍କୁ ଦୂରକୁ ଘଉଡ଼ାଇଥାନ୍ତି କିମ୍ବା ମାରି ପକାଇଦିଅନ୍ତି। ଏହି ପକ୍ଷୀମାନେ ଫେଡେରାଲ୍ ଗାର୍ଡ ସର୍ଭିସ୍‌ର ମଧ୍ୟ ଅଂଶବିଶେଷ ଅଟନ୍ତି। 'କ୍ରେମ୍‌ଲିନ୍' ସୁରକ୍ଷା ଟିମ୍‌ରେ ଏକ ୨୦ବର୍ଷର ମାଈ ବାଜ(ଆଲ୍‌ଫା) ଏବଂ ତା'ର ସାଥୀ ପେଚା(ଫିଲ୍‌ୟା) ରହିଛନ୍ତି। ଫିଲ୍‌ୟା ରାତି ଶିକାର ପାଇଁ ଉପଯୁକ୍ତ। ସେ ନିଜ ବେକକୁ ୧୮୦ ଡିଗ୍ରୀ ବୁଲାଇପାରେ ଏବଂ କାଉମାନଙ୍କୁ ମୁକାବିଲା କରିବାରେ ସେ ଏକା ଯଥେଷ୍ଟ। କେବଳ ଏତିକି ନୁହେଁ, କୌଣସି ଡ୍ରୋନ୍ ରାଷ୍ଟ୍ରପତି ଭବନ ଆଖପାଖରେ ବୁଲିଲେ ତାହା ସହ ମୁକାବିଲା କରିବାକୁ ମଧ୍ୟ ଏହି ଶିକାରୀ ପକ୍ଷୀମାନଙ୍କୁ ତାଲିମ ଦିଆଯାଇଥିବା ଜଣାପଡ଼ିଛି।

# ବର୍ଷକୁ ୨ ଥର କାମୁଡୁଛନ୍ତି ସାପ

**ନୂଆଦିଲ୍ଲୀ:** ଜଣେ ବ୍ୟକ୍ତି ଦୁର୍ଘଟଣାବଶତଃ ସାପକାମୁଡ଼ାର ଶିକାର ହୋଇଥିବା ଆପଣ ଶୁଣିଥିବେ। କିନ୍ତୁ କ୍ରମାଗତ ଭାବେ ବର୍ଷକୁ ୨ ଥର ସାପ କାମୁଡ଼ାର ଶିକାର ହେବା ଏବଂ ସେହି ଭୟରେ ସମ୍ପୃକ୍ତ ବ୍ୟକ୍ତି ବାହାରକୁ ବାହାରୁ ନ ଥିବା କଥା ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ ନିଶ୍ଚିତ। ଏପରି ଘଟଣା ଦେଖିବାକୁ ମିଳିଛି ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲାର କୁମ୍ବାରା ଗୁଣ୍ଟା ଗ୍ରାମରେ।

ଗ୍ରାମରେ ରହୁଥିବା ସୁବ୍ରମଣ୍ୟମ (୪୫) ପ୍ରତିବର୍ଷ ଅତି କମ୍‌ରେ ୨ ଥର ସାପ କାମୁଡ଼ାର ଶିକାର ହେଉଛନ୍ତି। ବିଶେଷ କରି ଅମାବାସ୍ୟା ଦିନ ସେ ଏପରି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଥିରୁ ମୁକ୍ତି ପାଇବାକୁ ବହୁ ଚେଷ୍ଟା ସତ୍ତ୍ୱେ କୌଣସି ଉପାୟ ପାଉ ନ ଥିବା ସେ ପ୍ରକାଶ କରିଛନ୍ତି। ତାଙ୍କ କହିବା ମୁତାବକ, ପିଲାବେଳରୁ ଏ ପର୍ଯ୍ୟନ୍ତ ୭୨ ଥର ତାଙ୍କୁ ସାପ କାମୁଡିଛନ୍ତି। ତେବେ ଏହାର କାରଣ ଆଜି ପର୍ଯ୍ୟନ୍ତ ଖୋଜି ପାଇ ନାହାନ୍ତି। ସାପ ଭୟରେ ବହୁତ କମ୍ ସେ ବାହାରକୁ ବାହାରୁଛନ୍ତି। ଫଳରେ ସାଧାରଣ ଭାବେ ତାଙ୍କ ଦୈନନ୍ଦିନ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ସୁବ୍ରମଣ୍ୟମଙ୍କ କହିବା ମୁତାବକ, ୫ମ ଶ୍ରେଣୀରେ ପଢୁଥିବା ସମୟରେ ପ୍ରଥମ ଥର ପାଇଁ ତାଙ୍କୁ ସାପ କାମୁଡ଼ିଥିଲା। ଏହା ପରେ ବର୍ଷକୁ ଅତିକମ୍‌ରେ ୨ ଥର ସେ ସାପକାମୁଡ଼ାର ଶିକାର ହେଉଛନ୍ତି। ପ୍ରତି ବର୍ଷ ଅମାବାସ୍ୟାରେ ସାପ କାମୁଡୁଥିବାରୁ ବିଶେଷ କରି ଏହି ଦିନ ସେ ଘରୁ ବାହାରକୁ ବାହାରୁନାହାନ୍ତି। ତେବେ ସାପକାମୁଡ଼ାରୁ ବର୍ତ୍ତିବାକୁ ଶତ ଚେଷ୍ଟା ସତ୍ତ୍ୱେ କୌଣସି ପ୍ରକାରରେ ସେ ସାପ ହାବୁଡ଼ରେ ପଡିଯାଉଛନ୍ତି। ଏଥିରୁ ସୁସ୍ଥ ହେବାକୁ ତାଙ୍କୁ ବର୍ଷକୁ ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହା ତାଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି ବୋଲି ସୁବ୍ରମଣ୍ୟମ କହିଛନ୍ତି।




# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଯାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

4G କମ୍ପାନୀ ଆବଶ୍ୟକ କରୁଛି ଗ୍ରାମ/ସହରରେ ଜମି/ଛାତ/ଚାଷଜମି 4G ଟାୱାର ସ୍ଥାପନ କରିବା ପାଇଁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 45 ହଜାର
ଯୋଗାଯୋଗ
9451882120

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


# ୪ ଭାଷାରେ ଆସିବ ଓ୍ୱଣ୍ଡର ଓ୍ୱମ୍ୟାନ ୧୯୮୪

**ନୂଆଦିଲ୍ଲୀ:** ହଲିଉଡ୍ ଷ୍ଟାର ଗାଲ ଗାଡୋଟ୍‌ଙ୍କ ଅଭିନୀତ ଓ୍ୱଣ୍ଡର ଓ୍ୱମ୍ୟାନ ୧୯୮୪ ଚଳଚ୍ଚିତ୍ର ଆସନ୍ତା ୨୬ ତାରିଖରେ ଭାରତରେ ରିଲିଜ ହେବ। ଏ ନେଇ ଓ୍ୱାର୍ନର ବ୍ରୋସ୍ ପିକ୍ଚର୍ସ, ଇଣ୍ଡିଆ ଷ୍ଟୁଡିଓ ପକ୍ଷରୁ ଗୁରୁବାର ଟୁଇଟ ଯୋଗେ ଘୋଷଣା କରାଯାଇଛି। ଖ୍ରୀଷ୍ଟମାସ ଅବସରରେ ପ୍ୟାଟି ଜେନକିନ୍ସଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଇଂଲିଶ, ହିନ୍ଦୀ, ତାମିଲ ଓ ତେଲୁଗୁ ଆଦି ୪ଟି ଭାଷାରେ ମୁକ୍ତିଲାଭ କରିବ।

୨୦୧୭ରେ ରିଲିଜ ହୋଇଥିବା ଓ୍ୱଣ୍ଡର ଓ୍ୱମ୍ୟାନରେ ଆମାଜୋନିଆନ ଯୋଦ୍ଧା ଡାଏନା ପ୍ରିନ୍ସ ଟ୍ରେନିଂରେ ଥିବାବେଳେ ଜଣେ ୟୁଏସ୍ ପାଇଲଟଙ୍କୁ ରକ୍ଷା କରନ୍ତି। ପରେ ଆମାଜୋନିଆନ କିଙ୍ଗଡମ୍ ବାହାରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ସହ ମାନବ ଜାତିକୁ ରକ୍ଷା କରିବା ପାଇଁ ସେ ବାହାରିଯାଆନ୍ତି। ସେଠାରେ ସେ କିପରି ନିଜର ପ୍ରକୃତ ଶକ୍ତି ଆବିଷ୍କାର କରିବା ସହ ଶତ୍ରୁମାନଙ୍କ ସହିତ ଲଢିଛନ୍ତି ତାହା ଦେଖିବାକୁ ମିଳିଥିଲା। ସିକ୍ୱେଲରେ ଡାଏନା (ଓ୍ୱଣ୍ଡର ଓ୍ୱମ୍ୟାନ) କିପରି ନିଜ ଶକ୍ତି ବଳରେ ଶତ୍ରୁଙ୍କ ସାମ୍ନା କରୁଛନ୍ତି ତାହା ଦେଖିବାକୁ ମିଳିବ। ସେହିପରି କ୍ୟାପଟେନ ଷ୍ଟିଭ ଟ୍ରେଭର ଭାବେ କ୍ରିସ୍ ପାଇନ୍, ଆଣ୍ଟିଓପ୍ ଭାବେ ରବିନ୍ ରାଇଟ୍ ଏବଂ ହିପ୍ପୋଲାଇଟା ଭାବେ କୋନି ନିଲସେନ ସେମାନଙ୍କ ଭୂମିକା ନିଭାଇଛନ୍ତି। ରିପୋର୍ଟ ମୁତାବକ, ଡିସି ମୁଭିଜର ସବୁଠାରୁ ଦୀର୍ଘ ସମୟ ବିଶିଷ୍ଟ ଏହି ଫିଲ୍ମ ୧୫୧ ମିନିଟ ଅବଧିର।

## ୨୪ରେ ଭାରତରେ ମୁକ୍ତିଲାଭ




# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବଙ୍କିମ ଚନ୍ଦ୍ର ମହାନ୍ତି
ଗୁରୁଜଙ୍ଗ (ଦେଓ୍ୱାନସାହି), ଖୋର୍ଦ୍ଧା
ଆବିର୍ଭାବ: ୦୧।୦୭।୧୯୪୧
ତିରୋଧାନ: ୨୫।୧୧।୨୦୨୦
ଭଗବାନଙ୍କ କୃପାରୁ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ହେଉ। ଆମ୍ଭମାନଙ୍କ ପ୍ରତି ସଦା ସର୍ବଦା ଆଶୀର୍ବାଦ ପୂର୍ବପରି ରହିଥାଉ।
-:ଆପଣଙ୍କର:-
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୯୧୪୨

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବଟକ୍ରୀଷ୍ଣ ପରିଡ଼ା
ଆବିର୍ଭାବ: ୧୧।୦୯।୧୯୩୫
ତିରୋଧାନ: ୨୭।୧୧।୨୦୧୮
ଆପଣଙ୍କ ପ୍ରେରଣା, ଭଲ ପାଇବା, ଆଶୀର୍ବାଦ ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁଅ, ବୋହୂ, ନାତି, ସମୁଦି, ସମୁଦୁଣୀ ଓ ପରିବାରବର୍ଗ।
ଧ-୧୯୧୩୬

## ଖିଲିଖିଲି ହସ

ସାର– ବଲୁ ଜଣେ ବଡ଼ ବୈଜ୍ଞାନିକଙ୍କ ନାଁ କ'ଣ କହ ?
ବଲୁ– ସାର, ଆଲିଆ ଭଟ୍ଟ।
ସାର– ତତେ କ'ଣ ଏଇଆ ଶିଖାଯାଇଛି।
ପିଣ୍ଟୁ– ସାର୍, ପ୍ରକୃତରେ ବଲୁ ଟିକେ ଖନା। ସେ ଆର୍ଯ୍ୟଭଟ୍ଟ କହୁଛି।

ଶିକ୍ଷକ– ଦୁର୍ଭାଗ୍ୟ ଆଉ ଦୁର୍ଦ୍ଦଶା ଭିତରେ ପାର୍ଥକ୍ୟ କ'ଣ ?
ଛାତ୍ର– ସାର୍ ଯଦି ସ୍କୁଲରେ ନିଆଁ ଲାଗିଯିବ ଆଉ ସ୍କୁଲର ଅବସ୍ଥା ଖରାପ ହୋଇଯିବ ତା'ହେଲେ ତାକୁ କହିବା ଦୁର୍ଦ୍ଦଶା। କିନ୍ତୁ ନିଆଁ ଲାଗିବା ପରେ ବି ଯଦି ଆପଣ ଜୀବିତ ରହିଗଲେ ତେବେ ତାହା ହେବ ଆମର ଦୁର୍ଭାଗ୍ୟ।

## ମତାମତ

- ଏଥର ପିଲାଙ୍କ ଧରିତ୍ରୀ ପୃଷ୍ଠାଟି ସର୍ବାଙ୍ଗୀନ ସୁନ୍ଦର ହୋଇଛି। ଏହାର ପ୍ରତିଟି ବିଭାଗ ପଢ଼ିବା ପାଇଁ ଭଲ ଲାଗିଲା।
  *–ପିଙ୍କୁ ରାଉତ, ବଡ଼ମ୍ବା, ଜଗତ୍‌ସିଂହପୁର*
- ପିଲାଙ୍କ ପୃଷ୍ଠାରେ ଆଇନା ସ୍ତମ୍ଭର ଫଟୋଟି ଏଥର ବହୁତ ଭଲ ଲାଗିଲା।
  *–ରିମ୍‌ଝିମ୍ ମହାନ୍ତି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର*
- କାଉ କୋଇଲି ଗପ ମାଧ୍ୟମରେ ପିଲାମାନେ ଅନେକ ଶିକ୍ଷଣୀୟ କଥା ସମ୍ପର୍କରେ ଜାଣି ପାରିଲେ।
  *–ରାମଚନ୍ଦ୍ର ବିଡ଼ିକା, କେନ୍ଦୁଝର*
- ତୁମ ତୂଳୀର ସ୍ତମ୍ଭରେ ଫଟୋଗୁଡ଼ିକ ମଧ୍ୟ ଭଲ ଲାଗିଲା।
  *–ଶାନ୍ତନୁ ସ୍ୱାଇଁ, ଅରିଲୋ, ଜଗତ୍‌ସିଂହପୁର*
- ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ଗିନିଜ୍ ରେକର୍ଡ ସ୍ତମ୍ଭଟିକୁ ଦେଖି ବହୁ ଆଶ୍ଚର୍ଯ୍ୟ ଲାଗିଲା। କାହିଁକି ନା ଶୀର୍ଷାସନରେ ରହି ନିଜ ଉପରେ ଅସମ୍ଭବ ପ୍ରକାରରେ ସନ୍ତୁଳନ ରକ୍ଷାକରି ତୀରଚାଳନା କରୁଛନ୍ତି। ଏହା ଦେଖିଲେ ସତରେ ଭାରି ଆଶ୍ଚର୍ଯ୍ୟ ଲାଗୁଛି।
  *–ଶିବାନୀ ପ୍ରିୟଦର୍ଶିନୀ, ନଖରା, ଭୁବନେଶ୍ୱର*
- କାର୍ତ୍ତିକ ପୂର୍ଣ୍ଣିମା ଆଉ ଶୀତକୁ ଲକ୍ଷ୍ୟ କରି କବିତା ସବୁର ସଂଯୋଜନା ବି ବହୁତ ସୁନ୍ଦର ହୋଇଛି।
  *–ଶାନ୍ତିସ୍ୱରୂପ ସାମନ୍ତରାୟ, ଅଟୋନଗର, ହାଇଦ୍ରାବାଦ*

## ଆଇନା



ସାନ୍ଭି
୬ ବର୍ଷ

## କବିତା



### ଯିବା ଚାଲ ଆମେ ଖରାକୁ

ଶୀତ ଆସିଲାଣି ଧରାକୁ,
କାଲୁଆ ପବନ ବହିଲାଣି ଧୀରେ
ଯିବା ଚାଲ ଆମେ ଖରାକୁ ।

ସକାଳ ସୂରୁଜ ପୂରୁବ ଆକାଶେ
ଉଇଁଲେଣି ହସି ହସିକା,
କଅଁଳ କିରଣ ବିଛାଡି ପଡିଛି
ବଣବିଲେ ମିଶି ମିଶିକା

ସୋରିଷ ଫୁଲରୁ ମହକୁଛି ବାସ
ପରାଣକୁ ଆମ ଛୁଉଁଛି,
ଫୁଲ ବଗିଚାରେ ଗୁଣୁଗୁଣୁ ସୁରେ
ଭଅଁର ତ ଗୀତ ଗାଉଛି ।

ବଣ, ବିଲ, ନଈ,ପାହାଡ, ଝରଣା
ଗାଉଛନ୍ତି ଗୀତ ଖୁସିରେ,
ଦୂର ରାଇଜରୁ ଉଡିଆସିଲେଣି
ନାନା ଜାତି ପକ୍ଷୀ ହସିରେ ।

ଶୀତ ଋତୁ ପରା ଦେହ ପାଇଁ ହିତ
ତା' ସହିତ ମିତ ହୋଇବା,
ସାବଧାନ ହୋଇ ଚଳିଲେ ସରବେ
ଭଲଫଳ ଆମେ ପାଇବା ।

*–ଅଧ୍ୟାପକ ଶରତ କୁମାର ଦାସ*
*ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର*

### ଉଠ ଉଠ ପିଲେ ନ କରି ମଠ

ଉଠ ଉଠ ପିଲେ ନ କରି ମଠ
ରାତି ପାହିଲାଣି ସଅଳ ଉଠ ।
ଅଳସୁଆ ହୋଇ ବସନି ଖାଲି
ସକାଳ ସମୀରେ ଯାଅରେ ଚାଲି ।
ବହି ଖାତା ଧରି ସ୍କୁଲକୁ ଯାଅ
ଗୁରୁଙ୍କୁ ଦେଖିଲେ ସମ୍ମାନ ଦିଅ ।
ବହି ବସ୍ତାନିକୁ ସଜାଇ ରଖ
ନିୟମିତ ପିଲା କାଟରେ ନଖ।
ବିଭୁ ପାଦେ ରଖି ସଦା ନଜର
ସକାଳ ସଞ୍ଜରେ ପ୍ରାର୍ଥନା କର ।
ସଭିଙ୍କୁ ସେନେହ ଆଦର ଦେଇ
କଳି ଝଗଡ଼ା ଠୁ ରୁହ ଦୂରେଇ ।
ଭଲ ପାଠ ପଢ଼ି ମଣିଷ ହୁଅ
ଦୁଷ୍ଟାମି ନ କରି ସୁଧୁରି ଯାଅ ।

*–ରାମ ଚନ୍ଦ୍ର ପ୍ରଧାନ,*
*ସାନ୍ତରାପଲ୍ଲୀ, ଗଞ୍ଜାମ*

### ଶୀତ ହସିଲାଣି ଧରାରେ

ଶୀତ ହସିଲାଣି ଧରାରେ
ହେମାଳ ବାଆରେ ଦେହ ଥରିଲାଣି,
କୁହୁଡିରେ ଚଉପାଶ ଭରିଲାଣି,
ବସିବାକୁ ମନ ଖରାରେ...
ଶୀତ ହସିଲାଣି ଧରାରେ ।

ଶିଶିର ବିନ୍ଦୁରେ କଅଁଳିଆ ଖରା,
ପଡି ଝଟକୁଛି ଜକଜକ ପରା,
ମୋତି କି ମାଣିକ ଲୋଟିଅଛି ତହିଁ,
କାଲୁଆ ପବନ ଯାଉଅଛି ବହି,
ବଢାଉଛି ଦେହ ଥରାରେ ....
ଶୀତ ହସିଲାଣି ଧରାରେ ।

କ୍ଷେତରୁ କୃଷକ ଧାନ କାଟି ସାରି,
ଅମଳ କଲାଣି ଭରା ଖଳା ବାରି,
ବାଇଗଣ,ଆଳୁ,କୋବି,ମୂଳା,ଶାଗ,
ପାଟିକି ସୁଆଦ ଲାଗେ ଭାରି ବାଗ
ଫସଲ ପସରା ଭରାରେ...
ଶୀତ ହସିଲାଣି ଧରାରେ।

ମଗୁଶୁର ମାସେ ମାଣବସା ପଡେ,
ଦିନ ସାନ ହୁଏ ରାତି ଟିକେ ବଢେ,
ହସିହସି ନୂଆ ବରଷଟି ଆସେ,
ମଜାମଉଜଟି ଥାଏ ଚଉପାଶେ,
ସବୁଠୁ ବଢିଆ ପରାରେ ...
ଶୀତ ହସିଲାଣି ଧରାରେ।

*–କ୍ଷମାକର ବେହେରା*
*ଶିକ୍ଷକ, ସରକାରୀ ଉ:ପ୍ରା: ବିଦ୍ୟାଳୟ*
*ହରିଚନ୍ଦନପୁର, କେନ୍ଦୁଝର*

### ପ୍ରଥମାଷ୍ଟମୀ ମୁଁ କହୁଛି

ମାର୍ଗଶିର କୃଷ୍ଣ ଅଷ୍ଟମୀ ତିଥିରେ
ପ୍ରଥମାଷ୍ଟମୀ ମୁଁ ଆସିଥାଏ
ଶେଷ କରେ ମନ ପ୍ରଥମ ସନ୍ତାନ
ଏଣ୍ଡୁରି ପିଠାଟି ବାସିଯାଏ।
ମାମୁଘର ଲୋକ ନୂତନ ପୋଷାକ
ବଡ଼ ସରାଗରେ ଦେଇଥାନ୍ତି
ପିଲାମାନେ ମିଶି ହୋଇ ଖୁସିବାସି
ଠାକୁର ଦର୍ଶନେ ଯାଇଥାନ୍ତି।
ମୋର ତିଥି ଦିନ ପୋତୁଆଁ ସନ୍ତାନ
କେତେ ସନମାନ ପାଇଥାନ୍ତି
ମୁରବିଙ୍କ ପରେ ସିଏ ନିଜ ଘରେ
ଅନେକ ଦାୟିତ୍ୱ ନେଇଥାନ୍ତି।
ନିଜ ଗୃହାଙ୍ଗନେ ମାଆ ମାଇଁମାନେ
ଦୀପ ବନ୍ଦାପନା କରିଥାନ୍ତି
ଦେଇ ଫୁଲମାଳ ପକାଇ ଚାଉଳ
ମଥାରେ ଚନ୍ଦନ ମାରିଥାନ୍ତି।
ହଳଦୀ ପତରେ ଗଢ଼ା ଏଣ୍ଡୁରିରେ
ଜୀବାଣୁ ଭୂତାଣୁ ନାଶ ହୁଏ
ନାନାପୁର ଦିଆ ବଡ଼ ସୁଆଦିଆ
ଏଣ୍ଡୁରି ପିଠାକି ଭୁଲିହୁଏ।

*–କବିଜ୍ୟୋତି ନିରଞ୍ଜନ ପତି*
*ଗାନ୍ଧିମାର୍ଗ, ଅନୁଗୋଳ*





## କହିଲ ଦେଖି

ସାଇଁ ସାଇଁ ହୋଇ ବୁଲୁଛି ମୁହିଁ
କେବେ ବି ହାଲିଆ ହୋଇ ତ ନାହିଁ
ପବନ ବିତରେ ନିଇତି ନିତି
ନଥାଏ ମୋହର କାହାକୁ ଭୀତି
ବିଜୁଳି ବଳରେ ମୁଁ ଅଟେ ରାଜା
ମୋ ପବନ ଲାଗେ ସଭିଙ୍କୁ ମଜା
ମୋ ପବନ ଦିଏ ଆରାମ ନିଦ
ସବୁରି ମୁହଁରେ ଭରେ ଆନନ୍ଦ
ପବନ ବାଣ୍ଟିବା କାମ ମୋହରି
ଯେ କହିବ ଦେବି ଖେଚୁଡ଼ି ପୁରି ?
ଉ–**ପଙ୍ଖା**





ଦୂର ରାଇଜର ଖବର ଆଣେ
ମୋ ପାଇଁ ମାନବ ଖବର ଜାଣେ
ସିନେମା କାର୍ଟୁନ୍ ସବୁ ଦେଖାଏ
ମୋତେ ଦେଖି କୁନା ଭାତକୁ ଖାଏ
ବୋଉ ରନ୍ଧା ବଢା ମୋ ଠାରୁ ଶିଖେ
ସଞ୍ଜ ବେଳେ ବସି ସିରିଏଲ ଦେଖେ
ସଭିଏଁ ମୋ ପାଇଁ ହୁଅନ୍ତି ବାଇ
କିଏ ସେ ପାରିବ ମୋ ନାମ କହି ?
ଉ–**ଦୂରଦର୍ଶନ** (ଟିଭି)


ଘୁଡୁରୁ ଘୁଡୁରୁ ଶବଦ କରେ
ଚାଉଳ ମସଲା ସଭିଙ୍କୁ ଚୂରେ
ବଟୁରା ବିରିକୁ ପେଷେ ସଅଳ
ସେଥିପାଇଁ ବୋଉ ମୋ ପାଇଁ ଭୋଳ
ରହିଥାଏ ମୁହିଁ ରୋଷେଇ ଘରେ
ବୋଉର କାମରେ ସାହାଯ୍ୟ କରେ
ଯିଏ କହିଦେବ ନାମ ମୋହରି
ବୁଲେଇବି ନେଇ ସରଗପୁରି।
ଉ–**ଗ୍ରାଇଣ୍ଡର**



**–ଅଶୋକ କୁମାର ପ୍ରଧାନ**
ରୋହିଗାଁ, ଗଞ୍ଜାମ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ମୁଣ୍ଡ ଉପରେ ୪୬ ପେପର ରୋଲ



ପିଲାମାନେ ତୁମେ ଟଏଲେଟ୍ ପେପର ରୋଲ୍ ତ ନିଶ୍ଚୟ ଦେଖିଥିବ! ଏହି ପେପର ରୋଲକୁ ପିଲାଙ୍କ ଭିତରୁ କେହି କେହି ମୁଣ୍ଡରେ ରଖି ବି ଖେଳନ୍ତି। ହେଲେ ଥରକେ ଏକାବେଳକେ କେତୋଟି ପେପର ରୋଲକୁ ମୁଣ୍ଡରେ ରଖିହେବ ଭାବିଛ ? କେହି ହୁଏତ ଦୁଇଟି କିମ୍ବା ଚାରୋଟି ଅବା ପାଞ୍ଚୋଟି ପେପର ରୋଲକୁ ରଖିପାରିବେ। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ଏକାଥରକେ ୪୬ଟି ପେପର ରୋଲକୁ ତାଙ୍କ ମୁଣ୍ଡ ଉପରେ ରଖିପାରନ୍ତି। ସେଥିପାଇଁ ତ ଆଜି ତାଙ୍କ ନାଁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। ରେକର୍ଡ କରିଥିବା ଏହି ବ୍ୟକ୍ତିଜଣକ ହେଉଛନ୍ତି ଜେ. ରୋଲିଂ। ଏତେଗୁଡ଼ିଏ ପେପର ରୋଲକୁ ସୁନ୍ଦରଭାବେ ସନ୍ତୁଳନ ରକ୍ଷା କରି ମୁଣ୍ଡ ଉପରେ ରଖି ପାରିଛନ୍ତି ଜେ. ରୋଲିଂ। ଏଭଳିଭାବେ ମୁଣ୍ଡରେ ପେପର ରୋଲକୁ ରଖିଥିବାର ଏକ ଭିଡିଓ କରି ସେ ଇଣ୍ଟରନେଟରେ ବି ଶେୟାର କରିଛନ୍ତି। ଏତେ ସୁନ୍ଦରଭାବେ ସନ୍ତୁଳନ ରକ୍ଷା କରିଥିବାରୁ ଜେ. ରୋଲିଂଙ୍କ ନାଁ ଗିନିଜ୍ ବୁକରେ ସ୍ଥାନ ପାଇଛି।

## ତୁମ ତୂଳୀରୁ






ଅନମୋଲ ଅନିକେତ
କ୍ଲାସ– ୧ ଏ, ଦିଲ୍ଲୀ ପବ୍ଲିକ ସ୍କୁଲ, ଭାଇଜାଗ ଷ୍ଟିଲ, ବିଶାଖାପାଟଣା





ଦେବାଂଶୁ ଆଚାର୍ଯ୍ୟ
କ୍ଲାସ–୧, ଏସ.ଆର୍. ଡିଗି ସ୍କୁଲ ସୁଚିତ୍ରା, ହାଇଦ୍ରାବାଦ





ଦିବ୍ୟାଂଶ ସାହୁ
କ୍ଲାସ–୧, ଟ୍ୟାଲେଣ୍ଟ ଇଣ୍ଡିଆ ଏକାଡେମୀ, ଭୋପାଳ

## ଟଗଲା ଭୀମୁ




## ଗଛ ଶୁଝିଦିଏ ଋଣ

ଗପ

ଘର ଅଗଣାରେ ଲେମ୍ବୁ ଗଛଟିଏ ଆପେ ଆପେ ଉଠିଥାଏ। ପିଙ୍କୁନା ସବୁବେଳେ ଜେଜେଙ୍କୁ କୁହେ ଗଛଟା ଉପାଡି ଦିଅ। ଜେଜେ କୁହନ୍ତି ଆରେ ଲେମ୍ବୁ ଗଛ ଭାରି ଉପକାରୀ। ଗଛଟିର ଯତ୍ନ ନେ ସଞ୍ଜ ସକାଳେ ଅଳ୍ପ ଅଳ୍ପ ପାଣି ଦେଉଥା ଯେମିତି ଗଛଟା ଶୀଘ୍ର ଶୀଘ୍ର ବଡ ହୋଇଯିବ। ପିଙ୍କୁନା ଜେଜେଙ୍କ କଥାକୁ ହସରେ ଉଡେଇ ଦିଏ। ଅନେକ ଥର ପିଙ୍କୁନା ସେ ଲେମ୍ବୁ ଗଛକୁ ଓପାଡ଼ିବାକୁ ଗଲାବେଳେ ଜେଜେ ତାକୁ ରୋକି ଦିଅନ୍ତି।

ଦିନେ ବର୍ଷା ପବନରେ ଗଛଟି ନଇଁ ପଡିଲା। ପିଙ୍କୁନା ତାଳି ମାରି ହସିଲା। ଜେଜେ ଖଣ୍ଡେ ଡେଙ୍ଗା ବେତ ଆଣି ଗଛ କଡରେ ସାହା ଦେଇଦେଲେ। ପିଙ୍କୁନା ଜେଜେଙ୍କ କାମ ଦେଖି ନାକ ଟେକିଲା। ଜେଜେ କହିଲେ ଆରେ ମଣିଷ ସିନା ଉଧାର ରଖିଦିଏ ହେଲେ ଗଛ ସେପରି ନୁହେଁ। କେଉଁ ବାଟରେ ହେଲେ ସେ ତା' ଋଣ ପରିଶୋଧ କରିଦିଏ। ସବୁ ଥର ପରି ଆଜି ବି ପିଙ୍କୁନା ଜେଜେଙ୍କ କଥାକୁ ହସିକି ଉଡାଇ ଦେଲା।

ଦିନ ପରେ ଦିନ ବିତିଲା। ଲେମ୍ବୁ ଗଛଟି ଡାଳଶାଖା ମେଲାଇ ଦମ୍ଭରେ ଛିଡା ହେଲା। ଏବେ ଏବେ କୁନି କୁନି ଫୁଲ ବି ଧରିଲାଣି। ସେଥର ଖରା ଛୁଟିରେ ପିଙ୍କୁନା ମାମୁ ଘରକୁ ଯିବ ବୋଲି ବାହାରିଥାଏ। ହେଲେ ବସରେ ଗଲାବେଳେ ତା'ର ବାନ୍ତି ହୁଏ। ପିଙ୍କୁନା ବାନ୍ତି ହେବ ବୋଲି ମାମୁ ଘରକୁ ଯିବ ନାହିଁ କହିଲା। ଏଇ ସମୟରେ ଜେଜେ ତାକୁ ପାଖକୁ ଡାକି କହିଲେ ଅଗଣାରେ ସେ ଲେମ୍ବୁ ଗଛରେ କେଇଟା ଲେମ୍ବୁ ହେଇଚି ତୁ ଗୋଟାଏ ତୋଳି ଆଣି ପକେଟରେ ରଖିଥା, ବସରେ ଗଲାବେଳେ ଶୁଙ୍ଘି ଦେବୁ ଆଉ ଜମାରୁ ବାନ୍ତି ହେବନି।

ଜେଜେଙ୍କ କଥା ମାନି ପିଙ୍କୁନା ଲେମ୍ବୁ ପକେଟରେ ରଖିଲା। ବସ ଗଡ଼ିଲା ଗାଁ ଅଭିମୁଖେ। ଲେମ୍ବୁ ଏପରି କାମ ଦେଖେଇଲା ଯେ ବାଟରେ ପିଙ୍କୁନାର ଆଦୌ ବାନ୍ତି ହେଲାନି। ବାଟରେ ଗଲାବେଳ ତା' ମାମା ବୁଝେଇଲେ ଇଏ ସେଇ ଲେମ୍ବୁ ଯୋଉ ଗଛକୁ ତୁ ଦିନେ ଓପାଡି ଦେବାକୁ କହୁଥିଲୁ ହେଲେ ଜେଜେ ତା'ର ଯତ୍ନ ନେଉଥିଲେ। ଆଜି ଦେଖ ତୋର କେତେ ଉପକାରରେ ଲାଗିଲା। ଏଇଟା ନିରାଟ ସତ ଗଛ କେବେ କାହାରି ଉଧାର ରଖେନି। ଗଛର ଅବଦାନ ଜୀବଜଗତ ପାଇଁ ବହୁ ମହତ୍ତ୍ୱପୂର୍ଣ୍ଣ। ବୃକ୍ଷ ନ ଥିଲେ ଆମର କୌଣସି ଅସ୍ତିତ୍ୱ ନ ଥାନ୍ତା। ଆମଠାରୁ ସେବା ଯତ୍ନ ପାଏ ବୃକ୍ଷଟି, ହେଲେ ସେ ଆମମାନଙ୍କ ପରି ନୁହେଁ ଦିନେ ନା ଦିନେ ସେ ଋଣ ପରିଶୋଧ କରିଦିଏ। ପିଙ୍କୁନା ନିଜ ଭୁଲ୍ ବୁଝିପାରିଲା ଆଉ ଜବାବ ଦେଲା ଏଥର ସେ ଗଛ ଲଗେଇବ ଆଉ ଯତ୍ନ ନେବ।



**–ଦେବେନ୍ଦ୍ର କର**
ମଙ୍ଗଳାବାଗ, କଟକ–୧
ମୋ–୯୯୩୭୯୬୩୯୧୦

# ଟି୨୦: ବିଜୟରୁ ଆରମ୍ଭ

## ଅଷ୍ଟ୍ରେଲିଆକୁ ୧୧ ରନ୍‌ରେ ହରାଇଲା ଭାରତ

**କାନବେରା, ୪।୧୨(ପି.ଟି.)**

ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ଦୃଢ଼ ବ୍ୟାଟିଂ ପରେ ଯୁଜବେନ୍ଦ୍ର ଚହଲ ଓ ଟି.ନଟରାଜନଙ୍କ ଚମତ୍କାର ବୋଲିଂ ସହାୟତାରେ ଭାରତ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚରେ ଅଷ୍ଟ୍ରେଲିଆକୁ ୧୧ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଚୂଡ଼ାନ୍ତ ଏକାଦଶରେ ନ ଥିଲେ ହେଁ ଜାଡେଜା ମୁଣ୍ଡରେ ଆଘାତ ପାଇବାପରେ ଦ୍ୱିତୀୟ ଇନିଂସ ବେଳକୁ କନ୍‌କସନ(ମୁଣ୍ଡରେ ଜୋର୍‌ରେ ଆଘାତ ଜନିତ ସମସ୍ୟା) ସବ୍‌ଷ୍ଟିଚ୍ୟୁଟ (ବଦଳ ଖେଳାଳି)ଭାବେ ସାମିଲ ହୋଇଥିବା ଚହଲ କମାଲ ଦେଖାଇଥିଲେ। ସେ ୪ ଓଭରରେ ୨୫ ରନ ଦେଇ ୩ ଉଇକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆ ୨୦ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୫୦ ରନରେ ସୀମିତ ରହିଥିଲା। ଚହଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଠାରେ ବିଜୟ ଫଳରେ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।



ଟି. ନଟରାଜନ

### ରାହୁଲଙ୍କ ଅର୍ଦ୍ଧଶତକ

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ଶିଖର ଧାୱନ ୧, ଅଧିନାୟକ ବିରାଟ କୋହଲି ୯, ସଞ୍ଜୁ ସାମ୍‌ସନ ଦ୍ରୁତ ୨୩(୧୫ ବଲ, ୧ ଚୌକା, ୧ ଛକା) ଓ ମନୀଷ ପାଣ୍ଡେ ୨ ରନରେ ଆଉଟ ହୋଇଥିଲେ। ଗୋଟିଏ ପଟରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଚାପର ବଶବର୍ତ୍ତୀ ନ ହୋଇ ଲୋକେଶ ରାହୁଲ ଖେଳିଥିଲେ ଅର୍ଦ୍ଧଶତକୀୟ ଇନିଂସ। ସେ ୪୦ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୫୧ ରନ କରିଥିଲେ। ବିସ୍ଫୋରକ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୫ ବଲ୍‌ରେ ୧୬ ରନ କରି ଆଉଟ ହେବାରୁ ଭାରତର ବଡ଼ ସ୍କୋର ଆଶା ମଉଳି ଯାଇଥିଲା। ତେବେ ଜାଡେଜା ୨୩ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ଦ୍ରୁତ ୪୪ ରନ କରି ଅପରାଜିତ ରହିବାରୁ ଭାରତ ୧୬୧ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ଓଭର ବୋଲିଂ କରିଥିବା ମିଚେଲ ଷ୍ଟାର୍କଙ୍କ ଦ୍ୱିତୀୟ ବଲ୍‌ରେ ଜାଡେଜା ମୁଣ୍ଡରେ ଜୋର୍‌ରେ ଆଘାତ ପାଇଥିଲେ ହେଁ ଖେଳ ଜାରି ରଖିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମୋଇସେସ ହେନରିକ୍ସ ୩ଟି, ଷ୍ଟାର୍କ ୨ଟି ଏବଂ ଆଡାମ ଜାମ୍ପା ଓ ମିଚେଲ ସ୍ୱେପସନ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

### ନଟରାଜନଙ୍କ ଟି୨୦ ପଦାର୍ପଣ

ୟର୍କର ସ୍ପେଶାଲିଷ୍ଟ ଭାରତର ଟି. ନଟରାଜନ ଏହି ମ୍ୟାଚରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। କେବଳ ସେତିକି ନୁହେଁ ନିଜ ପ୍ରଥମ ମ୍ୟାଚରେ ସେ ଚମତ୍କାର ବୋଲିଂ ମଧ୍ୟ କରିଥିଲେ। ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ହେଁ ଚହଲଙ୍କ ଯାଦୁକରୀ ସ୍ପିନରୁ ମୁକୁଳିପାରି ନ ଥିଲା। ଅଧିନାୟକ ଆରୋନ ଫିଞ୍ଚ୍ (୩୫ ରନ, ୨୬ ବଲ, ୫ ଚୌକା, ୧ ଛକା) ଓ ବିପଜ୍ଜନକ ସାବ୍ୟସ୍ତ ଷ୍ଟିଭ୍ ସ୍ମିଥ (୧୨ ରନ, ୯ ବଲ, ୧ ଛକା)ଙ୍କ ଉଇକେଟ ନେଇ ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ ଚହଲ। ସେ ମାଥ୍ୟୁ ୱେଡ (୭)ଙ୍କ ଉଇକେଟ ମଧ୍ୟ ନେଇଥିଲେ। ଆହତ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତିରେ ଗ୍ଲେନ ମ୍ୟାକ୍ସୱେଲଙ୍କ ସମେତ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଦଳର ଭାର ରହିଥିବାବେଳେ ସେମାନେ ନଟରାଜନଙ୍କ ପଞ୍ଝାରୁ ମୁକୁଳିପାରି ନ ଥିଲେ। ମ୍ୟାକ୍ସୱେଲ (୨)ଙ୍କ ସମେତ ଡି'ଆର୍ସି ଶର୍ଟ(୩୪ ରନ, ୩୮ ବଲ, ୩ ଚୌକା) ଓ ଷ୍ଟାର୍କଙ୍କୁ ଶିକାର ବନାଇଥିଲେ ନଟରାଜନ। କ୍ରିଜରେ ଜମି ଆସୁଥିବା ମୋଇସେସ ହେନରିକ୍ସ(୩୦ ରନ, ୨୦ ବଲ, ୧ ଚୌକା, ୧ ଛକା)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆର ବିଜୟ ଆଶାରେ ପାଣି ଭରି ଦେଇଥିଲେ ଦୀପକ ଚହର।

### କନ୍‌କସନ ସବ୍‌ଷ୍ଟିଚ୍ୟୁଟ ଚହଲଙ୍କ କମାଲ



### ସ୍କୋର୍ ବୋର୍ଡ

**ଭାରତ ଇନିଂସ**
ରାହୁଲ-କ-ଆବୋଟ-ବୋ-ହେନରିକ୍ସ-୫୧
ଧାୱନ-ବୋ-ଷ୍ଟାର୍କ-୧
କୋହଲି-କ ଆଣ୍ଡ ବୋ-ସ୍ୱେପସନ-୯
ସାମସନ-କ-ସ୍ୱେପସନ-ବୋ-ହେନରିକ୍ସ-୨୩
ମନୀଷ-କ-ହାଜେଲଉଡ-ବୋ-ଜାମ୍ପା-୨
ହାର୍ଦ୍ଦିକ-କ-ସ୍ମିଥ-ବୋ-ହେନରିକ୍ସ-୧୬
ଜାଡେଜା-ନଟଆଉଟ-୪୪
ସୁନ୍ଦର-କ-ଆବୋଟ-ବୋ-ଷ୍ଟାର୍କ-୭
ଚହର-ନଟଆଉଟ-୦
ଅତିରିକ୍ତ-୮
ମୋଟ(୭ ଉଇକେଟ, ୨୦ ଓଭର) ୧୬୧।
ଉଇକେଟ ପତନ:୧/୧୧, ୨/୪୮, ୩/୮୬, ୪/୯୦, ୪/୯୨, ୬/୧୧୪, ୭/୧୫୨।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୪-୦-୩୪-୨
ହାଜେଲଉଡ ୪-୦-୩୯-୦
ଜାମ୍ପା ୪-୦-୨୦-୧
ଆବୋଟ ୨-୦-୨୩-୦
ସ୍ୱେପସନ ୨-୦-୨୧-୧
ହେନରିକ୍ସ ୪-୦-୨୨-୩

**ଅଷ୍ଟ୍ରେଲିଆ ଇନିଂସ**
ଶର୍ଟ-କ-ପାଣ୍ଡ୍ୟା-ବୋ-ନଟରାଜନ-୩୪
ଫିଞ୍ଚ୍-କ-ପାଣ୍ଡ୍ୟା-ବୋ-ଚହଲ-୩୫
ସ୍ମିଥ-କ-ସାମସନ-ବୋ-ଚହଲ-୧୨
ମ୍ୟାକ୍ସୱେଲ-ଏଲବିଡବ୍ଲ୍ୟୁ-ନଟରାଜନ-୨
ହେନରିକ୍ସ-ଏଲବିଡବ୍ଲ୍ୟୁ-ଚହର-୩୦
ୱାଡେ-କ-କୋହଲି-ବୋ-ଚହଲ-୭
ଆବୋଟ-ନଟଆଉଟ-୧୨
ଷ୍ଟାର୍କ-ବୋ-ନଟରାଜନ-୧
ସ୍ୱେପସନ-ନଟଆଉଟ-୧୨
ଅତିରିକ୍ତ-୫
ମୋଟ(୭ ଉଇକେଟ, ୨୦ ଓଭର) ୧୫୦
ଉଇକେଟ ପତନ: ୧/୫୬, ୨/୭୨, ୩/୭୫, ୪/୧୧୩, ୫/୧୨୨, ୬/୧୨୬, ୭/୧୨୭।
ବୋଲିଂ(ଭାରତ)
ଚହର ୪-୦-୨୯-୧
ସୁନ୍ଦର ୪-୦-୧୬-୦
ଶାମି ୪-୦-୪୬-୦
ନଟରାଜନ ୪-୦-୩୦-୩
ଚହଲ ୪-୦-୨୫-୩।

**ମ୍ୟାନ ଅଫ ଦି ମ୍ୟାଚ: ଯୁଜବେନ୍ଦ୍ର ଚହଲ**

## ଟି୨୦ ସିରିଜରୁ ଓହରିଲେ ଜାଡେଜା

**କାନବେରା, ୪।୧୨ (ପି.ଟି.):** ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ମୁଣ୍ଡରେ ଆଘାତ ପାଇଥିବା ରବୀନ୍ଦ୍ର ଜାଡେଜା ଟି୨୦ ସିରିଜର ଅବଶିଷ୍ଟ ମ୍ୟାଚ ଗୁଡ଼ିକରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଶାର୍ଦ୍ଦୁଳ ଠାକୁରଙ୍କୁ ଟି୨୦ ଦଳରେ ସାମିଲ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ର ଅନ୍ତିମ ଓଭରର ଦ୍ୱିତୀୟ ବଲ୍‌ରେ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଏକ ବାଉନ୍‌ସର ଜାଜେଡାଙ୍କ ହେଲମେଟ୍‌ରେ ବାଜିଥିଲା। ଏହାପରେ ସେ ବ୍ୟାଟିଂ ଜାରି ରଖିଥିଲେ ଓ ଇନିଂସ ଶେଷ ବେଳକୁ ୪୪ ରନ କରି ଅପରାଜିତ ରହିଥିଲେ। ତେବେ ରନ୍ ନେବା ବେଳେ ସେ ଛୋଟଉଥିବାର ଦେଖାଯାଇଥିଲା। ଏହାପରେ ଅଷ୍ଟ୍ରେଲିଆ ଇନିଂସରେ ଜାଡେଜା ପଡିଆକୁ ଆସି ନ ଥିଲେ। ତାଙ୍କ ସ୍ଥାନରେ କନକସନ ସବଷ୍ଟିଚ୍ୟୁଟ୍ ହିସାବରେ ଯୁଜବେନ୍ଦ୍ର ଚହଲ ଖେଳିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ଜାଡେଜାଙ୍କ ଆଘାତ ସମସ୍ୟାକୁ ନେଇ ପରୀକ୍ଷା ନିରିକ୍ଷା କରିବାପରେ ଏହି ନିଷ୍ପତ୍ତି ନିଆଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। ଚହଲଙ୍କୁ ଖେଳିବା ସୁଯୋଗ ଦିଆଯିବା ପରେ ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ ଲାଙ୍ଗର ଅସନ୍ତୋଷ ଜାହିର କରିଥିଲେ ଓ ଆଇସିସି ମ୍ୟାଚ ରେଫରି ଡେଭିଡ୍ ବୁନ୍‌ଙ୍କ ସହ ଯୁକ୍ତିତର୍କ କରୁଥିବାର ଦେଖାଯାଇଥିଲା। ରିଷ୍ଟ ସ୍ପିନର ଚହଲ ପ୍ରଭାବୀ ବୋଲିଂ କରି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗତବର୍ଷ ଜୁଲାଇରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) କନ୍‌କସନ ସବଷ୍ଟିଚ୍ୟୁଟ୍ ନିୟମକୁ ଲାଗୁ କରିଥିଲା। ଯଦି କୌଣସି ଖେଳାଳିଙ୍କ ମୁଣ୍ଡ ଓ ବେକରେ ବଲ୍ ବାଜେ ଓ ସମ୍ପୃକ୍ତ ଖେଳାଳି ଆହତ ହୁଅନ୍ତି ତେବେ ତାଙ୍କ ସ୍ଥାନରେ ଆଉ ଜଣେ ସେହିଭଳି ଖେଳାଳିଙ୍କୁ ସୁଯୋଗ ଦିଆଯାଇଥାଏ। ଅର୍ଥାତ୍ ବ୍ୟାଟ୍ସମ୍ୟାନଙ୍କ ବଦଳରେ ଜଣେ ବ୍ୟାଟ୍ସମ୍ୟାନ, ବୋଲରଙ୍କ ବଦଳରେ ଜଣେ ବୋଲର ଖେଳିପାରିବେ।



ମୁଣ୍ଡରେ ଆଘାତ ପାଇବା ପରେ ଜାଡେଜା।

## ଜୁନିୟର କ୍ରିକେଟ ଚୟନ କମିଟି ଗଠିତ

**ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଜୁନିୟର ଚୟନ କମିଟି ଗଠନ କରାଯାଇଛି। କ୍ୟାରିୟରରେ ୩୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିବା ଅମିୟ ରୟ କମିଟିର ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଏଥିରେ ସ୍ଥାନ ପାଇଥିବା ଅନ୍ୟ ୪ ସଦସ୍ୟ ହେଲେ ସୁବିତ ବିଶ୍ୱାଳ (୨୭ ମ୍ୟାଚ), ସହିଦ ଖାଁ(୨୬), ବିବିସିସି ମହାପାତ୍ର (୨୬) ଓ ପାନାଲାଲ ବୋଷ (୨୫)। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ହେବାକୁଥିବା ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ଗୁଡ଼ିକ ପାଇଁ ଓଡ଼ିଶା ଦଳ ଚୟନ ଦାୟିତ୍ୱ ଏହି କମିଟି ଉପରେ ନ୍ୟସ୍ତ ରହିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ନୂଆ ଚୟନ କମିଟିର ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅମିୟ ରୟ

## ୱିଲିୟମସନଙ୍କ ଦ୍ୱିଶତକ

**ହାମିଲଟନ,୪।୧୨(ଏପି):** ଅଧିନାୟକ କେନ୍ ୱିଲିୟମସନଙ୍କ ଦମ୍‌ଦାର ଦ୍ୱିଶତକ ବଳରେ ନ୍ୟୁଜିଲାଣ୍ଡ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ତା'ର ସ୍ଥିତି ଦୃଢ଼ କରିଛି। ଶୁକ୍ରବାର ଦ୍ୱିତୀୟ ଦିନରେ ୱିଲିୟମସନ ହିରୋ ସାବ୍ୟସ୍ତ ହୋଇଛନ୍ତି। ୪୧୨ଟି ବଲ୍ ଖେଳି ୬୨୪ ମିନିଟ୍ ଅର୍ଥାତ ୧୦ ଘଣ୍ଟା ୪୦ ମିନିଟ୍ କ୍ରିଜ୍‌ରେ ରହି ୩୪ ଚୌକା ଓ ୨ ଛକା ସହ ୱିଲିୟମସନ ୨୫୧ ରନର ଲଢୁଆ ଦ୍ୱିଶତକୀୟ ପାଳି ଖେଳି ଭ୍ରମଣକାରୀ ଦଳକୁ ନିରାଶ କରିଥିଲେ। ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୪୫ ଓଭରରେ ୭ ଉଇକେଟ ହରାଇ ୫୧୯ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ କରି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୨୬ ଓଭରରେ କୌଣସି ଉଇକେଟ ନ ହରାଇ ୪୯ ରନ ସଂଗ୍ରହ କରିଛି। ଫଳରେ ୧୦ ଉଇକେଟ ହାତରେ ରଖି ୪୭୦ ରନ ପଛରେ ପଡିଛି। ଦୁଇ ଓପନର କ୍ରେଗ୍ ବ୍ରାଥୱେଟ୍ ୨୦ ଓ ଜନ କ୍ୟାମ୍ପବେଲ ୨୨ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ସ୍କୋର ୨୪୩/୨ରୁ ନ୍ୟୁଜିଲାଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୱିଲିୟମସନ ୯୭ରୁ ଖେଳ ଆରମ୍ଭ କରି ଆଉ ୩ ରନକରି ଶତକ ଅର୍ଜନ କରିଥିଲେ ଓ କ୍ୟାରିୟରର ତୃତୀୟ ଦ୍ୱିଶତକ ଅର୍ଜନ କରିଥିଲେ। ୨୫୧ ରନର ପାଳି ଖେଳି ଜୋଶେଫ୍ ଅଲଜାରୀଙ୍କ ବଲ୍‌ରେ ମିଡ୍‌ଉଇକେଟରେ ରୋଷ୍ଟନ ଚେଜ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପରେ ସେ ଟେଷ୍ଟରେ ନିଜର ବ୍ୟକ୍ତିଗତ ସର୍ବାଧିକ ସ୍କୋର କରିଥିଲେ। ସେହିପରି ୩୧ରନରୁ ଖେଳ ଆରମ୍ଭ କରି ଅଭିଜ୍ଞ ରସ୍ ଟେଲର ୩୮ ରନକରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେନେରୀ ନିକୋଲ୍ସ ୭, ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ବ୍ଲଣ୍ଡେଲ ୧୪, ଡାରିଲ ମିଚେଲ ୯ ରନକରି ଆଉଟ ହୋଇଥିଲେ। କାଏଲ ଜେମିଶନ ୫୧ ଓ ଟିମ୍ ସୌଦି ୧୧ ରନକରି ଅପରାଜିତ ରହିଥିଲେ। ନିଲ ୱାଗନର ଓ ଟ୍ରେଣ୍ଟ ବୋଲ୍ଟ ବ୍ୟାଟିଂ କରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କେମର ରୋଚ ଓ ସାନନ ଗାବ୍ରିଏଲ୍ ୩ଟି ଲେଖାଏ, ଅଲଜାରି ଜୋଶେଫ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। **ସଂକ୍ଷିପ୍ତ ସ୍କୋର:** ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୪୫ ଓଭରରେ ୫୧୯/୭ ଇନିଂସ ଘୋଷଣା (ୱିଲିୟମସନ- ୨୫୧, ଲଥାମ- ୮୬, ଜେମିସନ- ୫୧*, ସୌଦି- ୧୧*, ଟେଲର- ୩୮, ବ୍ଲଣ୍ଡେଲ- ୧୪, ରୋଚ- ୩/୧୧୪, ଗାବ୍ରିଏଲ- ୩/ ୮୯)। **ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ:** ୨୬ ଓଭରରେ ୪୯/୦।




ଦ୍ୱିଶତକ ହାସଲ ପରେ କେନ୍ ୱିଲିୟମସନ।

## ପୂର୍ବତନ ଫୁଟ୍‌ବଲର କୃଷ୍ଣଚନ୍ଦ୍ରଙ୍କ ପରଲୋକ

**ଭୁବନେଶ୍ୱର, ୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି କୃଷ୍ଣଚନ୍ଦ୍ର ରାଉତରାୟଙ୍କ ଗୁରୁବାର ରାତିରେ ଫିରିଙ୍ଗିବଜାର (କଟକ)ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପରିବାର ପ୍ରତି ସମବେଦନା ପ୍ରକାଶ କରାଯିବା ସହ ଆତ୍ମାର ସଦ୍‌ଗତି କାମନା କରାଯାଇଛି। କୃଷ୍ଣଚନ୍ଦ୍ର କ୍ୟାରିୟରରେ ଅନେକଥର ରାଜ୍ୟ ସିନିୟର ପୁରୁଷ ଫୁଟ୍‌ବଲ ଦଳରେ ପ୍ରତିନିଧିତ୍ୱ କରିଛନ୍ତି। ରାଜ୍ୟରେ ସେ ଅନେକ କ୍ଲବରୁ ଖେଳିଛନ୍ତି। କୃଷ୍ଣଚନ୍ଦ୍ର ଓଡ଼ିଶା ପୋଲିସରେ ଜଣେ ସବ୍‌ଇନ୍ସପେକ୍ଟର ଭାବେ ଯୋଗ ଦେଇ ଇଏସ୍‌ଆଇ (ଓଡ଼ିଶା) ନିର୍ଦ୍ଦେଶକ ଭାବେ ଅବସର ନେଇଥିଲେ। ତାଙ୍କର ୨ ପୁଅ ଓ ୨ ଝିଅ ଅଛନ୍ତି। ସ୍ତ୍ରୀ ଶର୍ମିଷ୍ଠା ଦାସଙ୍କର ୪୦ ଦିନ ପୂର୍ବେ ପରଲୋକ ଘଟିଛି।



କୃଷ୍ଣଚନ୍ଦ୍ର ରାଉତରାୟ

## ବେଙ୍ଗାଲୁରୁର ପ୍ରଥମ ବିଜୟ

### ଇଣ୍ଡିଆନ ସୁପରଲିଗ୍

**ବାମ୍ବୋଲିମ୍,୪।୧୨**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୧-୦ ଗୋଲରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଛି। ଗୋଆର ବାମ୍ବୋଲିମ୍‌ସ୍ଥିତ ଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବେଙ୍ଗାଲୁରୁ ତରଫରୁ ଅଭିଜ୍ଞ ଷ୍ଟ୍ରାଇକର ସୁନୀଲ ଛେତ୍ରୀ ୫୬ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଚେନ୍ନାଇନ ମିଡ୍‌ଫିଲ୍ଡର ଅନିରୁଦ୍ଧ ଥାପ୍ପା ୧୬ତମ ମନିଟ୍‌ରେ ଆହତ ହୋଇ ପଡିଆ ଛାଡିଥିଲେ। ଫଳରେ ଚେନ୍ନାଇନ୍‌କୁ ଜବରଦସ୍ତ ଝଟ୍‌କା ଲାଗିଥିଲା। ତାଙ୍କ ସ୍ଥାନରେ ଏଡ୍‌ୱିନ ଭାନ୍ସପଲ୍ ଖେଳିଥିଲେ। ବେଙ୍ଗାଲୁରୁ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ଡ୍ର ସହ ୫ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପଟେ ଚେନ୍ନାଇନ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛି। ବେଙ୍ଗାଲୁରୁ ତା'ର ପରବର୍ତ୍ତୀ ମ୍ୟାଚ୍ ୮ ତାରିଖରେ ନର୍ଥଇଷ୍ଟ ୟୁନାଇଟେଡକୁ ଭେଟିବ। ସେହିପରି ଚେନ୍ନାଇନ୍ ୯ ତାରିଖରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ପଡିଆକୁ ଓହ୍ଲାଇବ। ବେଙ୍ଗାଲୁରୁ ଏଫସିର ସୁରେଶ ୱାଙ୍ଗଜାମ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ଗୋଲ୍‌ଦେବା ଅବସରରେ ସୁନୀଲ ଛେତ୍ରୀ।

## ରାଧାକ୍ରିଷ୍ଣନ ଭାରତୀୟ ଆଥଲେଟିକ୍ସର ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୪।୧୨ (ପି.ଟି.):** ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ଅଭିଜ୍ଞ ସମ୍ପନ୍ନ ରାଧାକ୍ରିଷ୍ଣନ ନାୟାରଙ୍କୁ ଏହାର ଫୁଲ୍ ଟାଇମ୍ ମୁଖ୍ୟକୋଚ୍ ଭାବେ ନିଯୁକ୍ତି ଦେଇଛି। ଜୁଲାଇରେ ବାହାଦୁର ସିଂଙ୍କ ଇସ୍ତଫା ପରେ ଏହି ପଦବୀ ଖାଲି ପଡ଼ିଥିଲା। ସେହିଦିନଠାରୁ ୬୨ବର୍ଷୀୟ ନାୟାର ଭାରତୀୟ ଆଥଲେଟିକ୍ସର କାମଚଳା ମୁଖ୍ୟକୋଚ୍ ଭାବେ କାର୍ଯ୍ୟକରି ଆସୁଥିଲେ। ନାୟାର ଭାରତୀୟ ଆଥଲେଟ୍ସଙ୍କୁ ଆଗେଇ ନେବେ, ତାଙ୍କର ଏହି ଦୃଢ଼ ବିଶ୍ୱାସ ରହିଛି ବୋଲି ଏଏଫ୍‌ଆଇ ସଭାପତି ଆଦିଲ ସୁମାରିୱାଲ କହିଛନ୍ତି। ସୂଚନାଯୋଗ୍ୟ, ନାୟାର ୱାର୍ଲ୍ଡ ଆଥଲେଟିକ୍ସ ଲେଭଲ-୫ କୋଚ୍ ଏବଂ ଟେକ୍ନିକାଲ ଅଫିସିଆଲ ସାର୍ଟିଫିକେଟ ହାସଲ କରିଛନ୍ତି। ଭାରତରେ କୋଚିଂ ଏଜୁକେଶନ ସିଷ୍ଟମର ବିକାଶ କ୍ଷେତ୍ରରେ ତାଙ୍କର ବିଶେଷ ଭୂମିକା ରହିଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟିଠାରୁ ଇଣ୍ଟରନ୍ୟାଶନାଲ କୋଚିଂ ଏନରିଚ୍‌ମେଣ୍ଟ ପ୍ରୋଗ୍ରାମ୍ ସାର୍ଟିଫିକେଟ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ